
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୧/୨୦୧୯ (୨୦ ପୃଷ୍ଠା) Bhubaneswar, Thursday, April 11/2019 | ★★★★

୪୫ଶ ଭାଗ ୧୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







"କଂଗ୍ରେସ ନେତାମାନଙ୍କୁ ଜେଲ୍‌ରେ ପୂରାଇବା ପାଇଁ ମୋତେ ଆଉ ୫ ବର୍ଷ ଦିଅ।"
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






କୋଲକାତାର ରାସ୍ତାକଡ଼ କାନ୍ଥରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସପକ୍ଷରେ ପ୍ରଚାର କରାଯାଉଛି।



କର୍ନାଟକସ୍ଥିତ ମହୀଶୂରର ନିର୍ବାଚନୀ ସଭାରେ ବିଏସ୍‌ପି ସୁପ୍ରିମୋ ମାୟାବତୀ।



ଆସାମର ଡିବ୍ରୁଗଡ଼ରେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିର୍ବାଚନ ଅଧିକାରୀମାନେ ଇଭିଏମ୍ ନେଇ ବୁଥ୍‌କୁ ଯାଉଛନ୍ତି।

## ସଂକ୍ଷେପରେ

### ୫ମ ଥର ଲାଗି ପ୍ରଧାନମନ୍ତ୍ରୀ ହେଲେ ନେତାନ୍ୟାହୁ

**ଜେରୁଜେଲମ୍,୧୦।୪(ପି.ଟି.):** ବେଞ୍ଜାମିନ୍ ନେତାନ୍ୟାହୁ ୫ମ ଥର ଲାଗି ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ଦେଶର ସାଧାରଣ ନିର୍ବାଚନରେ ନେତାନ୍ୟାହୁଙ୍କ ଦଳ ରାଇଟ୍-ୱିଙ୍ଗ୍ ବ୍ଲକ୍ ୯୫% ଭୋଟ ପାଇବାପରେ ବୁଧବାର



ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରାଯାଇଥିଲା। ନେତାନ୍ୟାହୁଙ୍କ ରାଇଟ୍-ୱିଙ୍ଗ୍ ବ୍ଲକ୍‌ର ସଫଳତାରେ ପାଲେଷ୍ଟାଇନ୍ ଉଦ୍‌ବେଗ ପ୍ରକାଶ କରିଛି। ଅପରପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନେତାନ୍ୟାହୁଙ୍କ ପୁନଃ ବିଜୟ 'ଶାନ୍ତି ପାଇଁ ଶୁଭ ସଙ୍କେତ' ବୋଲି ବର୍ଣ୍ଣନା କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତାନ୍ୟାହୁଙ୍କ ୫ମ ଥର ଲାଗି ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

### ହସ୍ପିଟାଲ୍‌ରେ ଦଲାଇ ଲାମା



**ନୂଆଦିଲ୍ଲୀ,୧୦।୪(ପି.ଟି.):** ତିବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ନେଇ ଦିଲ୍ଲୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୮୩ବର୍ଷ ବୟସ୍କ ଏହି ଆଧାତ୍ମିକ ନେତା ଧର୍ମଶାଳାରୁ ଚିକିତ୍ସା ପାଇଁ ସାକେତସ୍ଥିତ ମାକ୍ସ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ସେ ସାଧାରଣତଃ ନିୟମିତ ବ୍ୟବଧାନରେ ମାକ୍ସ ହସ୍ପିଟାଲ୍ ଆସି ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଇଥାଆନ୍ତି ବୋଲି ହସ୍ପିଟାଲ୍ ସୂତ୍ରରୁ କୁହାଯାଇଛି।

### ମାଟି ଅତଡ଼ା ଧସିଲା ୧୦ ମହିଳା ଶ୍ରମିକ ମୃତ

**ହାଇଦ୍ରାବାଦ,୧୦।୪(ପି.ଟି.):** ତେଲେଙ୍ଗାନାର ନାରାୟଣପେଟ ଜିଲାରେ ମାଟି ଅତଡା ଧସିବା ଯୋଗୁ ୧୦ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ମହିଳାମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏ) ଯୋଜନାରେ କାମ କରୁଥିବାବେଳେ ମାଟି ଅତଡା ଧସିଯାଇଥିଲା। ଟିଲେରୁ ଗାଁର ୧୨ ମହିଳା ଶ୍ରମିକ କାମସାରି ଖାଇ ଦାଢ଼ରେ ବସି ରହିଥିଲେ। ସେମାନେ କିଛି ସମୟ ପରେ ମଧାହ୍ନଭୋଜନ କରିବାକୁ ଯାଇଥାଆନ୍ତେ। ସେମାନେ ଏମ୍‌ଜିଏନ୍‌ଆରଇଜିଏରେ ଏକ ଖାତ ଖୋଳିବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ମାଟି ଅତଡା ଧସିବା ଯୋଗୁ ୬ରୁ ୮ଫୁଟ କାଦୁଅ ଭିତରେ ପୋତିହୋଇ ପଡିଥିଲେ। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ଭାଜପା ଜିତିଲେ ଆଲୋଚନା ସମ୍ଭବ

## ଭୋଟ ପୂର୍ବରୁ ଇମ୍ରାନ୍‌ଙ୍କ ଚାଲାକି



**ଇସ୍‌ଲାମାବାଦ,୧୦।୪(ପି.ଟି.)**

ସାଧାରଣ ନିର୍ବାଚନ ପାଇଁ ଭାରତରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବୁଧବାର ଏକ ଚାଲାକ ମନ୍ତବ୍ୟ ଦେଇ ଝଡ଼ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦଳ ଭାଜପା ନିର୍ବାଚନରେ ବିଜୟୀ ହେଲେ ଭାରତ ସହ ଶାନ୍ତି ଆଲୋଚନା ପାଇଁ ଭଲ ସୁଯୋଗ ସୃଷ୍ଟି ହେବ ଏବଂ କଶ୍ମୀର ସମସ୍ୟାର ସମାଧାନ ହୋଇପାରିବ ବୋଲି ଇମ୍ରାନ କହିଛନ୍ତି। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୋଦି ଓ ଭାଜପାକୁ ଟାର୍ଗେଟ କରିଛନ୍ତି।

### ଘେରିଲେ ବିରୋଧୀ



ମୋଦିଙ୍କୁ ଭୋଟ ଦେଲେ ପାକିସ୍ତାନ ପାଇବ
–ରଣଦୀପ ସୁର୍ଜେୱାଲା

'ଚୌକିଦାର ଇମ୍ରାନ୍ ଖାନ୍' ସ୍ଲୋଗାନ୍ କେବେ ଦେଖିବାକୁ ମିଳିବ
–ଓମାର ଅବ୍‌ଦୁଲ୍ଲା





ଇମ୍ରାନ୍‌ଙ୍କୁ ପ୍ରଶଂସା କରିବେ କି ନାହିଁ ବୋଲି ଚିନ୍ତାରେ ଭକ୍ତ
–ମେହବୁବା ମୁଫ୍‌ତି

ମୋଦି ଜିତିଲେ ପାକିସ୍ତାନରେ ବାଣ ଫୁଟିବ
– ଅରବିନ୍ଦ କେଜ୍‌ରିୱାଲ



ପଡ଼ୋଶୀ ଦେଶ କାହାକୁ ଚାହୁଁଛି ଜଣାପଡ଼ିଲା
–ସୀତାରାମ ୟେଚୁରୀ



ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ଭାରତରେ ୭ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ଇମ୍ରାନ୍ କହିଛନ୍ତି, ଭାଜପା ନିର୍ବାଚନରେ ଜିତିଲେ ଭାରତ ସହ ଆଲୋଚନା ହୋଇପାରିବ। ଭାରତ-ପାକିସ୍ତାନ ମଧ୍ୟରେ ମୂଳ ପ୍ରସଙ୍ଗ କଶ୍ମୀରକୁ ନେଇ କିଛି ବନ୍ଦୋବସ୍ତ କରାଯାଇପାରିବ। କଶ୍ମୀର ପ୍ରସଙ୍ଗରେ ସମାଧାନ ପାଇଁ ଅନ୍ୟ ଦଳଗୁଡ଼ିକ ଦକ୍ଷିଣପନ୍ଥୀଙ୍କ ପ୍ରତିକ୍ରିୟାକୁ ଭୟ କରିବେ। ପ୍ରକାଶ ଯେ, ଭାରତ ଜମ୍ମୁ-କଶ୍ମୀରକୁ ନିଜ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦାବି କରିବା ସହ ପାକିସ୍ତାନ ଏହାର କିଛି ଅଂଶ ଉପରେ ବେଆଇନ ଭାବେ ଦଖଲ କରୁଥିବା ଅଭିଯୋଗ ଆଣିଆସୁଛି। ଫେବୃୟାରୀ ୧୪ରେ ପୁଲ୍‌ୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ବାଲାକୋଟସ୍ଥିତ ଆତଙ୍କବାଦୀ ଶିବିରରେ ୨୬ରେ ତାରିଖରେ ଭାରତୀୟ ବାୟୁସେନା ପକ୍ଷରୁ ବୋମାମାଡ଼ କରାଯାଇଥିଲା। ଏହାକୁ ନେଇ ଦୁଇଦେଶ ମଧ୍ୟରେ ବୃଦ୍ଧିପାଇଥିବା ଉତ୍ତେଜନା ସମ୍ପୂର୍ଣ୍ଣ ଭାବେ ପ୍ରଶମିତ ହୋଇନାହିଁ। ମୋଦି ଓ ଭାଜପା ନେତାମାନେ ବାଲାକୋଟ ଏୟାର ଷ୍ଟ୍ରାଇକ୍‌କୁ ନିର୍ବାଚନୀ ପ୍ରଚାର ବେଳେ ଭାଜପାର ପୁଞ୍ଜି ଭାବେ ବ୍ୟବହାର କରୁଥିବାବେଳେ ଇମ୍ରାନ୍‌ଙ୍କ ମନ୍ତବ୍ୟ ଏନ୍‌ଡିଏକୁ ଟାର୍ଗେଟ କରିବା ପାଇଁ ବିରୋଧୀଙ୍କୁ ସୁଯୋଗ ଦେଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ପ୍ରଥମେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ପ୍ରତି ମୋଦିଙ୍କ ପ୍ରେମ ଦେଖିବାକୁ ମିଳିଥିଲା। ଏବେ ଇମ୍ରାନ୍ ତାଙ୍କର ପ୍ରିୟବନ୍ଧୁ ପାଲଟିଛନ୍ତି। ସତ ଏବେ ସାମ୍ନାକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୋଟିଏ ଭୋଟ ଦେଲେ ତାହା ପାକିସ୍ତାନକୁ ଦେବା ଭଳି ହେବ। ପାକିସ୍ତାନ ମୋଦିଙ୍କ ସହ ଆନୁଷ୍ଠାନିକ ଭାବେ ମେଣ୍ଟ କରିଥିବା ଇମ୍ରାନ୍‌ଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହେଉଛି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ଭାରତର ସାଧାରଣ ନିର୍ବାଚନକୁ ପାକିସ୍ତାନ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି। କେବଳ ପାକିସ୍ତାନ ମୋଦିଙ୍କ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି ଓ ସେ ବିରୋଧୀଙ୍କ ସହ ପଡ଼ୋଶୀ ଦେଶକୁ ଯୋଡୁଛନ୍ତି। ଆଇଏସ୍‌ଆଇକୁ ପଞ୍ଜାବର ପଠାନ୍‌କୋଟ ବାୟୁସେନା ଘାଟିକୁ ନିମନ୍ତ୍ରଣ କରିଥିବା ଓ ଇସ୍‌ଲାମାବାଦ ଗସ୍ତ କରିଥିବା ପ୍ରଧାନମନ୍ତ୍ରୀଙ୍କ ସମର୍ଥନରେ ଏବେ ପାକିସ୍ତାନ ବାହାରିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ପଡ଼ୋଶୀ ଦେଶ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ କାହାକୁ ଦେଖିବାକୁ ଚାହୁଁଛି ବୋଲି ୟେଚୁରୀ ଟୁଇଟ୍ କରିଛନ୍ତି। ସେହିପରି ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଛନ୍ତି, ମୋଦିଙ୍କୁ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବାକୁ ଇମ୍ରାନ୍ ଚାହୁଁଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଟୁଇଟର୍ ହ୍ୟାଣ୍ଡଲରେ 'ଚୌକିଦାର ଇମ୍ରାନ୍ ଖାନ୍' ଲେଖାଥିବା ସ୍ଲୋଗାନ୍ କେତେ ଶୀଘ୍ର ଆମେ ଦେଖିବାକୁ ପାଇବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଏହାକୁ ନାପସନ୍ଦ କରିଛନ୍ତି। ମୋଦିଙ୍କ ଭକ୍ତମାନେ ଇମ୍ରାନ୍‌ଙ୍କୁ ପ୍ରଶଂସା କରିବେ କି ନାହିଁ ସେନେଇ ଚିନ୍ତା କରୁଛନ୍ତି ବୋଲି ମେହବୁବା ଉପହାସ କରିଛନ୍ତି। ପାକିସ୍ତାନ ମୋଦିଙ୍କୁ କାହିଁକି ଜିତାଇବାକୁ ଚାହୁଁଛି। ପାକିସ୍ତାନ ସହ ତାଙ୍କର କେତେ ଗଭୀର ସମ୍ପର୍କ ତାହା ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ମୋଦି ଜିତିଲେ ପାକିସ୍ତାନରେ ବାଣ ଫୁଟିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଭାଜପା ଏବଂ ମୋଦିଙ୍କୁ ଟ୍ରୋଲ୍ କରାଯାଇଛି।

# ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ

## ୨୦ ରାଜ୍ୟର ୯୧ ଆସନରେ ଭୋଟ

**ନୂଆଦିଲ୍ଲୀ,୧୦।୪(ପି.ଟି.)**

ଲୋକ ସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗୁରୁବାର ୨୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୧ ଆସନରେ ଭୋଟଗ୍ରହଣ କରାଯିବ। ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧) ଏବଂ ଲାକ୍ଷାଦ୍ୱୀପର ଗୋଟିଏ ଆସନ।

ନିରପେକ୍ଷ ଓ ଅବାଧ ମତଦାନ ପାଇଁ ନିର୍ବାଚନ କମିଶନ (ଇସି) ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଧିକାଂଶ ରାଜ୍ୟରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟଗ୍ରହଣ କରାଯିବ। ମାଓବାଦୀ ପ୍ରଭାବିତ ରାଜ୍ୟ ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସକାଳ ୭ଟାରୁ ଅପରାହ୍ନ ୫ଟା ଏବଂ ସ୍ଥଳବିଶେଷରେ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ସେହିପରି କେତେକ ରାଜ୍ୟ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ହେବ। ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶର ୧୭୫ ଆସନ, ସିକିମ୍‌ର ୩୨, ଅରୁଣାଚଳ ପ୍ରଦେଶ ବିଧାନସଭାର ୬୦ ଏବଂ ଓଡ଼ିଶାର ୨୮ ଆସନ। ଏହି ରାଜ୍ୟଗୁଡ଼ିକରେ ଲୋକ ସଭା ଓ ବିଧାନସଭା ନିମନ୍ତେ ସମାନ ସମୟରେ ଏକସଙ୍ଗେ ଭୋଟଗ୍ରହଣ କରାଯିବ।

## ସମର୍ଥନ ଲାଗି ମନ୍ତ୍ରୀଙ୍କ 'ନାଗିନ ନୃତ୍ୟ'

**ବେଙ୍ଗାଲୁରୁ,୧୦।୪(ପି.ଟି.)**

ଭୋଟରଙ୍କ ସମର୍ଥନ ହାସଲ ଲାଗି କର୍ନାଟକ ଗୃହ ନିର୍ମାଣ ମନ୍ତ୍ରୀ ଏମ୍‌ଟିବି ନାଗରାଜ ହିନ୍ଦୀ ସିନେମା 'ନାଗିନ'ର ଲୋକପ୍ରିୟ ସ୍ୱର ତାଳେ ତାଳେ ନୃତ୍ୟ କରିଥିଲେ। ଏହି ଦୃଶ୍ୟ ଦେଖଣାହାରୀଙ୍କୁ ଖୁବ୍ ମୁଗ୍ଧ କରିବା ସହିତ ଏହାର ଭିଡିଓ ଭାଇରାଲ ହାଇଛି। ନାଗରାଜ ଟାଇଟଲ୍‌ଧାରୀ ଏହି ବ୍ୟକ୍ତି ତାଙ୍କ ସମର୍ଥକଙ୍କ ସହିତ ମଙ୍ଗଳବାର ସଂଧ୍ୟାରେ ହସ୍‌କୋଟସ୍ଥିତ କାଟିଗେନାହାଲି ଗାଁକୁ ଯାଇଥିଲେ। କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରାପ୍ପା ମୋଇଲି ଚିକାବାଲାପୁରା ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସେ କଂଗ୍ରେସ ପ୍ରାର୍ଥୀଙ୍କ ନିମନ୍ତେ ଭୋଟଭିକ୍ଷା କରିଥିଲେ। ମନ୍ତ୍ରୀଙ୍କର ସମର୍ଥକମାନେ ଏକ ମ୍ୟୁଜିକ୍ ବ୍ୟାଣ୍ଡର ନାଗିନ ସ୍ୱର ତାଳରେ ନୃତ୍ୟ କରୁଥିବା ଦେଖାଯାଇଥିଲା। ୧୦ ମିନିଟ୍‌ର ଏହି ନୃତ୍ୟର ଭିଡିଓ ଭାଇରାଲ୍ ହୋଇଛି।





# ଅମେଠିରୁ ପ୍ରାର୍ଥୀ ହେଲେ ରାହୁଲ

**ଅମେଠି,୧୦।୪(ପି.ଟି.)**


କେରଳର ୱାୟନାଡ୍ ପରେ ଉତ୍ତରପ୍ରଦେଶର ଅମେଠି ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ପୂରା ଗାନ୍ଧୀ, ଭଦ୍ରା ପରିବାର ରାହୁଲଙ୍କ ସହ ରୋଡ୍ ଶୋ'ରେ ଜିଲାପାଳଙ୍କ ନିକଟକୁ ଯାଇଥିଲେ। ଗାନ୍ଧୀ ପରିବାରର ଦୁର୍ଗ ଭାବେ ପରିଚିତ ଅମେଠିରୁ ପ୍ରାର୍ଥୀ ହେବାବେଳେ ସମସ୍ତେ ରାହୁଲଙ୍କ ସହ ଅଛନ୍ତି ବୋଲି ଏହା ଏକ ସନ୍ଦେଶ। ଗାନ୍ଧୀ ପରିବାର ପାଇଁ ଏହି ଆସନ କେତେ ଗୁରୁତ୍ୱପୂର୍ଣ୍ଣ ଦଳର ସ୍ଥାନୀୟ ନେତାଙ୍କ ଉପସ୍ଥିତି ତାହା ଜଣାଇବା ଲାଗି ପର୍ଯ୍ୟାପ୍ତ ଥିଲା। ଅମେଠିରୁ ୩ ଥର ଏମ୍‌ପି ହୋଇଥିବା ରାହୁଲ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ବ୍ୟବସାୟୀ ତଥା ଭିଣୋଇ ରବର୍ଟ ଭଦ୍ରାଙ୍କ ସହ ରୋଡ୍ ଶୋ କରିଛନ୍ତି। ରୋଡ୍ ଶୋ ବେଳେ ପ୍ରିୟଙ୍କାଙ୍କ ଝିଅ ମିରାୟା ଓ ପୁଅ ରୈହାନ ମଧ୍ୟ ଉପସ୍ଥିତ ଥିଲେ। ଏକ ଖୋଲା ଗାଡ଼ିରେ ୩ କି.ମି. ଯାତ୍ରା କରିବା ପରେ ରାହୁଲଙ୍କ ସହ ସେମାନେ ଜିଲାପାଳଙ୍କ ନିକଟକୁ ଯାଇଥିଲେ। ଉପା ଅଧ୍ୟକ୍ଷା ତଥା ମା' ସୋନିଆ ଗାନ୍ଧୀ ରୋଡ୍ ଶୋ'ରେ ସାମିଲ ନ ଥିଲେ ବି ରାହୁଲଙ୍କ ପାଇଁ ଜିଲାପାଳ ଅଫିସକୁ ଯାଇଥିଲେ। ସେଠାରେ ରାହୁଲ ନାମାଙ୍କନପତ୍ର ଦାଖଲ କରିଥିଲେ।

## ଇତିହାସର ଆଇନାରେ

### ଏପ୍ରିଲ ୧୧ର ପ୍ରମୁଖ ଘଟଣା

୨୦୦୬ ଏପ୍ରିଲ ୧୧ରେ ଇରାନ୍ ୟୁରାନିୟମ୍ ଦକ୍ଷତା ହାସଲ କରିଥିବା ଘୋଷଣା କଲେ ରାଷ୍ଟ୍ରପତି ମେହମୁଦ୍ ଅହମଦିନେଜାଦ୍। ଏହି ମୂଲ୍ୟବାନ ରାସାୟନିକ ଉପାଦାନକୁ ଆଣବିକ ଯୁଦ୍ଧାସ୍ତ୍ର ନିର୍ମାଣ ପାଇଁ ବ୍ୟବହାର କରାଯାଏ। ଏହାର ରାସାୟନିକ ପ୍ରତୀକ ଇଂଲିଶ ଅକ୍ଷର 'ୟୁ' ଏବଂ ଏହାର ପାରମାଣବିକ କ୍ରମାଙ୍କ ୯୨।

୨୦୦୭ ଏପ୍ରିଲ ୧୧ରେ ଆଲଜେରିଆର ରାଜଧାନୀ ଆଲଜିୟର୍ସରେ ଦୁଇଟି ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁ ୩୩ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨୨ ଆହତ ହୋଇଥିଲେ। ଆଲଜେରିଆର ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଥିଲା। ଆକ୍ରମଣର ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ, ଏହା ୧୦କିଲୋମିଟର ଦୂରତା ପର୍ଯ୍ୟନ୍ତ ଶୁଭିଥିଲା। ଆଉ ଏକ ବିସ୍ଫୋରଣ ଉକ୍ତ ନଗରୀର ପୂର୍ବ ଭାଗରେ ଏକ ଥାନାକୁ ଲକ୍ଷ୍ୟ କରି କରାଯାଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୧.୪ |
| ଚାନ୍ଦବାଲି | ୩୬.୩ | ୨୭.୦ |
| କଟକ | ୩୬.୦ | ୨୨.୪ |
| ପାରାଦ୍ୱୀପ | ୩୧.୯ | ୨୭.୭ |
| ଭୁବନେଶ୍ୱର | ୩୬.୪ | ୨୩.୯ |
| ଗୋପାଳପୁର | ୩୧.୫ | ୨୪.୭ |
| ପୁରୀ | ୩୨.୮ | ୨୬.୮ |
| ଅନୁଗୋଳ | ୪୦.୧ | ୧୮.୬ |
| ବାରିପଦା | ୩୫.୦ | ୨୨.୫ |
| ଝାରସୁଗୁଡ଼ା | ୪୦.୨ | ୨୩.୨ |
| କେନ୍ଦୁଝର | ୩୫.୮ | ୨୨.୫ |
| ସମ୍ବଲପୁର | ୩୯.୦ | ୨୧.୧ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୮.୯ | ୨୨.୦ |
| ତାଲଚେର | ୪୧.୧ | ୨୧.୭ |
| ଭବାନୀପାଟଣା | ୪୦.୩ | ୨୨.୦ |
| ବଲାଙ୍ଗୀର | ୪୧.୦ | ୨୦.୬ |
| କୋରାପୁଟ | ୩୫.୪ | ୧୬.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୧.୫ | ୨୧.୦ |
| ମାଲକାନଗିରି | ୪୧.୨ | ୧୮.୫ |
| ସୋନପୁର | ୪୧.୨ | ୨୦.୦ |
| ଦାରିଙ୍ଗିବାଡ଼ି | ୩୫.୦ | --- |

ଡିଗ୍ରୀ ସେଲ୍‌ସିୟସ୍

# ଭାଜପା ସପକ୍ଷରେ ୯୦୦ କଳାକାର

## ମଜଭୁତ ସରକାର ପାଇଁ ଭୋଟ ଦେବାକୁ ନିବେଦନ

**ନୂଆଦିଲ୍ଲୀ,୧୦।୪(ପି.ଟି.):** ଭାରତୀୟ ଜନତା ପାର୍ଟି ସପକ୍ଷରେ ଭୋଟ ଦେବାକୁ ୯୦୦ରୁ ଅଧିକ କଳାକାର ଦେଶର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। କଳାକାର ଗୋଷ୍ଠୀରେ ସାମିଲ ଅଛନ୍ତି ପଣ୍ଡିତ ଯଶ୍‌ରାଜ, ବିବେକ ଓବେରୟ ଏବଂ ରୀତା ଗାଙ୍ଗୁଲିଙ୍କ ସମେତ ଅନ୍ୟମାନେ। ସେମାନେ ବୁଧବାର ଏକ ମିଳିତ ବିବୃତି ଜାରି କରି ସେଥିରେ ଉଲ୍ଲେଖ କରିଛନ୍ତି ବର୍ତ୍ତମାନ ଦେଶ ଏକ 'ମଜବୁର ସରକାର' ନୁହେଁ ବରଂ 'ମଜଭୁତ ସରକାର' ଚାହେଁ। ଦେଶର ଜନସାଧାରଣ କୌଣସି ଚାପର ବଶବର୍ତ୍ତୀ ନ ହୋଇ ସେମାନଙ୍କ ମତାଧିକାର ସାବ୍ୟସ୍ତ କରନ୍ତୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ସରକାର ଜାରି ରହିବା ବର୍ତ୍ତମାନ ସମୟରେ ଜରୁରୀ ହୋଇପଡିଛି। ଏତଦ୍‌ଭିନ୍ନ ଆତଙ୍କବାଦ ଭଳି ଆହ୍ୱାନ ଆମ ସମସ୍ତଙ୍କ ସମ୍ମୁଖରେ ଉଭା ହୋଇଥିବାବେଳେ ଏହାର ମୁକାବିଲା ପାଇଁ ଆମେ କେନ୍ଦ୍ରରେ ଦୁର୍ବଳ ସରକାର ନୁହେଁ ବରଂ ଏକ ମଜଭୁତ ସରକାର ଆବଶ୍ୟକ କରୁ। ସେହି ଦୃଷ୍ଟିରୁ ବର୍ତ୍ତମାନର ସରକାର ଜାରି ରହିବା ଆବଶ୍ୟକ। ଏଥିପାଇଁ ଏକ ମିଳିତ ବିବୃତି ଜାରି କରିଛନ୍ତି ଶଙ୍କର ମହାଦେବନ୍, ତ୍ରିଲୋକି ନାଥ ମିଶ୍ର, କୋଏନା ମିତ୍ର, ଅନୁରାଧା ପଡ଼ୱାଲ ଏବଂ ହଂସରାଜ ହଂସ ପ୍ରମୁଖ। ଏଥିରେ କୁହାଯାଇଛି, ବିଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତ ଏଭଳି ସରକାର ଦେଖିଆସିଛି, ଯିଏ ଦୁର୍ନୀତିମୁକ୍ତ ତଥା ଭଲ ଶାସନ ପରିଚାଳନା ଏବଂ ବିକାଶମୁଖୀ ପ୍ରଶାସନ ଦେଇଆସିଛି।







# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୧/୨୦୧୯ Bhubaneswar, Thursday, April 11/2019





## ବିଜୁ ଜନତା ଦଳ
## ଓଡ଼ିଶାବାସୀଙ୍କ ବଳ



ଏଠି ଲୋକ ହିଁ ହାଇକମାଣ୍ଡ ।
ସେମାନେ ହିଁ ନିଷ୍ପତ୍ତି କରନ୍ତି
ତାଙ୍କ ଭଲ ପାଇଁ କ'ଣ ଦରକାର ।


ସେମାନେ ହିଁ କରିଛନ୍ତି ନବୀନଙ୍କୁ ତାଙ୍କ ନେତା ।

ଏଠି ତାଙ୍କ ପାଇଁ କାମ କରୁଛନ୍ତି,
ସେଠି ଓଡ଼ିଶାର ସ୍ୱାର୍ଥ ପାଇଁ ଲଢୁଛନ୍ତି ।

ଏଠି ଚାଲିଛି ଲୋକଙ୍କ ସରକାର ।
ଲୋକେ ବୁଝିଛନ୍ତି
ଓଡ଼ିଶାର ପ୍ରଗତି ପାଇଁ ସ୍ଥିରତା ଦରକାର ।
ସ୍ଥିରତା ପାଇଁ ନବୀନ ଦରକାର ।

ନବୀନଙ୍କୁ ଭୋଟ୍ ଦେବା
ଓଡ଼ିଶାରେ ପ୍ରଗତିର ଧାରା ବଜାୟ ରଖିବା ।
ଓଡ଼ିଶାର ହକ୍ ପାଇଁ ଲଢ଼ିବା ।

## ନବୀନ ମୋର ପରିବାର
## 'ଶଙ୍ଖ' ମୋର ଚିହ୍ନ



'ଶଙ୍ଖ' ଚିହ୍ନରେ ଭୋଟ୍ ଦିଅନ୍ତୁ। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

Issued by Biju Janata Dal, Odisha

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସୋନୁ
ପରିବାରବର୍ଗ


ସତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




■ ଶଙ୍କରାଚାର୍ଯ୍ୟଙ୍କ ମତ

# ଶ୍ରୀମନ୍ଦିର ଆଇନ ସଂଶୋଧନ ଲୋଡ଼ା

ପୁରୀ ଅଫିସ,୧୦।୪


ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ

■ ପରିଚାଳନା ଦାୟିତ୍ୱ ମଠକୁ ଦିଆଯାଉ

■ ମଠ ଓ ଶଙ୍କରାଚାର୍ଯ୍ୟ ଉପେକ୍ଷିତ

ଶ୍ରୀମନ୍ଦିରର ନିଜସ୍ୱ ସମ୍ବିଧାନ ନାହିଁ। ଶୁଣି ଶୁଣି ଯେଉଁ ସମ୍ବିଧାନ ପ୍ରସ୍ତୁତ କରାଯାଏ, ତାହା ସମ୍ବିଧାନ ନୁହେଁ। ଶ୍ରୀମନ୍ଦିର ରୀତିନୀତି, ବୈଦିକ ଓ ଆଧ୍ୟାତ୍ମିକ ପରମ୍ପରା ଅନୁସାରେ ହେବା ଦରକାର। କାହାଠାରୁ ଶୁଣି, ତାହାକୁ ପରମ୍ପରା ଭାବେ ଗ୍ରହଣ କରିବା ଉଚିତ ନୁହଁ। ତେଣୁ ଶ୍ରୀମନ୍ଦିରର ଆଇନ ସଂଶୋଧନ ହେବା ଆବଶ୍ୟକ ବୋଲି ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗ ନେଇ ବୁଧବାର ଗୋବର୍ଦ୍ଧନ ମଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ମତବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ, ଭଗବତ୍‌ପାଦ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରରେ ଦାରୁ ବିଗ୍ରହଙ୍କ ପୁନଃ ପ୍ରତିଷ୍ଠା କରି ସେବା ପରମ୍ପରା ଆରମ୍ଭ କରିଥିଲେ। ସେହି ସମୟରେ ଶ୍ରୀମନ୍ଦିର ପରିଚାଳନା ଲାଗି ଗୋବର୍ଦ୍ଧନ ମଠର ମଠାଧୀଶଙ୍କୁ ଦାୟିତ୍ୱ ଦେଇଥିଲେ। ମାତ୍ର ବର୍ତ୍ତମାନ ଶଙ୍କରାଚାର୍ଯ୍ୟଙ୍କୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରାଯାଉଛି। ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ତାଙ୍କର କୌଣସି ମତ ନିଆଯାଉନାହିଁ। ଋଗ୍‌ବେଦ ସହ ଜଡିତ ଏହି ମଠର ଏକ ଐତିହ୍ୟ ପରମ୍ପରା ରହିଛି। ଅଥଚ ଏହି ପବିତ୍ର ପୀଠ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବହେଳା କରୁଛନ୍ତି। ଶ୍ରୀମନ୍ଦିର ଧାର୍ମିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଏକ ପବିତ୍ର ସ୍ଥାନ। ଏହାର ପରମ୍ପରା ଧାର୍ମିକ ଓ ଆଧ୍ୟାତ୍ମିକ ବିଧିବିଧାନ ଅନୁସାରେ କରାଯିବା ଉଚିତ। କୌଣସି ସରକାର ଧାର୍ମିକ ସ୍ଥାନ ଉପରେ ହସ୍ତକ୍ଷେପ କରିବା ଅନୁଚିତ। ପୋପ୍ ଓ ଦଲାଇଲାମା କୌଣସି କଥା କହିଲେ, ତାହାକୁ ଗୁରୁତ୍ୱ ଦିଆଯାଉଛି, ମାତ୍ର ଏହି ପୀଠର ଶଙ୍କରାଚାର୍ଯ୍ୟଙ୍କୁ ଉପେକ୍ଷା କରାଯାଉଛି। ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ନିଜସ୍ୱ ମତ ରଖିଥିବା ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ଶ୍ରୀମନ୍ଦିରର ସମ୍ପୂର୍ଣ୍ଣ ପରିଚାଳନା ଭାର ତୁଲାଇବା ଲାଗି ଶଙ୍କରାଚାର୍ଯ୍ୟ ମଠ ସକ୍ଷମ। ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ପୁନଃ ଶ୍ରୀମନ୍ଦିର ପରିଚାଳନା ଶୃଙ୍ଖଳିତ ଢଙ୍ଗରେ ହୋଇପାରିବ। ଭୌତିକ ବିକାଶ ଦ୍ୱାରା ନୁହେଁ ବରଂ ବୈଦିକ ଓ ଆଧ୍ୟାତ୍ମିକ ବିକାଶ ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ସେ କହିଛନ୍ତି।

# ବିଜେଡିର ନିର୍ବାଚନୀ ଇସ୍ତାହାରରେ ସରକାରୀ କଳର ବ୍ୟବହାର ଅଭିଯୋଗ

ଭୁବନେଶ୍ୱର ୧୦।୪ (ବ୍ୟୁରୋ)

■ ମୁଖ୍ୟମନ୍ତ୍ରୀଙ୍କ ନାମରେ ଥାନାରେ ଏତଲା ଦେଲା ଭାଜପା

■ ଅଭ୍ୟାସଗତ ଭାବେ ଭାଜପା ମିଛ କହି ଆସୁଛି: ବିଜେଡି

ବିଜେଡି ତା'ର ନିର୍ବାଚନୀ ଇସ୍ତାହାରରେ ସରକାରୀ ଲୋଗୋ ଓ ୱେବ୍‌ସାଇଟ୍ ବ୍ୟବହାର କରିଛି। ସରକାରୀ ଅର୍ଥ ଖର୍ଚ୍ଚରେ ଇସ୍ତାହାର ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ଆଣି ଭାଜପା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମରେ ଖାରବେଳନଗର ଥାନାରେ ଅଭିଯୋଗ କରିଛି।

ବୁଧବାର ଅପରାହ୍ଣରେ ଭାଜପା ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ କେତେଜଣ ନେତା ଥାନାରେ ପହଞ୍ଚି ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ଗତ ୮ ତାରିଖ ଦିନ ବିଭିନ୍ନ ଇଂଲିଶ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶ ପାଇଛି। ଉକ୍ତ ବିଜ୍ଞାପନକୁ ଇସ୍ତାହାର ଆକାରରେ ବିଜେଡି ପ୍ରକାଶ କରିଛି। ସାଧାରଣ ଭୋଟରଙ୍କୁ ଆକୃଷ୍ଟ ତଥା ପ୍ରଭାବିତ କରିବା ପାଇଁ ବିଜେଡି ଇସ୍ତାହାରର ଦ୍ୱିତୀୟ ପୃଷ୍ଠାରେ ସରକାରୀ ଲୋଗୋ ରହିବା ସହ ସରକାରୀ ୱେବ୍ ସାଇଟ୍‌କୁ ରେଫର କରାଯାଇଛି। ଏହା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି। ଆଇପିସି ଦଫା ୪୬୩, ୪୬୪ ଅନୁସାରେ ଅପରାଧ। ତେଣୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କ ନିକଟରେ ସେମାନେ କରିଛନ୍ତି।

ଏହାର ଜବାବରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଅଭ୍ୟାସଗତ ଭାବେ ଭାଜପା ମିଛ କହି ଆସୁଛି। ତେଣୁ ତାଙ୍କୁ ଇସ୍ତାହାର ପୃଷ୍ଠା ଏବଂ ସରକାରୀ ୱେବ୍‌ସାଇଟ୍ ପୃଷ୍ଠା ମଧ୍ୟରେ ଫରକ ନଜର ଆସୁନାହିଁ। ବିଜେଡି ପକ୍ଷରୁ କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ଏପରିକି ଭାଜପା ମିଛ ଅଭିଯୋଗ ଆଣିଥିବା ଦର୍ଶାଇ ସମୀର, ଲେଖାଶ୍ରୀ ଏବଂ ଗୋଲକଙ୍କ ନାମରେ ବିଜେଡି ପକ୍ଷରୁ ସସ୍ମିତ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି।

## ନିର୍ବାଚନ ସମୟରେ ପରୀକ୍ଷା

# ଛାତ୍ରୀଛାତ୍ରଙ୍କୁ ମତଦାନରୁ ବଞ୍ଚିତ କରାଯାଉଛି

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ମତଦାନ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କର ଅଧିକାର। ତେଣୁ ଏହି ସମୟରେ କୌଣସି ଶିକ୍ଷାନୁଷ୍ଠାନରେ ପରୀକ୍ଷା ରଖାଯିବା ଉଚିତ ନୁହେଁ। ଯଦି ରଖାଯାଏ, ତା'ହେଲେ ଉକ୍ତ ଶିକ୍ଷାନୁଷ୍ଠାନର ଯୋଗ୍ୟ ଛାତ୍ରୀଛାତ୍ରଙ୍କ ସହ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ମତଦାନରୁ ବଞ୍ଚିତ ରହିବେ। ତେବେ ଚଳିତ ନିର୍ବାଚନରେ ଓଡ଼ିଶାର କେତେକ ବଡ଼ ଶିକ୍ଷାନୁଷ୍ଠାନରେ ଦେଖାଦେଇଛି ବ୍ୟତିକ୍ରମ। ଭୁବନେଶ୍ୱରସ୍ଥିତ କିଟ୍ ଓ ସୋଆ, ଏନ୍‌ଆଇଟି ରାଉରକେଲା ଏବଂ ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଦି ୪ ଶିକ୍ଷାନୁଷ୍ଠାନରେ ନିର୍ବାଚନ ସମୟରେ ପରୀକ୍ଷା ରଖାଯାଇଥିବା ଜଣାପଡ଼ିଛି।

ସାରା ଭାରତରେ ଏପ୍ରିଲ ୧୧ରୁ ମେ ୧୯ ପର୍ଯ୍ୟନ୍ତ ୭ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ ବୋଲି ଇଲେକ୍ସନ କମିଶନ ଅଫ୍ ଇଣ୍ଡିଆ(ଇସିଆଇ) ଘୋଷଣା କରିଛି। ଓଡ଼ିଶାରେ ଏପ୍ରିଲ ୧୧ରୁ ୨୯ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଏଠାରେ ଥିବା ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କେବଳ ଓଡ଼ିଶାର ପିଲା ନୁହନ୍ତି, ବାହାର ରାଜ୍ୟରୁ ମଧ୍ୟ ପିଲାମାନେ ଆସି ପାଠ ପଢ଼ିଥାଆନ୍ତି। ହେଲେ ଏଥର ସାଧାରଣ ନିର୍ବାଚନରେ କେତେକ ଶିକ୍ଷାନୁଷ୍ଠାନରେ ପରୀକ୍ଷା ରଖାଯାଇଥିବାରୁ ଉକ୍ତ ଛାତ୍ରୀଛାତ୍ର ମତଦାନରୁ ବଞ୍ଚିତ ରହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏନ୍‌ଆଇଟି ରାଉରକେଲା ଏପ୍ରିଲ ୨୩ରୁ ୩୦ ପର୍ଯ୍ୟନ୍ତ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ରଖିଥିବା ବେଳେ ସେପଟେ ଏପ୍ରିଲ ୨୩ରେ ଓଡ଼ିଶାର ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଓ ଭୁବନେଶ୍ୱରରେ ନିର୍ବାଚନ ରହିଛି। ସେହିପରି ୨୯ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ନିର୍ବାଚନ ରହିଛି। ତେଣୁ ନିର୍ବାଚନ ଥିବାରୁ ଏନ୍‌ଆଇଟି ରାଉରକେଲା ଛାତ୍ରୀଛାତ୍ରଙ୍କୁ କୁହାଯାଇଛି ଯେ, ସେମାନେ ଭୋଟ ଦେବା ପାଇଁ ଯିବାକୁ ଚାହିଁଲେ ଯାଇପାରିବେ। କିନ୍ତୁ ଯିବା ପୂର୍ବରୁ ଭୋଟର ତାଲିକାରେ ସେମାନଙ୍କ ନାମ ରହିଛି କି ନାହିଁ, ତା'ର ପ୍ରମାଣପତ୍ର, ନିଜର ଭୋଟର ପରିଚୟ ପତ୍ର ଏଠାରେ ଦାଖଲ କରିବେ। ନିକଟରେ ଏନ୍‌ଆଇଟି ରାଉରକେଲାର ଏକାଡେମିକ୍ ଡିନ୍ ଛାତ୍ରୀଛାତ୍ରଙ୍କ ପାଖକୁ ଏକ ମେଲ୍ ଜରିଆରେ ଜଣାଇଛନ୍ତି, କୌଣସି ବି ପରିସ୍ଥିତିରେ ଶେଷ ସେମିଷ୍ଟର ପରୀକ୍ଷାର ସମୟ ପରିବର୍ତ୍ତନ କରାଯାଇପାରିବ ନାହିଁ। ଯେଉଁମାନେ ଭୋଟ ଦେବାକୁ ଇଚ୍ଛୁକ ଥିବେ, ସେମାନେ ଆସୋସିଏଟ୍ ଡିନ୍ କିମ୍ବା ଡିନ୍‌ଙ୍କଠାରୁ ଅନୁମତି ଆଣି ଫାକଲ୍‌ଟି ଆଡ୍‌ଭାଇଜର ଓ ଏଚ୍‌ଓଡିଙ୍କ ମାଧ୍ୟମରେ ଆବେଦନ କରିପାରିବେ। ଏଥିସହିତ ଯିବା ପାଇଁ ନିଜର ଯାତ୍ରା ଟିକେଟର ଫଟୋ କପି ଉକ୍ତ ଆବେଦନ ପତ୍ର ସହ ସଂଲଗ୍ନ କରି ପଠାଇବେ।

ସେହିପରି ସୋଆ ବିଶ୍ୱବିଦ୍ୟାଳୟ ଅଧୀନ ଆଇଟିଇଆର୍‌ରେ ମଧ୍ୟ ନିର୍ବାଚନ ସମୟରେ ପରୀକ୍ଷା ରଖାଯାଇଛି। ଏହି ସମୟରେ ବି-ଟେକ୍ ପାଠ୍ୟକ୍ରମ ପାଇଁ ଦ୍ୱିତୀୟ ସେମିଷ୍ଟର ଓ ଶେଷ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଏପ୍ରିଲ ୧୫ରୁ ଆରମ୍ଭ ହୋଇ ମେ ୩ରେ ଶେଷ ହେବାକୁ ଥିବାବେଳେ ଶେଷ ସେମିଷ୍ଟର ପରୀକ୍ଷା ଏପ୍ରିଲ ୧୬ରୁ ମେ ୪ ପର୍ଯ୍ୟନ୍ତ ରହିଛି। ସେହିଭଳି ଏମ୍‌ସିଏ, ଏମ୍‌ଟେକ୍ ଓ ଏମ୍‌ଏସ୍‌ସି ଛାତ୍ରୀଛାତ୍ରଙ୍କର ମଧ୍ୟ ଏପ୍ରିଲ ୧୬ରୁ ମେ ୪ ଭିତରେ ପରୀକ୍ଷା ରହିଛି। ରାଜ୍ୟରେ ଜଣାଶୁଣା ଆଉ ଏକ ଶିକ୍ଷାନୁଷ୍ଠାନ କିଟ୍ ମଧ୍ୟ ଏହିଭଳି ପରୀକ୍ଷା ରଖିଛି। ବିଭିନ୍ନ ପାଠ୍ୟକ୍ରମ ପାଇଁ ଏପ୍ରିଲ ୧୩ରୁ ମେ ୪ ଭିତରେ ପରୀକ୍ଷା ଅନୁଷ୍ଠିତ ହେବ। ଏଠାରେ ଏମ୍‌ବିବିଏସ୍ ପରୀକ୍ଷା ଏପ୍ରିଲ ୨୫ରୁ ମେ ୧୪ ପର୍ଯ୍ୟନ୍ତ ଥିବାବେଳେ ସେପଟେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ୍ୟ ଏପ୍ରିଲ ୧୭ରୁ ମେ ୫ ପର୍ଯ୍ୟନ୍ତ ସେମିଷ୍ଟର ପରୀକ୍ଷା ରହିଛି।

ଅନ୍ୟପକ୍ଷରେ ଏ ସମସ୍ତ ଶିକ୍ଷାନୁଷ୍ଠାନରେ ପରୀକ୍ଷା ସମୟକୁ ପରିବର୍ତ୍ତନ କରିବା ପାଇଁ ଅଲ୍ ଓଡ଼ିଶା ଟେକ୍ନିକାଲ ଆଣ୍ଡ ପ୍ରଫେଶନାଲ ଷ୍ଟୁଡେଣ୍ଟ୍ସ ଆସୋସିଏଶନ ଆବାହକ ବିପ୍ଳବ ପ୍ରକାଶ ମହାନ୍ତି ଦାବି କରିଛନ୍ତି। ଭାରତର ପ୍ରତ୍ୟେକ ନାଗରିକ ନିର୍ବାଚନରେ ଭାଗ ନେବା ଉଚିତ। ହେଲେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ନିର୍ବାଚନ ସମୟରେ ପରୀକ୍ଷା ରଖି ଛାତ୍ରୀଛାତ୍ରଙ୍କୁ ମତଦାନରୁ ବଞ୍ଚିତ କରୁଥିବା ବିପ୍ଳବ କହିଛନ୍ତି। ଓଡ଼ିଶା ଇଲେକ୍ସନ ୱାଚ୍‌ର ଆବାହକ ରଞ୍ଜନ ମହାନ୍ତି କହିଛନ୍ତି, ଭୋଟ ଦେବାର ଅଧିକାର ସମସ୍ତଙ୍କର ରହିଛି। ଛାତ୍ରୀଛାତ୍ର ଦେଶ ଗଠନ ପାଇଁ ନିଜର ମତ ସାବ୍ୟସ୍ତ କରିବା ଉଚିତ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ତୃତୀୟ ସ୍ଥାନରେ ମନକାରକ ଚନ୍ଦ୍ର ପାପଗ୍ରହ ରାହୁଯୁକ୍ତ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ଚତୁର୍ଥ ଭାବାଧିପତି ସମ୍ପର୍କରୁ ପାରିବାରିକ କ୍ଷେତ୍ରରେ କୌଣସି ବ୍ୟତିକ୍ରମ ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି। ନୂତନ ସ୍ଥାନ ବୁଲିଯିବାର ସୁଯୋଗ ସାଙ୍ଗକୁ ବନ୍ଧୁମିଳନ ହୋଇପାରେ।

**ବୃଷ**
ଧନାଧିପ ରାହୁ ସଂଯୁକ୍ତ ଯୋଗୁ ଅନ୍ୟମନସ୍କ କିମ୍ବା ସତର୍କତାର ଅଭାବରୁ ଧନହାନି ଘଟିପାରେ। କିନ୍ତୁ ପ୍ରାପ୍ୟ ଅର୍ଥ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ପ୍ରାପ୍ତ ହେବାର ସୂଚନା ରହିଛି। ସପ୍ତମ ସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ ଓ ମଙ୍ଗଳ ଦୃଷ୍ଟ ହେତୁ ବ୍ୟବସାୟ, ପରିବହନ ମଧ୍ୟ ସନ୍ତୋଷଜନକ ରହିବ।

**ମିଥୁନ**
ଦଶମ ଭାବସ୍ଥ ରବି ଭାଇ,ବନ୍ଧୁ ଓ ପଡୋଶୀଙ୍କ ସହ ସମ୍ପର୍କକୁ ନଷ୍ଟ କରିପାରେ। ଅବଶ୍ୟ ବୃହସ୍ପତି କ୍ଷେତ୍ର ପ୍ରଭାବରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବିଭିନ୍ନ ସୂତ୍ରରୁ ଧାର, କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡ଼ା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ**
କର୍କଟ ସହ ଚାରୋଟି କେନ୍ଦ୍ରସ୍ଥାନ ଗ୍ରହଶୂନ୍ୟ ହେତୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ହେତୁକ ନିରାଶ ହେବାକୁ ପଡ଼ିପାରେ। କିନ୍ତୁ ପୁନର୍ବସୁ ନକ୍ଷତ୍ର ସକାଶେ ବିଶେଷ କିଛି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରର ଅବ୍ୟବସ୍ଥା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିବ। ନିଜ ଲୋକଙ୍କ ଅନାଦର ଓ ଖାପଛଡ଼ା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ**
ରାଶ୍ୟାଧିପତି ଅଷ୍ଟମ ଭାବସ୍ଥ ହେତୁ ସ୍ୱାସ୍ଥ୍ୟ, ରାଜନୀତି, ବିଶିଷ୍ଟବ୍ୟକ୍ତିଙ୍କ ସହ ବିବାଦୀୟ ସ୍ଥିତି ଦେଖାଦେବ। ତଥାପି ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଅଫିସ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ବନ୍ଧୁଙ୍କ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା**
ଧନାଧିପ ଶତ୍ରୁଭାବସ୍ଥ ହେତୁ ଅର୍ଥପ୍ରାପ୍ତିରେ କୌଣସି ବ୍ୟକ୍ତି ପ୍ରତିରୋଧ କରିବେ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ।

**ତୁଳା**
ରାହୁ କର୍ମାଧିପତିଙ୍କ ସହ ଭାଗ୍ୟଭାବସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା**
ମଙ୍ଗଳଙ୍କ ରାଶି ପ୍ରତି ପୂର୍ଣ୍ଣଦୃଷ୍ଟି ସାଙ୍ଗକୁ ବୃହସ୍ପତିଙ୍କ ଭାଗ୍ୟାବଲୋକନ କେତେକାଂଶରେ ସଙ୍କଟମୁକ୍ତ କରାଇବ। ପାରିବାରିକ କ୍ଷେତ୍ରରେ ମତାନ୍ତର ହଠାତ୍ ବଦଳିବା ଆଶା ରହିଛି। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ରାଶିରେ ବୃହସ୍ପତି ରହିଥିବାରୁ ଅଷ୍ଟମାଧିପତିଙ୍କ କୁପ୍ରଭାବ ବିଶେଷ ପଡି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ କାରଣକୁ ନେଇ ଅନ୍ୟମାନଙ୍କର ଭଲ ଧାରଣା କ୍ରମଶଃ ବଦଳିଯିବ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର**
ଦୈହିକ ଓ ମାନସିକ ସ୍ଥିତି ଭଲ ନ ରହିବା କାରଣରୁ କୌଣସି କାମରେ ମନ ଲାଗି ନ ପାରେ। ମନ ଚାହୁଁଥିବା ପ୍ରକାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇପଡିବ। ବହୁକଷ୍ଟରେ ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆନୁଷ୍ଠାନିକ କାମ, ସଭାସମିତି, ସଙ୍ଗଠନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ**
କର୍ମାଧିପତିଙ୍କ ଶୁଭ ପ୍ରଭାବରୁ ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିବା କଷ୍ଟକର ହୋଇପାରେ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ**
ଧନାଧିପତି ତୃତୀୟସ୍ଥ ଯୋଗୁ ନିକଟ ଅତୀତରେ ଗୁଡାଏ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଶଳ କରି ଭାଙ୍ଗିପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବାରେ ସମର୍ଥ ହେବେ।

ଆଜି ଚୈତ୍ର ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ଗୁରୁବାର, ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା, ପୀଠେ ବାସନ୍ତିକ ମହାସପ୍ତମୀ ପୂଜା, ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ରାଶି ନକ୍ଷତ୍ର–ଦିବା ଘ୧୦।୫୬ମି. ଗତେ, ଆରଦ୍ରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ପୂଜା, ଦିବା ଘ୧୦।୧୧ମି. ଗତେ ଘ୧୧।୪୩ମି. ମଧ୍ୟେ, ଘ୧।୧୫ମି. ଗତେ ଘ୨।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୭ମି. ମଧ୍ୟେ ଘ୧୧।୪୩ମି. ଗତେ, ଘ୧।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୧।୨୧ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।



# classifieds

real estate

**SALE**

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ସ୍ଥିତିବାନ ଘରବାରି ପ୍ଲଟ ରେଡଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5**ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D- 66327

NH 316କୁ ଲାଗି 54,000 sqft. plot ବିକ୍ରିହେବ। Contact: 9778928492. D-65636

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

to-let

4BHK with all facilities available at Kailash Vihar, Contact No. 9437284089. D- 65631

Godown space available 4500 sqft near Cuttack Road. Contact: 9937066789. D-12068

Commercial/ residential space/ Office/ Godown, 2500 sqft. four units. Bapuji Nagar, Bhubaneswar. 9556700943. D- 65635

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Sampark ayurvedic massage club fully relaxed by smart lady, home service available. 8280102993. D-65873

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

Newly opening ayurvedic body massage smart therapist Shree herbal. 7750020754.D-66079

**LOST**

ମୁଁ ପଦ୍ମାଳୟା ଦାସ (୫୧), ସ୍ୱାମୀ– ଚନ୍ଦ୍ରକାନ୍ତ ବେହେରା, ସା–କୁଆଁସ, ଟାଉନଥାନା, ଜିଲ୍ଲା– ଭଦ୍ରକ, ସୂଚିତ କରେ କି ମୋର ଦଲିଲ ୪୦୫୫ ଓ ଏହାର ଖତିଆନ– ୭୨୩/୨୨୪୭ ହଜିଯାଇଛି। କେହି ଏହା ପାଇଲେ ମୋ ଫୋନ ନମ୍ବରରେ ଯୋଗାଯୋଗ କରିବେ। ମୋ– 9853506530. D-12072

Now Matrimonial ads. only on Wednesday & Sunday
Book 1 Get 1 FREE

**AFFIDAVIT**

By virtue of an affidavit I, Santosh Kumar Patnaik, S/o Bharat Bhusan Patnaik declare that my and parents correct surname is "Patnaik" which is wrongly mentioned as "Patanaik" in passport which needs to be verified. Santosh Kumar Patnaik. D-12067

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**


(ସତ୍ୟ)
ସତ୍ୟମ୍ ନାୟକ
ବେଗୁନିଆ,ଖୋର୍ଦ୍ଧା
ତୋର ଚଲାପଥ କୁସୁମିତ ହେଉ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଅମାବାସ୍ୟାର ଅନ୍ଧକାର ନୁହେଁ, ପୂର୍ଣ୍ଣିମାର ଔଜଲ୍ୟତା ରହୁ। ଶୁଭେଚ୍ଛା ସହ: ପିତା–ସୁରେଶ ଚନ୍ଦ୍ର ନାୟକ, ମାତା–ରୁବି ନାୟକ, ଜେଜେମା, ଅପା, ପିଉସା, ଅଜା, ଆଈ, ମାମୁଁ, ମାଈଁ, ପିଙ୍କି ମାଉସୀ, ମୁନାଭାଇ, ଲିଟନଭାଇ, ବବୁଲ ଭାଇ, ଜିତୁ ଭାଇ। ଧ–୧୨୦୭୪

**ଜନ୍ମଦିନ ଶୁଭେଚ୍ଛା**


(ସୋନୁ)
ଚନ୍ଦ୍ରଶେଖର ଭୋସାଗର
ବୁର୍ଦ୍ଧା ହାଇସ୍କୁଲପଡ଼ା, ଭେଡ଼େନ, ବରଗଡ଼
ଆଜି ତୋର ଷଷ୍ଠ ଜନ୍ମଦିନ ଶୁଭ ଅବସରରେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ ସରସ ସୁଗମ ଓ ଦୀର୍ଘାୟୁ କରନ୍ତୁ, ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ। ଶୁଭେଚ୍ଛା ସହ: ମା–ମେନକା ଭୋସାଗର, ପିତା–ପଦ୍ମଲୋଚନ ଭୋସାଗର (ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ, ୯୩୩୭୬୦୩୫୫୯) ଓ ଭୋସାଗର ପରିବାରବର୍ଗ, ବନ୍ଧୁବାନ୍ଧବ। ଧ–୧୨୦୭୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୧/୨୦୧୯ | Bhubaneswar, Thursday, April 11/2019 | ପୃଷ୍ଠା-୧




## କୋହଲି 'କ୍ରିକେଟର ଅଫ୍ ଦି ଇୟର'

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି କ୍ରମାଗତ ତୃତୀୟ ବର୍ଷ ପାଇଁ ଓ୍ୱିସଡେନ କ୍ରିକେଟର ଅଫ ଦି ଇୟର ପୁରସ୍କାର ପାଇଛନ୍ତି।

୧୪

୧୨

## ସଲମାନଙ୍କ ସିନେମାରେ ସୋନାକ୍ଷୀ

ସଲମାନଙ୍କ ହୋମ୍ ବ୍ୟାନରରେ ନିର୍ମିତ ହେବାକୁ ଥିବା 'ରାଧା କ୍ୟୁଁ ଗୋରୀ ମେଁ କ୍ୟୁଁ କାଲା'ରେ ଲୁଲିୟା ଆଉଟ୍ ହେବା ପରେ ସୋନାକ୍ଷୀଙ୍କୁ ସୁଯୋଗ ମିଳିଛି।



### ଆଜିର ସମ୍ପାଦକୀୟ

**ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ**

### ଆଜିର ମନ୍ତବ୍ୟ

"ମୋ ବାପାଙ୍କ କର୍ମଭୂମି ଆମେଠି ଆମ ପାଇଁ ପବିତ୍ର ଭୂମି।

**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ**

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷ ଏପ୍ରିଲ-ଫେବୃୟାରୀ ସମୟରେ କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନି ୨.୨୭% ହ୍ରାସ ଘଟି ୧୬.୨୭ ବିଲିୟନ ଡଲାର ରହିଛି। **-କୃଷି ମନ୍ତ୍ରଣାଳୟ**

**୨୭ଲକ୍ଷ ଟଙ୍କା ଫିଙ୍ଗି ଦେଇ କାର ନେଇ ଦୁର୍ବୃତ୍ତ ଚମ୍ପଟ୍**

........ ୬ ........


NECC NATIONAL EGG CO-ORDINATION COMMITTEE 10.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ଦୋହରା ଝଟକା

■ ସୁପ୍ରିମକୋର୍ଟରେ କେନ୍ଦ୍ରର ଆବେଦନ ଖାରଜ

## ରାଫାଲ ଦସ୍ତାବିଜ୍ ଗ୍ରହଣଯୋଗ୍ୟ

ରାଫାଲ ଚୁକ୍ତିରେ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ରର ପିଟିଶନକୁ ଖାରଜ କରିଦେଇଛନ୍ତି। 'ଚୋରି ଦସ୍ତାବିଜ'କୁ ସର୍ବୋଚ୍ଚ ଅଦାଲତ ଗ୍ରହଣଯୋଗ୍ୟ ବୋଲି ଅଭିହିତ କରିବା ସହ ଏହାକୁ ଆଧାର କରି ବିଚାର କରାଯାଇପାରିବ ବୋଲି କହିଛନ୍ତି। ସେପଟେ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ପର୍ଯ୍ୟବସିତ 'ପିଏମ୍ ନରେନ୍ଦ୍ର ମୋଦି'ର ରିଲିଜ୍ ଉପରେ ନିର୍ବାଚନ କମିଶନ (ଇସି) କଟକଣା ଜାରି କରିଛନ୍ତି। ସାଧାରଣ ନିର୍ବାଚନ ଶେଷ ନ ହେବା ଯାଏ ଏହି ବାୟୋପିକ୍ ମୁକ୍ତିଲାଭ କରିପାରିବ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନର ଦିନକ ପୂର୍ବରୁ ଉଭୟ ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଭାଜପା ଏବଂ କେନ୍ଦ୍ର ସରକାରଙ୍କୁ ଝଟ୍କା ଦେଇଛି।

**ନୂଆଦିଲ୍ଲୀ,୧୦।୪(ପି.ଟି.)**



ରାଫାଲ ଚୁକ୍ତି ପ୍ରସଙ୍ଗରେ ବୁଧବାର କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟରେ ବଡ଼ ଝଟ୍କା ଲାଗିଛି। ରାଫାଲ ରାୟର ପୁନର୍ବିଚାର କରିବା ସମୟରେ 'ପ୍ରଘଟ' ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କଂଗ୍ରେସ ଏହାକୁ ସ୍ୱାଗତ କରିଛି। ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ।

### ବିତର୍କ ପାଇଁ ମୋଦିଙ୍କୁ ଚ୍ୟାଲେଞ୍ଜ ଦେଲେ ରାହୁଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଚ୍ୟାଲେଞ୍ଜ ଦେଇଛନ୍ତି।

ଫ୍ରାନ୍ସରୁ ୩୬ ଯୁଦ୍ଧବିମାନ କିଣା ଚୁକ୍ତିରେ ଦୁର୍ନୀତି ହୋଇଥିବା ଦର୍ଶାଇ ରାଫାଲ ଡିଲ୍‌କୁ ରଦ୍ଦକରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। କେନ୍ଦ୍ର ପକ୍ଷରୁ ଏକ ବନ୍ଦ ଲଫାପାରେ ଦିଆଯାଇଥିବା ତଥ୍ୟ ଭୁଲ ବୋଲି ଏଥିରେ ଦର୍ଶାଯାଇଥିଲା।

୨୦୧୮ ଡିସେମ୍ବର ୧୪ରେ ଶୀର୍ଷ ଅଦାଲତ ସମସ୍ତ ଆବେଦନକୁ ଖାରଜ କରିଦେଇଥିଲେ। ୨୦୧୯ ଜାନୁୟାରୀ ୩ରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଶୌରୀ ଓ ଯଶୱନ୍ତ ସିହ୍ନା ଉକ୍ତ ରାୟର ପୁନର୍ବିଚାର ପାଇଁ ରିଭ୍ୟୁ ପିଟିଶନ ଦାଏର କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆର୍ଟର୍ନି ଜେନେରାଲ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ସେମାନେ ଦାଖଲ କରିଥିବା ଦସ୍ତାବିଜ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ବେଆଇନ ଭାବେ ନିଆଯାଇଛି। ରାଫାଲ ଚୁକ୍ତିର ଗୋପନୀୟ ଫାଇଲ ଆଧାରରେ 'ଦି ହିନ୍ଦୁ'ରେ ପ୍ରକାଶିତ ରିପୋର୍ଟ ଭିତ୍ତିରେ ଦାଖଲ ଦସ୍ତାବିଜକୁ ରେକର୍ଡ ଭାବେ ଗ୍ରହଣ କରା ନ ଯାଉ। ☞ପୃଷ୍ଠା-୪

## ମୋଦିଙ୍କ ବାୟୋପିକ୍ ରିଲିଜ୍ ସ୍ଥଗିତ

■ ନିର୍ବାଚନ ସରିବା ଯାଏ ମୁକ୍ତିଲାଭ କରିପାରିବ ନାହିଁ: ଇସି

■ ନମୋ ଟିଭିର ପ୍ରସାରଣ ମଧ ବନ୍ଦ

**ନୂଆଦିଲ୍ଲୀ, ୧୦।୪(ପି.ଟି.)**

ସାଧାରଣ ନିର୍ବାଚନ ଶେଷ ନ ହେବା ଯାଏ ପ୍ରଧାନମନ୍ତ୍ରୀଙ୍କ ଜୀବନୀକୁ ନେଇ ନିର୍ମିତ ଫିଲ୍ମ 'ପିଏମ୍ ନରେନ୍ଦ୍ର ମୋଦି' ମୁକ୍ତିଲାଭ କରିପାରିବ ନାହିଁ। କୌଣସି ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟକୁ ପୂରଣ କରୁଥିବା ସିନେମାକୁ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ବୁଧବାର ନିର୍ବାଚନ କମିଶନ (ଇସି) ସ୍ପଷ୍ଟ କରିଛନ୍ତି। ଫଳରେ ମୋଦିଙ୍କ ବାୟୋପିକ୍‌କୁ ନେଇ ଲାଗିରହିଥିବା ବିବାଦରେ ବର୍ତ୍ତମାନ ପାଇଁ ପୂର୍ଣ୍ଣଚ୍ଛେଦ ପଡ଼ିଛି ବୋଲି କୁହାଯାଇପାରେ। ☞ପୃଷ୍ଠା-୪

# ପ୍ରଥମ ପର୍ଯ୍ୟାୟ ଭୋଟ ଆଜି

■ ୪ ଲୋକ ସଭା, ୨୮ ବିଧାନସଭାର ହେବ ମତଦାନ

■ ୨୧୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୬୦ ଲକ୍ଷ ଭୋଟର

■ ଆଶା ଆଶଙ୍କାରେ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ଏମପି, ୭୨୩୩ ବୁଥ୍‌ରେ ହେବ ମତଦାନ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୪ ଲୋକ ସଭା ଓ ଏହା ଅଧୀନ ୨୮ ବିଧାନସଭା ଆସନ ପାଇଁ ପ୍ରାୟ ୬୦ ଲକ୍ଷ ଭୋଟର ୨୧୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯିବ। ସେମାନଙ୍କ ମଧ୍ୟରେ ବହୁ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ,ଏମପିଙ୍କର ଭାଗ୍ୟ ପରୀକ୍ଷା ହେବ। ସେମାନେ ହେଲେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଉଷା ଦେବୀ, ରମେଶ ମାଝି, ପୁଷ୍ପେନ୍ଦ୍ର ସିଂଦେଓ, ପ୍ରଦୀପ ନାଏକ, ଭୂପିନ୍ଦର ସିଂ, ପ୍ରଦୀପ ପାଣିଗ୍ରାହୀ, ରବି ନାରାୟଣ ନନ୍ଦ, ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପୁତ୍ର ଶିଶିର ଗମାଙ୍ଗ। ଭାଜପା ରାଜ୍ୟ ସଭାପତି ☞ପୃଷ୍ଠା-୪

## ମତଦାନ ପୂର୍ବରୁ ବିସ୍ଫୋରଣ, ମିଳିଲା ବୋମା



ନନ୍ଦପୁର ବ୍ଲକ୍ ଜଲାପୁଟ ନିକଟରେ ବୋମା ଖଞ୍ଜା ଯାଇଥିବା ପୋଲ।


**କୋରାପୁଟ/ କଲ୍ୟାଣସିଂହପୁର/ ମାଲକାନଗିରି ୧୦।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

### ଶୃଙ୍ଖଳିତ ନିର୍ବାଚନ ପାଇଁ ଚ୍ୟାଲେଞ୍ଜ

■ ଭୋଟ୍ ବର୍ଜନ ପାଇଁ ଅଡିଓ ଟେପ୍ ଜାରିକଲେ ମାଓବାଦୀ

■ ପ୍ରାର୍ଥୀଙ୍କୁ ଏସ୍ଓପି ପାଳନ କରିବାକୁ କଡ଼ା ନିର୍ଦ୍ଦେଶ

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗୁରୁବାର ଭୋଟ୍ ଗ୍ରହଣ ପୂର୍ବରୁ ମାଓବାଦୀ ଉପଦ୍ରୁତ ତଥା ସୀମାନ୍ତ ଜିଲାରେ ଶୃଙ୍ଖଳିତ ନିର୍ବାଚନ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଗତ ମଙ୍ଗଳବାର ସୀମାନ୍ତ ଛତିଶଗଡ଼ର ଦାନ୍ତେଓ୍ୱାଡ଼ାରେ ମାଓବାଦୀମାନେ ବିସ୍ଫୋରଣ ଘଟାଇ ଜଣେ ଭାଜପା ନେତାଙ୍କ ସମେତ ୫ ଜଣଙ୍କୁ ହତ୍ୟା କରିଥିଲେ। ଭୋଟ୍ ଗ୍ରହଣ ପୂର୍ବରୁ ବୁଧବାର ଅବିଭକ୍ତ କୋରାପୁଟରେ ମଧ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। କୋରାପୁଟ ଜିଲା ଲମତାପୁଟ ବ୍ଲକ ବାଲେଲ ପଞ୍ଚାୟତ ଲୁଗୁମ ଗ୍ରାମରେ ବୁଧବାର ମଧ୍ୟାହ୍ନରେ ☞ପୃଷ୍ଠା-୪

“ ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ

ଜଣେ ଭାରତୀୟ ସଫ୍ଟୱେର ଇଞ୍ଜିନିୟର ଏକ ବ୍ଲଗ୍ ଲେଖିଛନ୍ତି ଯେ, ପିଲାଦିନୁ ସେ ଅଣ୍ଡା ଖାଇନାହାନ୍ତି, କାରଣ ସେ ଜଣେ ନିରାମିଷାଶୀ ହିନ୍ଦୁ। ତେବେ କୌତୂହଳବଶତଃ ସେ ଏହା ଉପରେ କିଛି ଗବେଷଣା କରି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଅଣ୍ଡା ଖାଇବାରେ କିଛି ଦୋଷ ନାହିଁ, କାରଣ ଏହାଦ୍ୱାରା କୁକୁଡ଼ାଙ୍କୁ ମରାଯାଉନାହିଁ ବା ଜୀବହତ୍ୟା ହେଉନାହିଁ। ପୁନଶ୍ଚ ଅଣ୍ଡାଟା ଯେହେତୁ ପ୍ରାଣୀର ମାଂସ ନୁହେଁ, ତେଣୁ ତାହା ନିରାମିଷ ଖାଦ୍ୟ। ଅଣ୍ଡା ଖିଆ ଆରମ୍ଭ କରିବା ପାଇଁ ଏହା ଥିଲା ତାଙ୍କର ଯୁକ୍ତି ଏବଂ ତା' ସତ୍ତ୍ୱେ ସେ ନିରାମିଷାଶୀ ବୋଲାଇପାରିବେ। ଜଣେ ମହିଳାଙ୍କର ମାସିକ ଋତୁସ୍ରାବ ଯାହା, କୁକୁଡ଼ା ଅଣ୍ଡାଦେବା ଠିକ୍ ସେହିପରି। ଏହାର ଅର୍ଥ ଅଣ୍ଡା ଦେବା ପାଇଁ କୁକୁଡ଼ାଙ୍କୁ ଗର୍ଭବତୀ ହେବାକୁ ପଡ଼େ ନାହିଁ। ପ୍ରତ୍ୟେକ ମାଈ କୁକୁଡ଼ା ଆଦ୍ୟ ଯୌବନରୁ ପ୍ରତି ସପ୍ତାହରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅଣ୍ଡା ଦିଏ ଏବଂ ଏହି ଧାରା ୨–୩ ବର୍ଷ ପର୍ଯ୍ୟନ୍ତ ସମାନ ଗତିରେ ଚାଲେ। ଏହାପରେ ତା'ର ଅଣ୍ଡା ଦେବା ସଂଖ୍ୟା କମି କମି ଯାଏ, ଯଦିଚ ଏହା ପାଞ୍ଚବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହେ। ଉକ୍ତ ଯୁବକ ଜଣକ ଶେଷରେ ଦାବି କରିଛନ୍ତି ଯେ, ଧର୍ମ ବଦଳରେ ଆମେ ବିଜ୍ଞାନକୁ ମାନିବା ଉଚିତ। ଦୁର୍ଭାଗ୍ୟର କଥା ସେ ଲେଖିଥିବା ପ୍ରତ୍ୟେକ ଶବ୍ଦ ହେଉଛି ବାଜେ।

ତାହା ହେଉଛି ପ୍ରକୃତ ବିଜ୍ଞାନ ଯାହାକୁ ମଣିଷ ପ୍ରତିଥର ଅଣ୍ଡା ଆମ୍‌ଲେଟ୍ ଖାଇଲା ବେଳେ ହତ୍ୟା କରୁଛି। ଆମେ ଯେଉଁ ଅଣ୍ଡା ଖାଉଛୁ, ତାହା ବଡ଼ ବଡ଼ ହ୍ୟାଚେରିରୁ ଆସୁଛି। କିନ୍ତୁ ଯେତେବେଳେ ଫଳପ୍ରସୂ ଅଣ୍ଡାଗୁଡ଼ିକ ଫୁଟି ଛୁଆ ବାହାରେ, ସେଥିମଧ୍ୟରୁ ପ୍ରାୟ ୫୦% ଅଣ୍ଡିରା ଓ ୫୦% ମାଈ ହୋଇଥାନ୍ତି। କିନ୍ତୁ ଅଣ୍ଡା ବ୍ୟବସାୟୀମାନଙ୍କର ଅଣ୍ଡିରା ଛୁଆଙ୍କ ପାଖରେ କିଛି କାମ ନ ଥାଏ। ଅଣ୍ଡାଦିଆ କୁକୁଡ଼ା ଓ ମାଂସ ପାଇଁ କୁକୁଡ଼ା ହେଉଛି ଅଲଗା। ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦିଅନ୍ତି, କିନ୍ତୁ ମାଂସ ଉପଯୋଗୀ କୁକୁଡ଼ାଙ୍କୁ ନାନା ଉପାୟରେ ମୋଟାସୋଟା କରି ବଢ଼ାଯାଇଥାଏ।

ଅଣ୍ଡାଦିଆ କୁକୁଡ଼ା ହ୍ୟାଚେରିଗୁଡ଼ିକ ଅଣ୍ଡା ଶିଳ୍ପକୁ ଅଣ୍ଡାଦିଆ କୁକୁଡ଼ା ଯୋଗାନ୍ତି। ଅଣ୍ଡାଗୁଡ଼ିକରୁ ଇନ୍‌କ୍ୟୁବେଟର (ଅଣ୍ଡାରୁ ଛୁଆଫୁଟା ଯନ୍ତ୍ର)ରେ ଛୁଆ ଫୁଟନ୍ତି। ତା'ପରେ ସେ ଛୁଆମାନଙ୍କର ଲିଙ୍ଗ ନିର୍ଣ୍ଣୟ କରି ଅଣ୍ଡିରା ଓ ମାଈଙ୍କୁ ଅଲଗା ଅଲଗା କରାଯାଏ। ଛୋଟ ଓ ଦୁର୍ବଳ ମାଈ କୁକୁଡ଼ାଛୁଆ ସହ ସମସ୍ତ ଅଣ୍ଡିରା ଛୁଆଙ୍କୁ ମାରିଦିଆଯାଏ। ଅଣ୍ଡିରାଗୁଡ଼ିକ ଅଦରକାରୀ, କାରଣ ସେମାନେ ଅଣ୍ଡା ଦେଇପାରିବେନି। ସେମାନେ ମାଂସଦିଆ କୁକୁଡ଼ା ପାଇଁ ବି ଯୋଗ୍ୟ ନୁହନ୍ତି, କାରଣ ବ୍ରୟେଲର କୁକୁଡ଼ାଙ୍କ ପରି ସେମାନେ ଶୀଘ୍ର ବଢ଼ିପାରିବେନି। ବ୍ରୟେଲର କୁକୁଡ଼ା ଛଅ ସପ୍ତାହରେ ବଢ଼ି ମାଂସ ଉପଯୋଗୀ ହୋଇଥାଏ। ପ୍ରତିବର୍ଷ ୭ ଶହ କୋଟି ଅଣ୍ଡିରା କୁକୁଡ଼ା ଛୁଆଙ୍କୁ ହତ୍ୟା କରାଯାଉଛି। ସେମାନଙ୍କୁ ଚିକି ଚିକି କରି ମାଈ କୁକୁଡ଼ା ଛୁଆଙ୍କୁ ଖାଇବାକୁ ଦିଆଯାଉଛି କିମ୍ବା ଅନ୍ୟ ପ୍ରାଣୀଙ୍କ ଖାଦ୍ୟରୂପେ ବ୍ୟବହାର କରାଯାଉଛି। ଅଣ୍ଡା ଶିଳ୍ପରେ ଏକ ଅଣ୍ଡିରା କୁକୁଡ଼ାଛୁଆର ହାରାହାରି ଜୀବନକାଳ ହେଉଛି ଗୋଟିଏ ଦିନ।

ସେମାନଙ୍କୁ କିପରି ମରାଯାଏ? ଅଣ୍ଡିରା କୁକୁଡ଼ା ଛୁଆମାନଙ୍କୁ ଏକ ଗ୍ୟାସ୍ ଚାମ୍ବରରେ ପକାଇ ଦିଆଯାଏ। ତା'ପରେ ତା' ଭିତରକୁ ଉଚ୍ଚମାତ୍ରାର ଅଙ୍ଗାରକାମ୍ଳ ଛାଡ଼ିଦିଆଯାଏ। ଦୁଇ ମିନିଟ୍ ଭିତରେ କୁକୁଡ଼ାଛୁଆମାନେ ମରିଯାନ୍ତି। ହିଟଲର ଯେତେବେଳେ ମଣିଷମାନଙ୍କୁ ଏପରି ଭାବେ ମାରୁଥିଲେ, ସାରା ବିଶ୍ୱ କିପରି ପ୍ରତିବାଦ କରିଥିଲା, ମନେ ପକାନ୍ତୁ। ସେ ସମ୍ଭବତଃ କୁକୁଡ଼ା ଶିଳ୍ପରୁ ଏହା ଶିକ୍ଷା କରିଥିଲେ। ସେମାନଙ୍କୁ ମାରିବାର ଦ୍ୱିତୀୟ ଉପାୟ ହେଉଛି: ଏକ ହାଇସ୍ପିଡ୍ ଗ୍ରାଇଣ୍ଡିଂ ମେଶିନ ଭିତରକୁ ସେମାନଙ୍କୁ ପୂରା ସଚେତନ ଅବସ୍ଥାରେ ଫୋପାଡ଼ି ଦିଆଯାଏ। ଛୋଟ ଛୋଟ କୁକୁଡ଼ା ଶିଳ୍ପରେ ଛୁଆମାନଙ୍କର ବେକ ମୋଡ଼ି ମାରିଦିଆଯାଏ। ନିଜେ ଲିଙ୍ଗ ନିର୍ଣ୍ଣୟ କଲାବାଲା ଅଣ୍ଡିରା ବୋଲି ଜାଣିବା ପରେ ସଙ୍ଗେ ସଙ୍ଗେ ତା'ର ବେକ ମୋଡ଼ି ମଲା କୁକୁଡ଼ାଛୁଆଙ୍କ ଗଦା ଭିତରକୁ ଫୋପାଡ଼ିଦିଏ। କୁକୁଡ଼ାଛୁଆଙ୍କୁ ମାରିବାର ଆଉ ଗୋଟିଏ ଉପାୟ ହେଉଛି ବିଦ୍ୟୁତ୍ ଆଘାତ ଦେବା। ବିଦ୍ୟୁତ୍‌ଶକ୍ତି ପ୍ରବାହିତ ହେଉଥିବା ପାଣି ଭିତରକୁ ଜିଅନ୍ତା କୁକୁଡ଼ାଛୁଆମାନଙ୍କୁ ଫିଙ୍ଗିଦିଆଯାଏ। ଦିନ ଶେଷରେ ବିଦ୍ୟୁତ୍ ପ୍ରବାହ ବନ୍ଦ କରି ମଲାଦେହଗୁଡ଼ିକୁ ସେଥିରୁ କଢ଼ାଯାଏ। କେତେକ କୁକୁଡ଼ା ଶିଳ୍ପରେ ଜିଅନ୍ତା ଛୁଆମାନଙ୍କୁ ପ୍ଲାଷ୍ଟିକ୍ ଥଳି ଭିତରେ ପୂରାଇ ଥଳି ଭର୍ତ୍ତି ହୋଇଗଲେ ମୁହଁ ବନ୍ଦ କରିଦିଆଯାଏ। ଫଳରେ ଅଣନିଃଶ୍ୱାସୀ ହୋଇ ସେମାନେ ମରନ୍ତି। କୁକୁଡ଼ାଛୁଆଙ୍କୁ ମାରିବାର ଏ ସମସ୍ତ ପଦ୍ଧତି ସାରା ବିଶ୍ୱରେ ଆଇନସମ୍ମତ। ବ୍ରିଟିଶ ଏଗ୍ ଇଣ୍ଡଷ୍ଟ୍ରି ମୁଖପାତ୍ରଙ୍କ କହିବା ଅନୁଯାୟୀ ଅଣ୍ଡିରା କୁକୁଡ଼ାଛୁଆଙ୍କୁ ମାରିବା ପ୍ରଥା ଏ ଶିଳ୍ପ ଆରମ୍ଭ ହେବା ଦିନଠାରୁ ସାରା ବିଶ୍ୱରେ ଚାଲିଛି।

୨୦୧୬ରେ ଆମେରିକାରେ ଅଣ୍ଡା ଶିଳ୍ପର ପ୍ରତିନିଧିତ୍ୱ କରୁଥିବା 'ୟୁନାଇଟେଡ୍ ଏଗ୍ ପ୍ରଡ୍ୟୁସର୍ସ' ଘୋଷଣା କଲା ଯେ, ଏହା ୨୦୨୦ ସୁଦ୍ଧା ଏକ ନୂଆ ପ୍ରଯୁକ୍ତିର ବିକାଶ ଘଟାଇବାକୁ ପ୍ରତିଶ୍ରୁତିବଦ୍ଧ, ଯାହାଫଳରେ ଏଭଳି ହତ୍ୟା ଆଉ କରିବାକୁ ପଡ଼ିବନି। ଆମେରିକା ଓ ୟୁରୋପର ପ୍ରାଣୀ କଲ୍ୟାଣ ସଂସ୍ଥାଗୁଡ଼ିକର ପ୍ରବଳ ଚାପରେ ସେମାନେ ହିଁ ଘୋଷଣା କରିଛନ୍ତି। ୨୦୧୫ରେ ଇସ୍ରାଏଲର ଜଣେ ପ୍ରାଣୀ ଅଧିକାର କର୍ମୀ କୁକୁଡ଼ାଛୁଆଙ୍କୁ କିପରି ହତ୍ୟା କରାଯାଉଛି ତାହାର ଏକ ଭିଡିଓ ଭାଇରାଲ କରିଦେଇଥିଲେ। ତାହା ସେତେବେଳେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କରିଥିଲା। କିନ୍ତୁ କିଛି ହେଲା ନାହିଁ। ତେବେ ଏକ ନୂଆ ପ୍ରଯୁକ୍ତିବିଦ୍ୟା ବଳରେ ଅଣ୍ଡିରା କୁକୁଡ଼ାଛୁଆଙ୍କୁ ମୂଳରୁ ଜନ୍ମ ହେବାକୁ ନ ଦେଇ ଏଭଳି ହତ୍ୟାକୁ ବନ୍ଦ କରାଯାଇପାରେ। ଜର୍ମାନ ଓ ଡଚ୍ ବୈଜ୍ଞାନିକମାନେ ଏକ ପଦ୍ଧତି ବାହାର କରିଛନ୍ତି, ଯାହାଦ୍ୱାରା ଅଣ୍ଡିରା କୁକୁଡ଼ା ଅଣ୍ଡାକୁ ଚିହ୍ନଟ କରାଯାଇପାରିବ। କିଛିବର୍ଷ ତଳେ ଲିପଜିଗ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆବିଷ୍କାର କରିଥିଲେ ଯେ, ମାଈ ଅଣ୍ଡାରେ ଏଷ୍ଟ୍ରୋନ୍ ସଲ୍‌ଫେଟ୍ ନାମକ ଏକ ହର୍ମୋନ୍ ଅଛି। ଏହି ହର୍ମୋନ୍‌କୁ ଅଣ୍ଡାଟି ୯ ଦିନର ହୋଇଥିବା ବେଳେ ଦେଖାଯାଏ। ଅଣ୍ଡା ଛୁଆ ଫୁଟିବାକୁ ୨୧ ଦିନ ଲାଗେ। ଡଚ୍ ଟେକ୍ନୋଲୋଜି କମ୍ପାନୀ ହ୍ୟାଚ୍ ଟେକ୍ ଏକ ଅଟୋମେଟେଡ୍ ମେଶିନ୍ ବାହାର କରିଛି, ଯାହାଦ୍ୱାରା ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ କରିହେବ। ଏକ ଲେଜର ବିମ୍ ଅଣ୍ଡାରେ ୦.୩ମିମି କଣା କରି ସେଥିରେ ଥିବା ରସର ଗୋଟିଏ ବିନ୍ଦୁ ବାହାର କରିଦେବ। ସେହି ରସକୁ ପରୀକ୍ଷା କରି ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ କରିହେବ। ଏହି ପ୍ରକ୍ରିୟାରେ ଗୋଟିଏ ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ କରିବାକୁ ଏକ ସେକେଣ୍ଡ ଲାଗିବ। ଲିଙ୍ଗ ଚିହ୍ନଟ ପରେ ଅଣ୍ଡିରା ଅଣ୍ଡାଗୁଡ଼ିକରୁ ଆଉ ଛୁଆ ଫୁଟା ନ ଯାଇ ତାହାକୁ ପ୍ରାଣୀ ଖାଦ୍ୟ ପାଇଁ ପ୍ରକ୍ରିୟାକରଣ କରାଯିବ। ୨୦୧୮ ନଭେମ୍ବର ମାସରୁ ବର୍ଲିନ ସୁପରମାର୍କେଟ୍ ଏହି ଅଣ୍ଡା ବିକ୍ରି ଆରମ୍ଭ କରିଛି। ଏହି ଅଣ୍ଡା ୨୦୧୯ରେ ସାରା ଜର୍ମାନୀରେ ଏବଂ ୨୦୨୦ ସୁଦ୍ଧା ସାରା ୟୁରୋପରେ ବିକ୍ରି ହେବ। ଫଳରେ ଯେଉଁସବୁ ଅଣ୍ଡାରୁ ଛୁଆ ଫୁଟାଯିବ, ସେଗୁଡ଼ିକରୁ କେବଳ ମାଈ କୁକୁଡ଼ାଛୁଆ ହିଁ ଜନ୍ମ ନେବେ। ଏହି ପ୍ରକଳ୍ପକୁ ଜର୍ମାନୀ ସରକାର ପାଣ୍ଠି ଯୋଗାଉଛନ୍ତି। ଭାରତରେ କିନ୍ତୁ ଅଣ୍ଡିରା କୁକୁଡ଼ାଛୁଆଙ୍କ ହତ୍ୟା ବଳବତ୍ତର ରହିଛି। ତେଣୁ ଯେଉଁମାନେ ବି ଅଣ୍ଡା ଖାଉଛନ୍ତି, ସେମାନେ ଅଣ୍ଡିରା କୁକୁଡ଼ାଛୁଆଙ୍କ ହତ୍ୟା ବ୍ୟତିରେକେ ଏହି ଅଣ୍ଡା ପାଉନାହାନ୍ତି।

ତେବେ ଉକ୍ତ ଅଣ୍ଡା ଉତ୍ପାଦନ ପ୍ରକ୍ରିୟାରେ କେବଳ ଅଣ୍ଡିରା କୁକୁଡ଼ାଛୁଆ ବଳିପଡୁ ନାହାନ୍ତି। ମାଈ କୁକୁଡ଼ା ବି ବର୍ଷେ ଅଣ୍ଡା ଦେବା ପରେ ଯେତେବେଳେ ସେମାନଙ୍କ ଅଣ୍ଡା ଦେବା ସଂଖ୍ୟା କମିଯାଉଛି, ସେମାନଙ୍କୁ ବି ହତ୍ୟା କରାଯାଉଛି। ଅଥଚ ଏକ କୁକୁଡ଼ାର ଜୀବନକାଳ ହେଉଛି ହାରାହାରି ୧୫ ବର୍ଷ। କୁକୁଡ଼ାମାନଙ୍କୁ କାର୍ଡବୋର୍ଡ, ମକା, ହର୍ମୋନ ଓ ଅନ୍ୟ କୁକୁଡ଼ାଙ୍କ ଦେହାବଶେଷ ଖାଇବାକୁ ଦିଆଯାଉଛି। ପ୍ରତିବର୍ଷ ୫ ହଜାର କୋଟି ମାଈ କୁକୁଡ଼ାଙ୍କୁ ହତ୍ୟା କରାଯାଉଛି। ଅଣ୍ଡା ଖାଉଥିବା ପ୍ରତ୍ୟେକ ବ୍ୟକ୍ତି ଏହି ହତ୍ୟା ସହ ପରୋକ୍ଷଭାବେ ସଂଶ୍ଲିଷ୍ଟ। ୟୁଟ୍ୟୁବ୍‌ରେ ଏସବୁର ଅନେକ ଫିଲ୍ମ ଦେଖିବାକୁ ମିଳୁଛି। ଆପଣ ଯଦି ଅଣ୍ଡା ଖାଉଥାନ୍ତି, ତେବେ ଏ ଭିଡିଓ ସବୁ ଦେଖିବା ଉଚିତ।

Email: gandhim@nic.in

## ଏଇ ଭାରତରେ

ରାଜନୀତିରେ ସୁଧାର ଦାବି କରି ଜଣେ ଯୁବକ ପାଣିଟାଙ୍କିରେ ଚଢ଼ି ଡେଇଁବାକୁ ଧମକ ଦେବା ଘଟଣାର ଭିଡିଓ ଭାଇରାଲ ହୋଇଛି। ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲାର ଅମରାବତୀ ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଦେଶରେ ପ୍ରଚଳିତ ରାଜନୈତିକ ବିଧିବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜଣେ ୨୧ ବର୍ଷ ବୟସ୍କ ଯୁବକ ଆତ୍ମହତ୍ୟା କରିବାକୁ ଅଡି ବସିଥିଲେ। ସ୍ଥାନୀୟ ଆର୍ଯ୍ୟବାଣୀଗୁଡେମ୍ ଗାଁରେ ବାସକରୁଥିବା ବିଜୟ ରାଜୁ ପାଣିଟାଙ୍କିରେ ଚଢ଼ି ରାଜନୀତିରେ ସୁଧାର ଦାବି କରିଥିଲେ। ଦାବିପୂରଣ ନ ହେଲେ ସେ ଟାଙ୍କିରୁ ଡେଇଁ ଆତ୍ମହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ। ଆଶ୍ୱାସନା ମିଳିଲେ ସେ ପାଣିଟାଙ୍କିରୁ ଓହ୍ଲାଇବେ ବୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ ବୁଝାଶୁଝା ପରେ ମଧ୍ୟ ବିଜୟ ବୁଝି ନ ଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା। ସର୍କଲ ଇନ୍‌ସପେକ୍ଟର ରବି କୁମାର ଏବଂ ସବ୍ ଇନ୍‌ସପେକ୍ଟର ଶ୍ରୀନିବାସ ଘଟଣାସ୍ଥଳରେ ପହଞ୍ଚି ବହୁକଷ୍ଟରେ ବିଜୟଙ୍କୁ ତଳକୁ ଆଣିଥିଲେ। ତାଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି। ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ମୁଖଶାଳା ପରେ ତାର
ଉଭାହୋଇ କିଏ ଉଠେ ଡାକି
ଖେଳିଯାଏ ସେ ଶବଦ
ଦଶ ଦିଗପାଳେ କରି ସାକ୍ଷୀ।
ଧରଣୀର ତନ୍ତ୍ରୀ ଥରେ
ତୃଣ ସମ ଦୋହଲେ ଅଚଳ!
ସେ ଶବଦେ ଉଠେ କମ୍ପି
ସକଳ ବିଶ୍ୱର ବକ୍ଷସ୍ଥଳ।

(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | 5 | | A | 1 | | | 0 | | 4 | | | 6 |
| | 7 | 2 | 1 | | | 3 | | | | 6 | | | | D |
| C | | 3 | D | | | | | | | | | 4 | | 2 |
| 4 | | | | B | | 5 | | | | | | | | |
| A | 0 | | 3 | 6 | | | | | | E | | C | | B |
| | | | 9 | 3 | | 4 | 2 | | | | D | | 6 | 0 |
| 7 | 9 | 4 | | 2 | | | 0 | | | | | 8 | | |
| | C | D | | | 4 | | 8 | | | | 6 | | | |
| | | | | | 6 | B | 7 | | | | C | | 2 | |
| E | | | 0 | | | | | | | | 7 | 9 | | 3 |
| | | 9 | 8 | 0 | | 6 | | | | | B | | | |
| 5 | | | | D | B | C | | | | 4 | | | | |
| | 2 | | | | | | 9 | | | | 5 | | | |
| | B | | A | | 5 | | | | E | | | 3 | | C |
| 8 | | A | | | | 0 | | | 1 | D | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | 1 | D | 2 | 7 | 0 | 8 | 5 | B | E | 3 | 9 | 4 | 6 |
| 7 | 9 | 4 | 1 | E | 3 | C | A | D | 6 | 5 | 8 | B | 2 | 0 |
| D | 5 | B | C | 4 | 0 | 9 | 2 | 6 | A | 1 | 7 | 3 | E | 8 |
| 0 | 6 | 2 | 8 | 9 | B | E | 1 | 3 | C | D | 4 | 7 | 5 | A |
| 8 | E | 3 | 6 | A | 5 | B | 7 | 4 | 9 | 2 | 0 | C | 1 | D |
| E | 8 | A | 9 | 1 | C | 3 | D | 2 | 0 | B | 5 | 6 | 7 | 4 |
| 4 | 1 | 7 | 3 | 6 | D | 5 | 0 | B | 2 | C | A | E | 8 | 9 |
| 9 | 2 | 5 | 0 | 7 | A | 8 | 6 | 1 | 3 | 4 | E | D | B | C |
| B | 3 | C | 4 | 5 | 8 | A | E | 7 | D | 6 | 9 | 1 | 0 | 2 |
| 6 | D | 0 | E | B | 2 | 4 | 9 | C | 8 | 7 | 1 | 5 | A | 3 |
| 2 | 0 | D | 7 | 3 | 1 | 6 | 5 | E | 4 | 8 | C | A | 9 | B |
| 1 | 7 | 6 | 2 | 0 | 9 | D | C | 8 | 5 | A | B | 4 | 3 | E |
| 5 | A | 9 | B | C | E | 2 | 4 | 0 | 7 | 3 | 6 | 8 | D | 1 |
| C | B | E | A | 8 | 4 | 7 | 3 | 9 | 1 | 0 | D | 2 | 6 | 5 |
| 3 | 4 | 8 | 5 | D | 6 | 1 | B | A | E | 9 | 2 | 0 | C | 7 |

ଗତକାଲିର ଉତ୍ତର



# ଭୋଟର ହୁଡ଼ିଲେ ପାଞ୍ଚ ବରଷ

ବିଚିତ୍ର ବିଶ୍ୱାଳ

ନିର୍ବାଚନର ବିଗୁଲ୍ ବାଜି ସାରିଲାଣି ସାରା ଦେଶରେ। ଏପ୍ରିଲ୍ ମାସର ତାତିରେ ଆହୁରି ଉଷ୍ମତା ଭରିଦେଇଛି ନିର୍ବାଚନର ଗରମ ହାୱା। ନିର୍ବାଚନ ଘୋଷଣା ପରେ ନେତାମାନଙ୍କର ନାଟକବାଜି ଦେଖି ସାଧାରଣ ଲୋକେ ଅସ୍ତବ୍ୟସ୍ତ ହୋଇଗଲେଣି। କେଉଁଠି ବାହାସ୍ଫୋଟିଆ ଭାଷଣ ଶୁଭିଲାଣି ତ କେଉଁଠି ମିଥ୍ୟା ପ୍ରତିଶ୍ରୁତି। ଦଳଡିଆଁ ତ ଏବର୍ଷ ସବୁ ରେକର୍ଡ ଭାଙ୍ଗିଦେଇଛି। କେଉଁଠି ପ୍ରାର୍ଥୀମାନେ ଲୋକଙ୍କ ଜମିକୁ ଯାଇ ଗହମ କାଟୁଛନ୍ତି, କେଉଁଠି ଲୋକଙ୍କ ପଖାଳ କଂସା ପାଖରେ ବସି ତାଙ୍କ ସହିତ ଖାଉଛନ୍ତି ତ କେଉଁଠି ଖୁଆଇ ଦେଉଛନ୍ତି। ପୁଣି ଲୋକଙ୍କ ଗୋଡ଼ ଧୋଇ ଦେଉଥିବା ପରି ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଏସବୁ ଘଟଣା କେବଳ ହାସ୍ୟାସ୍ପଦ ନୁହେଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ବି ନେତାମାନେ ନିଶ୍ଚିତ ଯେ, ଅଳ୍ପ ଟିକେ ଅଭିନୟ ବା ବାହାନାବାଜି କରି ଲୋକମାନଙ୍କୁ ଭୁଆଁ ବୁଲେଇ ତାଙ୍କ ଭୋଟ ହାତେଇ ହେବ।

କଥାରେ ଅଛି, ଚାଷୀ ହୁଡ଼ିଲେ ବରଷେ, ଭୋଟର ହୁଡ଼ିଲେ ପାଞ୍ଚ ବରଷ। କାରଣ ପାଞ୍ଚବର୍ଷରେ ଥରେ ଭୋଟ ଆସିଥାଏ, ଏ ବେଳେ ଯଦି ଭୋଟର ହୁଡ଼ିବେ ବା କାହା ବାହାନାରେ ଭଳିଯିବେ କିମ୍ବା ଟଙ୍କାର ପ୍ରଲୋଭନରେ ଭୋଟ ଦେବେ ତେବେ ତାଙ୍କୁ ପାଞ୍ଚବର୍ଷ ଯାଏ ପସ୍ତେଇବାକୁ ପଡ଼ିବ। ଯଦିଓ ଭୋଟ ଦେବାଟା ଆମକୁ ଅତି ସାଧାରଣ କର୍ମ ଭଳି ଲାଗୁଛି, କିନ୍ତୁ ଗୋଟିଏ ଭୋଟ ହିଁ ଆମର ଆଗାମୀ ପାଞ୍ଚବର୍ଷର ଭବିଷ୍ୟତ ନିର୍ଦ୍ଧାରଣ କରିବ। ତେଣୁ ଆଜିର ପରିସ୍ଥିତିରେ ଭୋଟରମାନେ ଆଦୌ ସୁଯୋଗ ଛାଡ଼ିବା କଥା ନୁହେଁ।

ସାମ୍ପ୍ରତିକ ସମୟରେ ଭୋଟରଙ୍କୁ ଭୁଆଁ ବୁଲେଇବା ପାଇଁ ନେତାମାନେ ନାନା ଫନ୍ଦିଫିକର କରୁଛନ୍ତି। ଏହି ସବୁ ଫନ୍ଦିଫିକର ଏତେ ସୀମା ଟପୁଛି ଯେ, ବିଚରା ସାଧାରଣ ଲୋକଟିଏ ଅଭିନୟକୁ ଠଉରାଇଲେ ମଧ୍ୟ ଅନେକ ସମୟରେ ସତ କ'ଣ ଜାଣିବା କଷ୍ଟକର ହୋଇପଡୁଛି। ନିର୍ବାଚନ ଘୋଷଣା ହେଉ ହେଉ ଆମ ଦେଶରେ ଏପରି ଦେଶପ୍ରେମର ପବନ ବହିଲା ଯେ, ସାଧାରଣ ଲୋକେ ଭୁଲିଗଲେ ନିର୍ବାଚନରେ ସେମାନଙ୍କର ଜୀବନଜୀବିକା ଯଥା ଚାଷବାସ, ରୋଜଗାର, ଗରିବୀ, ଦରଦାମ୍ ବୃଦ୍ଧି ଆଦି ପ୍ରସଙ୍ଗ ଉଠିବା କଥା। ଏସବୁ କଥା ଜମା ବି ଆଜିର ନିର୍ବାଚନରେ ଆଲୋଚନା ହେଉନାହିଁ। କେବଳ ଛଳନାତ୍ମକ ଭାବେ ଦେଶପ୍ରେମର କଥା ବାରମ୍ବାର ଦୋହରାଯାଉଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଭୋଟକୁ ନେତାମାନେ ନିଜ ବାଗରେ ମୋଡ଼ିଦେବେ, କିନ୍ତୁ ଲୋକମାନଙ୍କ ନିତିଦିନିଆ ସମସ୍ୟା ଯେଉଁଠି ଅଛି ସେଇଠି ହିଁ ରହିବ। ତେଣୁ ଭୋଟରମାନେ ଏସବୁ ଘଟଣାକୁ ବୁଝି, ଏଥିରେ ଭଳି ନ ଯାଇ ନିଜ ଭୋଟକୁ ଉପଯୁକ୍ତ ବ୍ୟକ୍ତିଙ୍କୁ ଦେବା ଉଚିତ। ସେହିପରି ଆଜି ଦେଖାଯାଉଛି, ଜଣେ ପରେ ଜଣେ ନେତା ସାଧାରଣ ଲୋକମାନଙ୍କ ସହିତ ଏପରି ମିଶିବାର ଅଭିନୟ କରୁଛନ୍ତି, ଯେମିତି ଗୋପବନ୍ଧୁ ତାଙ୍କ ପାଖରେ ସମାଜସେବାରେ ହାର୍ ମାନିଯିବେ। ତେଣୁ ଏବେ ଲୋକମାନଙ୍କ ପାଳି। ଲୋକମାନେ ମିଥ୍ୟା ଅଭିନୟରେ ଭଳି ନ ଯାଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ନିଜ ବିବେକସମ୍ମତ ଭାବେ ବାଛିବାର ଅଛି।

ଏବେ ସବୁ ଟିଭିରେ ପ୍ରାୟ ଚବିଶ ଘଣ୍ଟିଆ ନିର୍ବାଚନ ଖବର ଆସୁଛି। ଲୋକମାନେ ଆଖି କାନ ଡେରି ସେହି ସବୁ ଖବରକୁ ପିଇ ଯାଉଛନ୍ତି। ଟିଭିଗୁଡ଼ିକରେ ନିର୍ବାଚନ ବିଷୟରେ ଭବିଷ୍ୟବାଣୀ କରାଯାଉଛି। କିଏ କହୁଛି, ଭାଜପା ବଢୁଛି ତ କିଏ କହୁଛି କଂଗ୍ରେସ ବଢୁଛି। ଗୋଟିଏ ଚ୍ୟାନେଲ୍‌ର ଗୋଟିଏ କଥା ତ ଆଉ ଗୋଟିଏ ଚ୍ୟାନେଲ୍‌ର ଆଉ ଗୋଟିଏ କଥା। ଅନେକ କ୍ଷେତ୍ରରେ ଏହି ଚ୍ୟାନେଲ୍‌ଗୁଡ଼ିକରେ ଦେଖାଯାଉଥିବା ପ୍ରାୟୋଜିତ ଭବିଷ୍ୟବାଣୀ ବି ଲୋକମାନଙ୍କ ଭୋଟକୁ ପ୍ରଭାବିତ କରୁଛି। କିନ୍ତୁ ଲୋକମାନେ ଭୁଲିଯିବା ଉଚିତ ନୁହେଁ, ଏହି ଭୋଟ ଦେବାର ସୁଯୋଗ ସେମାନଙ୍କ ପାଖକୁ ଆଉ ଥରେ ପାଞ୍ଚବର୍ଷ ଭିତରେ ଆସିବ ନାହିଁ। ଟିଭି ଚ୍ୟାନେଲ୍‌ମାନେ ତାଙ୍କ ବେପାରରେ ଅଛନ୍ତି। ଅନେକ ଟିଭି ଚ୍ୟାନେଲ୍ ତ ଖୋଦ ନେତାଙ୍କ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପାଞ୍ଚବର୍ଷରେ ଥରେ ଆସିଥିବା ଏହି ସୁଯୋଗକୁ ଲୋକେ ଟିଭିବାଲାଙ୍କ ପ୍ରରୋଚନାରେ ନଷ୍ଟ କରନ୍ତୁ ନାହିଁ। କାରଣ ଟିଭିରେ ଦେଖାଯାଉଥିବା ଅନେକ ନିର୍ବାଚନୀ ଭବିଷ୍ୟବାଣୀ ସମ୍ପୂର୍ଣ୍ଣ ଭାବେ ପ୍ରାୟୋଜିତ ଅର୍ଥାତ୍ ତାହା ରାଜନୈତିକ ଦଳମାନଙ୍କର ଏକ ରଣକୌଶଳ। ସେହି ଟିଭିର ଖବର ବା ଭବିଷ୍ୟବାଣୀ ମାଧ୍ୟମରେ ନେତାମାନେ ଲୋକମାନଙ୍କୁ ଶିକାର କରିବା ଯୋଜନାରେ ଅଛନ୍ତି। ତେଣୁ ଲୋକମାନେ ଶିକାର ନ ହୋଇ ନିଜେ ଶିକାର କରିବାକୁ ପ୍ରସ୍ତୁତ ହୁଅନ୍ତୁ।

ଏତଦ୍‌ବ୍ୟତୀତ ସାମ୍ପ୍ରତିକ ସମୟରେ ଆଉ ଗୋଟିଏ କୌଶଳର ପ୍ରୟୋଗ କରାଯାଉଛି, ଯାହାର ନାମ 'ହାୱା'। ଏହି ହାୱାକୁ ଏପରି ପ୍ରଚାର କରାଯାଉଛି ଯେ, ଯେମିତି ଲୋକମାନେ ଭାବିବେ ଅମୁକର ହାୱା ଚାଲିଛି, ସେ ହିଁ ଜିତିବ। ତେଣୁ ତା' ସପକ୍ଷରେ ହିଁ ଭୋଟ ଦେବେ। କିନ୍ତୁ ଅସଲରେ ଏ ହାୱା ବି ନେତାମାନଙ୍କର ନିର୍ବାଚନ ଜିତିବାର ଏକ ରଣକୌଶଳ। ତେଣୁ ଲୋକମାନେ ଯେତେଦୂର ସମ୍ଭବ କୌଣସି ହାୱାରେ ଉଡ଼ିଯାଆନ୍ତୁ ନାହିଁ। ଅସଲରେ ହାୱା କିଛି ନାହିଁ, ହାୱା ତିଆରି କରାଯାଉଛି, ଲୋକଙ୍କ ମୂଲ୍ୟବାନ୍ ଭୋଟକୁ ହାତେଇବା ପାଇଁ।

ସେହିପରି ଏଥର ଅନେକ ପ୍ରାର୍ଥୀ କହିଛନ୍ତି, ଲୋକଙ୍କ ସେବା କରିବା ପାଇଁ, ନିଜ ବିବେକର ଆହ୍ୱାନରେ ସେମାନେ ଦଳ ବଦଳ କଲେ। ସମାଜସେବା ଓ ବିବେକର ଆହ୍ୱାନ ଆଦି ଏମିତି ଅନେକ ଗାଲୁଆ କଥାମାନ କହି ସେମାନେ ଲୋକଙ୍କୁ ଜାଲରେ ଫସେଇବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କର ଏହି କୁମ୍ଭୀରକାନ୍ଦଣାରେ ଭୋଟର ଭାଇମାନେ ଆଦୌ ଭଳିଯିବା ଉଚିତ ନୁହେଁ। ଭୋଟରମାନେ ନିଷ୍ପତ୍ତି ନିଅନ୍ତୁ ନେତାଙ୍କ ଗାଲୁଆମିରେ ଭାସିଯାଇ ଭବିଷ୍ୟତ ପାଞ୍ଚବର୍ଷ ପାଇଁ ପସ୍ତେଇବେ ନା ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବେ। ଯଦି ଉପଯୁକ୍ତ ପ୍ରାର୍ଥୀ କେହି ନାହାନ୍ତି, ତେବେ ନିର୍ବାଚନ କମିଶନ ଆମ ପାଇଁ 'ନୋଟା'ର ବିକଳ୍ପ ବି ରଖିଛନ୍ତି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଦଳରେ ବିରୋଧର ସ୍ୱର

ମହାଶୟ,

ଲୋକ ସଭା ଓ ବିଧାନସଭା ପାଇଁ ବିଭିନ୍ନ ଦଳ ପ୍ରାର୍ଥୀ ତାଲିକା ପ୍ରକାଶ କରିବା ପରେ ସବୁଦଳରେ ବିରୋଧର ସ୍ୱର ଶୁଣିବାକୁ ମିଳିଛି। ଟିକେଟ ନ ପାଇ ଆଶାୟୀ ପ୍ରାର୍ଥୀମାନେ ଦଳର ନେତୃତ୍ୱଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଦୀର୍ଘଦିନ ଧରି ଦଳ ପାଇଁ କାର୍ଯ୍ୟ କରିଆସୁଥିବା ନେତାମାନଙ୍କୁ ଟିକେଟ ନ ଦେଇ ସଦ୍ୟ ଗୋଟିଏ ଦଳରୁ ଅନ୍ୟ ଦଳକୁ ଡେଇଁଥିବା ନେତାମାନଙ୍କୁ ଟିକେଟ ମିଳିଛି। ଫଳରେ ଦଳବଦଳକାରୀ ଟିକେଟ ପାଇ ଖୁସି ହେଉଥିବା ବେଳେ ଦୀର୍ଘଦିନ ଧରି କାମ କରିଥିବା ଆଶାୟୀମାନେ ନିରାଶ ହୋଇଛନ୍ତି। ତେଣୁ ଭୋଟ୍‌ଦାତାମାନଙ୍କୁ ଅନୁରୋଧ, ସେମାନେ ସବୁ ଦିଗକୁ ବିଚାର କରି ଭୋଟ ଦେଲେ ନେତାମାନେ ଠିକଣା ଜବାବ ପାଆନ୍ତେ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଟିକସଦାତାଙ୍କ ଅର୍ଥ ଅପବ୍ୟୟ ନ ହେଉ

ଜଗତ୍‌ସିଂହପୁର, କଟକ ଓ ଭୁବନେଶ୍ୱର ମହାନଗରର ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ଇତିମଧ୍ୟରେ ଶେଷ ହୋଇଛି। ନିର୍ବାଚିତ ପ୍ରତିନିଧିମାନେ ମହାନଗର ନିଗମର ରାସ୍ତାଘାଟ, ନାଳନର୍ଦ୍ଦମା ମରାମତି, ନିର୍ମାଣ ଇତ୍ୟାଦି ଆୟବ୍ୟୟର ହିସାବ ଜନସାଧାରଣଙ୍କ ଜାଣିବା ନିମନ୍ତେ 'ନେଟ୍'ରେ ଛାଡ଼ିବାର ନଜିର ନାହିଁ। ଅବଶ୍ୟ ବିଳମ୍ବରେ ହେଲେ ମଧ୍ୟ ଯେଉଁ ଅଞ୍ଚଳରେ କାମ କରାଯାଇଥାଏ, ସେହି ଅଞ୍ଚଳର ଗୋଟିଏ ସ୍ଥାନରେ କାମର ଅଟକଳ, ଠିକାଦାରଙ୍କ ନାମ ଏବଂ କାର୍ଯ୍ୟର ଅବଧି ଲେଖାଯାଉଛି। ମାତ୍ର ଦୁଃଖର କଥା, ନିମ୍ନମାନର କାମ କାରଣରୁ କାର୍ଯ୍ୟଟି ୧/୨ ବର୍ଷ ମଧ୍ୟରେ ନଷ୍ଟ ହୋଇଯାଉଛି। ଏ କ୍ଷେତ୍ରରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତି ୱାରେଣ୍ଟ ବ୍ୟବସ୍ଥା ଲଗାଯିବା ଆବଶ୍ୟକ। ଫଳରେ ରାସ୍ତାର ମରାମତି ଅଥବା ବିକାଶମୂଳକ କାର୍ଯ୍ୟ ମଜଭୁତ ହେବ ଏବଂ ଲୋକଙ୍କ ଟିକସ ଅର୍ଥର ସଦୁପଯୋଗ ହୋଇପାରିବ। କେଉଁ କାମ କେବେ ହୋଇଥିଲା, କେତେବର୍ଷ ପରେ ପୁନର୍ବାର କାମ କରିବାକୁ ବିଚାର କରାଗଲା, କେତେ ଖର୍ଚ୍ଚ ହୋଇଥିଲା ସେ ସବୁ ନେଟ୍‌ରେ ପ୍ରକାଶ ପାଇବା ଆବଶ୍ୟକ। ନିମ୍ନମାନର କାମ ପାଇଁ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ସମସ୍ତପ୍ରକାର ଆୟବ୍ୟୟ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବା ଉଚିତ।

ଦେବେନ୍ଦ୍ର କୁମାର ପରିଡ଼ା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ୟାଡ୍‌ମ୍ୟାନ୍ ଓ ମହିଳାଙ୍କ ସ୍ୱାସ୍ଥ୍ୟ



ଡା. ସୁରେନ୍ଦ୍ର ନାଥ ପତି

ମହିଳାମାନେ ସାଧାରଣତଃ ନିଜ ବାସଗୃହ, ପରିବେଶ, ବଗିଚା ଇତ୍ୟାଦି ପ୍ରତ୍ୟହ ପରିଷ୍କାର କରନ୍ତି। ସକାଳେ ଘର ଝାଡୁମାରିବା, ପିଣ୍ଡା ଧୋଇବା, ବର୍ଜ୍ୟବସ୍ତୁ ଦୂରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ଆଦି କାମ କରନ୍ତି। ପୂଜା, ଓଷା ଦିନରେ ଝୋଟି ଚିତା, ମୁରୁଜ ପକାନ୍ତି, ଦାଣ୍ଡଦୁଆରେ ଆମ୍ବଡାଳ ବାନ୍ଧନ୍ତି। ସହରରେ ଗୃହର ବର୍ଜ୍ୟବସ୍ତୁକୁ ସଫାଇ କର୍ମଚାରୀ ନେଇ ଟ୍ରଲିରେ, ଟ୍ରକରେ ପକାନ୍ତି। ସହରର ରାସ୍ତା, ପରିବା ବଜାର, ଆମିଷ ବଜାର ମଧ୍ୟ ସେମାନେ ପ୍ରତ୍ୟହ ସଫା କରନ୍ତି। ପୁରୁଷ କର୍ମଚାରୀ ମଧ୍ୟ ମହିଳା ସଫାଇ କର୍ମଚାରୀଙ୍କୁ ସାହାଯ୍ୟ କରନ୍ତି। ଗାଁରେ ମହିଳାମାନେ ଖୋଲାପଡ଼ିଆ, ପୋଖରୀ ହୁଡ଼ା, ନଦୀକୂଳ, ରେଳଲାଇନ କଡ଼ରେ ମୁକ୍ତ ପରିବେଶରେ ମଳତ୍ୟାଗ କରନ୍ତି। ସ୍ୱଚ୍ଛଳ ବର୍ଗର ପରିବାରରେ ପାଇଖାନା, ଗାଧୁଆଘରର ବ୍ୟବସ୍ଥା ଏବକୁ ହେଲାଣି।

ସାଧାରଣ ସ୍ୱାସ୍ଥ୍ୟରକ୍ଷା ଜ୍ଞାନ ଗାଁ ଗହଳିରେ ନ ଥାଏ। ପୂର୍ବରୁ ଚଳିଆସୁଥିବା ପ୍ରଥାକୁ ସେମାନେ ଅନୁସରଣ କରିଥାନ୍ତି। ଅନ୍ୟ ରାଜ୍ୟ ଓ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଯଦି ଗ୍ରାମ୍ୟ ଜୀବନ ବିଷୟରେ ଜ୍ଞାନଲାଭ କରିବାକୁ ଆସନ୍ତି, ସେମାନେ ଏସବୁ ସ୍ୱଚକ୍ଷୁରେ ଦେଖି ଘୃଣାଭାବ ପୋଷଣ କରନ୍ତି। ଭାରତ ଏକ ଗରିବ ଦେଶ ଥିଲା। ଓଡ଼ିଶା ଅଶିକ୍ଷିତ, ଦୁଃସ୍ଥ ରାଜ୍ୟ ଭାବେ ପରିଗଣିତ। ଅଧୁନା ଭାରତ ସରକାର ସମଗ୍ର ଦେଶରେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଛନ୍ତି। ପୂର୍ବରୁ ଏହି କାର୍ଯ୍ୟକ୍ରମ ଧୀର, ମନ୍ଥର ଗତିରେ ଚାଲୁଥିବା ବେଳେ ୨୦୧୪ରୁ ଏହା ଦ୍ରୁତଗତିରେ ଚାଲିଲାଣି। ପାଇଖାନା ନିର୍ମାଣ ପାଇଁ ଅର୍ଥଦାନ କରୁଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ସହଯୋଗ ଓ ପରିଚାଳନା ଯୋଗୁ ପ୍ରତି ଗୃହରେ ପ୍ରାୟତଃ ପାଇଖାନା ନିର୍ମିତ ହେଲାଣି। ୨୦୧୯ ଅକ୍ଟୋବର ସୁଦ୍ଧା ଭାରତ ଓଡିଏଫ୍ (ଓପନ ଏୟାର ଡିଫେକ୍‌ଶନ) ଭାରତ ହେବାର ଲକ୍ଷ୍ୟ ରଖାଯାଇଛି। ଖୋଲା ସ୍ଥାନରେ ମଳତ୍ୟାଗ କରିବା ଦ୍ୱାରା ମହିଳା ଓ ବାଳିକାମାନେ ବଳାତ୍କାର ଓ ହତ୍ୟାର ଶିକାର ହେଉଥିଲେ। ନିର୍ଜନ ସ୍ଥାନ, ଅନ୍ଧକାର ପରିବେଶର ସୁଯୋଗ ନେଇ ବଳାତ୍କାରୀମାନେ ଏପରି କରିବାକୁ ସୁଯୋଗ ପାଉଥିଲେ। ଏବେ ସେ ସବୁର ସଂଖ୍ୟା ଧୀରେ ଧୀରେ କମିବାକୁ ଆରମ୍ଭ କଲାଣି।

ଆମ ଦେଶରେ ମହିଳାମାନେ ଅନ୍ୟ ଏକ ପ୍ରକାର ଭୟଙ୍କର ଅସ୍ୱଚ୍ଛତାର ଶିକାର ହୁଅନ୍ତି। ଏହା ପ୍ରାଚୀନ କାଳରୁ ଚାଲି ଆସୁଥିଲା। ସେମାନଙ୍କର ମାସିକ ଋତୁସ୍ରାବ କାଳରେ ଦେହରୁ ନିର୍ଗତ ରକ୍ତ ଓ ତରଳ ପଦାର୍ଥକୁ କିପରି ପୋଛାପୋଛି କରି ଶରୀରକୁ ପରିଷ୍କାର ରଖିବେ, ସେ ବିଷୟରେ କେହି ଅଧିକ ଧ୍ୟାନ ଦେଉ ନ ଥିଲେ। ଗତାନୁଗତିକ ଭାବେ ମା, ଭଉଣୀଙ୍କଠାରୁ ଶିଖିଥିବା ସୂତାକପଡ଼ାକୁ ଭାଙ୍ଗି ମୋଟାକରି ପିନ୍ଧନ୍ତି। ଏହା ରକ୍ତକୁ ଶୋଷିନିଏ। ଦିନକୁ ଏକାଧିକ ଥର ବଦଳାଇବାକୁ ପଡେ। ଧୋଇକରି ଗୁପ୍ତ ସ୍ଥାନରେ ଶୁଖାଇ ପୁନଃ ବ୍ୟବହାର କରନ୍ତି। ଅପରିଷ୍କାର ପରିବେଶ ଯୋଗୁ ଏହି କପଡ଼ା ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ ଯୌନାଙ୍ଗ ସଂକ୍ରମଣ କରେ। ଏହାଦ୍ୱାରା ମହିଳାଙ୍କର ପରିସ୍ରାନଳୀ, ଗର୍ଭାଶୟ, ଓଭାରୀ ଆଦିରେ ରୋଗ ସୃଷ୍ଟି ହୁଏ। ଯନ୍ତ୍ରଣା, ଜ୍ୱର, କମ୍ପ ଆଦି ଦେଖାଯାଏ। ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଅର୍ଥବ୍ୟୟ କରିବାକୁ ହୁଏ ଓ ଅଧିକ ସମୟ ଲାଗେ। ଅଧୁନା ଶିକ୍ଷାର ବିସ୍ତାର ହେବାରୁ ଝିଅମାନେ ଆଉ ପୂର୍ବପରି କପଡ଼ା ବ୍ୟବହାର କରୁନାହାନ୍ତି। ମା, ଭଉଣୀମାନେ ଯାହା କରୁଥିଲେ ତାକୁ ସ୍ୱାସ୍ଥ୍ୟପକ୍ଷରେ କ୍ଷତିକାରକ କହି ସମ୍ପୂର୍ଣ୍ଣ ବର୍ଜନ କରିସାରିଲେଣି। ନୂତନ ସାନିଟାରୀ ପ୍ୟାଡ୍ ବା ନାପକିନ ବହୁଳଭାବେ ବଜାରରେ ବିକ୍ରି ହେଉଛି। ଏହା ବିଭିନ୍ନ ସାଇଜର, ସୁଗନ୍ଧଯୁକ୍ତ, ଶସ୍ତାଠାରୁ ଦାମିକା ମଧ୍ୟ ଉପଲବ୍ଧ। ବଲିଉଡର ସିନେମା ପ୍ୟାଡମ୍ୟାନ ଏ ଦିଗରେ ମହିଳାମାନଙ୍କୁ ସଚେତନ କରିବାରେ ସର୍ବପ୍ରଥମ ପଥପ୍ରଦର୍ଶକ ହୋଇଛି। ସ୍ତ୍ରୀଲୋକ, ବାଳିକାମାନେ ଅଙ୍ଗେ ନିଭାଉଥିବା ଅଥଚ ଲଜ୍ଜାବଶତଃ ପୁରୁଷମାନଙ୍କ ସମକ୍ଷରେ ପ୍ରକାଶ କରିପାରୁ ନ ଥିବା ଋତୁସ୍ରାବଜନିତ ପ୍ରାକୃତିକ ଘଟଣାକୁ ଲୋକଲୋଚନକୁ ଆଣିଛି। ଏହି ସିନେମାର ରାଇଟର, ପ୍ରଡ୍ୟୁସର, ଡାଇରେକ୍ଟର, ଆକ୍ଟର୍ସମାନେ ଧନ୍ୟବାଦ ପାଇବାର ଯୋଗ୍ୟ। ସାମାଜିକ ନିନ୍ଦା, ଭର୍ତ୍ସନା, ତିରସ୍କାରକୁ ସାମ୍ନା କରି କିପରି ନାରୀ ସମାଜର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ସରଳ ପନ୍ଥାରେ ସମାଧାନ କରିଛନ୍ତି, ପ୍ରମାଣ ସହ ପ୍ରଦର୍ଶନ କରିଛନ୍ତି ଏହି ପ୍ୟାଡମ୍ୟାନ ଚଳଚ୍ଚିତ୍ର ସମ୍ପାଦନାମଣ୍ଡଳୀ।

ସାନିଟାରୀ ପ୍ୟାଡ ବା ନାପକିନକୁ ମହିଳାମାନେ ଅଣ୍ଡରୱେର ବା ପ୍ୟାଣ୍ଟି ତଳେ ପିନ୍ଧନ୍ତି ଋତୁସ୍ରାବ ସମୟରେ। ସାଧାରଣତଃ ଏହା କଟନ ଓ ପ୍ଲାଷ୍ଟିକ ଦ୍ରବ୍ୟରେ ତିଆରି ହୋଇଥାଏ। ପ୍ଲାଷ୍ଟିକ ଅଂଶ ବ୍ୟାକ୍‌ସିଟରେ ରହେ। ଏଥିରେ ତରଳ ପଦାର୍ଥ ବହିର୍ଗତ ହୁଏ ନାହିଁ। ପଲିମର ପାଉଡର, ଯାହାର ଶୋଷଣ କରିବାର କ୍ଷମତା ଅଧିକ ଏଥିରେ ଦିଆ ହୋଇଥାଏ। ଗୋଟିଏ ପ୍ୟାଡ କେବଳ ଥରେ ମାତ୍ର ବ୍ୟବହାରଯୋଗ୍ୟ। କିନ୍ତୁ ତୁଳା କପଡାରେ ତିଆରି ହୋଇଥିବା ପ୍ୟାଡକୁ ଧୋଇ ଶୁଖାଇ ବ୍ୟବହାର କରିହେବ। ବିଭିନ୍ନ କମ୍ପାନୀ ବିଭିନ୍ନ ପ୍ରକାର ପ୍ୟାଡ୍ ନିର୍ମାଣ କରୁଛନ୍ତି, ଯଥା ପ୍ୟାଣ୍ଟି ଲାଇନର, ଅଲଟ୍ରାଥିନ, ମ୍ୟାକ୍‌ସି, ଓଭରନାଇଟ୍, ମ୍ୟାଟର୍‌ନିଟି ଆଦି। ସର୍ବପ୍ରଥମେ କପଡ଼ାରେ ନିର୍ମିତ ପ୍ୟାଡ୍ ୧୯୭୦ରେ ଆରମ୍ଭ ହୋଇ ବହୁଳ ଭାବରେ ବ୍ୟବହୃତ ହେଲା। ଏହା ଶସ୍ତା, ଆରାମଦାୟକ ଓ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ଉଲ୍ଲେଖଯୋଗ୍ୟ ଯେ, ପ୍ୟାଡ ତିଆରି ପାଇଁ ପେଟ୍ରୋଲିୟମଜାତ ପଦାର୍ଥ, ଜଙ୍ଗଲଜାତ ପଦାର୍ଥ, ଉଡ୍‌ପଲ୍‌ପ, ପଲି ଆକ୍ରିଲେଟ ଜେଲ ଆଦି ବ୍ୟବହୃତ ହୁଏ। ସ୍ୱାସ୍ଥ୍ୟକର, ଶସ୍ତା, ବିଶୁଦ୍ଧ ପ୍ୟାଡ୍ ନିର୍ମାଣ ପାଇଁ କୋଏମ୍ବାଟୁରର ଅରୁଣାଚଳମ୍ ନାମକ ଜଣେ ବ୍ୟକ୍ତି ଗୋଟିଏ ମେଶିନ ନିର୍ମାଣ କରିଛନ୍ତି। ଅନ୍ୟ ସ୍ଥାନରେ ମଧ୍ୟ ଶସ୍ତା ପ୍ୟାଡ୍ ତିଆରି ହୋଇ ଭେଣ୍ଡିଂ ମେଶିନରେ ଉପଲବ୍ଧ ହେଲାଣି। ଏହାକୁ କିଣିବା ଆଉ ଲଜ୍ଜାକର କାର୍ଯ୍ୟ ହୋଇନାହିଁ। ମହିଳାମାନଙ୍କୁ ସମ୍ମାନ ଦେଇ ଭାରତ ସରକାର ଏଥିରେ ଜିଏସ୍‌ଟି ଲାଗୁ କରିନାହାନ୍ତି।

ରେଣୁକା ଏନକ୍ଲେଭ, ବଡ଼ଶଙ୍ଖ,
ପୁରୀ, ମୋ–୯୪୩୭୪୯୪୭୭୬

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଏପ୍ରିଲ ୧୯୯୪**

- ବିଶ୍ୱ ବାଣିଜ୍ୟ ସଂକ୍ରାନ୍ତ ଗାଟ୍ ରାଜିନାମାର ଚୂଡ଼ାନ୍ତ ଦଲିଲରେ ସ୍ୱାକ୍ଷର ପାଇଁ ମରକ୍କୋର ମାରାକେଶଠାରେ ମନ୍ତ୍ରୀସ୍ତରୀୟ ବୈଠକ ଆରମ୍ଭ।
- ପଞ୍ଜାବର ଗୁରୁଦାସ୍‌ପୁର–ପଠାନକୋଟ ରାସ୍ତାର ଧାରା ନିକଟରେ ଏକ ଟ୍ରାକ୍ଟର ଟ୍ରଲି କେନାଲ ଭିତରକୁ ଖସିପଡିବା ଫଳରେ ୩୯ ଜଣଙ୍କର ପ୍ରାଣହାନି।

ବିଜୁ ଜନତା ଦଳ
ଯୁବବର୍ଗଙ୍କ ବଳ

# ଯୁବ ସଶକ୍ତିକରଣ

| | |
|---|---|
| ଶିଳ୍ପାନୁଷ୍ଠାନ | : ୭୫% ସ୍ଥାନୀୟ ନିଯୁକ୍ତି |
| ୱାର୍ଲ୍ଡ ସ୍କିଲ୍ ସେଣ୍ଟର | : ୧.୫ ଲକ୍ଷ ଯୁବକଯୁବତୀଙ୍କ ଦକ୍ଷତା ବିକାଶ |
| ସ୍କିଲ୍ଡ୍ ଇନ୍ ଓଡିଶା | : ୫ ବର୍ଷରେ ୧୫ ଲକ୍ଷ ଯୁବକଯୁବତୀ |
| ୧୦ ଲକ୍ଷ ଟଙ୍କା ଷ୍ଟାର୍ଟ ଅପ୍ ସହାୟତା | : ୧୦ ହଜାର ଯୁବକଯୁବତୀ |
| 'ମେକ୍ ଇନ୍ ଓଡିଶା' | : ୩୦ ଲକ୍ଷ ନିଯୁକ୍ତି |
| ଉଚ୍ଚଶିକ୍ଷା | : ୦% ସୁଧରେ ଶିକ୍ଷାଋଣ |
| କଲେଜ ଏବଂ ୟୁନିଭରସିଟି | : ମାଗଣା ୱାଇ-ଫାଇ |
| କଲେଜ ଛାତ୍ରଛାତ୍ରୀ | : ମାଗଣା ୧ଜିବି ଇଣ୍ଟରନେଟ୍ ଡାଟା |
| ନିଯୁକ୍ତି ପରୀକ୍ଷା | : ସବୁ ଫିସ୍ ଛାଡ |

## ନବୀନ ଓଡ଼ିଶା
## ସଶକ୍ତ ଓଡ଼ିଶା



ନବୀନ ମୋର ପରିବାର
'ଶଙ୍ଖ' ମୋର ଚିହ୍ନ

'ଶଙ୍ଖ' ଚିହ୍ନରେ ଭୋଟ୍ ଦିଅନ୍ତୁ। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

Issued by Biju Janata Dal, Odisha

## ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ
# ଡ୍ରେନ୍ ସଫେଇ ଉପରେ ଗୁରୁତ୍ୱ

- ନିୟୋଜିତ ହେବ ୩୦ ଆମ୍ବୁଲାନ୍ସ
- ୧୫ ଜାଗାରେ ପାର୍କିଂ ବ୍ୟବସ୍ଥା
- ୨୦୦ ଅସ୍ଥାୟୀ ଷ୍ଟାଣ୍ଡପୋଷ୍ଟ ହେବ

**ପୁରୀ ଅଫିସ,୧୦।୪**

ପୁରୀ ସହରର ପ୍ରମୁଖ ସମସ୍ୟା ହେଉଛି ଡ୍ରେନରେ ଆବର୍ଜନା। ଠିକ୍ ଭାବେ ଡ୍ରେନ୍ ସଫେଇ ହେଉ ନ ଥିବାରୁ ବର୍ଷା ହେଲେ ବଡଦାଣ୍ଡରେ ମଇଳା ପାଣିର ସୁଅ ଛୁଟେ। ଭକ୍ତ ଓ ପର୍ଯ୍ୟଟକ ହନ୍ତସନ୍ତ ହୁଅନ୍ତି। ଗତବର୍ଷ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ଯୋଗୁ ମହାପ୍ରଭୁଙ୍କ ରଥ ଗଡିଥିଲା ନଳା ପାଣିରେ। ତେଣୁ ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ଡ୍ରେନ୍ ସଫେଇକୁ ଗୁରୁତ୍ୱ ଦେଇଛି ପ୍ରଶାସନ। ବୁଧବାର ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମେଳନ କକ୍ଷରେ ଅନୁଷ୍ଠିତ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକରେ ଏ ନେଇ ସରଗରମ ଆଲୋଚନା ହୋଇଛି। ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ ସାମଲ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ରଥ କାଠ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଞ୍ଚଳିକ ବନ ସଂରକ୍ଷକ ଦିବାକର ମିଶ୍ର କହିଥିଲେ, ଏଥର ମୋଟ ୬୭୦ ଖଣ୍ଡ କାଠ ଯୋଗାଇବାକୁ ନୟାଗଡ଼ ଓ ବୌଦ୍ଧ ବନ ମଣ୍ଡଳକୁ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଜାଗାରୁ ୩୨୩ଖଣ୍ଡ କାଠ ରଥଖଳା ଏବଂ କଟକ ଖପୁରିଆ ସ' ମିଲରେ ପହଞ୍ଚିଛି। ଶ୍ରୀମନ୍ଦିର ନୀତି କନ୍‌ସଲଟାଣ୍ଟ ରବୀନ୍ଦ୍ର ନାଥ ଦାଶ କହିଥିଲେ, ରଥ ଦଉଡ଼ି ପାଇଁ ଓଡ଼ିଶା କତା ନିଗମକୁ ଅର୍ଡର ଦିଆଯାଇଛି। ଚଳିତବର୍ଷ ୧୨ଟି ଟଣା ଦଉଡି ଏବଂ ୪ଟି ଘେର ଦଉଡ଼ି ଆସିବ। ଝୁଣା ୪ କୁଇଣ୍ଟାଲ ମହଜୁଦ୍ ଅଛି। ଚନ୍ଦନ କାଠ ୪ କୁଇଣ୍ଟାଲ ଅଛି, ଆହୁରି ତାମିଲନାଡୁରୁ ଆସିବ। ସେହିପରି କସ୍ତୁରୀ, ବାସୁଙ୍ଗାପାଟ ପ୍ରଭୃତି ବିଷୟରେ ସେ ସୂଚନା ଦେଇଥିଲେ। ସିଡିଏମ୍‌ଓ ରାମଚନ୍ଦ୍ର ରାଉତ କହିଥିଲେ, ପ୍ରଶାସନ ପକ୍ଷରୁ ଏଥର ୩୧ଫାଷ୍ଟଏଡ୍ ସେଣ୍ଟର ଖୋଲାଯିବ। ୪ଜଣ ଫୁଡ୍ ଇନ୍ସପେକ୍ଟର ବାହାରୁ ଆସିବେ। ୩୦ ଆମ୍ବୁଲାନ୍ସ ନିୟୋଜିତ କରାଯିବ। ହିଟ୍ ଷ୍ଟ୍ରୋକ୍ ରୁମ୍ ଖୋଲାଯିବ। କାଜୁଆଲିଟିରେ ୬ଟି ବେଡ୍ ରହିଛି, ଆଉ ୪ଟି ପଡ଼ିବ। ପୁରୀ ପୌରନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ନାୟକ କହିଥିଲେ, ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଡ୍ରେନ୍ ସଫେଇ କାର୍ଯ୍ୟ ଚାଲିଛି। ଆଲୋକୀକରଣ, ଅସ୍ଥାୟୀ ପାଇଖାନା, ପରିଶ୍ରାଗାର ବ୍ୟବସ୍ଥା ସହ ୧୫ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ହେବ। ବଡ଼ଦାଣ୍ଡରେ ୨୦୦ ଅସ୍ଥାୟୀ ଷ୍ଟାଣ୍ଡପୋଷ୍ଟ ରହିବ। ଜିଲାପାଳ ଜ୍ୟୋତି ପ୍ରକାଶ ଦାସ କହିଥିଲେ, ରଥଯାତ୍ରା ପୂର୍ବରୁ ସହରର ସମସ୍ତ ଡ୍ରେନ୍ ସଫା ହୋଇଯିବ। ଏସ୍‌ପି ଉମାଶଙ୍କର ଦାଶ କହିଥିଲେ, ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ପୋଲିସ ବ୍ୟବସ୍ଥା କରାଯିବ। ରଥଯାତ୍ରାରେ ଯେପରି କୌଣସି ବିଶୃଙ୍ଖଳା ନ ହୁଏ ସେଥିପ୍ରତି ବିଭାଗ ଧ୍ୟାନ ଦେବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧ ଯଦି ଖାଇ ବସିବ,**
**ଘରେ ଥିବ ଗାଈ;**
**କଳି ଯଦି କରି ବସିବ,**
**ସଙ୍ଗେ ଥିବ ଭାଇ ।**

ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧପାନ କରିବାରେ କୌଣସି ଅସୁବିଧା ରହି ନ ଥାଏ। ସେହିପରି ଭାଇ ବଳ ଦିଏ ଭାଇକୁ। କେବେ କୌଣସି ଅସୁବିଧା ବା ବିପଦ ପଡ଼ିଲେ ଭାଇ ହିଁ ନିଜ ଭାଇ ପ୍ରତି ଅକୁଣ୍ଠ ସାହାଯ୍ୟ ସମର୍ଥନ ଯୋଗାଇ ଦେବାରେ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାରୀ କାହାର ମାଇପ ନା,**
**ଗଣ୍ଡିଆ କାହାର ଘଇତା ?**

ପତ୍ନୀ ଏକ ପବିତ୍ରତା ନାରୀ ପରନ୍ତୁ ଦାରୀ ବା ବିଟପୀ ନାରୀର ପତି ଅନେକ ଓ କ୍ଷଣିକ। ସେମାନେ କେବେ ଗୋଟିଏ ପତିରେ ସନ୍ତୁଷ୍ଟ ହୋଇପାରି ନ ଥାନ୍ତି। ସେହିପରି ଗଣ୍ଡିଆ ବା କୃପଣ ସ୍ୱଭାବ ବ୍ୟକ୍ତି ହାତରୁ ପଇସାଟିଏ ମଧ୍ୟ ଛାଡ଼ିବାକୁ ଉଚିତ ମଣି ନ ଥାଏ। ଫଳସ୍ୱରୂପ ସେ ନିଜ ସ୍ତ୍ରୀର ଭଲମନ୍ଦ ବୁଝିବାରେ ଅବହେଳା କରିଥାଏ। ଏପରିସ୍ଥଳେ ତା'ପାଖରେ ରହିବାକୁ କେହି ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କଟକରେ ଉତ୍ତରପ୍ରଦେଶର ୩୦ ପୋଲିସ କର୍ମଚାରୀ
# ସବୀରଙ୍କ ପାଖରେ ଶିଖିବେ ସ୍କୁବା ଡାଇଭିଂ

**କଟକ ଅଫିସ,୧୦।୪**

ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନେବା ନିମନ୍ତେ ବୁଧବାର ରାତିରେ କଟକରେ ପହଞ୍ଚିଛନ୍ତି। ପାଣି ଭିତରୁ ଲୋକଙ୍କୁ ଉଦ୍ଧାର କରିବାର ସ୍ୱତନ୍ତ୍ର କୌଶଳ ଶିଖାଇବେ ଭାରତର ଖ୍ୟାତିସମ୍ପନ୍ନ ସ୍କୁବା ଡାଇଭର ତଥା ଲିମ୍‌କା ବୁକ୍ ରେକର୍ଡଧାରୀ ସବୀର ବକ୍ସ। ମଠସାହି ସ୍ଥିତ ରାମକୃଷ୍ଣ ଭବନରେ ପୋଲିସ କର୍ମଚାରୀମାନଙ୍କ ରହଣି ବ୍ୟବସ୍ଥା କରାଯାଇଛି। ଗୁରୁବାର ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବା ସହ ସ୍ୱାଗତ ଉତ୍ସବ କରାଯାଇ ଶୁକ୍ରବାର ଠାରୁ ମହାନଦୀରେ ପ୍ରାଥମିକ ପ୍ରଶିକ୍ଷଣ ଆରମ୍ଭ ହେବ। ପ୍ରଶିକ୍ଷଣର ଅବଧି ୬ ସପ୍ତାହ ରହିଛି।

କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ଓ ଉତ୍ତରପ୍ରଦେଶର ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍) ମଧ୍ୟରେ ଗତ ମାର୍ଚ୍ଚରେ ଏକ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା। ଏମ୍‌ଓୟୁ ଅନୁଯାୟୀ କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀଙ୍କୁ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଫାଉଣ୍ଡେଶନର ମୁଖ୍ୟ ସବୀର ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଶିକ୍ଷଣ ନେବାକୁ ଥିବା ପୋଲିସ କର୍ମଚାରୀମାନେ ହେଲେ ମିଥିଳେଶ ସିଂ, ଦେବେନ୍ଦ୍ର ବାହାଦୁର, ସ୍ୱପ୍ନିଲ ଉପାଧ୍ୟାୟ, ଅଜୟ ସିଂ ଯାଦବ, ବଳବନ୍ତ ସିଂ, ତହସିଲଦାର ଯାଦବ, ପ୍ରବୀଣ କୁମାର ପାଣ୍ଡେ, ତୋୟଜ ସିଂ, ଅଜୟ କୁମାର, ଦିଲୀପ କୁମାର, ଆକାଶ, ଅମ୍ବୁଜ କୁମାର, ଦୀପକ ଜ୍ୟୋତି ଶୁକ୍ଳା, ପଙ୍କଜ କୁମାର ସିଂ, ପ୍ରଦୀପ କୁମାର, ମୋହିତ ଅଗସ୍ତି, ଉଦୟ ରାଜ, ଅଶ୍ୱିନୀ ସିଂ, ଜୟନାଥ ବର୍ମା, ପ୍ରେମଚାନ୍ଦ, ଜ୍ଞାନ ସିଂ ଗୌର, ସନି ସିଂ, ଅମିତ କୁମାର, ଯୋଗେନ୍ଦ୍ର କୁମାର, ପବନ କୁମାର, ନିଲେଶ କୁମାର, ବୃଜେନ୍ଦ୍ର କୁମାର, ବିମଳେଶ କୁମାର, ଛବିନାଥ ଯାଦବ ଓ ଆଲୋକ ସିଂ। ରାଜେଶ ଯାଦବ ଉତ୍ତରପ୍ରଦେଶରୁ ପ୍ରଶିକ୍ଷଣ ନେବାକୁ ଆସିଥିବା ପୋଲିସ କର୍ମଚାରୀଙ୍କ ନେତୃତ୍ୱ ନେଉଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସୁଇମିଂ ପୁଲ୍‌ରେ ସେମାନଙ୍କୁ ପ୍ରଥମେ ପହଁରା ଶିକ୍ଷା ଦିଆଯିବ। ପରେ ଯୋବ୍ରାସ୍ଥିତ ମହାନଦୀ ପଠାରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ଆରମ୍ଭ ହେବ। ପୂର୍ବତନ ନେଭି ଅଧିକାରୀ ପୀତବାସ ସାମଲ ଓ ପ୍ରଣବ ବିଶ୍ୱାଳ ମଧ୍ୟ ପ୍ରଶିକ୍ଷଣ ଦାୟିତ୍ୱରେ ଅଛନ୍ତି। ପରବର୍ତ୍ତୀ ସମୟରେ ଚିଲିକା ଓ ରାମଚଣ୍ଡୀ ମୁହାଣ ନିକଟରେ ଉକ୍ତ ପୋଲିସ କର୍ମଚାରୀମାନେ ଅତ୍ୟାଧୁନିକ ପ୍ରଶିକ୍ଷଣ ଲାଭ କରିବେ ବୋଲି ସବୀର କହିଛନ୍ତି। ମହମ୍ମଦ ଗାଜି ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ରହିଛନ୍ତି। ଡ. ସଲିମ ସ୍ୱତନ୍ତ୍ର ଭାବେ ପୋଲିସ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଧ୍ୟାନଦେବେ। ଏହାଛଡ଼ା ଜିଲା ପ୍ରଶାସନ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ
# ୧୦ ଗିରଫ: ବନ୍ଧୁକ, ଅଳଙ୍କାର, ଗାଡ଼ି ଜବତ

**ଭୁବନେଶ୍ୱର ୧୦।୪ (ବ୍ୟୁରୋ)**

କମିଶନରେଟ ପୋଲିସ ଇଲାକାରେ ବଢ଼ି ଚାଲିଛି ଲୁଟ୍ ଓ ଡକାୟତି। ଏହାକୁ ରୋକିବାକୁ ପୋଲିସ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି। ଶହୀଦନଗର, ବଡଗଡ ଓ କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ଲୁଟ ଓ ଡକାୟତି ମାମଲାରେ ସମ୍ପୃକ୍ତ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ବୁଧବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ମହାନ୍ତି କହିଛନ୍ତି, ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଦିନରାତି ବ୍ଲକିଂ ସହ ସ୍ପେଶାଲ ଡ୍ରାଇଭ ଚାଲିଛି। ଧରାପଡିଥିବା ୧୦ଜଣଙ୍କ ନାମରେ ବିଭିନ୍ନ ଥାନାରେ ଲୁଟ୍ ଓ ଡକାୟତି ମାମଲା ରହିଛି। ସେମାନଙ୍କଠାରୁ ମଧ୍ୟ ସୁନା ଅଳଙ୍କାର, ବାଇକ ଓ ମାରଣାଅସ୍ତ୍ର ଜବତ କରାଯାଇଛି। ମଙ୍ଗଳବାର ରାତିରେ ବ୍ଲକିଂ ସମୟରେ ଦୁଇ ଲୁଟେରାଙ୍କୁ ଏସ୍‌ଆଇ ଚନ୍ଦ୍ରମଣୀ ବେହେରା ଓ ଏଲ୍‌ଏନ୍‌କେ ଅମ୍ବିକା ପ୍ରସାଦ ରଥ ଗୋଡାଇ କାବୁ କରିଥିଲେ। ଏହି ସାହସିକତା ପାଇଁ ସେମାନଙ୍କୁ ଏହି ଅବସରରେ କମିଶନର ମହାନ୍ତି ପୁରସ୍କୃତ କରିଥିଲେ। ସମ୍ମିଳନୀରେ ଡସିପି ଅନୁପ ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ପ୍ରଥମ ପୃଷ୍ଠାରୁ...

## ରାଫାଲ ଦସ୍ତାବିଜ ...

ଏହାକୁ ପୂର୍ବ ରାୟର ପୁନର୍ବିଚାର ଲାଗି ପ୍ରମାଣ ବୋଲି ବିବେଚନା କରା ନ ଯାଉ ବୋଲି କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଜୋସେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ବୁଧବାର କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାରମ୍ଭିକ ଭାବେ ଉଠାଯାଇଥିବା ଆପତ୍ତିକୁ ଅଦାଲତ ଖାରଜ କରୁଛନ୍ତି। ଦେଶର ସମ୍ବିଧାନ ଅଭିବ୍ୟକ୍ତି ସ୍ୱାଧୀନତା ସୁନିଶ୍ଚିତ କରୁଥିବାରୁ ଗଣତନ୍ତ୍ରରେ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯିବ। 'ଗୋପନୀୟ ଦସ୍ତାବିଜ'ର ପ୍ରକାଶନ ଉପରେ ରୋକ ଲଗାଇବା ପାଇଁ ପାର୍ଲାମେଣ୍ଟକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଥିବା ଭଳି ଅଫିସିଆଲ୍ ସିକ୍ରେଟ୍ ଆକ୍ଟରେ ଏଭଳି କୌଣସି ଆଇନ ନାହିଁ ଏବଂ ଏପରି ଅନ୍ୟ କୌଣସି ଆଇନ ସମ୍ପର୍କରେ ମଧ୍ୟ ଆମକୁ ଅବଗତ କରାଯାଇନାହିଁ। ଜଷ୍ଟିସ୍ ଜୋସେଫ୍ ଏଥିରେ ସହମତି ପ୍ରକାଶ କରି ଏକ ସ୍ୱତନ୍ତ୍ର ରାୟ ପ୍ରକାଶ କରିଛନ୍ତି। ଏଥିରେ ସେ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ ଦେଇ ଉଲ୍ଲେଖ କରିଛନ୍ତି, ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଭାରତରେ ପ୍ରେସ୍ ସ୍ୱାଧୀନତାର ବହୁତ ଅବଦାନ ରହିଛି। ତେଣୁ ପୂର୍ବ ରାୟ ବିରୋଧରେ ରିଭ୍ୟୁ ପିଟିଶନର ଶୁଣାଣି ଯୋଗ୍ୟତା ଆଧାରରେ କରାଯିବ। ଏଥିପାଇଁ ଅଦାଲତ ନୂଆ ତାରିଖ ଧାର୍ଯ୍ୟ କରିବେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଶୌରୀ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଦସ୍ତାବିଜର ଗ୍ରହଣୀୟତାକୁ ନେଇ କେନ୍ଦ୍ର ସରକାରଙ୍କ ଅଦ୍ଭୁତ ଯୁକ୍ତିକୁ ଅଦାଲତ ଖାରଜ କରିଦେଇଥିବାରୁ ଆମେ ଖୁସି ବୋଲି ସେ କହିଛନ୍ତି। ସେହିପରି ରାଫାଲ ରାୟର ପୁନର୍ବିଚାର ଲାଗି ସୁପ୍ରିମକୋର୍ଟଙ୍କ ରାୟକୁ 'ଭାରତର ବିଜୟ' ବୋଲି କଂଗ୍ରେସ ଅଭିହିତ କରିଛି। ଏହାସହ 'ସତ୍ୟମେବ ଜୟତେ' ବୋଲି ଦଳର ଅଫିସିଆଲ ଟୁଇଟର୍ ହ୍ୟାଣ୍ଡେଲରେ ଟୁଇଟ୍ କରାଯାଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲ କହିଛନ୍ତି, ରାଫାଲ ଦୁର୍ନୀତିର ଗୋଟିଏ ପରେ ଗୋଟିଏ କଙ୍କାଳ ଉଠିବାରେ ଲାଗିଛି। ଅଫିସିଆଲ୍ ସିକ୍ରେଟ୍ ଆକ୍ଟର ଦ୍ୱାହି ଦେଇ ପ୍ରଧାନମନ୍ତ୍ରୀ ସତ ପଦାକୁ ଆସୁ ବୋଲି ଚାହୁଁ ନ ଥିଲେ। ହେଲେ ସୁପ୍ରିମକୋର୍ଟ ଆଇନଗତ ସିଦ୍ଧାନ୍ତକୁ ଗ୍ରହଣ କରିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ରାଫାଲ ସମ୍ପର୍କରେ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କ ବିରୋଧରେ ଭାଜପା ଅଦାଲତ ଅବମାନନା ଅଭିଯୋଗ ଆଣିଛି। ଏକ ଖବରଦାତା ସମ୍ମିଳନୀରେ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ସମ୍ଭବତଃ ସୁପ୍ରିମକୋର୍ଟ ରାୟର ଏକ ପାରାଗ୍ରାଫ୍‌କୁ ନ ପଢ଼ି 'ଚୌକିଦାର ଚୋର୍ ହେ' ବୋଲି କହୁଛନ୍ତି।

## ମୋଦିଙ୍କ ବାୟୋପିକ୍ ...

ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବାକୁ ଥିବାବେଳେ ମୋଦିଙ୍କ ବାୟୋପିକ୍ ମଧ୍ୟ ଏହି ଦିନ ମୁକ୍ତିଲାଭ କରିବାର ଥିଲା। ଏହାର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ କଂଗ୍ରେସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହେଲେ ସୁପ୍ରିମକୋର୍ଟ କଂଗ୍ରେସ ପକ୍ଷରୁ ଦାଏର ପିଟିଶନକୁ ଖାରଜ କରିଦେବା ସହ ଆବେଦନକାରୀଙ୍କୁ ଇସିଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଥିଲେ। ଏହି ଫିଲ୍ମ ଦର୍ଶକ ଓ ମତଦାତାଙ୍କୁ ପ୍ରଭାବିତ କରିପାରେ ବୋଲି ଅଭିଯୋଗ ଆଣି କଂଗ୍ରେସ ଇସିଙ୍କ ଦ୍ୱାରସ୍ଥ ହୋଇଥିବାବେଳେ କମିଶନ ଏହା ଉପରେ କଟକଣା ଜାରି କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି କିମ୍ବା ହାଇକୋର୍ଟର ଜଣେ ପୂର୍ବତନ ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଫିଲ୍ମର ପ୍ରଦର୍ଶନ ଯୋଗୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ନେଇ ଅଭିଯୋଗର ଯାଞ୍ଚ କରି ଉକ୍ତ କମିଟି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେବ। ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁସାରେ ଆଚରଣ ବିଧି ଲାଗୁ ହୋଇଥିବାବେଳେ କୌଣସି ଜୀବନୀ ବା ପ୍ରଚାର ସଂକ୍ରାନ୍ତ ଫିଲ୍ମକୁ ମୁକ୍ତିଲାଭ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ନିୟମ ରହିଛି। ତେଣୁ ଅନ୍ୟାଦେଶ ପର୍ଯ୍ୟନ୍ତ ଇସି ଏହାର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ସେହିପରି କିଛି ଦିନ ତଳେ ଆରମ୍ଭ ହୋଇଥିବା ନମୋ ଟିଭିର ପ୍ରସାରଣକୁ ମଧ୍ୟ ଇସି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପର୍ଯ୍ୟାୟ ...

ବସନ୍ତ ପଣ୍ଡା ଏବଂ ପୂର୍ବତନ ଏମପି ତଥା ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ପୂର୍ବତନ ଏମପି ଜୟରାମ ପାଙ୍ଗୀ, ବଳଭଦ୍ର ମାଝି, ଭକ୍ତ ଚରଣ ଦାସଙ୍କ ରାଜନୈତିକ ଭାଗ୍ୟ ମଧ୍ୟ ନିର୍ଦ୍ଧାରଣ କରିବେ ମତଦାତା। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୮ ବିଧାନସଭା ଆସନ ପାଇଁ ୧୯୧ ଏବଂ ୪ ଲୋକ ସଭା ଆସନ ପାଇଁ ୨୬ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି।

ଏହି ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ଅପରାହ୍ଣରୁ ପ୍ରଚାର ଶେଷ ହୋଇଛି। ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମାଓବାଦୀ ଉପଦ୍ରୁତ ଜିଲା ଏବଂ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ଅଧିକ ସତର୍କତା ଅବଲମ୍ବନ କରାଯାଇଛି। ସେହିସବୁ ବୁଥ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ମାଓବାଦୀ ଆକ୍ରମଣ ଭୟ ରହିଥିବାରୁ ପୋଲିଂ କର୍ମଚାରୀମାନଙ୍କୁ ନିର୍ବାଚନ ସାମଗ୍ରୀ ସହ ହେଲିକପ୍ଟରରେ ନିଆଯାଇଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନେ ନିଜର ବୁଥ୍‌ଗୁଡିକରେ ବୁଧବାର ସନ୍ଧ୍ୟା ସୁଦ୍ଧା ପହଞ୍ଚି ଯାଇଛନ୍ତି। ସକାଳ ୭ଟାରୁ ଅପରାହ୍ଣ ୬ଟା ଯାଏ ମତଗ୍ରହଣ କରାଯିବ। ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ନିର୍ଦ୍ଦେଶାନୁମତେ ମତଦାନର ଦେଢ଼ ଘଣ୍ଟା ପୂର୍ବରୁ ମକ୍‌ପୋଲ(ଛାୟା ମତଦାନ) ଅନୁଷ୍ଠିତ ହେବ। ଏଥିପ୍ରତି ଧ୍ୟାନଦେବାକୁ ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ନିର୍ବାଚନରେ ୬୦ ଲକ୍ଷ ୩ ହଜାର ୭୦୭ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମତଦାନ ପରିଚାଳନା ପାଇଁ ୪୭ ହଜାର ୮୦୫ ଜଣ(୬୯୦ ମହିଳା ସମେତ) ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ମତଦାନ ସକାଶେ ୭୨୩୩ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ସେଥିମଧ୍ୟରୁ ୨୩୭୫ଟି ସମ୍ବେଦନଶୀଳ ବୁଥ୍ ରହିଥିବାବେଳେ ୩୦ଟି ମହିଳା ବୁଥ୍ ଖୋଲାଯାଇଛି। ସମସ୍ତ ବୁଥ୍‌ରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ୨୫ଟି ବୁଥ୍ ବ୍ୟତୀତ ଅନ୍ୟ ସବୁ ବୁଥ୍‌ରେ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଛି।

## ମତଦାନ ପୂର୍ବରୁ ବିସ୍ଫୋରଣ...

ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିଛନ୍ତି। ଲୁଗୁମରେ ହୋଇଥିବା ଏକ ମତଦାନ କେନ୍ଦ୍ରରେ ପୋଲିଂ ପାର୍ଟିକୁ ଛାଡ଼ି ଏକ ମିନି ବସ୍ ଲମତାପୁଟ ଆସୁଥିବାବେଳେ ଏହି ବିସ୍ଫୋରଣ ଘଟିଥିବା କୁହାଯାଉଛି। କିନ୍ତୁ କୌଣସି କ୍ଷୟକ୍ଷତିର ତଥ୍ୟ ମିଳିପାରି ନାହିଁ। ଘଟଣାସ୍ଥଳକୁ ଅନକାଡେଲିସ୍ଥିତ ବିଏସ୍‌ଏଫ୍ ୧୫ ନଂ ବାଟାଲିୟନର ଯବାନମାନେ ପହଞ୍ଚି ତଲାସି ଚଳାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନନ୍ଦପୁର ବ୍ଲକ ଜଲାପୁଟ ଗ୍ରାମ ନିକଟ ବିଏସ୍‌ଏଫ୍ କ୍ୟାମ୍ପଠାରୁ ୫୦୦ ମିଟର ଦୂର ଲୁହାବ୍ରିଜ ନିକଟସ୍ଥ ପମ୍ପ ହାଉସ୍‌ରୁ ଲ୍ୟାଣ୍ଡମାଇନ ଥିବା ଜଣାପଡ଼ିଥିଲା। ଏହାପରେ ବିଏସ୍‌ଏଫ୍ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରିବା ସହ ଲ୍ୟାଣ୍ଡମାଇନ୍ ଉଦ୍ଧାର କରି ତାକୁ ନିଷ୍କ୍ରିୟ କରିଛନ୍ତି। ସେହିପରି ରାୟଗଡ଼ା ଜିଲା କଲ୍ୟାଣସିଂହପୁରରେ ମାଓବାଦୀଙ୍କ ବାଘୁମା-ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜନ ପକ୍ଷରୁ ଅଡିଓ ଟେପ୍ ଜାରି କରାଯାଇ ଭୋଟ୍ ବର୍ଜନ କରିବା ପାଇଁ ଆହ୍ୱାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମାଓବାଦୀ ଉପଦ୍ରୁତ ବୁଥ୍ ପାଇଁ ସୁରକ୍ଷା ବଢ଼ାଇ ଦିଆଯାଇଛି। ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର) ପାଳନ କରିବା ପାଇଁ ମଧ୍ୟ କୁହାଯାଇଛି । ମାଲକାନଗିରି ଜିଲାର ମାଓବାଦୀ ଉପଦ୍ରୁତ ତଥା ସ୍ୱାଭିମାନ ଅଞ୍ଚଳ ଅଧୀନ ଅଣ୍ଡ୍ରାପାଲ୍ଲୀ, ଯନ୍ତ୍ରୀ, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ ପଞ୍ଚାୟତର ୯ଟି ବୁଥ୍‌ର ପୋଲିଂ ପାର୍ଟିକୁ ବୁଧବାର ବାୟୁସେନାର ହେଲିକପ୍ଟର ଯୋଗେ ସେଠାକୁ ପଠାଯାଇଛି। ବିଭିନ୍ନ ଜିଲାର ସୀମାନ୍ତ ସିଲ୍ କରାଯିବା ସହ ବିଏସ୍‌ଏଫ୍, ଏସ୍‌ଓଜି ଏବଂ ଡିଭିଏଫ୍ ପକ୍ଷରୁ କୋମ୍ବିଂ ଜୋରଦାର କରାଯାଉଛି। ଏଥିସହ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ସହ ମିଳିତ କୋମ୍ବିଂ ଅପରେଶନ ଚାଲିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

BUSINESS

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

ASTROLOGY

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
(ବିଦ୍ୟାର୍ଥୀ / ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ହତ୍ୟା

ଚଣ୍ଡିଖୋଲ,୧୦।୪(ଡି.ଏନ୍.ଏ): ବଡ଼ଚଣା ଥାନା ଅନ୍ତର୍ଗତ ସିହା ଗ୍ରାମରେ ଏକ ତେଜରାତି ଓ ଷ୍ଟେସନାରୀ ଦୋକାନ କରି ନିଜ ଗୁଜୁରାଣ ମେଣ୍ଟାଉଥିବା ଜଣେ ଦିବ୍ୟାଙ୍ଗଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରି ପୋଖରୀକୁ ଫୋପାଡ଼ି ଦେଇଛନ୍ତି। ବଡ଼ଚଣା ପୋଲିସ ଏ ନେଇ ଏକ ମାମଲା (ନଂ ୬୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା ବେଳେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିନାହିଁ। ହତ୍ୟାକାଣ୍ଡର ଶିକାର ହୋଇଥିବା ଦିବ୍ୟାଙ୍ଗ ଜଣକ ହେଉଛନ୍ତି ସିହା ଗ୍ରାମର ଯୁଧିଷ୍ଠିର ସାହୁ (୪୩)। ମଙ୍ଗଳବାର ରାତିରେ ଯୁଧିଷ୍ଠିର ଦୋକାନରେ ଶୋଇଥିଲେ। ମାତ୍ର ବୁଧବାର ସକାଳେ ହଠାତ ବଡ଼ଚଣା ପୋଲିସ ଦୋକାନଠାରୁ ୪ଶହ ମିଟର ଦୂରରେ ଥିବା ହରିକୁଣ୍ଡ ପୋଖରୀ ଭିତରୁ ତାଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଛି। ତାଙ୍କ ମୁଣ୍ଡ ଓ ଆଖିପତା ଉପରେ ଗଭୀର ଆଘାତ ହେବା ସହ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ବୈଷୟିକ ଅନୁସନ୍ଧାନକାରୀ ଦଳ ସହ ଥାନାଧିକାରୀ ଦୀପକ ଜେନା ସ୍ୱତନ୍ତ୍ର ଭାବେ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ସୁକିନ୍ଦା ଭାଜପାର ମିଶ୍ରଣ ପର୍ବ

# ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କଲେ ଦାମ

ସୁକିନ୍ଦା/କାଳିଆପାଣି, ୧୦।୪(ଡି.ଏନ୍.ଏ.)



ମିଶ୍ରଣ ପର୍ବରେ ଯୋଗ ଦେଇଥିବା ଅତିଥି।

ସୁକିନ୍ଦା ଭାଜପା କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ସୁକିନ୍ଦା ନିର୍ବାଚନମଣ୍ଡଳୀର ଦଳୀୟ ସଭାପତି ପୁଷ୍ପକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶତାଧିକ କର୍ମୀ ଅନ୍ୟଦଳ ଛାଡି ଭାଜପାରେ ଯୋଗଦେଇଛନ୍ତି। ସୁକିନ୍ଦା ବିଧାୟକ ପ୍ରାର୍ଥୀ ପ୍ରଦୀପବଳ ସାମନ୍ତଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଦାମୋଦର ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଓ ପୁତ୍ର ପ୍ରୀତିରଞ୍ଜନ ଘଡ଼େଇଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଥିସହ ବିଜୁ ଜନତା ଦଳର ନାମକୁ ପରିବର୍ତ୍ତନ କରାଯାଇ ନବୀନ ଜନତା ଦଳଭାବେ ସମ୍ବୋଧନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଦାରିଙ୍ଗିବାଡିର ଅଷ୍ଟମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହୋଇ ଅସହାୟ ଅବସ୍ଥାରେ କାଳାତିପାତ କରିବା ଏବଂ କୁନ୍ଦୁଲି ପୀଡିତାଙ୍କୁ ବଳତ୍କାର କରିଥିବା କର୍ମଚାରୀଙ୍କ ଦୋଷ ଲୁଚାଇବା ନିମନ୍ତେ ପାଣ୍ଡିୟାନଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଘଟଣାକୁ ନବୀନ ସରକାର ଚାପି ଦେବା ଘଟଣାକୁ ସେ ନିନ୍ଦା କରିଥିଲେ। ସରକାରଙ୍କ ଜାଣତରେ ଡଙ୍କାରୀ ପାହାଡରୁ ଲୁଟ୍ କରାଯାଉଛି। ସୁକିନ୍ଦା ଅଞ୍ଚଳରେ ଖଣି ଖାଦାନ ଥାଇ ମଧ୍ୟ ଲୋକଙ୍କ ଭାଗ୍ୟ ବଦଳି ନ ପାରିବା ଦୁର୍ଭାଗ୍ୟ ଜନକ । ଏହିପରି ଘଡ଼େଇ ପରିବାର ପାରିବାରିକ ରାଜନୀତିକୁ ସମାପ୍ତ କରିବାକୁ ସମୟ ଉପନୀତ ହୋଇଛି। ଏହି ମିଶ୍ରଣ ପର୍ବ ଏହାର ପୂର୍ବଭାଷ ନୁହେଁ ପୂର୍ଣ୍ଣଚ୍ଛେଦର ସୂଚନା ଦେଉଛି ବୋଲି ଦାମ କହିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଭାଜପା ପ୍ରବକ୍ତା ଲେଖାଶ୍ରୀ ସାମନ୍ତ ସିଂହାର, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ଯାଜପୁର ଲୋକ ସଭା ପ୍ରାର୍ଥୀ ଅମୀୟ ମଲ୍ଲିକ ଯୋଗଦେଇ ସୁକିନ୍ଦାରୁ ଘଡ଼େଇ ପରିବାରର ରାଜୁତି ଅନ୍ତ ପାଇଁ ସୁକିନ୍ଦାର ଭୂମିପୁତ୍ରମାନେ ଏବେ ପଦାକୁ ଆସିଛନ୍ତି ବୋଲି କହିଥିଲେ। ଦାନଗଦୀ ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଜିଲାପରିଷଦ ସଭ୍ୟ ପ୍ରତାପ ଧୀର, ପ୍ରଶାନ୍ତ ରାୟ, ବିଶ୍ୱଜିତ ରାଜ, ମଞ୍ଜୁର ଅଲ୍ଲୀ, ପ୍ରସନ୍ନ ସାମଲ, ନିରଞ୍ଜନ ଘଡ଼େଇ, ସରପଞ୍ଚ ମନ୍ଦାକିନୀ ସେଠୀ, ରବୀନ୍ଦ୍ର ପୁହାଣ, ଇତିଶ୍ରୀ ସାମଲ, ରୋଦନ ମହାନ୍ତ, ବାବୁ ଜାମୁଦା, ସନ୍ତୋଷ ମୁଦୁଲୀ, ମାନସ ବାରିକ, ବିରେନ ଟୁଡୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ଦାନଗଦୀ ବ୍ଲକ ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜଙ୍କ ନେତୃତ୍ୱରେ ଯଖପୁରା, ମାନତିରା, ନଡିଆଭଙ୍ଗା, ଟମକା, ଅସ୍ତପାଳ, ଗୋବର୍ଦ୍ଧନପୁର, ଦେଉଳକୋଣ, ରାଣିପଡା, କିଆଝରି, ଛତ୍ରକଣ, ପିଙ୍ଗଲ, ଖପୁରିଆପଦା, ବାଲୁଙ୍ଗାବନ୍ଧି, ଦାନଗଦୀ ଓ ସୁକିନ୍ଦା ବ୍ଲକର କୁହିକା, ହରିପୁର, ହାତୀବାରି, ପିଙ୍ଗଲ, ଲେମ୍ବୋ ସହ ଅନ୍ୟାନ୍ୟ ଅଞ୍ଚଳର ଶତାଧିକ ଲୋକେ ଭାଜପାରେ ସାମିଲ ହୋଇଛନ୍ତି। ଏଥିସହ ହିନ୍ଦୁ ସୁରକ୍ଷା ସେନା ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମୁଦୁଲୀ, ସମ୍ପାଦକ ମାନସ ବରିକଙ୍କ ସହ ଏକାଧିକ କର୍ମୀ ଭାଜପାରେ ସାମିଲ ହୋଇଥିବା ଜଣାପଡିଛି।

# ବିଜେଡିରେ ମିଶ୍ରଣ ବିରୋଧୀଙ୍କୁ ଅଡୁଆ

ବିଞ୍ଝାରପୁର,୧୦।୪(ଡି.ଏନ୍.ଏ.)

ବିଞ୍ଝାରପୁର ଯଜ୍ଞ ପଡ଼ିଆସ୍ଥିତ କଲ୍ୟାଣ ମଣ୍ଡପଠାରେ ବୁଧବାର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ଚିକଣା, ଜରୀ, ଚନ୍ଦ୍ରମୁଁ, ରଣପୁର ଆଦି ପଞ୍ଚାୟତର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଏହାକୁ ନେଇ ବିରୋଧୀଙ୍କ ଶିବିରରେ କମ୍ପନ ସୃଷ୍ଟି ହୋଇଛି। ବିଜେଡି ନେତା ତଥା ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ବ୍ଲକ ଭାଜପା ସଭାପତି ଜ୍ୟୋତି ରଞ୍ଜନ ସାମଲ, ଚିକଣା ଗ୍ରାମ ପଞ୍ଚାୟତ ଭାଜପା ସଭାପତି ଗୋବିନ୍ଦ ବରାଳ, ସାବିତା ସାମଲ, ସଂଘମିତ୍ରା ବରାଳ, ଲଲାଟେନ୍ଦୁ ମଲ୍ଲିକ, ଉପେନ୍ଦ୍ର ମଲ୍ଲିକ, ମାନସ ମଲ୍ଲିକ, ସଞ୍ଜୟ ଯେନା, ଅରୁଣ ମଲ୍ଲିକ ଉତ୍କଳ ମଲ୍ଲିକ ପ୍ରମୁଖ ଭାଜପା ଓ କଂଗ୍ରେସ ଦଳ ତ୍ୟାଗକରି ନିଜ ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦେଇଛନ୍ତି। ରାଜ୍ୟ ଉପସଭାପତି ତଥା ନେତ୍ରୀ ପ୍ରମିଳା ମଲ୍ଲିକ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରି ଲୋକଙ୍କ ସମସ୍ୟାକୁ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପ୍ରମିଳାଙ୍କ ନେତୃତ୍ୱରେ ବିଞ୍ଝାରପୁରର ବିକାଶ ଧାରା ତ୍ୱରାନ୍ୱିତ ହେଉଛି । ଲୋକଙ୍କୁ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବାରୁ ବିଜେଡିରେ ଯୋଗଦେଇଥିବା ନୂତନ କର୍ମୀମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଗଣିନାଥ ନାୟକ, ଆଲାଉଦ୍ଦିନ ଖାଁ, ଅଶୋକ ସାହୁ, ସରତ ଦାସ, ଓସିଉଲ୍ଲା ଖାଁ, ପ୍ରଦୀପ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।



ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସହ ଦଳରେ ଯୋଗ ଦେଇଥିବା ନୂତନ କର୍ମକର୍ତ୍ତା।

# ମଇଦାନରେ ୭ ପ୍ରାର୍ଥୀ, ଜଣଙ୍କ ପ୍ରାର୍ଥୀପତ୍ର ନାକଚ

**ରାଜନଗର ନିର୍ବାଚନମଣ୍ଡଳୀ**

ରାଜନଗର,୧୦।୪(ଡିଏନଏ)

୨୦୧୯ ସାଧାରଣ ନିର୍ବାଚନ ପାଇଁ ଚଳିତମାସ ୨ ତାରିଖ ଠାରୁ ୯ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା। ୯ ତାରିଖ ସୁଦ୍ଧା ରାଜନଗର ନିର୍ବାଚନମଣ୍ଡଳୀ ପାଇଁ ୮ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ବୁଧବାର ନାମାଙ୍କନପତ୍ର ଯାଞ୍ଚ ସମୟରେ ଆମ୍ବେଦକର ନ୍ୟାସନାଲ କଂଗ୍ରେସର ଟୁନି ମଲ୍ଲିକଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ଜଣଙ୍କର ନାମାଙ୍କନପତ୍ର ନାକଚ ହୋଇଯିବା ପରେ ନିର୍ବାଚନ ମଇଦାନରେ ୭ଜଣ ପ୍ରାର୍ଥୀ ରହିଛନ୍ତି। ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁ, କଂଗ୍ରେସର ଅଂଶୁମାନ ମହାନ୍ତି , ଭାରତୀୟ ଜନତା ପାର୍ଟିର ଅଲେଖ କୁମାର ଜେନା, ସମାଜବାଦୀ ପାର୍ଟିରୁ ସୁଦର୍ଶନ ପ୍ରଧାନ, ବହୁଜନ ସମାଜ ପାର୍ଟିରୁ ଅନିରୁଦ୍ଧ ସେଠୀ, ସ୍ୱାଧୀନ ପ୍ରାର୍ଥୀ ଭାବେ ଅଜୟ କୁମାର ବେହେରା, ନାରୀନେତ୍ରୀ ସୁନିତା ପ୍ରଧାନ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ଗୁରୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଲଢେଇର ସ୍ପଷ୍ଟ ଚିତ୍ର ଜଣାପଡିବ। ନିର୍ବାଚନ ମଇଦାନରେ ୭ ଜଣ ପ୍ରାର୍ଥୀ ରହିଥିଲେ ମଧ୍ୟ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେବ। ୨୦୧୪ ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ସିଧା ସଳଖ ଲଢେଇ ହୋଇଥିଲା। କଂଗ୍ରେସର ଅଂଶୁମାନ ମହାନ୍ତି ୭୫,୨୩୪ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିର ଧ୍ରୁବ ସାହୁ ୬୯,୬୨୧ ଖଣ୍ଡ ଭୋଟ ପାଇଥିଲେ। ୫,୬୩୨ ଖଣ୍ଡ ଭୋଟରେ କଂଗ୍ରେସ ବିଜୟ ଲାଭ କରିଥିଲା। ବୁଧବାର ନାମାଙ୍କନ ପତ୍ର ଯାଞ୍ଚ ସମୟରେ ସବୁ ଦଳର ପ୍ରାର୍ଥୀମାନେ ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ଉପସ୍ଥିତ ଥିଲେ।

## ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

# ଏଣ୍ଡୋଳକୁ ହରାଇ ମା'ଜଗତ ଜନନୀ ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଟିମ୍‌ର ଖେଳାଳିମାନେ।

ଆଳି, ୧୦।୪ (ଡି.ଏନ୍.ଏ.)

ଆଳି ବ୍ଲକ ଦେମାଳ ପଞ୍ଚାୟତ ଶରତ କୁମାର ଦେବ ହାଇସ୍କୁଲ ପଡିଆଠାରେ ମା'ଜଗତ ଜନନୀ କ୍ରିକେଟ କ୍ଲବ ପକ୍ଷରୁ ଏକଦିବସୀୟ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଏଣ୍ଡୋଳ ଟିମକୁ ହରାଇ ମୂଳସାହି ଜଗତ ଜନନୀ କ୍ଲବ ଚାମ୍ପିୟନ ହୋଇଛି। ମୂଳସାହିର ମା' ଜଗତ ଜନନୀ କ୍ଲବ, ଏଣ୍ଡୋଳ କ୍ଲବ, ୟଙ୍ଗଷ୍ଟାର କ୍ଲବ, ରାଧାନଗର କ୍ଲବ, ବରୁଣା କ୍ଲବ, ଦେମାଳ କ୍ଲବ, କୋଟିଳା କ୍ଲବ ଓ ଟୁଙ୍ଗା କ୍ଲବ ଭାଗ ନେଇଥିଲେ। ଏଣ୍ଡୋଳ ଓ ଜଗତ୍ ଜନନୀ ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଣ୍ଡୋଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ମୂଳସାହି ଟିମ ୯ ଓଭରରେ ୪ ଉଇକେଟ ବିନିମୟରେ ୧୨୧ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ଯାଇଥିଲା। ରାଜେଶ କୁମାର ସାମଲଙ୍କୁ ଟୁର୍ନାମେଣ୍ଟର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା। ଏହି ଅବସରରେ ଅତିଥି ଭାବେ ଆଳିର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଯୋଗଦେଇ ଚାମ୍ପିୟନ ଟିମ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ସମୟରେ ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ସମିତିସଭ୍ୟ ସନ୍ତୋଷ ସାମଲ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ଜଗନ୍ନାଥ ଦାସ ଓ ବାପିନା ପାତ୍ର ଖେଳ ପରିଚାଳନା କରିଥିଲେ।

# ଘର କାମ ବେଳେ ଖସିପଡ଼ି ମହିଳା ଶ୍ରମିକଙ୍କ ମୃତ୍ୟୁ

ଯାଜପୁର ରୋଡ,୧୦।୪(ନି.ପ୍ର)

ଯାଜପୁର ରୋଡ ସ୍ଥିତ ଫେରୋକ୍ରୋମ ଗେଟ ନିକଟରେ ବୁଧବାର ଏକ କୋଠାଘର ଛାତ ପଡୁଥିବା ବେଳେ ଜଣେ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ୟାସନଗର ପୌର ପରିଷଦର ୪ନଂ ୱାର୍ଡର ଦୁର୍ଗା ମୁଣ୍ଡା। ସୂଚନା ଯେ, ଘର ଛାତ ପଡୁଥିବା ବେଳେ ମହିଳା ଜଣଙ୍କ ଏକ ସିମେଣ୍ଟ ବସ୍ତା ନେଇ ଯାଉଥିଲେ। ଏହି ସମୟରେ ଗୋଡ ଖସିଯିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କ ଛାତିରେ ସିମେଣ୍ଟ ବସ୍ତା ପଡିଯିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ବିଶେଷ କିଛି ଚିକିତ୍ସା ନ କରି କେବଳ ଦୁଇଟି ଇନ୍‌ଜେକ୍ସନ ଦେଇ ଘରକୁ ପଠାଇ ଦେଇଥିଲେ। ଅପରାହ୍ନ ୫ଟାରେ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁଣି ଡାକ୍ତଖାନାକୁ ଅଣାଯାଇଥିଲା। ହେଲେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହେଇଥିଲା। ତେବେ ତାଙ୍କର ୨ଟି ସନ୍ତାନ ଥିବା ବେଳେ ସ୍ୱାମୀ ନାହାନ୍ତି। ସେ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ପିଲା ଦୁଇଟି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ସେମାନଙ୍କୁ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଥଇଥାନ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।


**CENTRAL HORTICULTURAL EXPERIMENT STATION**
(ICAR-Indian Institute of Horticultural Research, Bengaluru-560089)
(भाकृअनुप-भारतीय बागवानी अनुसंधान संस्थान, बेंगलुरु-560089)
Aiginia, Bhubaneswar - 751 019, Odisha
Ph.:0674-2471712(O), Tele fax: 0674-2471867, E-mail: headches@rediffmail.com

**SHORT TENDER NOTICE NO. 02/2019**
**TENDER-CUM-AUCTION**

Sealed tenders are invited for disposal/sale of Mango, sapota and pine apple fruits of different varieties planted at CHES campus through tender-cum-auction (**open auction if reserve price not quoted**). The tender paper may be obtained from this Office from **10.00** A.M. to **2.00** P.M. on working days w.e.f. **11.04.2019** to **25.04.2019** by depositing **₹ 500/-** in cash or can be downloaded from IIHR website (**www.iihr.res.in**). Website downloaded tender paper should have tender paper cost in form of DD (drawn in favour of CHES, Bhubaneswar). The last date of submission of tender along with EMD DD of **₹ 25,000/-** (Rupees Twenty five thousand only) is up to **3.00** P.M. on **25.04.2019** and the tender will be opened on **26.04.2019** at **12.00** noon in this Office.
HEAD



**ପୂର୍ବ ତଟ ରେଳପଥ**
**ବ୍ରହ୍ମପୁର ଷ୍ଟେସନରେ ଯନ୍ତ୍ରୀକୃତ (Mechanized) ସଫେଇ**
ଟେଣ୍ଡର ବିଜ୍ଞପ୍ତି ସଂ. etender-BAM-Mech.Clng-32
**କାର୍ଯ୍ୟର ବିବରଣୀ :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ ଚାରି ବର୍ଷ (ଅର୍ଥାତ୍ 1460 ଦିନ) ସମୟାବଧି ନିମନ୍ତେ ବ୍ରହ୍ମପୁର ଷ୍ଟେସନ ସହିତ ପ୍ଲାଟଫର୍ମ, ୟାର୍ଡ୍, ୱାସେବୁଲ ଆପ୍ରନ, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ କ୍ଷେତ୍ର, ପରିକ୍ଷେତ୍ର, ପ୍ରତୀକ୍ଷା ହଲ୍ ଗୁଡ଼ିକ, ହୋମ୍ ସିଗ୍‌ନାଲ୍‌ରୁ ହୋମ୍ ସିଗ୍‌ନାଲ୍ ୟାର୍ଡ୍ ଇତ୍ୟାଦିର ଯନ୍ତ୍ରୀକୃତ (Mechanized)ସଫେଇ।
**କାର୍ଯ୍ୟର ବିଜ୍ଞାପିତ ମୂଲ୍ୟ :** ₹ 5,09,63,916.47, EMD ମୂଲ୍ୟ : ₹ 4,04,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, ଚୁକ୍ତିର ଅବଧି : କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ 04 (ଚାରି) ବର୍ଷ ଅର୍ଥାତ୍ 1460 ଦିନ
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 10.05.2019 ର 1500 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (H & FW), ଖୋର୍ଦ୍ଧା ରୋଡ୍
PR-20/K/19-20



**ଅଲି ୟାବର ଜଙ୍ଗ୍ ଜାତୀୟ ବାକ୍ ଏବଂ ଶ୍ରବଣ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, ମୁମ୍ବାଇ**
AYJNISHD
(ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ, ଭିନ୍ନକ୍ଷମ ବ୍ୟକ୍ତି (ଦିବ୍ୟାଙ୍ଗଜନ)ଙ୍କ ସଶକ୍ତୀକରଣ ବିଭାଗ, ଭାରତ ସରକାର) କେ.ସି. ମାର୍ଗ, ବାନ୍ଦ୍ରା ରିକ୍ଲାମେଶନ୍, ବାନ୍ଦ୍ରା (ପଶ୍ଚିମ), ମୁମ୍ବାଇ – ୪୦୦୦୫୦
**ଅଧୀନସ୍ଥ ଏକ ଶିଖର ସ୍ୱୟଂଶାସିତ ନିକାଶ**
ଆଇଏସ୍/ଆଇଏସ୍ଓ ୯୦୦୧:୨୦୧୫ ପ୍ରମାଣିତ ସଂଗଠନ
ଫୋନ୍: ୦୨୨–୨୬୪୦୯୦୯୪/୨୬୪୦୧୫୨୯, ଫାକ୍ସ: (୦୨୨) ୨୬୪୦୪୧୭୦
ଇମେଲ୍: nihhac@yahoo.com/ayjnihh-mum@nic.in/ୱେବ୍‌ସାଇଟ୍: ayjnihh.nic.in


**ଅନ୍‌ଲାଇନ୍ ନାମଲେଖା ଅଧିସୂଚନା: ୨୦୧୯–୨୦**

ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡି(ଡି), ମୁମ୍ବାଇ ଏବଂ ଏହାର ଆଞ୍ଚଳିକ କେନ୍ଦ୍ର ଓ କମ୍ପୋଜିଟ୍ ଆଞ୍ଚଳିକ କେନ୍ଦ୍ରରେ ଶିକ୍ଷାବର୍ଷ ୨୦୧୯–୨୦ ନିମନ୍ତେ ନିମ୍ନଲିଖିତ ପାଠ୍ୟକ୍ରମ ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି:–

| କ୍ର.ସଂ. | ପାଠ୍ୟକ୍ରମର ନାମ | ପ୍ରଶିକ୍ଷଣ କେନ୍ଦ୍ରର ସ୍ଥାନ |
|---|---|---|
| ୦୧. | ମାଷ୍ଟର ଅଫ୍ ଅଡିଓଲୋଜି ଆଣ୍ଡ ସ୍ପିଚ୍ ଲାଙ୍ଗୁଏଜ୍ ପାଥୋଲୋଜି (ଏମ୍‌ଏଏସ୍‌ଏଲ୍‌ପି) | ମୁମ୍ବାଇ ଓ କୋଲକାତା |
| ୦୨. | ଏମ୍.ଏସ୍‌ସି. (ଅଡିଓଲୋଜି) | ସିକନ୍ଦରାବାଦ |
| ୦୩. | ମାଷ୍ଟର୍ ଅଫ୍ ଏଜୁକେଶନ୍ ସ୍ପେଶାଲ୍ ଏଜୁକେଶନ୍ (ହିୟରିଂ ଇମ୍ପେୟାର୍‌ମେଣ୍ଟ) ଏମ୍. ଇଡି. ଏସ୍‌ପିଏଲ୍. ଏଜୁ. (ଏଚ୍‌ଆଇ) | ମୁମ୍ବାଇ |
| ୦୪. | ବ୍ୟାଚେଲର୍ ଅଫ୍ ଅଡିଓଲୋଜି ଆଣ୍ଡ ସ୍ପିଚ୍ ଲାଙ୍ଗୁଏଜ୍ ପାଥୋଲୋଜି (ବିଏଏସ୍‌ଏଲ୍‌ପି) | ମୁମ୍ବାଇ, କୋଲକାତା ଓ ସିକନ୍ଦରାବାଦ |
| ୦୫. | ବ୍ୟାଚେଲର୍ ଅଫ୍ ଏଜୁକେଶନ୍ ସ୍ପେଶାଲ୍ ଏଜୁକେଶନ୍ (ହିୟରିଂ ଇମ୍ପେୟାର୍‌ମେଣ୍ଟ) ବି.ଇଡି. ଏସ୍‌ପିଏଲ୍. ଏଜୁ. (ଏଚ୍‌ଆଇ) | ମୁମ୍ବାଇ, କୋଲକାତା, ସିକନ୍ଦରାବାଦ ଏବଂ *ଜାଆଁଳା |
| ୦୬. | ଡିପ୍ଲୋମା ଇନ୍ ହିୟରିଂ, ଲାଙ୍ଗୁଏଜ୍ ଆଣ୍ଡ ସ୍ପିଚ୍ (ଡିଏଚ୍‌ଏଲ୍‌ଏସ୍) | ନଏଡା, ଜାଆଁଳା ଏବଂ ଭୋପାଳ |
| ୦୭. | ଡିପ୍ଲୋମା ଇନ୍ ଏଜୁକେଶନ୍ ସ୍ପେଶାଲ୍ ଏଜୁକେଶନ୍ (ହିୟରିଂ ଇମ୍ପେୟାର୍‌ମେଣ୍ଟ) ଡି. ଇଡି. ଏସ୍‌ପିଏଲ୍. ଏଜୁ. (ଏଚ୍‌ଆଇ) | କୋଲକାତା, ସିକନ୍ଦରାବାଦ, ନଏଡା ଏବଂ ଜାଆଁଳା |
| ୦୮. | ଡିପ୍ଲୋମା ଇନ୍ ଇଣ୍ଡିଆନ୍ ସାଇନ୍ ଲାଙ୍ଗୁଏଜ୍ ଇଣ୍ଟରପ୍ରିଟର୍ କୋର୍ସ (ଡିଆଇଏସ୍‌ଏଲ୍‌ଆଇସି) | ମୁମ୍ବାଇ ଓ କୋଲକାତା |
| ୦୯. | ଡିପ୍ଲୋମା ଇନ୍ ଏଜୁକେଶନ୍ – ସ୍ପେଶାଲ୍ ଏଜୁକେଶନ୍ (ଅଟିଜିମ୍ ସ୍ପେକ୍ଟ୍ରମ୍ ଡିଜଅର୍ଡର୍ସ) | ଭୋପାଳ |
| ୧୦. | ଡିପ୍ଲୋମା ଇନ୍ ଏଜୁକେଶନ୍ – ସ୍ପେଶାଲ୍ ଏଜୁକେଶନ୍ (ମେଣ୍ଟାଲ୍ ରିଟାର୍ଡେଶନ୍) | ଅହମ୍ମଦାବାଦ |

*(ନାମଲେଖା ଆର୍‌ସିଆଇ ଅନୁମୋଦନ ଉପରେ ନିର୍ଭର କରେ)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୩୧ ମେ, ୨୦୧୯
ବିବରଣୀ ପାଇଁ: ୱେବ୍‌ସାଇଟ୍ – aliyavarjung.epravesh.com & ayjnihh.nic.in ପରିଦର୍ଶନ କରନ୍ତୁ ।
davp 38107/11/0001/1920
ସ୍ୱା./– ନିର୍ଦ୍ଦେଶକ





## ସଂକ୍ଷେପରେ

### ପ୍ରଚାର ବନ୍ଦ ବେଳେ ଭାଜପାର ପ୍ରେସମିଟ୍
ସିଇଓଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

**ଭୁବନେଶ୍ୱର,୧୦।୪(ବ୍ୟୁରୋ):** ନିର୍ବାଚନ ଆଦର୍ଶ ଆଚରଣ ବିଧିର ବାରମ୍ବାର ଉଲ୍ଲଂଘନ କରି ଚାଲିଥିବା ଭାଜପା ଶେଷରେ ନିର୍ବାଚନ କମିଶନଙ୍କ ଆଦେଶକୁ ବି ଦଳି ମକଚି ଦେଇଛି। ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଥିବା ବେଳେ ଭାଜପା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ନିର୍ବାଚନ କମିଶନଙ୍କ ବାରଣ ସତ୍ତ୍ୱେ ବୁଧବାର ଭାଜପା ଏକ ଖବରଦାତା ସମ୍ମିଳନୀ କରି ନିର୍ବାଚନ ନୀତିନିୟମକୁ ଜଳାଞ୍ଜଳି ଦେଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡ଼ିର ଏକ ପ୍ରତିନିଧି ଦଳ ଆପତ୍ତି କରିଛି। ମତଦାନର ୪୮ ଘଣ୍ଟା ପୂର୍ବ ସମୟରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଉପରେ ପ୍ରଚାର କଟକଣା ରହିଛି। ଚଳିତବର୍ଷ ନିର୍ବାଚନ କମିଶନ ଏଥିରେ ଆଉ ଏକ କଟକଣା ଲଗାଇଛନ୍ତି। ଏହି ସମୟରେ (ସାଇଲେନ୍ସ ପିରିୟଡ଼) ଷ୍ଟାର ପ୍ରଚାରକ ଏବଂ ଅନ୍ୟନେତାମାନେ କୌଣସି ସାମ୍ବାଦିକ ସମ୍ମିଳନୀ କିମ୍ବା ନିର୍ବାଚନ ସମ୍ପର୍କରେ ଗଣମାଧ୍ୟମକୁ ସାକ୍ଷାତକାର ଦେଇପାରିବେ ନାହିଁ ବୋଲି କଡ଼ାକଟକଣା ଜାରି ହୋଇଛି। ମାର୍ଚ୍ଚ ୧୫ ତାରିଖରେ ନିର୍ବାଚନ କମିଶନଙ୍କ ପକ୍ଷରୁ ସଚିବ ଏନ.ଟି.ଭୂଟିଆ ଚିଠି ନମ୍ବର ୩/ ଇଆର/ ୨୦୧୮/ ଏସଡିଆର/ ଭଲ୍ୟୁମ୍-୧ ରେ ସବୁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଏହାର ଆଦେଶନାମା ପଠାଇଛନ୍ତି। ମାତ୍ର ଆଶ୍ଚର୍ଯ୍ୟର ବିଷୟ, ଉକ୍ତ ଆଦେଶକୁ ଭାଜପା ବେଖାତିର କରି ଆଜି ଏକ ଖବରଦାତା ସମ୍ମିଳନୀ କରିଥିଲା। ନିର୍ବାଚନ କମିଶନଙ୍କ ଆଦେଶ ଏବଂ ନିର୍ବାଚନ ଗାଇଡଲାଇନର ଏହା ସାଙ୍ଘାତିକ ଉଲ୍ଲଂଘନ ବୋଲି ବିଜେଡ଼ି ପକ୍ଷରୁ ଦର୍ଶାଯିବା ସହ ଭାଜପା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ବିଜେଡ଼ି ମୁଖପାତ୍ର ସସ୍ମିତ୍ ପାତ୍ର, ଲେଲିନ୍ ମହାନ୍ତି, ସୁଲତା ଦେଓ ଏବଂ ସୁଲୋଚନା ଦାସ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ଦାବି ଜଣାଇଥିଲେ।

ନିମାପଡ଼ା, କାକଟପୁର ନିର୍ବାଚନମଣ୍ଡଳୀ

### ୧୩ ପ୍ରାର୍ଥୀପତ୍ର କାଏମ୍

**ପୁରୀ ଅଫିସ, ୧୦।୪:** ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କାକଟପୁର ଓ ନିମାପଡ଼ା ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଛି। ଆସନ୍ତା ୨୯ତାରିଖରେ ଏହି ଦୁଇ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏଥିଲାଗି ମଙ୍ଗଳବାର ପାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିଥିଲା। ବୁଧବାର ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଯାଞ୍ଚ ସରିଛି। ନିମାପଡ଼ା ପାଇଁ ୭ ଏବଂ କାକଟପୁର ଲାଗି ୬ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ସମସ୍ତ ୧୩ଜଣଙ୍କ ପ୍ରାର୍ଥିପତ୍ର କାଏମ୍ ରହିଛି। ନିମାପଡ଼ାରୁ ବିଜେଡି ପ୍ରାର୍ଥୀ ସମୀର ରଞ୍ଜନ ଦାଶ, ଭାଜପାର ପ୍ରଭାତୀ ପରିଡ଼ା, କଂଗ୍ରେସର ଦିଲୀପ ନାୟକ, ବିଏସ୍‌ପିର ଶଙ୍କର ପ୍ରସାଦ ଭୋଇ, ଓଡ଼ିଶା ପ୍ରଗତି ଦଳର ଦେବାଶିଷ ମିଶ୍ର, ଅଖିଳ ଭାରତ ହିନ୍ଦୁ ମହାସଭାର ମିହିର ପ୍ରସାଦ ଭୋଇ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ମିଟୁ ମହାପାତ୍ର ପ୍ରାର୍ଥୀ ରହିଛନ୍ତି। ସେହିପରି କାକଟପୁରରୁ ବିଜେଡିର ତୁଷାରକାନ୍ତି ବେହେରା, କଂଗ୍ରେସର ବିଶ୍ୱଭୂଷଣ ଦାସ, ଭାଜପାର ରବି ମଲ୍ଲିକ, ବିଏସ୍‌ପିରୁ ଛବି ମଲ୍ଲିକ, ଓଡ଼ିଶା ପ୍ରଗତି ଦଳରୁ ଶୁକଦେବ ବେହେରା ଏବଂ ଆମ୍ବେଦକର ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆର ରତ୍ନାକର କାଣ୍ଡି ପ୍ରାର୍ଥୀ ରହିଛନ୍ତି।

■ ରାଇକିଆ, କୁଲାଡ଼ରେ ବିଜୟ ସଂକଳ୍ପ ସମାବେଶ

# କନ୍ଧମାଳ ବିକାଶ ସମ୍ପୂର୍ଣ୍ଣ ଅଣଦେଖା: ଧର୍ମେନ୍ଦ୍ର

**ରାଇକିଆ/ଭଞ୍ଜନଗର, ୧୦।୪(ଡି.ଏନ.ଏ.)**



ରାଇକିଆରେ ଉଦବୋଧନ ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

■ ଗୁମୁଡ଼ୁମାହା ପ୍ରସଙ୍ଗ ଉଠାଇଲେ
■ ଗଞ୍ଜାମ ଜିଲାର ରେଳପଥର ବିକାଶ ହେବ
■ ନାବାଳିକା ବଳାତ୍କାରୀଙ୍କୁ ଫାଶି ଦେବାକୁ ଆଇନ ଅଣାଯିବ

କନ୍ଧମାଳ ଜିଲା ରାଇକିଆ ଓ ଗଞ୍ଜାମ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର କୁଲାଡ଼ରେ ବୁଧବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ୧୯ ବର୍ଷ ହେଲା ବିଜେଡ଼ି ସରକାର ଥିଲେ ମଧ୍ୟ କନ୍ଧମାଳ ବିକାଶକୁ ସଂପୂର୍ଣ୍ଣ ଅଣଦେଖା କରାଯାଇଛି । ସାରା ବିଶ୍ୱରେ ପରିଚିତ କନ୍ଧମାଳ ହଳଦୀ ନିକଟରେ ଜିଆଇ ମାନ୍ୟତା ହାସଲ କରିଛି। କନ୍ଧମାଳରେ ପର୍ଯ୍ୟାପ୍ତ ସୁଯୋଗ ଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉଦାସୀନତାରୁ ହଳଦୀ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରୁନି। ସ୍ଥାନୀୟ ଯୁବକଙ୍କୁ କେରଳ ଯାଇ ଦାଦନ ଖଟିବାକୁ ପଡୁଛି। ରାଜ୍ୟରେ ଭାଜପା ସରକାର କଲେ ସବୁ ଯୁବକଙ୍କ ପାଇଁ ରୋଜଗାର ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ରାଜ୍ୟରେ ବ୍ୟାପକ ପିସି କାରବାର ଚାଲିଛି, କାଳିଆ ଯୋଜନାରେ ପ୍ରକୃତ ଚାଷୀ ଟଙ୍କା ପାଉ ନାହାନ୍ତି, ପାନୀୟ ଜଳଠାରୁ ଆରମ୍ଭ କରି ଚାଷ ଜମିକୁ ଜଳ ଯୋଗାଣ, ଡାକ୍ତର ନିଯୁକ୍ତି ଆଦିରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ଅର୍ଚ୍ଚନା ପ୍ରଧାନ ଏବଂ କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଖାରବେଳ ସ୍ୱାଇଁଙ୍କ ପ୍ରଚାର ପାଇଁ ଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗୁମୁଡୁମାହାରେ ପୋଲିସ ଗୁଳିରେ ନିରୀହ ଆଦିବାସୀଙ୍କ ଜୀବନ ଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଆଦୌ ଭୁଲ ମାଗି ନ ଥିବା ସେ କହିଥିଲେ। ନିର୍ବାଚନ ପରେ ପ୍ରଥମ ଦୁଇ ବର୍ଷ ମଧ୍ୟରେ କନ୍ଧମାଳରେ ମେଡ଼ିକାଲ କଲେଜ ଏବଂ ରେଳ ଲାଇନ ବ୍ୟବସ୍ଥା କରାଯିବ ବୋଲି ଏମ୍‌ପି ପ୍ରାର୍ଥୀ ଖାରବେଳ କହିଥିଲେ। ତେଣୁ ଭାଜପାକୁ ଭୋଟ ଦେବାପାଇଁ ସେ ନିବେଦନ କରିଥିଲେ। ସମାବେଶରେ କନ୍ଧମାଳ ସଂସଦୀୟ କ୍ଷେତ୍ର ପ୍ରଭାରୀ ଅଶୋକ ମିଶ୍ର, ଜିଲା ସଭାପତି ଲିଙ୍ଗରାଜ ଦଳବେହେରା, ଉପସଭାପତି ମାନଗୋବିନ୍ଦ ପ୍ରଧାନ, ଜିଲା ପରିଷଦ ସଭ୍ୟା ଜୁଲିମା ଦଳବେହେରା, ଅମର ସିଂ ନାୟକ, ନେତ୍ର ମାନସେଠ, ରାମବିଶ ଦିଗାଳ, କମଳାକାନ୍ତ ପାଣ୍ଡେ, ବସନ୍ତ ପ୍ରଧାନ, ଅବନେଶ୍ୱର ପ୍ରଧାନ, ଯାଜ୍ଞ ପ୍ରଧାନ, ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

ସେହିପରି କୁଲାଡ଼ ସମାବେଶରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ରାଜ୍ୟରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ନବାଳିକା ବଳାତ୍କାରର ଶିକାର ହେଲେ ନ୍ୟାୟ ମିଳୁନି। ଭାଜପା ଆସିଲେ ୧୫ରୁ କମ୍ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରୁଥିବା ଅଭିଯୁକ୍ତଙ୍କୁ ଫାଶି ଦେବାପାଇଁ ଆଇନ ଅଣାଯିବ। ମୁଖ୍ୟମନ୍ତ୍ରୀଙ୍କ ଜେଜେ ବାପାଙ୍କ ଗ୍ରାମ ଭଞ୍ଜନଗର ଅଞ୍ଚଳରେ। ହେଲେ ଏଠାରେ ବିକାଶ ହୋଇପାରିନି। ରାଜ୍ୟସାରା ଏବେ ପରିବର୍ତ୍ତନର ହାୱା ବହୁଛି। ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାଜୟ ସ୍ୱୀକାର କରି ଦିଲ୍ଲୀସ୍ଥିତ ନିଜ ଘରକୁ ଫେରିଯିବେ। ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା କ୍ଷମତା ହାସଲ କରିବ। ଗଞ୍ଜାମ ଜିଲାରେ ରେଳପଥର ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା କ୍ଷମତା ହାସଲ କରିବ। ଗଞ୍ଜାମ ଜିଲାରେ ରେଳପଥର ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସମାବେଶରେ ଭାଜପା ଜିଲା ସମ୍ପାଦକ ନୀଳମାଧବ ପାତ୍ର ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଖାରବେଳ ସ୍ୱାଇଁ ଯୋଗଦେଇ ବିଜେଡି ନେତାମାନେ କିଭଳି ଦୁର୍ନୀତି କରୁଛନ୍ତି କହିବା ସହ ନିଜ ପାଇଁ ଭୋଟ ଭିକ୍ଷା କରିଥିଲେ। ଭାଜପା ନେତା ବିନାୟକ ତ୍ରିପାଠୀ, ପ୍ରଦୀପ ସାହୁ, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, କବିରାଜ ବେହେରା, ମନୋଜ ପ୍ରଧାନ, ଅଭିମନ୍ୟୁ ଭୂୟାଁ, ଶିବ ଶଙ୍କର ପ୍ରଧାନ, ରାଜୁ ପ୍ରଧାନ, ରବୀନ୍ଦ୍ର ଶତପଥୀ, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶସ୍ଥଳରେ ଲାଲସିଂ ପଞ୍ଚାୟତର କେତେଜଣ ସ୍ୱାଧୀନ ନେତା, ଗୋଲାପଡ଼ର ଜଣେ କଂଗ୍ରେସ ନେତା ଉପସ୍ଥିତ ଥିବା ଦେଖାଯାଇଥିଲା।

# ୨୭ ଲକ୍ଷ ଟଙ୍କା ଫିଙ୍ଗି ଦେଇ କାର ନେଇ ଦୁର୍ବୃତ୍ତ ଚମ୍ପଟ୍

**ସୁନ୍ଦରଗଡ଼/ବିଶ୍ରା,୧୦।୪(ଡି.ଏନ୍.ଏ.)**

ବୁଧବାର ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ମହିପାଣି ଲେଭଲକ୍ରସିଂ ରାସ୍ତାରୁ ଫ୍ଲାଇଂ ସ୍କାଡ୍ ୨୭ ଲକ୍ଷ ୪୯ ହଜାର ୫ଶହ ଟଙ୍କା ଜବତ କରିଛି। ଏକ ନମ୍ବର ବିହୀନ କାରରେ କେତେକ ବ୍ୟକ୍ତି ଆସୁଥିଲେ । ସେମାନେ ଫ୍ଲାଇଂ ସ୍କାଡ୍‌କୁ ଦେଖି ଦ୍ରୁତଗତିରେ କାର ଚଳାଇ ଫେରାର ହେବାକୁ ଚେଷ୍ଟା କରିଥିଲେ । ହେଲେ ଫ୍ଲାଇଂ ସ୍କାଡ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ଅନ୍ୟ ଏକ ଗାଡ଼ିରେ ଉକ୍ତ କାର ପିଛା କରିଥିଲେ । ଏହା ଦେଖି କାରରେ ଥିବା ଜଣେ ବ୍ୟକ୍ତି ଟଙ୍କା ବ୍ୟାଗ୍ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ ।

ଫ୍ଲାଇଂ ସ୍କାଡ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଶ୍ରା ଏବିଡିଓ ଶରତ ଚନ୍ଦ୍ର ପ୍ରଧାନ କହିଛନ୍ତି, ଯାନବାହନ ଯାଞ୍ଚବେଳେ ଏକ ନମ୍ବରବିହୀନ କାରରେ ଟଙ୍କା ଥିବା ଜଣାପଡିଥିଲା। ଚାଳକ କାରକୁ ଦ୍ରୁତଗତିରେ ନେଇ ମହିପାଣି ଲେଭଲକ୍ରସିଂ ଆଡକୁ ଚାଲି ଯାଇଥିଲେ। କାରରେ ଥିବା ଜଣେ ବ୍ୟକ୍ତି ଟଙ୍କା ବ୍ୟାଗକୁ ଏକ ବୁଦାମୂଳେ ଲୁଚାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଫ୍ଲାଇଂ ସ୍କାଡ୍ ସେଠାରେ ପହଞ୍ଚି ଯିବାରୁ ସଂପୃକ୍ତ ବ୍ୟକ୍ତି ଟଙ୍କା ବ୍ୟାଗକୁ ଫୋପାଡି ଦେଇ କାର ସହ ଚମ୍ପଟ ମାରିଥିଲେ। ପରେ ବ୍ୟାଗକୁ ଜବତ କରାଯାଇଥିଲା । ସେଥିରେ ୨୭ଲକ୍ଷ ୪୯ ହଜାର ୫ଶହ ଟଙ୍କା ଥିଲା। ଉକ୍ତ ଟଙ୍କାକୁ ରାଉରକେଲା ଟ୍ରେଜେରିରେ ରଖାଯାଇଛି। ଏତେ ପରିମାଣରେ ଟଙ୍କା କିଏ, କେଉଁ ଉଦ୍ଦେଶ୍ୟରେ ନେଉଥିଲେ ତାହା ଜଣା ପଡିନାହିଁ। ଏଥିରେ କୌଣସି ଏକ ରାଜନୈତିକ ଦଳର ସମ୍ପୃକ୍ତି ଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଯାଉଛି। ନିର୍ବାଚନ କମିଶନଙ୍କ କଟକଣା ଓ ନିୟମକୁ ଧୂଳିଦେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ଅର୍ଥ ଓ ବାହୁବଳକୁ ପ୍ରୟୋଗ କରିବାକୁ ପଛାଉ ନାହାନ୍ତି। ଯାହାର ପ୍ରମାଣ ବୁଧବାର ୨୭ଲକ୍ଷ ୪୯ ହଜାର ୫ଶହ ଟଙ୍କା ଜବତ ଘଟଣାରୁ ଜଣାପଡ଼ିଛି ବୋଲି ଏଠାରେ ଚର୍ଚ୍ଚା ହେଉଛି ।

### ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଗାଡ଼ିରୁ ୨ ଲକ୍ଷ ଟଙ୍କା ଜବତ

**ଭବାନୀପାଟଣା,୧୦।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିର୍ବାଚନମଣ୍ଡଳୀର ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରଦୀପ ଦିଶାରୀଙ୍କ ଗାଡିରୁ ନଗଦ ୨ ଲକ୍ଷ ଟଙ୍କା ଜବତ କରାଯାଇଛି। ପୋଲିସ ସେହି ଟଙ୍କା ବିଷୟରେ ଦିଶାରୀଙ୍କୁ ପଚରାଉଚୁରା କରୁଛି। ବୁଧବାର ଜୟପାଟଣାରେ ଫ୍ଲାଇଂ ସ୍କାଡ ଯାନବାହନ ଯାଞ୍ଚ କରୁଥିଲା। ଏହି ସମୟରେ ପ୍ରଦୀପ ତାଙ୍କ ସହଯୋଗୀଙ୍କ ସହିତ ଏକ ଇନୋଭା କାରରେ ଯାଉଥିଲେ। ପୋଲିସ ତାଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବା ସମୟରେ ୪ଟି ୫୦୦ ଟଙ୍କିଆ ନୋଟ୍ ବିଡା ଜବତ କରିଥିଲା। ଏହା ୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ସେହି ଗାଡିରେ ପ୍ରଦୀପଙ୍କ ସହିତ ତାଙ୍କ ୪ ସହଯୋଗୀ ଥିଲେ। ନିର୍ବାଚନ ପାଇଁ ଟଙ୍କା ନିଆଯାଉଥିବା ସନ୍ଦେହ କରାଯାଉଛି। ପୋଲିସ ସମସ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

■ ଗୋଟିଏ ଦିନରେ ଭୋଟିଂ, ଅକଳରେ କୋଟିଆବାସୀ

# ସକାଳେ ଓଡ଼ିଶା, ମଧ୍ୟାହ୍ନ ପରେ ଆନ୍ଧ୍ରକୁ ଭୋଟ୍

**ପଟ୍ଟାଙ୍ଗି,୧୦।୪(ଡି.ଏନ୍.ଏ.)**

ଓଡ଼ିଶା ଓ ଆନ୍ଧ୍ରରେ ଗୁରୁବାର ଏକାସାଙ୍ଗରେ ଗୋଟିଏ ଦିନରେ ଭୋଟ୍ ଗ୍ରହଣ ହେଉଛି। ଏହା କୋରାପୁଟ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ସୀମାନ୍ତ ଗ୍ରାମର ଭୋଟର, ବିଶେଷ କରି ବିବାଦୀୟ କୋଟିଆ ଗ୍ରାମପୁଞ୍ଜର ମତଦାତା କାହାକୁ ଭୋଟ୍ ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନେ ଗୁରୁବାର ସକାଳେ ଓଡ଼ିଶାରେ ଭୋଟ୍ ଦେଇ ମଧ୍ୟାହ୍ନରୁ ଅପରାହ୍ନ ଯାଏଁ ଆନ୍ଧ୍ରରେ ମତଦାନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଟିଆ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ରହିଛି। କୋଟିଆ ଗ୍ରାମପୁଞ୍ଜକୁ ନେଇ ଦୀର୍ଘ ଦଶନ୍ଧି ଧରି ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଆସିଛି। ପ୍ରତି ନିର୍ବାଚନରେ କୋଟିଆବାସୀ ଉଭୟ ରାଜ୍ୟକୁ ଭୋଟ୍ ଦେଇଆସିଛନ୍ତି। କିନ୍ତୁ ଏଥର ଗୋଟିଏ ଦିନରେ ଉଭୟ ରାଜ୍ୟରେ ଭୋଟ୍ ଗ୍ରହଣ ହେଉଥିବାରୁ ନିଜ ମୂଲ୍ୟବାନ ଭୋଟ୍ କାହାକୁ ଦେବେ, ତାହା ସେମାନଙ୍କୁ ଅକଳରେ ପକାଇଛି। କୋଟିଆ ପଞ୍ଚାୟତ ଉପରେ ଜିଲା ପ୍ରଶାସନର ଯେତିକି ନଜର ରହିଛି, ତାଠାରୁ ଦଳୀୟ କର୍ମୀ ଓ ପ୍ରାର୍ଥୀ ଅଧିକ ସତର୍କ ଦୃଷ୍ଟି ରଖିଛନ୍ତି। କୋଟିଆ ପଞ୍ଚାୟତରେ କୋରାପୁଟ ଜିଲା ଓ ବ୍ଲକ ପ୍ରଶାସନ ୯ଟି ବୁଥ୍ ବ୍ୟବସ୍ଥା କରିଛି। ସେଥିରେ ରଣାସଂଗ, ଟାଉପଦର, ଥୁରିଆ, ଗୁମେଲପଦର, ଗଞ୍ଜେଇ ପଦର, ମାଡକାର, ଫଗୁଣସିନେରି, ତଳକାଣ୍ଟି ଓ କୋଟିଆ ରହିଛି। ସେହିପରି ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ସୀମାନ୍ତବର୍ତ୍ତୀ ଗ୍ରାମ ନେରଡିବାଲସାରେ ଅସ୍ଥାୟୀ ବୁଥ୍ ନିର୍ମାଣ କରିଛନ୍ତି। ଉକ୍ତ ବୁଥ୍ ଉପରେ ଗଞ୍ଜେଇପଦର, କୋଟିଆ, ତଳ ଗଞ୍ଜେଇ ପଦର, ଦିଗୁବାରୁଡ଼ି, କାଗୁରୁଡ଼ି, ସିମାଗାଡା, ସୁଲାରି, ଧୂଳିପଦର, ରଣାସଙ୍ଗ, ସାପାଇଙ୍ଗିପାଡୁ, ପାନୁକୁବାଲସା, ନେରଡିବାଲସା, ଗୋଟିପାଡୁ, ଉମାପାଡୁ, ଗାଡିବାଲସା, ରାବଡାବାଲସା, ବାଟିବାଲସା, ବେଖିପାଡୁ, କୁରୁଡିପଦର, ଉପରସେମ୍ବି, ପୁଲିବାଲସା, ତଳସେମ୍ବି, ଝୁଗୁବାରୁଡି ଓ ପନିକି ଗ୍ରାମବାସୀ ନିଜ ଭୋଟ୍ ଦେବେ। କୋଟିଆ ପଞ୍ଚାୟତରେ ୯୬ ପ୍ରତିଶତ କନ୍ଧ ସମ୍ପ୍ରଦାୟର ଭୋଟର ରହିଥିବା ବେଳେ ପଛୁଆ ବର୍ଗ ୩ ଏବଂ ଅନୁସୂଚିତ ଜନଜାତି ବର୍ଗରୁ ୧ ପ୍ରତିଶତ ଭୋଟର ରହିଛନ୍ତି। ପଞ୍ଚାୟତର ୯ଟି ବୁଥ୍ ଅଧୀନରେ ୨,୮୮୬ ଜଣ ମହିଳା ଓ ୨,୪୮୯ ପୁରୁଷ ଭୋଟର ଅଛନ୍ତି। ୯ଟି ବୁଥ୍ ମଧ୍ୟରୁ ରଣାସଙ୍ଗକୁ ଯାତାୟତ ପାଇଁ ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ।

■ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ସିପ୍ରା ମଲ୍ଲିକ


ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଆସିଥିବା ସିପ୍ରା ମଲ୍ଲିକ ଓ ଅନ୍ୟ ନେତାମାନେ।

**ଭୁବନେଶ୍ୱର (ବ୍ୟୁରୋ)/ କେନ୍ଦ୍ରାପଡ଼ା ଅଫିସ, ୧୦।୪**

କେନ୍ଦ୍ରାପଡ଼ା ସଂରକ୍ଷିତ ବିଧାନସଭା ଆସନକୁ ନେଇ ବିଜେଡିର ଚିନ୍ତା ଦୂର ହୋଇଛି। ଦଳୀୟ ପ୍ରାର୍ଥୀ ତଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ବିରୋଧରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହା ଦ୍ୱାରା ସେହି ଆସନରେ ବିଜେଡି ଭୋଟ୍ ବିଭାଜନର ଆଶଙ୍କା ରହୁଥିଲା। ଯାହା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଚିନ୍ତାରେ ପକାଇଥିଲା। ଶଶିଭୂଷଣ ମୂଳତଃ କେନ୍ଦ୍ରାପଡ଼ା ବାସିନ୍ଦା ହୋଇ ନ ଥିବାରୁ ତାଙ୍କ ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ତେଣୁ ସେଠାରେ ଦଳୀୟ କନ୍ଦଳକୁ ପ୍ରଶମିତ କରିବା ପାଇଁ ସ୍ଥାନୀୟ ସମସ୍ତ ନେତାଙ୍କୁ ବୁଧବାର ନବୀନ ନିବାସ ଡକାଯାଇଥିଲା। ଏଥିରେ ସିପ୍ରା ମଲ୍ଲିକ, ବର୍ତ୍ତମାନ କେନ୍ଦ୍ରାପଡ଼ା ବିଧାୟକ ଥିବା କିଶୋର ତରାଇ ଏବଂ ବରିଷ୍ଠ ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ଥିଲେ। ଆଲୋଚନା ପରେ ସିପ୍ରା କହିଛନ୍ତି, ଦଳର ନେତାଙ୍କ ପରାମର୍ଶକ୍ରମେ ସେ ନିଃସର୍ତ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ। ସେଠାରୁ ଦଳୀୟ ପ୍ରାର୍ଥୀ ହୋଇଥିବା ଶଶିଭୂଷଣ ବେହେରାଙ୍କୁ ସମର୍ଥନ କରିବେ। ଶଶୀ ବାବୁ ପ୍ରାର୍ଥୀ ହୋଇଥିଲେ ବି, ସେ ପୂର୍ବପରି ଲୋକଙ୍କ ସହ ରହିବେ। ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ମୋର ପ୍ରାଥମିକତା ହେବ ।

ସେହିପରି ବିଜେଡି ପ୍ରାର୍ଥୀ ଶଶିଭୂଷଣ କହିଛନ୍ତି, ସିପ୍ରା ପୂର୍ବରୁ ବିଧାୟିକା ଥିବାରୁ ତାଙ୍କ ପ୍ରତି ଜନସମର୍ଥନ ରହିଛି। ସେ ଜଣେ ଦକ୍ଷ ବିଜେଡି ନେତ୍ରୀ। ଅନ୍ୟପକ୍ଷେ କେନ୍ଦ୍ରାପଡ଼ା ବିଜେଡିର ଗଡ଼ ଭାବେ ପରିଚିତ। ସବୁ ସମୟରେ କେନ୍ଦ୍ରାପଡ଼ା ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଥ୍ ଦେଇଛି। ତେଣୁ ସମସ୍ତଙ୍କ ସହଯୋଗ ଏବଂ କେନ୍ଦ୍ରାପଡ଼ାବାସୀଙ୍କ ଆଶୀର୍ବାଦ ମୋ ପାଇଁ ସଫଳତା ଆଣିବ।

# ଗୁରୁତ୍ୱ ହରାଉଛନ୍ତି ଛାତ୍ରନେତା

■ ବିଜେଡି, ଭାଜପା ସମାନ ଅବସ୍ଥା
■ ଟିକେଟ ପାଇଲେନି ଛାତ୍ର ବିଜେଡି ଉପଦେଷ୍ଟା, ସଭାପତି
■ ଲୋକନାଥ, ଟଙ୍କଧରଙ୍କୁ ମିଳିଲାନି ସୁଯୋଗ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ରାଜନୀତିରେ ପରବର୍ତ୍ତୀ ପିଢି ପାଇଁ ବାଟ ଛାଡିବା ଆବଶ୍ୟକ। ସବୁ ଦଳ ଅଧିକାଂଶ ଯୁବ ଏବଂ ଛାତ୍ର ନେତୃତ୍ୱକୁ ଗୁରୁତ୍ୱ ଦେବା ପାଇଁ କହିଥାନ୍ତି। ହେଲେ ଟିକେଟ ବଣ୍ଟନରେ ତାହା ପ୍ରତିଫଳିତ ହେଉନାହିଁ, ଯାହାକି ଚଳିତ ନିର୍ବାଚନରେ ବିଜେଡି ଓ ଭାଜପାରେ ଦେଖିବାକୁ ମିଳିଛି। ଶାସକ ବିଜେଡି ଛାତ୍ର ନେତୃତ୍ୱକୁ ସମ୍ପୂର୍ଣ୍ଣଭାବେ ଅଣଦେଖା କରିଥିବା ସବୁଆଡ଼େ ଆଲୋଚନା ହେଉଛି। କଂଗ୍ରେସ ଟିକେଟ ନେଇ ବିବାଦ ଦେଖାଦେଇଛି, ମାତ୍ର ଦଳ ଛାତ୍ର ଓ ଯୁବ ନେତୃତ୍ୱକୁ ଯଥେଷ୍ଟ ଗୁରୁତ୍ୱ ଦେଇଛି। ଭାଜପାରେ ମଧ୍ୟ ବିଜେଡି ଭଳି ଛାତ୍ର ନେତୃତ୍ୱକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି।

ବିଜେଡି ପକ୍ଷରୁ ଛାତ୍ର ସଙ୍ଗଠନ ଉପଦେଷ୍ଟା ଥିବା ଚିନ୍ମୟ ସାହୁ, ଛାତ୍ର ସଭାପତି ରାଣାପ୍ରତାପ ପାତ୍ରଙ୍କୁ ଟିକେଟ ଦେଇନାହିଁ। ୨୦୧୪ ସାଧାରଣ ନିର୍ବାଚନ ଫଳାଫଳର କିଛିମାସ ପରେ ଚିନ୍ମୟ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଆରମ୍ଭରୁ ରାଜଧାନୀର ଅନ୍ୟତମ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ ଭୁବନେଶ୍ୱର-ଉତ୍ତରରେ ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ଚର୍ଚ୍ଚାରେ ନ ଥିବା ସୁଶାନ୍ତ ରାଉତ ଟିକେଟ ହାତେଇଥିଲେ। ତେଣୁ ଛାତ୍ର କଂଗ୍ରେସ ରାଜନୀତିରେ ସର୍ବାଧିକ ଚର୍ଚ୍ଚାରେ ରହୁଥିବା ଚିନ୍ମୟଙ୍କ ରାଜନୈତିକ ଭବିଷ୍ୟତ ନେଇ ବର୍ତ୍ତମାନ ଅନିଶ୍ଚିତତା ସୃଷ୍ଟି ହୋଇଛି। ବିଜେଡିର ଶୀର୍ଷ ଉପଦେଷ୍ଟା ବୋଲାଉଥିବା କେତେଜଣ ହାତଗଣତି ନେତାଙ୍କ ଗୋଷ୍ଠୀଭୁକ୍ତ ନ ହେବା କାରଣରୁ ଚିନ୍ମୟଙ୍କୁ ଟିକେଟ ମିଳି ନ ଥିବା ଚର୍ଚ୍ଚା ହେଉଛି। ୨୦୦୪ରେ ଅରୁଣ ସାହୁ ଓ ୨୦୧୪ରେ ବ୍ୟୋମକେଶ ରାୟ ଛାତ୍ର ବିଜେଡି ସଙ୍ଗଠନ ଦାୟିତ୍ୱରେ ଥାଇ ଟିକେଟ ହାତେଇ ପାରିଥିଲେ। ହେଲେ ଏହା ୨୦୦୯ରେ ସମ୍ଭବ ହୋଇ ନ ଥିଲା। ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର କୌଣସି ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଙ୍ଗଠନ କରି ନ ଥିଲେ। ଶେଷ ମୁହୂର୍ତ୍ତରେ ଟିକେଟ ପାଇବା ପାଇଁ ଚାପ ପକାଇଥିଲେ। ହେଲେ ଏହାକୁ ବିଜେଡି ନେତୃତ୍ୱ ଗୁରୁତ୍ୱ ଦେଇ ନ ଥିଲା। ସେହିପରି ଭାଜପାରେ ମଧ୍ୟ ଛାତ୍ର ନେତୃତ୍ୱକୁ ଅଣଦେଖା କରାଯାଇଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ଏଥର ଟିକେଟ ମିଳିନାହିଁ। ଅନ୍ୟପକ୍ଷରେ ବିଜେଡି ଓ ଭାଜପା ଅପେକ୍ଷା କଂଗ୍ରେସ ଅଧିକ ସଂଖ୍ୟକ ଛାତ୍ରଙ୍କୁ ଟିକେଟ ଦେଇଛି। ଦଳୀୟ ଟିକେଟରେ ଚଳିତଥର ନିର୍ବାଚନ ଲଢୁଥିବା ପ୍ରମୁଖ ପ୍ରାର୍ଥୀମାନେ ହେଉଛନ୍ତି ଭୁବନେଶ୍ୱର-ଉତ୍ତରରୁ ପ୍ରାର୍ଥୀ ହୋଇଥିବା ଇତିଶ୍ ପ୍ରଧାନ (ପୂର୍ବତନ ଛାତ୍ର କଂଗ୍ରେସ ସଭାପତି), ମଧ୍ୟରୁ ରାଜୀବ ପଟ୍ଟନାୟକ (ଏନ୍‌ଏସ୍‌ୟୁଆଇ ସାଧାରଣ ସମ୍ପାଦକ), ପୁରୀରୁ ପ୍ରାର୍ଥୀ ହୋଇଥିବା ଅରୋପ୍ରସାଦ ମିଶ୍ର (ନ୍ୟାଶନାଲ ଡେଲିଗେଟ୍, ଏନ୍‌ଏସ୍‌ୟୁଆଇ), ପାଲଲହଡାରୁ ସୁବ୍ରତ ଗଡନାୟକ (ଯୁବ କଂଗ୍ରେସ ନେତା)। ହେଲେ ମହାକାଳପଡାରୁ ଦଳୀୟ ଟିକେଟ ଆଶାୟୀ ଥିବା ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କୁ ଟିକେଟ ମିଳିନାହିଁ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ପକ୍ଷରୁ ଅବକାଶ ସାହୁଙ୍କୁ ବୌଦ୍ଧ ବିଧାନସଭା ପାଇଁ ପ୍ରାର୍ଥୀ କରାଯାଇଛି। ହେଲେ ବିଭିନ୍ନ ନେତାଙ୍କ ପୁତ୍ରକନ୍ୟାମାନଙ୍କୁ ବିଜେଡି, କଂଗ୍ରେସରେ ବ୍ୟାପକ ଗୁରୁତ୍ୱ ଦିଆଯାଇଛି।

ତେଣୁ ଏହି ପରମ୍ପରା ଛାତ୍ରମାନଙ୍କୁ ରାଜନୀତିକୁ ଆକର୍ଷିତ କରିବାରେ ଅନ୍ତରାୟ ସୃଷ୍ଟି କରିବ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ବିଭିନ୍ନ ନେତାଙ୍କ ଦାୟାଦଙ୍କୁ ଟିକେଟ ମିଳିବା ଭଳି ଦକ୍ଷ ଛାତ୍ର ଏବଂ ଯୁବକଙ୍କୁ ନିର୍ବାଚନ ରାଜନୀତିରେ ସୁଯୋଗ ମିଳିବା ଉଚିତ ବୋଲି ବିଶ୍ଳେଷକମାନେ ମତ ରଖିଛନ୍ତି। ଏଭଳି ସ୍ଥିତିରେ ଟିକେଟ୍ ନ ପାଇଥିବା ଛାତ୍ରନେତାଙ୍କ ମନରେ କ୍ଷୋଭ ରହିଥିବା ବେଳେ, ଦଳର ନେତୃତ୍ୱ ବିରୋଧରେ ମୁହଁ ଖୋଲିବାକୁ ସାହାସ କରିପାରୁ ନାହାନ୍ତି ବୋଲି ନିଜ ନାମ ଗୋପନ ରଖି ଜଣେ ଛାତ୍ର ନେତା କହିଛନ୍ତି।

## ସଂକ୍ଷେପରେ

### ସିଇଓଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ
## ୬୦ ଚାଷୀଙ୍କୁ ଗିରଫ କଲା ପୋଲିସ

**ଭୁବନେଶ୍ୱର,୧୦।୪(ବ୍ୟୁରୋ):** ଚାଷୀଙ୍କୁ ଅବହେଳା ଓ ଅଣଦେଖା କରୁଥିବା ରାଜନୈତିକ ଦଳ ବିରୋଧରେ ଅଭିଯୋଗ କରିବା ପାଇଁ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇଥିବା ନବ ନିର୍ମାଣ କୃଷକ ସଂଗଠନର ସହାୟତାରେ ଆସିଥିବା କୃଷକମାନେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଥିଲେ । ମାତ୍ର ଏ ନେଇ ସମସ୍ତଙ୍କୁ ଅନୁମତି ମିଳି ନ ଥିଲା। ଅନୁମତି ନ ମିଳିବାରୁ ୬୦ରୁ ଊର୍ଦ୍ଧ୍ୱ ଚାଷୀ ସିଇଓଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ଗିରଫ କରିଛି। ଗିରଫ ବେଳେ ଚାଷୀମାନଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ବହୁ ସଂଖ୍ୟାରେ ଚାଷୀ ନ ଆସି ଏକ ପ୍ରତିନିଧି ମଣ୍ଡଳୀକୁ ପଠାଇବା ପାଇଁ ସିଇଓ ଅନୁମତି ଦେଇଥିଲେ । ମାତ୍ର ସମସ୍ତ ଚାଷୀ ସିଇଓଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଥିଲେ। ସମସ୍ତ ଚାଷୀଙ୍କୁ ଭେଟିବାକୁ ଅନୁମତି ମିଳି ନ ଥିଲା। ନବ ନିର୍ମାଣ କୃଷକ ସଂଗଠନ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହି ସମସ୍ତ ଚାଷୀଙ୍କ ସହ ସିଇଓଙ୍କ ଆଲୋଚନା ଦାବି କରିଥିଲା। ନ ମାନିବାରୁ ସେମାନଙ୍କୁ ଗିରଫ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି। ନବ ନିର୍ମାଣ କୃଷକ ସଂଗଠନ ଚାଷୀଙ୍କୁ ପ୍ରାଇସ୍, ପ୍ରେସ୍‌ଟିଜ ଓ ପେନ୍‌ସନ ଦାବିରେ ବହୁଦିନରୁ ଆନ୍ଦୋଳନ ଚଳାଇ ଆସୁଛି। ନେତାମାନେ ସେମାନଙ୍କ ଦାବି ମାନୁ ନ ଥିବା ବେଳେ ଭୋଟ ପାଇଁ ଆସୁଛନ୍ତି। ଏହାର ପ୍ରତିବାଦରେ ଆମେ ହିଂସାତ୍ମକ ଆନ୍ଦୋଳନ କରି ନ ଥିଲୁ । କିନ୍ତୁ ପୋଲିସ ଆମକୁ ବାଧା ଦେଇଥିଲା। ସିଇଓଙ୍କ ସହ ଆଲୋଚନା ନ କରି ଆମେ ଏଠାରୁ ହଟିବୁ ନାହିଁ । ରାଜନୈତିକ ଦଳ ନିର୍ବାଚନ ପରେ ଚାଷୀମାନଙ୍କୁ ଭୁଲି ଯାଉଛନ୍ତି ବୋଲି ସଂଗଠନର ଆବାହକ ଅକ୍ଷୟ କୁମାର ଅଭିଯୋଗ କରିଥିଲେ । ଦାବି ପୂରଣ ନ ହେଲେ ଚାଷୀମାନେ ଚଳିତ ନିର୍ବାଚନକୁ ବର୍ଜନ କରିବେ ବୋଲି ସେ ଚେତାବନୀ ଦେଇଥିଲେ।

## ରୋଗୀ ମୃତ୍ୟୁକୁ ନେଇ କଳିଙ୍ଗ ହସ୍ପିଟାଲରେ ଭଙ୍ଗାରୁଜା

**ଭୁବନେଶ୍ୱର ୧୦।୪ (ବ୍ୟୁରୋ):** ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁକୁ କେନ୍ଦ୍ର କରି ବୁଧବାର କଳିଙ୍ଗ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟମାନେ ଚିକିତ୍ସା ଅବହେଳା ଅଭିଯୋଗ ଆଣି ହୋହଲ୍ଲା କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅଭିଯୋଗ ମୁତାବକ, ନୟାଗଡ଼ ଅଞ୍ଚଳର ଫକୀର ମୋହନ ସାହୁ(୬୫) କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ଗତ ୪ଦିନ ତଳେ ପରିବାର ଲୋକେ ତାଙ୍କୁ କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ବୁଧବାର ସକାଳେ ଏ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଏଥିସହ ବକେୟା ୭୦ହଜାର ଟଙ୍କା ଦାଖଲ କରି ମୃତଦେହ ନେଇଯିବାକୁ କୁହାଯାଇଥିଲା। ଫକୀରଙ୍କ ଚିକିତ୍ସା ପାଇଁ ତାଙ୍କ ପରିବାର ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ମାତ୍ର ଠିକ୍ ଭାବେ ଚିକିତ୍ସା କରା ନ ଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରି ଶୋଷଣ କରାଯାଉଥିବା କହି ପାଟିତୁଣ୍ଡ କରିଥିଲେ। ପୁଣି ରାତିରେ ମୃତ୍ୟୁ ଘଟିଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହକୁ ଆଇସିୟୁରେ ରଖି ଅଯଥା ବିଲ୍ କରିଥିବା କହିଥିଲେ। ଖବର ପାଇ ମୃତକଙ୍କ ସମ୍ପର୍କୀୟମାନେ ହସ୍ପିଟାଲରେ ପହଞ୍ଚିବା ପରେ ପରିସ୍ଥିତି ଆହୁରି ବିଗିଡି ଯାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ଚିକିତ୍ସା ଅବହେଳାକୁ ଖଣ୍ଡନ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। କଥା କଟାକଟି ଭିତରେ ମୃତକଙ୍କ ସମ୍ପର୍କୀୟମାନେ ଉତ୍କ୍ଷିପ୍ତ ହୋଇ କେତେକ ଝରକା ଓ କବାଟକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଖବର ପାଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କ ଥାନାକୁ ପଠାଇ ପରିସ୍ଥିତିକୁ ଆୟତ୍ତ କରିଥିଲେ। ତେବେ ପଚରାଉଚରା ପରେ ବ୍ୟକ୍ତିଗତ ମୁଚାଲିକାରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି।

### ସୁନ୍ଦରଗଡ଼ରେ ନବୀନଙ୍କ ମାରାଥନ ପ୍ରଚାର
# ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରିବି

**ସୁନ୍ଦରଗଡ଼ /ହେମଗିର/ବାଲିଶଙ୍କରା, ୧୦।୪ (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସୁନ୍ଦରଗଡ଼ ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମାରାଥନ ପ୍ରଚାର କରିଛନ୍ତି। ଓଡ଼ିଶାବାସୀଙ୍କ ଆଶୀର୍ବାଦ ମିଳିଲେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେମାନଙ୍କ ସେବା କରିବି ବୋଲି ନବୀନ କହିଛନ୍ତି। ସେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡ଼ାରେ ପହଞ୍ଚି ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୁନ୍ଦରଗଡ଼ ଜିଲା ହେମଗିରରେ ୧୦ଟା ୫୫ରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ନିର୍ବାଚନୀ ସଭାରେ ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ସୁନୀତା ବିଶ୍ୱାଳ ଓ ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ଯୋଗେଶ ସିଂଙ୍କ ସପକ୍ଷରେ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ। ଏହାପରେ ୧୧ଟା ୪୧ରେ ସେ ତଲସରା ନିର୍ବାଚନମଣ୍ଡଳୀର ତିଲେଇକାନି ଖେଳପଡିଆଠାରେ ଆୟୋଜିତ ନିର୍ବାଚନୀ ସଭାରେ


ହେମଗିର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଉଦ୍‌ବୋଧନ ଦେଇ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଆହୁରି କହିଥିଲେ, ସୁନ୍ଦରଗଡ଼ ହେଉଛି ହକିର ଜନ୍ମଭୂମି। ସାରା ବିଶ୍ୱରେ ଭାରତ ହକି ପାଇଁ ଗୌରବ ବଢାଇଛି। ଓଡ଼ିଶାରେ ତାଙ୍କ ସରକାର ବିଶ୍ୱକପ୍ ହକିର ଆୟୋଜନ କରିଥିଲା। କାଳିଆ ଯୋଜନାରେ ୪୦ଲକ୍ଷ ଚାଷୀ ସହାୟତା ପାଇଲେଣି। କିନ୍ତୁ କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ ପାଇଁ ଚକ୍ରାନ୍ତ କରୁଛି। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଏହି କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ବିଜୁ ଜନତା ଦଳ ସରକାର ଚଳିତ ନିର୍ବାଚନରେ କ୍ଷମତାକୁ ଆସିବାର ପ୍ରଥମ ଦିନରେ ରାଜ୍ୟର ସବୁ ଚାଷୀ ଦ୍ୱିତୀୟ କିସ୍ତି ପାଇବେ। କେନ୍ଦ୍ରର ବଡ ବଡ ନେତା ଘନଘନ ଓଡିଶା ଗସ୍ତ କରି କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଛନ୍ତି। ନିର୍ବାଚନ ଆସିଲେ କେବଳ ସେତେବେଳେ ଓଡ଼ିଶାର ବିକାଶ କଥା ମନେପଡେ। ଗତ ୫ବର୍ଷରେ ସେମାନେ ଦେଇଥିବା ପ୍ରତିଶ୍ରୁତି ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ଏସସି, ଏସଟି ପିଲାଙ୍କର ଷ୍ଟାଇପେଣ୍ଡ କେନ୍ଦ୍ର କାହିଁକି ବନ୍ଦ କରିଦେଲା। ଚାଷୀ ବୀମା କରି କାହିଁକି ହଇରାଣ ହେଉଛନ୍ତି। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡିଶାର ସୁନ୍ଦରଗଡର ଜଣେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ସେ ସବୁ ଜାଣିଛନ୍ତି। ମାତ୍ର ସେ ତାଙ୍କ ହାଇକମାଣ୍ଡଙ୍କ ସକାଶେ ମୁହଁ ବନ୍ଦ କରି ବସିଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ତାଙ୍କର କେହି ହାଇକମାଣ୍ଡ ନାହାନ୍ତି। ତାଙ୍କର ହାଇକମାଣ୍ଡ ହେଉଛନ୍ତି ତାଙ୍କର ପ୍ରିୟ ଓଡିଶାବାସୀ।

ହେମଗିରଠାରେ ଆୟୋଜିତ ନିର୍ବାଚନୀ ସଭାରେ ଲୋକ ସଭା ପ୍ରାର୍ଥିନୀ ସୁନୀତା ବିଶ୍ୱାଳ, ସୁନ୍ଦରଗଡ ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ରାଣୀ ପଦ୍ମିନୀ ଶେଖର ଦେଓ, ବିଜେଡି ଛାତ୍ର ନେତା ବୈକୁଣ୍ଠ ନାଏକ, ଲଲାଟ ପରିଡା, ସୁକାନ୍ତ ପତି, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁମନ୍ତ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ତଲସରା ନିର୍ବାଚନ ମଣ୍ଡଳୀ ତିଲେଇକାନିଠାରେ ଆୟୋଜିତ ନିର୍ବାଚନୀ ସଭାରେ ଲୋକ ସଭା ପ୍ରାର୍ଥିନୀ ବିଶ୍ୱାଳଙ୍କ ସମେତ ତଲସରା ବିଜେଡି ବିଧାୟକ ପ୍ରାର୍ଥୀ ଷ୍ଟିପେନ ଉଇଲସନ ସୋରେଙ୍ଗ, ଜିଲାଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି, ବିନୟ ଟପ୍ପୋ, ଶିଶିର କୁମାର ସାହୁ , ବିନୋଦ କୁଜୁର, ମନୋଜ ପଟେଲ, ଜୟନ୍ତୀ ଏକ୍କା, ରାଜକୁମାର ଶତପଥୀ, ଜନସନ ସୋରେଙ୍ଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହା ପରେ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ଜାମପାଲି, ବଣାଇ ନିର୍ବାଚନମଣ୍ଡଳୀର ରାଜାମୁଣ୍ଡା, ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ରାଏବଗାଠାରେ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପରେ ରାଉରକେଲାରେ ରୋଡ ଶୋ ମାଧ୍ୟମରେ ରାଉରକେଲା ଓ ରଘୁନାଥପାଲି ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ହାଇଟେକ ପ୍ରଚାର କରିଥିଲେ।

# ପୂର୍ବତନ କର୍ପୋରେଟରଙ୍କ ସମେତ ୨ ଗିରଫ

**କଟକ ଅଫିସ, ୧୦।୪**

୨୦୧୬ ଜୁନ୍ ମାସରେ କମିଶନରେଟ୍ ପୋଲିସ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଓ ବିଭିନ୍ନ ଆପରାଧିକ ମାମଲାରେ ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତ (ଡି ବ୍ରଦର୍ସ)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ସେବେଠାରୁ ଜେଲରେ ଅଛନ୍ତି। ହେଲେ ସେଠାରେ ରହି ମଧ୍ୟ ଡି ବ୍ରଦର୍ସ ସେମାନଙ୍କର ଆପରାଧିକ କାରବାର ଚଳାଉଛନ୍ତି। ଯାହା ବୁଧବାର କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ଚାଉଳିଆଗଞ୍ଜ ପୋଲିସ ମିଳିତ ଭାବେ ଗିରଫ କରିଥିବା ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସ୍ପଷ୍ଟ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କଟକ ମହାନଗର ନିଗମ(ସିଏମ୍‌ସି) ୭ ନଂ. ୱାର୍ଡର ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳ(୨୯) ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଙ୍ଗଳାସାହି ଅଞ୍ଚଳର ଆଲୋକ ପୃଷ୍ଟି(୨୭)। ପୋଲିସ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ ଏକ ଲୁହା ବ୍ୟାରେଲ ଜବତ କରିଛି। ଏ ନେଇ ପୋଲିସ ଆର୍ମ୍ସ ଆକ୍ଟ ୨୫(୧)(ଏ)(ଆଇ-ଏ)ରେ ଏକ ମାମଲା(ନଂ.୧୧୦/୧୯) ରୁଜୁ କରିଛି। ଗିରଫ ପରେ ଉଭୟ ଅଭିଯୁକ୍ତଙ୍କୁ କଟକ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ଉଭୟ ଅଭିଯୁକ୍ତ



ପୋଲିସ ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳ ଓ ଆଲୋକ ପୃଷ୍ଟିଙ୍କୁ କୋର୍ଟକୁ ନେଉଛି।

ଡି ବ୍ରଦର୍ସ ଲିଙ୍କ୍‌ରେ ଥିବାବେଳେ ରଞ୍ଜିତା ମାଷ୍ଟରମାଇଣ୍ଡ ଥିବା ପୋଲିସ ସୂଚନା ଦେଇଛି। ରଞ୍ଜିତାଙ୍କ ମାଧ୍ୟମରେ ଡି ବ୍ରଦର୍ସ ଜେଲରେ ରହି ସେମାନଙ୍କ ଆପରାଧିକ କାରବାର ଚଳାଉଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଏହି ଲିଙ୍କ୍‌ରେ ଆଉ କେତେଜଣ ଅଭିଯୁକ୍ତ ସାମିଲ ଥିବା ଜଣାପଡିଛି। ସେମାନଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରଖିଥିବା ଡିସିପି କହିଛନ୍ତି।

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଜାରି ରହିଥିବାବେଳେ ପୋଲିସ ଅଭିଯୁକ୍ତ ଆଲୋକଙ୍କ ଉପରେ କଡା ନଜର ରଖିଥିଲା। ଆଲୋକଙ୍କ ପାଖରେ କିଛି ମାରଣାସ୍ତ୍ର ଥିବା ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ସୂଚନା ପାଇଥିଲା। ପରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ଚାଉଳିଆଗଞ୍ଜ ପୋଲିସ ମିଳିତ ଭାବେ ଆଲୋକଙ୍କ ଘରେ ଚଢାଉ କରିଥିଲେ। ଯାଞ୍ଚବେଳେ ଆଲୋକଙ୍କ ପାଖରୁ ଏକ ବନ୍ଧୁକ, ଦୁଇଟି ଗୁଳି ଓ ଏକ ଲୁହା ବ୍ୟାରେଲ ଜବତ କରାଯାଇଥିଲା। ପରେ ତାଙ୍କୁ ପଚରାଉଚରା କରାଯିବାରୁ ସେ ଡି ବ୍ରଦର୍ସ ଲିଙ୍କ୍‌ରେ ରହିଥିବା ପୋଲିସ ନିକଟରେ ମାନିଥିବାବେଳେ ଉକ୍ତ ବନ୍ଧୁକ ସେ ରଞ୍ଜିତାଙ୍କ ଠାରୁ ଆଣିଥିବା କହିଥିଲେ। ଏହାପରେ ପୋଲିସ ବିଡାନାସୀ ସ୍ଥିତ ରଞ୍ଜିତାଙ୍କ ଘର ଉପରେ ଚଢାଉ କରି ୯ ଏମ୍‌ଏମ୍, ୭ ଏମ୍‌ଏମ୍‌ର ଦୁଇଟି ବନ୍ଧୁକ ସହ ୫ଟି ଗୁଳି ଜବତ କରିଥିଲା। ଉଭୟଙ୍କୁ ପୋଲିସ ଗିରଫ କରି ପଚରାଉଚରା କରିବାରୁ ଜଣାପଡିଥିଲା ଯେ, ଡି ବ୍ରଦର୍ସଙ୍କ ସହଯୋଗୀ ଭାବେ ସେମାନେ କାର୍ଯ୍ୟ କରୁଥିଲେ। ଡି ବ୍ରଦର୍ସ ରଞ୍ଜିତାଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗରେ ରହି ତାଙ୍କ ଦ୍ୱାରା ସେମାନେ ଆପରାଧିକ କାରବାର ଚଳାଉଥିଲେ। ଟେଣ୍ଡର ଫିକ୍ସିଂ, ଡକାୟତି, ଦାଦାବଟି, ଯୁବପିଢିଙ୍କୁ ଆପରାଧିକ କାରବାରରେ ସାମିଲ ଆଦି କାର୍ଯ୍ୟ ସେମାନେ ଚଳାଉଥିଲେ। କେତେବେଳେ, କେଉଁଠି, କ'ଣ କାରବାର କରାଯିବ ରଞ୍ଜିତାଙ୍କ ମାଧ୍ୟମରେ ଡି ବ୍ରଦର୍ସ ତାଙ୍କ ଗ୍ୟାଙ୍ଗର ସହଯୋଗୀମାନଙ୍କୁ ସୂଚନା ଦେଉଥିଲେ। ଗ୍ୟାଙ୍ଗର ସହଯୋଗୀମାନେ କୌଣସି ଆପରାଧିକ କାର୍ଯ୍ୟ କରିବା ପାଇଁ ରଞ୍ଜିତାଙ୍କ ଠାରୁ ବନ୍ଧୁକ ନେଉଥିଲେ। କାର୍ଯ୍ୟ ସରିବା ପରେ ପୁଣି ଆଣି ରଞ୍ଜିତାଙ୍କୁ ବନ୍ଧୁକ ଫେରାଇ ଦେଉଥିଲେ। ତେବେ ଏହି ନିର୍ବାଚନ ସମୟରେ ବଳପୂର୍ବକ ଟଙ୍କା ଆଦାୟ କରିବା ପାଇଁ ଡି ବ୍ରଦର୍ସ ଯୋଜନା କରିବା ସହ ଏଥିପାଇଁ ବହୁ ଅସ୍ତ୍ରଶସ୍ତ୍ର ବାହାରୁ ମଗାଇଛନ୍ତି ବୋଲି ସେମାନେ ପୋଲିସ ସମ୍ମୁଖରେ ମାନିଥିଲେ। ତେବେ ସେମାନେ କେଉଁଠୁ ଅସ୍ତ୍ରଶସ୍ତ୍ର ମଗାଉଥିଲେ, ଜେଲ୍‌ରେ ରହି କିପରି ରଞ୍ଜିତାଙ୍କ ସହ ଯୋଗାଯୋଗ କରୁଥିଲେ, କିପରି ଆପରାଧିକ କାରବାର ଚଳାଉଥିଲେ, ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି, ଏଭଳି କେତେକ ଦିଗ ଉପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଡିସିପି କହିଛନ୍ତି। ଆଲୋକଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନାରେ ୪, ରଞ୍ଜିତାଙ୍କ ବିରୋଧରେ ସଦର ଏବଂ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ୨୦୧୮ ମାର୍ଚ୍ଚରେ କଟକସଦର ପୋଲିସ ଡି ବ୍ରଦର୍ସ ଲିଙ୍କ୍‌ରେ ଥିବା ଅଭିଯୋଗରେ ରଞ୍ଜିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ।

**ଡି ବ୍ରଦର୍ସ ଲିଙ୍କ୍**
- ଜେଲ୍‌ରେ ରହି ରଞ୍ଜିତାଙ୍କ ମାଧ୍ୟମରେ ଚଳାଉଥିଲେ ଆପରାଧିକ କାରବାର
- ୩ ବନ୍ଧୁକ, ୭ ଗୁଳି, ଲୁହା ବ୍ୟାରେଲ ଜବତ
- ଅପରାଧୀଙ୍କୁ ବନ୍ଧୁକ ଯୋଗାଉ ଥିଲେ ରଞ୍ଜିତା


ଜବତ ହୋଇଥିବା ବନ୍ଧୁକ ଓ ଗୁଳି।

## ଦୁଷ୍ମନ୍ତ ହେଲେ ଝାରସୁଗୁଡ଼ା ପ୍ରଚାର କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ଓଡିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଝାରସୁଗୁଡା ଜିଲା ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଦୁଷ୍ମନ୍ତ କୁମାର ପାଣ୍ଡେଙ୍କୁ ମନୋନୀତ କରିଛନ୍ତି। ଏନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

### ଘରୋଇ କଳିର କରୁଣ ପରିଣତି
## ସ୍ତ୍ରୀଙ୍କୁ ହତ୍ୟାକଲେ ସ୍ୱାମୀ

**ଲାଞ୍ଜିଗଡ଼,୧୦।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଭୁର୍ଟିଗଡ ପଞ୍ଚାୟତ ପାଲକି ଗାଁରେ ସାମାନ୍ୟ ଘରୋଇ କଳିକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି । ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ନର୍ଲା ଥାନା ଅନ୍ତର୍ଗତ ପାଲକି ଗାଁର ଛୋଟା ମାଝି କିଛି ବର୍ଷ ତଳେ ଅନୀତା ମାଝିଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ଭଲରେ କଟିବା ପରେ ପ୍ରାୟତଃ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା । ମଙ୍ଗଳବାରେ ସନ୍ଧ୍ୟାରେ ଏହି ଝଗଡା ଉଗ୍ର ରୂପ ନେଇଥିଲା । ଏଥିରେ ରାଗିଯାଇ ଛୋଟା ଅନୀତାଙ୍କ ଗଳାକାଟି ହତ୍ୟା କରିଥିଲେ । ବୁଧବାର ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଭାଜପା ସରକାର ଗଢ଼ିବାର ୩ ମାସ ମଧ୍ୟରେ ପେସା ଆଇନ ଲାଗୁହେବ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ଓଡିଶାରେ ପ୍ରାୟ ୧କୋଟି ଆଦିବାସୀ ବସବାସ କରୁଛନ୍ତି। ହେଲେ ବିଜେଡି ସରକାର ସବୁବେଳେ ସେମାନଙ୍କୁ ଅଣଦେଖା କରିଚାଲିଛି । ଗତ ୧୯ବର୍ଷରେ ବିଜେଡି ସରକାର ପେସା ଆଇନ କାର୍ଯ୍ୟକାରୀ କରିପାରିଲେ ନାହିଁ। ମାତ୍ର ରାଜ୍ୟରେ ଭାଜପା ସରକାର ଆସିବାର ୩ମାସ ମଧ୍ୟରେ ପେସା ଆଇନ ଲାଗୁ କରିବ । ସେହିପରି ଆମ ଗାଁ ଆମ ବିକାଶ, ପିଠା ଯୋଜନାରେ ଆଦିବାସୀ ଅଞ୍ଚଳରେ ଗ୍ରାମସଭାକୁ ଉପେକ୍ଷା କରାଯାଇଛି। ସ୍ଥାୟୀ ଜାତି ପ୍ରମାଣପତ୍ର ପ୍ରଦାନ କରିବାରେ ଅବହେଳା କରାଯାଉଛି। ଜଙ୍ଗଲ ଅଧିକାର ଓ ଅନ୍ୟ ରାଜସ୍ୱ ଆଇନରେ ପଟ୍ଟା ଜମି ଚିହ୍ନଟ, ଖଜଣା, ଧାନବିକ୍ରି, କୃଷିଋଣ ଦିଆଯାଉ ନାହିଁ। ସରକାରକୁ ଆସିଲେ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତାକୁ ଆମେ ସୁନିଶ୍ଚିତ କରିବା ସହିତ ଗ୍ରାମସଭାର କ୍ଷମତାକୁ ଗୁରୁତ୍ୱ ଦେବୁ ବୋଲି ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିୟବ୍ରତ ମାଝି କହିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରିୟବ୍ରତ କହିଛନ୍ତି, ନିର୍ବାଚନ ଥିବାରୁ ବିଜେଡି ଆଦିବାସୀମାନଙ୍କ କଥା ଉଠାଉଛି । ଆଦିବାସୀମାନଙ୍କ ବିକାଶ ପାଇଁ କିଛି କରି ନ ଥିବା ବିଜେଡି ଏବେ ଭୋଟ ହାତେଇବା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଆଦିବାସୀ କନ୍ୟାଶ୍ରମ ଓ ଛାତ୍ରୀ ନିବାସ ଗୁଡିକରେ ଅତ୍ୟାଚାର ବଢିଥିବାବେଳେ ରାଜ୍ୟ ସରକାର ଚୁପ ରହିଛନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଆଦିବାସୀଙ୍କୁ ରାଜ୍ୟ ସରକାର ଉଚିତ୍ ମୂଲ୍ୟ ଦେଉ ନାହାନ୍ତି। ଆମ ସରକାର ଆସିଲେ ଅନାବାଦୀ ଜମିରେ ଚାଷ କରୁଥିବା ଭୂମିହିନ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ କରିବୁ। ଆଦିବାସୀ ଅଧ୍ୟୁଷିତ ଛୋଟ ପଡ଼ା ଓ ଗାଁକୁ ମୁଖ୍ୟ ସଡ଼କ ସହ ସଂଯୋଗ କରିବା ପାଇଁ ବନବାସୀ କଲ୍ୟାଣ ଗ୍ରାମ ସଡ଼କ ଯୋଜନା ଆରମ୍ଭ କରିବୁ। ମିଶନ ମୋଡ଼ରେ ୨୦୨୨ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରାଯିବ। ଆଦିବାସୀମାନେ ଯେପରି ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଥିପାଇଁ ଆମେ ସମସ୍ତ ଲଘୁ ବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଉଛୁ। କ୍ରୟ ହେବାର ଏକ ସପ୍ତାହ ମଧ୍ୟରେ ସହାୟକ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରାଯିବ ବୋଲି ପ୍ରିୟବ୍ରତ କହିଛନ୍ତି।

## ୮ ହଜାର ଟଙ୍କା ଲାଞ୍ଚ: ସହକାରୀ ଯନ୍ତ୍ରୀ ଗିରଫ

**କଟକ ଅଫିସ,୧୦।୪:** ୮ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବିଷୋୟୀ। ସେ ଭୁବନେଶ୍ୱର ଠାରେ ଥିବା ଇଞ୍ଜିନିୟର ଇନ ଚିଫ(ସିଭିଲ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ। ବୁଧବାର ସେ ଏହି ଲାଞ୍ଚ କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କରଞ୍ଜିଆପଡା ଗ୍ରାମର ଜତିରଞ୍ଜନ ଗଣପତିଙ୍କ ଠାରୁ ପୂର୍ବ ଦାବିମୁତାବକ ଗ୍ରହଣ କରୁଥିଲେ। ଜତିରଞ୍ଜନ ଗତ ଡିସେମ୍ବର ମାସରୁ ଇଞ୍ଜିନିୟର ଇନ୍ ଚିଫଙ୍କ କାର୍ଯ୍ୟାଳୟରେ ଏ ଗ୍ରେଡ କଣ୍ଟ୍ରାକ୍ଟର ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଏହି ଫାଇଲ ପ୍ରୋସେସିଂ କରିବା ପାଇଁ ବିଷୋୟୀ ୮ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଫିସ ଭିତରେ ବସି ସହକାରୀ ଯନ୍ତ୍ରୀ ଏହି ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ବିଷୋୟୀଙ୍କ ପାଖରୁ ଭିଜିଲାନ୍ସ ଅଧିକାରୀମାନେ ଲାଞ୍ଚ ଟଙ୍କାକୁ ଜବତ କରିବା ପରେ ଭୁବନେଶ୍ୱରରେ ଥିବା ତାଙ୍କ ସରକାରୀ କ୍ୱାର୍ଟରକୁ ଯାଞ୍ଚ କରିଥିଲେ। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୨/୧୯) ରୁଜୁ କରାଯାଇ ବିଷୋୟୀଙ୍କୁ ଗିରଫ କରାଯାଇଛି।

# ପାଟଦର୍ହା ଜଙ୍ଗଲରେ ମାଓବାଦୀ-ଯବାନ ଗୁଳି ବିନିମୟ

**ନୂଆପଡ଼ା ଅଫିସ/ବୋଡେନ,୧୦।୪**

ନୂଆପଡ଼ା ଜିଲା ସଦର ମହକୁମାଠାରୁ ୧୦୦ କି.ମି. ଦୂର ବୋଡେନ ଥାନା ପାଟଦର୍ହା ଜଙ୍ଗଲରେ ବୁଧବାର ପୂର୍ବାହ୍ନ ୧୧ଟାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ପୋଲିସ ସେଠାରେ ଏକ କ୍ୟାମ୍ପ ଠାବ କରିବା ସହ ମାଓବାଦୀଙ୍କ ବ୍ୟବହୃତ ବହୁ ସାମଗ୍ରୀ ଜବତ କରିଛି। ଏ ନେଇ ନୂଆପଡା ଏସ୍‌ପି ସ୍ମିତ ପରମାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାଧାରଣ ନିର୍ବାଚନକୁ ବିରୋଧ କରି ଆସୁଥିବା ମାଓବାଦୀଙ୍କ ଉପରେ ପୋଲିସ କଡ଼ା ନଜର ରଖିଥିବା ସେ କହିଛନ୍ତି ।

ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି, ଜିଲାରେ ଅବାଧ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା ସକାଶେ ନୂଆପଡ଼ା ପୋଲିସ ଜିଲାର ଦୁର୍ଗମ ଏବଂ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରିଛି। ଏହି କ୍ରମରେ ପାଟଦର୍ହା ଜଙ୍ଗଲରେ ମଙ୍ଗଳବାର ସନ୍ଧ୍ୟାରେ ସିଆର୍‌ପିଏଫ୍, ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ କୋଦୋଭଟା ଗାଁ ନିକଟରେ ମାଓବାଦୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାଓବାଦୀମାନେ ପୋଲିସ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ପରେ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହେବାପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ୨୫ରୁ ଊର୍ଦ୍ଧ୍ୱ ମାଓବାଦୀ ଏହି ଗୁଳିବିନିମୟରେ ସାମିଲ ହୋଇଥିବା ଅନୁମାନ କରାଯାଉଛି। ସେଠାରେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି । ସେହି କ୍ୟାମ୍ପରୁ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ବହୁ ୟୁନିଫର୍ମ, ଜିଲୋଟିନ, ଡେଟୋନେଟର, ଇନସାସ ମ୍ୟାଗାଜିନ, ମାଓବାଦୀଙ୍କ ପୁସ୍ତିକା ଆଦି ଜବତ କରାଯାଇଛି।

ସୂଚନାଯୋଗ୍ୟ, ଜିଲାର ୬୮ ବୁଥକୁ ମାଓବାଦୀ ପ୍ରଭାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଉପରୋକ୍ତ ଅଞ୍ଚଳରେ ସୁରକ୍ଷିତ ନିର୍ବାଚନ ଏବଂ ଶାନ୍ତିର ବାତାବରଣ ଫେରାଇ ଆଣିବାକୁ ୪୭ଟି ଟିମକୁ ନେଇ କୋମ୍ବିଂ ଅପରେଶନ ଚାଲୁ ରହିଛି। ଦିନରାତି ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡିକରେ ଯବାନମାନେ ପ୍ରହରା ଦେଉଥିବା ଏସ୍‌ପି କହିଛନ୍ତି।


କ୍ୟାମ୍ପରୁ ଜବତ କରାଯାଇଥିବା ମାଓବାଦୀଙ୍କ ବିଭିନ୍ନ ସାମଗ୍ରୀ।

**କ୍ୟାମ୍ପ ଠାବ, ବହୁ ସାମଗ୍ରୀ ଜବତ**

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଏପ୍ରିଲ, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ପ୍ରେସ୍ କ୍ଲବ ପକ୍ଷରୁ ଜଳଛତ୍ର

ଚଢେଇଧରା, ୧୦।୪(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ ନଂ ଜାତୀୟ ରାଜପଥର ବରଡ଼ାଛକଠାରେ ବୁଧବାର ଜେନାପୁର ପ୍ରେସ୍ କ୍ଲବ ପକ୍ଷରୁ ଏକ ଜଳଛତ୍ର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାଶ ଓ ଖବରଦାତା ରମାକାନ୍ତ ଜେନା ଯୋଗଦେଇ ଜଳଛତ୍ର ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଚକ୍ରଧର ବେହେରା, ସରୋଜ ରାଉତ, ଅମୂଲ୍ୟ ରାଉତ, ପ୍ରେସ୍ କ୍ଲବ ସଭାପତି କାଶିନାଥ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା ଅତିଥିଭାବେ ଯୋଗଦେଇଥିଲେ। ସକାଳ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୨ ମାସ ଧରି ଜଳଛତ୍ର ଖୋଲାଯିବା ନେଇ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁନିଲ ସାଗର ଦାସ, ପ୍ରମୋଦ ରାଉତ, ଅରୂପ ନାୟକ, ଅୟଶକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରେସ୍ କ୍ଲବର ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ।

### ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନ ଚେତାବନୀ

ଜେନାପୁର,୧୦।୪(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମ ପଞ୍ଚାୟତବାସୀ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆଗାମୀ ଦିନରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ନେଇ ବୈଠକରେ ନିଷ୍ପତ୍ତି ପ୍ରକାଶ ପାଇଛି। ମୁକୁନ୍ଦପୁର, କୁସୁନପୁର, ଚକ୍ରଧରପୁର, ନୂଆସାହି, ମହୁଲଖଲି, ବଲାଙ୍ଗିଆ ଗ୍ରାମକୁ ନେଇ ଚକ୍ରଧରପୁର ପଞ୍ଚାୟତ ଗଠିତ। ଏହି ପଞ୍ଚାୟତରେ ଜଙ୍ଗଲ ପରବେଶ ମଧ୍ୟରେ ବଲାଙ୍ଗିଆ ଗ୍ରାମର ଆଦିବାସୀ ଦୀର୍ଘ ବର୍ଷରୁ ରହି ଆସୁଥିଲେ ମଧ୍ୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରି ନାହାନ୍ତି। ଅପରପକ୍ଷେ ପଞ୍ଚାୟତକୁ ଆସୁଥିବା ବହୁ ଯୋଜନା ଉପଯୁକ୍ତ ଲୋକଙ୍କ ପାଖରେ ପହଞ୍ଚି ପାରୁ ନାହିଁ। ନିକଟରେ ପଞ୍ଚାୟତକୁ ୪୦ ହଜାର ଟଙ୍କାର ସହାୟତାରେ ଗୋପାଳନ ନିମନ୍ତେ ଆସିଥିବା ଅନୁଦାନ ଅର୍ଥକୁ କେତେକ ଲୋକ ନିଜ ପରିବାର ମଧ୍ୟରେ ବାଣ୍ଟି ନେଇଛନ୍ତି। ଏହିପରି ଖରିଫ ଚାଷ ପାଇଁ ଆସିଥିବା ୨୫ ହଜାର ଓ ଖତ ଗଡ଼ିଆ ପାଇଁ ୨୦ ହଜାର ଟଙ୍କାକୁ ବିତଶାଳୀ ଲୋକଙ୍କୁ ପ୍ରଦାନ କରାଯାଇଛି। ଏହାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଏକତ୍ରିତ ହୋଇ ବୈଠକ କରିଥିଲେ। ବୈଠକରେ ଗ୍ରାମରେ ଥିବା ପାନୀୟ ଜଳ, ଜାତି ପ୍ରମାଣପତ୍ର, ରାସ୍ତା, ଘରବାଡି ପଟ୍ଟା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଭତ୍ତା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ ବିଷୟରେ ଆଲୋଚନା ହୋଇଥିଲା। ସନ୍ତୋଷ କୁମାର ବଳ, ଗୋବିନ୍ଦ ଚନ୍ଦ୍ର ସିଂ, ପ୍ରଫୁଲ୍ଲ କୁମାର ରାଉତ, ବିଚିତ୍ର କୁମାର ମଲ୍ଲିକ, ସୁଦାମ ମଲିକ, ଗୌରାଙ୍ଗ ବେହେରା, ରାଜୁଆ ସିଂ, ଜୁଲୁକି ବେହେରା, ସଚ୍ଚଳା ମଲିକ, ସୁଷମା ମଲିକ, ଲଳିତା ମଲିକ, ଶାନ୍ତିଲତା ମଲିକ, ରୁନୁ ମହାନ୍ତି, ଦୌପଦୀ ମହାନ୍ତି, ଟୁପୁସି ବେହେରାଙ୍କ ସମେତ ଶତାଧିକ ଲୋକେ ଯୋଗ ଦେଇଥିଲେ।

# ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା

ଯାଜପୁର ଅଫିସ,୧୦।୪

ଶିଳ୍ପାୟନ ଦ୍ୱାରା ଜିଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ସ୍ଥାୟୀ ନିଯୁକ୍ତି ଦ୍ୱାରା ସ୍ଥାନୀୟ ଲୋକଙ୍କ ଅବସ୍ଥାରେ ଉନ୍ନତି ହେବ। ଏହିଭଳି ମନଲୋଭା ପ୍ରତିଶ୍ରୁତି ପାଇ ଯାଜପୁର ଜିଲା କଳିଙ୍ଗନଗରବାସୀ ଇସ୍ପାତ କାରଖାନା ପରେ ଏବେ ଅନେକ ସିମେଣ୍ଟ କାରଖାନାକୁ ସ୍ୱାଗତ କରୁଛନ୍ତି। ଏହିକ୍ରମରେ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଲିଃର ଚାରିକାନ୍ଥ ପରିସରରେ ଗଢି ଉଠୁଛି ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା। କିନ୍ତୁ ଏହି କାରଖାନାରେ ସ୍ଥାନୀୟ ଚାକିରି ତ ଦୂରର କଥା, ଅସ୍ଥାୟୀ ଠିକା ସଂସ୍ଥାରେ ଦିନ ମଜୁରିଆ କାର୍ଯ୍ୟ ପାଇଁ ମଧ୍ୟ ରାଜ୍ୟ ବାହାର ଲୋକଙ୍କୁ ଅଗ୍ରାଧିକାର ମିଳୁଛି। ଚାରିକାନ୍ଥ ଭିତରେ ବାହାର ରାଜ୍ୟର ଦଗା ପାୱାର, ସ୍ନାଇଡର ଇଲେକ୍ଟ୍ରିକ ଓ ପେଟ୍ରୋନ ସିଭିଲ ଇଞ୍ଜିନିୟରିଂ ଠିକାସଂସ୍ଥା ଦ୍ୱାରା ପଶ୍ଚିମବଙ୍ଗ ଅଞ୍ଚଳ ଯୁବକଙ୍କୁ ନିୟୋଜିତ କରାଯାଇଛି। ୨୦୧୭ ମେ ୩ତାରିଖରେ ଦାନଗଦୀ ଭବନଠାରେ ଅନୁଷ୍ଠିତ ଜନଶୁଣାଣିରେ ଜେଏସ୍‌ଡବ୍ଲ୍ୟୁ ଦେଇଥିବା ପ୍ରତିଶ୍ରୁତି ଏଠାରେ ଯେପରି ପାଣିର ଗାର ପାଲଟିଛି।

ମିଳିଥିବା ସୂଚନା ଅନୁସାରେ ଜେଏସ୍‌ଡବ୍ଲ୍ୟୁରେ ହାତଗଣତି ୪ ରୁ ୫ଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କୁ ଆଠଘଣ୍ଟା ସ୍ଥାନରେ ୧୨ରୁ ୧୫ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏପରି କି ସେମାନଙ୍କୁ ଓଭରଟାଇମ୍ ପାଇଁ ଅଧିକ ଦରମା ମିଳୁ ନାହିଁ। ନା ମିଳୁଛି ସୁରକ୍ଷା ସାମଗ୍ରୀ ନା ଚିକିତ୍ସା ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା। ଶ୍ରମ ଆଇନର ଖୋଲା ଉଲ୍ଲଂଘନ କରି ଲାଭଖୋର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଶ୍ରମିକଙ୍କୁ ଶୋଷଣ କରି ଚାଲିଥିବାବେଳେ ଶ୍ରମ ବିଭାଗ ନୀରବଦ୍ରଷ୍ଟା ସାଜିଛି। ବିଡ଼ମ୍ବନା ଯେ, ଏହି କାରଖାନରେ ସ୍ଥାନୀୟ ନିଯୁକ୍ତି କେତେ ରହିଛି ତାର ଉତ୍ତର ଜାଣିବାକୁ କୌଣସି ସାମାଜିକ ଅନୁଷ୍ଠାନ କିମ୍ବା ରାଜନୈତିକ ଦଳ ଆଗ୍ରହ ପ୍ରକାଶ ମଧ୍ୟ କରିନାହାନ୍ତି। ଜେଏସ୍‌ଡବ୍ଲ୍ୟୁରେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରାଯାଇ ବାହାର ଶ୍ରମିକଙ୍କୁ ନିଯୁକ୍ତ କରାଯିବା ପଛରେ କମ୍ପାନୀର ସ୍ୱାର୍ଥ ରହିଛି। ଟ୍ରେଡ ୟୁନିୟନ ରାଜନୀତିକୁ ଏଡ଼ାଇବା ସହ ଶ୍ରମିକଙ୍କ ସମୂହ ସ୍ୱାର୍ଥ ରକ୍ଷା ଲାଗି ସେମାନେ ଯେପରି ସଂଗଠିତ ହୋଇ ନ ପାରିବେ ସେଥିପାଇଁ ଜିନ୍ଦଲ କାରଖାନାର ଚାରିକାନ୍ଥ ପରିସରରେ ଜେଏସ୍‌ଡବ୍ଲ୍ୟୁ ନିର୍ମାଣାଧିନ ରହିଛି। ବାର୍ଷିକ ୧.୨ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପିପିସି), ପୋର୍ଟଲ୍ୟାଣ୍ଡ ଧାତୁ ଖାଦ(ପିଏସସି) ଏବଂ ଭୂମିଷ୍ଠ ବ୍ଲାଷ୍ଟ ଫର୍ନେସ୍ ସ୍ଲାଗ(ଜିଜିବିଏସ୍) ଉତ୍ପାଦନ କରିବାକୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡ ନିର୍ମାଣାଧିନ ରହିଛି। ପ୍ରକଳ୍ପର ସମୁଦାୟ ମୂଲ୍ୟ ୩୧୮ କୋଟି ଟଙ୍କା ରହିଛି। ପରିବେଶୀୟ ପରିଚାଳନା ପାଇଁ ୧୬୫୦ ଲକ୍ଷ, ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ୨୦୦୫ ଲକ୍ଷ ଟଙ୍କା ଆକଳନ କରାଯାଇଛି। ନିର୍ମାଣ ସମୟରେ ୭୫ଜଣ ଏବଂ କମ୍ପାନୀ କାର୍ଯ୍ୟକାରୀ ସମୟରେ ୧୮୫ଜଣ ନିଯୁକ୍ତି ପାଇବେ ବୋଲି ଜନଶୁଣାଣିରେ ସୂଚନା ଦିଆଯାଇଥିଲା। ଏଥିପାଇଁ ଜିନ୍ଦଲ କାରଖାନା ପରିସରରେ ୧୫ଏକର ଜମି ଇଡକୋ ଜରିଆରେ ଯୋଗାଇ ଦିଆଯାଇଛି। ଉତ୍ପାଦନ ସମୟରେ ଥାଇଲ୍ୟାଣ୍ଡ, ଚାଇନା ଏବଂ ଇଣ୍ଡୋନେସିଆରୁ କ୍ଲିଙ୍କର, ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ଟାଟା ଷ୍ଟିଲ, ନୀଳାଚଳ ଇସ୍ପାତରୁ ସ୍ଲାଗ ଓ ଫର୍ଟିଲାଇଜର ଇଣ୍ଡଷ୍ଟ୍ରିଜରୁ ଜିପ୍‌ସମ ଆମଦାନୀ କରାଯିବ। ଏହାବାଦ ସାମୁଦ୍ରିକ ପଥ ଦେଇ ବିଦେଶରୁ କୋଇଲା, ଜିନ୍ଦଲରୁ ଫ୍ଲାଏଆଶ ଏବଂ ସୁନ୍ଦରଗଡ଼ ଓ ବଲାଙ୍ଗୀରରୁ ପାଇପଲାଇନ ଯୋଗେ ଚୂନପଥର ଆମଦାନୀ ହେବ। ପ୍ରସ୍ତାବିତ ପ୍ରକଳ୍ପଦ୍ୱାରା ପରିବେଶ ଉପରେ ବିଶେଷ ପ୍ରଭାବ ପଡିବ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କିନ୍ତୁ ସ୍ଥାନୀୟ ନିଯୁକ୍ତିକୁ ଏହି କମ୍ପାନୀ ଅଣଦେଖା କରି ବାହାର ରାଜ୍ୟର ଯୁବକଙ୍କୁ ଅଧିକ ନିୟୋଜିତ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସମ୍ପର୍କରେ କଳିଙ୍ଗନଗର ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ମାନବ ସମ୍ବଳ ବିଭାଗ ମୁଖ୍ୟ ଅମରଦୀପ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ଏପର୍ଯ୍ୟନ୍ତ ସ୍ଥାନୀୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ପ୍ରାୟ ଦେଢ଼ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ। ସେ ସମୟରେ ନିୟମ ଅନୁସାରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନ ନିର୍ମାଣାଧୀନ ସମୟରେ ଅଳ୍ପ କେତେକ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳିଛି ବୋଲି ସେ କହିଛନ୍ତି। କିନ୍ତୁ ଜନଶୁଣାଣି ସମୟରେ କାରଖାନାର ନିର୍ବାହୀ ସାରାଂଶରେ ନିର୍ମାଣ ସମୟରେ ୭୫ଜଣ ସ୍ଥାନୀୟ ଯୁବକ ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ ପାଇଥିଲା। ତାହା ଏଠାରେ ପାଳନ କରାଯାଇ ନ ଥିବାରୁ ଭବିଷ୍ୟତରେ ସ୍ଥାନୀୟ ନିଯୁକ୍ତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏକ ଠିକା ସଂସ୍ଥା ଅଧିନରେ ଜେଏସ୍‌ଡବ୍ଲ୍ୟୁରେ ଚାକିରି କରିଥିବା ଜଣେ କୁଶଳୀ ଶ୍ରମିକଙ୍କ କହିବା ହେଲା ଜିଲା ତ ବଡ଼ କଥା, ଏଠାରେ ରାଜ୍ୟର ଯୁବତୀଯୁବକଙ୍କୁ ମଧ୍ୟ ଠିକ୍‌ଭାବେ ନିଯୁକ୍ତି ମିଳୁ ନାହିଁ। ପଶ୍ଚିମବଙ୍ଗ ଅଞ୍ଚଳର ଲୋକଙ୍କୁ ଏଠାରେ ବିଶେଷଭାବେ ପ୍ରାଧାନ୍ୟ ମିଳୁଛି। ଜଣେ ପେଟି କଣ୍ଟ୍ରାକ୍ଟରଙ୍କ ଅଧୀନରେ କେତେକ ଲୋକଙ୍କୁ ରଙ୍ଗ କାମରେ କେବଳ ନିୟୋଜିତ କରାଯାଇଛି ବୋଲି ଉକ୍ତ ଶ୍ରମିକ ଜଣକ ନିଜ ନାମ ଗୋପନ ରଖି କହିଛନ୍ତି।

**ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା**



- ବାହାର ରାଜ୍ୟର ଲୋକଙ୍କୁ ପ୍ରାଧାନ୍ୟ
- ହାତଗଣତି ସ୍ଥାନୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି
- ମିଳୁନାହିଁ ଓଭର ଟାଇମ୍ ପାରିଶ୍ରମିକ
- ଚାରିକାନ୍ଥ ଭିତରେ ଚାଲିଛି ଶ୍ରମିକ ଶୋଷଣ

### ବିଜେଡିରେ ମିଶିଲେ ଭାଜପା କର୍ମୀ

କଳିଙ୍ଗନଗର,୧୦।୪(ଡି.ଏନ୍.ଏ.)

ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବହୁ ଭାଜପା କର୍ମୀ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ଦାନଗଦୀ ବିଜେଡି କାର୍ଯ୍ୟାଳୟରେ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତିରେ ଭାଜପା ଦଳର ଜିଲା କିଷାନ ମୋର୍ଚ୍ଚା ପୂର୍ବତନ ସମ୍ପାଦକ ଦିଲ୍ଲୀପ ଦ୍ୱିବେଦୀ, ବନବାଶୀ କଲ୍ୟାଣ ଆଶ୍ରମ ଯାଜପୁରର ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି, ୩୭ନଂ ଜୋନ୍ ଜିଲାପରିଷଦ ପ୍ରାର୍ଥୀ ବିଜୟ ପାତ୍ର, ୮ନଂ ଜୋନ୍ ଜିଲାପରିଷଦ ପ୍ରାର୍ଥୀ ରାଜେଶ ମାଝି, ସୁକିନ୍ଦା ଭାଜପା ନେତା ଶଙ୍କର୍ଷଣ ସୁବୁଦ୍ଧି, ମହେଶ୍ୱର ସାହୁ, ଖରଡି ଗ୍ରାମର ମାଡଇ ମୁଣ୍ଡା, ସୁକିନ୍ଦା ଅତା ଗ୍ରାମର ବସନ୍ତ ମଲ୍ଲିକ, ବରଡଣ୍ଡା ଗ୍ରାମର ରବୀନ୍ଦ୍ର ମଲ୍ଲିକ, ପିମ୍ପୁଡିଆର ରଘୁ ବେହେରା, ବନ୍ଧଗାଁର ହୃଷୀ ପ୍ରଧାନ ଓ କିଚେନ ପ୍ରଧାନ, କଅଁଶର ରମା ବେହେରା, ସଂସାଇଲୋର ସୁମିତ୍ର ଜାମୁଦା ଏବଂ ଉଚ୍ଚବାଲିର ପ୍ରଶାନ୍ତ କୁମାର ସାହୁ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ସୁକିନ୍ଦାର ଯୁବ ବିଧାୟକ ଘଡ଼ାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ମିଶିଥିବା କହିଛନ୍ତି। ନୂତନ କର୍ମୀଙ୍କୁ ବିଧାୟକ ପୁଷ୍ପମାଲ୍ୟ ସହ ହାତରେ ଦଳୀୟ ପତାକା ଧରାଇ ଦଳରେ ସାମିଲ କରିଥିଲେ। ସୁକିନ୍ଦା ଯୁବ ବିଜେଡି ସଭାପତି ପ୍ରଦୀପ କୁମାର ମହାନ୍ତି, ଦାନଗଦୀ ବ୍ଲକ ବିଜେଡି ସଭାପତି ବୁଡାନ ସିଂ ଯାମୁଡା, ବରିଷ୍ଠ ବିଜେଡି ନେତା ଲୋକନାଥ ଧୀର ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

## ମା' ସିଂହବାହିନୀଙ୍କ ବାର୍ଷିକ ପୂଜା ମହୋତ୍ସବ



ମା' ସିଂହବାହିନୀଙ୍କ ବଡ଼ସିଂହାର ବେଶ।

ଯାଜପୁର,୧୦।୪(ଡି.ଏନ୍.ଏ)

ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଭୀମକରପୁର ଅଧିଷ୍ଠାତ୍ରୀ ଦେବୀ ମା' ସିଂହବାହିନୀଙ୍କ ବାର୍ଷିକ ପୂଜା ମହୋତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଛି। ଦିବସବ୍ୟାପୀ ପୂଜା ଉତ୍ସବରେ ସକାଳେ ମା'ଙ୍କର ମହାସ୍ନାନ ପରେ ବଡ଼ସିଂହାର ବେଶ ହୋଇଥିଲା। ପରେ ବିଭିନ୍ନ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ଚଣ୍ଡୀପାଠ ସହ ହୋମଯଜ୍ଞ ସହ ସମୂହ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଖପାଖ ଗ୍ରାମର ଗ୍ରାମଦେବତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ମହୋତ୍ସବ ପାଇଁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା। ଏହି ଉତ୍ସବରେ ଯାଜପୁର ସହରର ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଯାଜପୁର ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସ୍ଥାନୀୟ ପୂର୍ବତନ କାଉନ୍‌ସିଲର ସ୍ୱଦେଶ ପଟ୍ଟନାୟକ ପ୍ରମୁଖଙ୍କ ସହ ବହୁ ଭକ୍ତ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି ମହୋତ୍ସବରେ ଯୋଗଦେଇଥିଲେ। ମୁଖ୍ୟ ପୂଜକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ସମୂହ ପ୍ରସାଦ ସେବନ କରାଯାଇଥିଲା। ଏହି ଉତ୍ସବ ଆୟୋଜନ ଓ ପରିଚାଳନାରେ ସର୍ବଶ୍ରୀ ବିଶ୍ୱଜିତ ରଣା, ଅଭୟ ଦାସ, ଦିବ୍ୟରଞ୍ଜନ ରଣା, ସତ୍ୟକାନ୍ତ ଦାସ, ଉଷାଶ୍ରୀ ରଣା, ଦିଲୁ ଦାଶ, ବିଶ୍ୱଜିତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,୧୦।୪(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁବୋଧ କୁମାର ସାମଲଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର କୁଣ୍ଡୁଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ଅବସର ଶିକ୍ଷକମାନେ ସମାଜ ପାଇଁ ଅଦରକାରୀ ନୁହନ୍ତି। ସେମାନେ ଶିକ୍ଷା ଜଗତର ସମ୍ପତ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅବସର ପ୍ରାପ୍ତ ଅଧକ୍ଷ ଜଗନ୍ନାଥ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ ଯୋଗଦେଇ ଥିଲେ। ବ୍ରଜ କିଶୋର ଦାଶ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ବିଦାୟୀ କ୍ରୀଡା ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଛି। ଶିକ୍ଷକ ହରିହର ବିଶ୍ୱାଳ, ପ୍ରସନ୍ନ କୁମାର ପାଣିଗ୍ରାହୀ, ରସାନନ୍ଦ ମଲ୍ଲ, ବ୍ରହ୍ମାନନ୍ଦ ନାୟକ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସୁଧାମଞ୍ଜରୀ ସାହୁ, ମାଧବୀ ଶର୍ମା, ତେଜସ୍ୱିନୀ ଘଡୁଆରୀ, ପ୍ରିୟରଞ୍ଜନ ସ୍ୱାଇଁ, ନମିତା ସାହୁ, ଅର୍ଚ୍ଚିତା ମଲ୍ଲ, ରୂପାଲୀ ବାରିକ, ସୁନିତା ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ, ଜ୍ୟୋତିର୍ମୟୀ ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୟଦ ଅମ୍ବାରିନ୍ କାଦ୍ରି ଧନ୍ୟବାଦ ଦେଇଥିଲେ।

## ସରିଲା ଯାଞ୍ଚ ପ୍ରକ୍ରିୟା, ୪ ନାକଚ, ୬୩ ପ୍ରାର୍ଥୀପତ୍ର କାଏମ

**କଂଗ୍ରେସ ଦଳୀୟ ଟିକେଟ ଦାଖଲ କରି ନ ପାରି କିଷାନ ପଣ୍ଡା କଟିଲେ**



ନିର୍ବାଚନ ରିଟର୍ନିଂ ଅଫିସର ତଥା ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଯାଞ୍ଚ ହେଉଛି।

ଯାଜପୁର ଅଫିସ,୧୦।୪

ଯାଜପୁର ଜିଲାର ଲୋକ ସଭା ଓ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦାଖଲ କରିଥିବା ୬୭ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ଫଳରେ ମୋଟ ୬୩ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସରୁ ପ୍ରାର୍ଥୀପତ୍ର ଦାଖଲ କରିଥିବା କିଷାନ ପଣ୍ଡା ଦଳୀୟ ଟିକେଟ ଦାଖଲ କରି ନ ପାରିବାରୁ ତାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ବୁଧବାର ପୂର୍ବାହ୍ନ ୧୧ଟାରୁ ପ୍ରାର୍ଥୀ ଓ ସେମାନଙ୍କ ଏଜେଣ୍ଟମାନଙ୍କ ଉପସ୍ଥିତିରେ ସମସ୍ତ ରିଟର୍ନିଂ ଅଫିସର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ଯାଞ୍ଚ ପ୍ରକ୍ରିୟାକୁ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ନୀତେଶ ପାଟିଲ ଓ ଦିଲ୍ଲୀପ କୁମାର ଉପସ୍ଥିତ ରହି ଅନୁଧ୍ୟାନ କରିଥିଲେ। ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ତଥା ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଯାଞ୍ଚ କରେ ପରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଭିକାରୀଚରଣ ଦାସଙ୍କ ପ୍ରାର୍ଥୀପତ୍ର ଆବଶ୍ୟକୀୟ ପ୍ରସ୍ତାବକ ଅଭାବରୁ ନାକଚ ହୋଇଥିଲା। ଶେଷରେ ଯାଜପୁର ଲୋକ ସଭା ଆସନ ପାଇଁ ୯ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଅପରପକ୍ଷେ ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଥିବା ଭାଗ୍ୟଧର ବିଶ୍ୱାଳ ଓ ଧର୍ମଶାଳା ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା କିଷାନ ପଣ୍ଡାଙ୍କ ପ୍ରାର୍ଥୀପତ୍ରକୁ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ବିଭିନ୍ନ କାରଣ ଦର୍ଶାଇ ନାକଚ କରିଛନ୍ତି। ଏହାପରେ ବଡ଼ଚଣାରେ ୭ଜଣ ଓ ଧର୍ମଶାଳାରେ ୧୦ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ସେହିପରି ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଓଡିଶା ପ୍ରଗତିଦଳର ପ୍ରାର୍ଥୀ ଜୟନ୍ତୀ ରାଉତଙ୍କ ପ୍ରାର୍ଥୀପତ୍ରକୁ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ବିଭିନ୍ନ କାରଣ ଦର୍ଶାଇ ନାକଚ କରିଛନ୍ତି। ଫଳରେ ଏଠାରେ ୬ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ବରୀ ଓ କୋରେଇ ବିଧାନସଭାର ସମସ୍ତ ୭ଜଣ ଲେଖାଏଁ ପ୍ରାର୍ଥୀ ଏବଂ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ୧୧ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି ବୋଲି ରିଟର୍ଣ୍ଣିଂ ଅଫିସର ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ବରୀର ରିଟର୍ନିଂ ଅଫିସର ଚିନ୍ମୟୀ ବିଶ୍ୱାଳ ସୂଚନା ଦେଇଛନ୍ତି। ସେହିପରି ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ସମସ୍ତ ୬ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି। ଆସନ୍ତା ୧୨ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ହୋଇଥିବାରୁ ଏହାପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି ।

■ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

## କର୍ମୀ ଭରସାରେ ବିଜେଡି, ଲୋକଙ୍କ ପାଖରେ ଭାଜପା

ଯାଜପୁର ଅଫିସ,୧୦।୪

ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସ(ବବି) ନିଶ୍ଚିତ ବିଜୟୀ ହେବା ଆଶା ରଖି ନିଜ କର୍ମୀଙ୍କ ଉପରେ ଭରସା ରଖିଛନ୍ତି। ଏପର୍ଯ୍ୟନ୍ତ ସେ ନିର୍ବାଚନୀ ପ୍ରଚାର ଆରମ୍ଭ କରି ନାହାନ୍ତି। ସାଂଗଠନିକ କାର୍ଯ୍ୟରେ ବ୍ୟସ୍ତ ରହିଥିବା ଯୋଗୁ ସେ ପ୍ରଚାରକୁ ସେତେଟା ଜୋରସୋର କରିପାରି ନାହାନ୍ତି ବୋଲି ଦଳୀୟ କର୍ମୀ ପ୍ରକାଶ କରିଛନ୍ତି। ସହରାଞ୍ଚଳର ବିକାଶ ଯେଉଁମାତ୍ରାରେ ହୋଇଛି ସେହି ତୁଳନାରେ ଗ୍ରାମାଞ୍ଚଳର ଅନେକ ମୌଳିକ ସମସ୍ୟାର ସମାଧାନ ହୋଇପାରି ନାହିଁ। ବିଭିନ୍ନ ଗ୍ରାମରେ ଏ ପର୍ଯ୍ୟନ୍ତ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅନେକ ସମସ୍ୟା ଲାଗି ରହିଛି। ଏପରିକି କାଳିଆ ଯୋଜନାରେ ବହୁ ଚାଷୀ ଉପକୃତ ହୋଇ ପାରି ନ ଥିବାରୁ ବିଜେଡି ପ୍ରାର୍ଥୀଙ୍କ ଉପରେ ନକରାତ୍ମକ ଭାବନା ରହିଥିବା ଭୋଟରଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଏଭଳିସ୍ଥିତିରେ ଭାଜପା ପ୍ରାର୍ଥୀ ଗୌତମ ରାୟ ଫାଇଦା ନେବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ପ୍ରାୟ ୧ବର୍ଷ ହେବ ସେ ବହୁ ସମର୍ଥକଙ୍କ ସହ ଯାଜପୁର ବ୍ଲକର ବିଭିନ୍ନ ଗ୍ରାମ ବୁଲି ଲୋକ ସମ୍ପର୍କ ବଜାୟ ରଖିଛନ୍ତି। ବୁଧବାର ସେ ପଣସା ପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଥିବା ଦେଖାଦେଇଛି। ଏହି ପଞ୍ଚାୟତର ନୁଆକୂଳ, ବେହେରାପାଟଣା, କୁଷି, ବାରଭାଗୀଆ ଗ୍ରାମରେ ଘରକୁ ଘର ବୁଲି ଭୋଟ୍ ଭୀକ୍ଷା କରିଛନ୍ତି। ଏହି ସମୟରେ ଜିତାମିତ୍ର ଦାସ, ସୁଦିପ୍ତ ପଣ୍ଡା, ନିରଞ୍ଜନ ବଳ, ନଟବର ପଣ୍ଡା, ସୌମ୍ୟ ଧଳ, ମହେନ୍ଦ୍ର ପଣ୍ଡା, ପର୍ଶୁରାମ ମହାଳିକ, କେଶବ ମିଶ୍ର, କୁଳମଣି ପରିଡ଼ା, ବିଜୟ ସିଂ, ଜଗବନ୍ଧୁ ମହାଳିକ, ସଂଗ୍ରାମ ମହାନ୍ତି, ନିରାକାର ଜେନା ପ୍ରମୁଖ ଭାଜପା କର୍ମୀ ସାମିଲ ହୋଇଥିଲେ। ତେବେ ବିଜେଡି ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ଏବଂ ଲୋକସମ୍ପର୍କ ପଦଯାତ୍ରା ମାଧ୍ୟମରେ ମିଳିଥିବା ଲୋକପ୍ରିୟତା ଏଯାଏ ବଳବତ୍ତର ରହିଥିବାରୁ ଉଭୟ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ଆଗାମୀ ଦିନରେ ନିର୍ବାଚନୀ କଡ଼ା ଟକ୍କର ହେବ ବୋଲି ରାଜନୈତିକ ବିଶେଷଜ୍ଞ ମହଲରେ ମତପ୍ରକାଶ ପାଉଛି ।

**ଯାଜପୁର ଜିଲା**

## ୭ ବିଧାନସଭା ଆସନରେ ରାଜନୈତିକ ସ୍ଥିତି

### ଧର୍ମଶାଳା

ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳିରେ ଏଥର ୧୧ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ କଂଗ୍ରେସରେ ଟିକେଟ ବଣ୍ଟନକୁ ନେଇ ହଟଚମଟ ଯୋଗୁ ପ୍ରାର୍ଥୀ ସ୍ମୃତିରେଖା ପହିଙ୍କୁ ଅଡୁଆରେ ପକାଇଛି । ଶେଷ ମୁହୂର୍ତ୍ତରେ ତାଙ୍କୁ ଟିକେଟ ଦେଇ ପୁଣି କାଢି ନେଇଥିବା ଓ ପରେ କିଶାନ ପଣ୍ଡାଙ୍କ ନାମ ଘୋଷଣାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରି ପାରି ନାହାନ୍ତି। ଏଠାରେ କଂଗ୍ରେସରୁ ୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ଲଢେଇ ହେଉଛି । ଗତଥର ଭାଜପାରୁ ପ୍ରାର୍ଥୀ ହୋଇଥିବା ରମେଶଚନ୍ଦ୍ର ପରିଡା ଏଥର ବି ପ୍ରାର୍ଥୀ ହୋଇଛନ୍ତି। ତେବେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟହାର ଦୁଇଗୁଣକୁ ବୃଦ୍ଧି ପ୍ରାର୍ଥୀ ରମେଶଙ୍କୁ ଅଧିକ ଉତ୍ସାହିତ କରିଛି। ବିଧାୟକ ତଥା ବିଜେଡି ପ୍ରାର୍ଥୀ ପ୍ରଣବକୁମାର ବଳବନ୍ତରାୟ(ଜିତୁ) ବିଜେଡି ସରକାରଙ୍କ ସଫଳତାକୁ ପ୍ରସଙ୍ଗ କରି ଭୋଟରଙ୍କୁ ଭେଟିଛନ୍ତି। ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ସେ ରେକର୍ଡ ସୃଷ୍ଟି କରି ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ କିମି ଅତିକ୍ରମ କରି ଲୋକଙ୍କୁ ଭେଟିଥିଲେ। ତେଣୁ ଭାଜପା ଓ ବିଜେଡି ମଧ୍ୟରେ ଏଠାରେ କଡ଼ା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି ।

### କୋରେଇ

କୋରେଇ ଆସନ ପାଇଁ ୭ ଜଣ ନାମାଙ୍କନ ଦାଖଲ କରିଛନ୍ତି । ମୁଖ୍ୟତଃ ଏଠାରେ ଭାଜପାର ବିଶ୍ୱଜିତ ନାୟକ, କଂଗ୍ରେସର ବନ୍ଦିତା ପରିଡା ଓ ବିଜେଡିର ଅଶୋକ ବଳଙ୍କ ମଧ୍ୟରେ ଲଢେଇ ହେଉଛି । ବିଏସପିରୁ ପ୍ରଥମ କିନ୍ନର ଭାବେ କାଜଲ ନାୟକ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେ ମଧ୍ୟ ଭୋଟରଙ୍କ ନଜରରେ ରହିବେ ବୋଲି କୁହାଯାଉଛି। ୩ ପ୍ରମୁଖ ପ୍ରାର୍ଥୀଙ୍କ ରାଜନୀତିରେ ଅଭିଜ୍ଞତା ରହିଛି। ଏଥର ବିଜେଡିରେ ପ୍ରାର୍ଥୀ ବଦଳ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱକୁ ପଦାରେ ପକାଇଛି । ଏହାର ଫାଇଦା ନେବାକୁ ଭାଜପା ଓ କଂଗ୍ରେସ ଲାଗି ପଡିଛନ୍ତି । ଏହି ଦୃଷ୍ଟିରୁ ଏଠାରେ ବିଜେଡିକୁ ଘାତକ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

### ସୁକିନ୍ଦା

ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୧୧ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁଖ୍ୟତଃ ବିଜେଡିର ପ୍ରୀତିରଞ୍ଜନ ଘଡ଼େଇ, ଭାଜପାରୁ ପ୍ରଦୀପ ବଳସାମନ୍ତ ଓ କଂଗ୍ରେସରୁ ଶରତ ରାଉତଙ୍କ ମଧ୍ୟରେ ଲଢେଇ ହେଉଛି। ଗତ ନିର୍ବାଚନରେ ବିଜେଡି ଓ କଂଗ୍ରେସ ମଧ୍ୟରେ ହାରଜିତ ବ୍ୟବଧାନ ପ୍ରାୟ ୪ ହଜାର ରହିଥିଲା । ଏଥର କିନ୍ତୁ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି । କଂଗ୍ରେସରୁ ବହୁ ତୁଙ୍ଗନେତା ଏବେ ବିଜେଡି ଶିବିରରେ । ଏହି ଦୃଷ୍ଟିରୁ ବିଜେଡି ଆହୁରି ଶକ୍ତିଶାଳୀ ହୋଇ ଉଠିଛି । ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରାରୁ ମଧ୍ୟ ଏହା ସ୍ପଷ୍ଟ ଜଣାପଡୁଛି। ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ପ୍ରଦୀପ ମଧ୍ୟ ନିଜର ଶକ୍ତି ଗୋଟାଇବାରେ ଲାଗିଛନ୍ତି। ତେଣୁ ଏଠାରେ ତ୍ରିମୁଖୀ ଲଢେଇ ହେବ ବୋଲି ଆଲୋଚନା ହେଉଛି।

### ବରୀ

ବରୀ ନିର୍ବାଚନମଣ୍ଡଳୀରେ ୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଗତଥର ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଏଥର ଭାଜପାରୁ ଲଢେଇ କରୁଛନ୍ତି। ଗତ ନିର୍ବାଚନରେ ବିଶ୍ୱ ପ୍ରାୟ ୭ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କିନ୍ତୁ ଏଥର ବିଧାୟକ ଦେବାଶିଷ ନାୟକଙ୍କୁ ବାଦ ଦେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ଦାସଙ୍କୁ ବିଜେଡି ଭରସା କରିଛି। ଜଣେ ମହିଳା ନେତ୍ରୀ ଭାବେ ସୁନନ୍ଦା ବରୀ ନିର୍ବାଚନମଣ୍ଡଳୀରେ ବେଶ୍ ପରିଚିତ। ତେଣୁ ଏଠାରେ ଭାଜପା ସହିତ ବିଜେଡିର କଡ଼ା ଟକ୍କର ହେବ ବୋଲି କୁହାଯାଉଛି।

### ଯାଜପୁର

ଏହି ନିର୍ବାଚନମଣ୍ଡଳୀରେ ଉଭୟ ଭାଜପା ଓ ବିଜେଡି ପାଇଁ ସମ୍ମାନର ଲଢେଇ ହେବ। ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସ(ବବି) ଓ ଭାଜପା ପ୍ରାର୍ଥୀ ଗୌତମ ରାୟ ଉଭୟେ ଦଳର ଆଗଧାଡିର ନେତା। ଏହି ଦୃଷ୍ଟିରୁ ଉଭୟେ ନିର୍ବାଚନ ପ୍ରଚାରକୁ ଜୋରସୋର କରିଛନ୍ତି। ତେବେ ଗୌତମ ଦୀର୍ଘଦିନ ହେଲା ଗାଁଗାଁ ବୁଲି ଲୋକଙ୍କ ନିକଟତର ହୋଇଥିବାବେଳେ ବବି ରାଜ୍ୟ ସାଂଗଠନିକ କାର୍ଯ୍ୟରେ ବ୍ୟସ୍ତ ରହି ଲୋକଙ୍କ ସମସ୍ୟାଠୁ ଦୂରେଇ ରହିଛନ୍ତି। ଯାହାକି ବବିଙ୍କ ପାଇଁ ଏଥର କଡ଼ା ଟକ୍କର ହେବାର ଅନୁମାନ କରାଯାଉଛି।


### ବଡ଼ଚଣା

ବଡ଼ଚଣା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅମରପ୍ରସାଦ ଶତପଥି ଜଣେ ଅଭିଜ୍ଞ ରାଜନେତା। ତେବେ ଚଳିତ ଥର ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ଗୋଷ୍ଠୀ କନ୍ଦଳ ବିଜେଡିକୁ ଏଥର ଅଡୁଆରେ ପକାଇଛି। ଏହାସହ ଟିଟୋ ଲିଙ୍କ, ଭୂତ ଗାଡ଼ି ମାମଲା, ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଆଦି ଅଭିଯୋଗ ଘଟଣାରେ ବିଧାୟକଙ୍କୁ ସମସ୍ୟାରେ ପକାଇଛି। ତଥାପି ଅଞ୍ଚଳରେ ତାଙ୍କର ବହୁ ଲୋକପ୍ରିୟତା ରହିଛି। ଅନ୍ୟପକ୍ଷେ ଗତଥର ସ୍ୱାଧୀନ ଭାବେ ଲଢିଥିବା ବିଶ୍ୱଜିତ ନାୟକ ଏଥର ଭାଜପା ଟିକେଟରୁ ଲଢୁଛନ୍ତି। ଭାଜପାର ସାଂଗଠନିକ ସ୍ଥିତିକୁ ସଜାଡିବାରେ ସେ ଏକପ୍ରକାର ସଫଳତା ପାଇଛନ୍ତି । ଟିକେଟ ନାଟକ କଂଗ୍ରେସକୁ ବହୁ ତଳକୁ ଖସାଇ ଦେଇଛି । ଏହିସ୍ଥିତିରେ ଏଠାରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବା ସ୍ପଷ୍ଟ ହେଉଛି।

### ବିଞ୍ଝାରପୁର

ବିଞ୍ଝାରପୁରରେ ୬ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଠାରେ କଂଗ୍ରେସ ନୂଆମୁହଁ ଦେଇଥିବାବେଳେ ଭାଜପା ଓ ବିଜେଡିରେ ଅଭିଜ୍ଞତା ନେତା ରହିଛନ୍ତି। ବିଜେଡିର ପ୍ରମିଳା ମଲ୍ଲିକ ବିଭିନ୍ନ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇ ଅଡୁଆରେ ରହିଛନ୍ତି। ତେବେ ବିଜେଡି ସରକାରଙ୍କ ଅନେକ ଲୋକହିତକର ଯୋଜନାକୁ ପାଥେୟ କରି ସେ ଜିତିବା ଲକ୍ଷ୍ୟ ରଖିଛନ୍ତି। କଂଗ୍ରେସରୁ ମନୋରଞ୍ଜନ ଦାସ ଦଳକୁ ସଜାଡି ଭୋଟରଙ୍କ ନିକଟତର ହୋଇ ପାରିଛନ୍ତି । ସେହିଭଳି ଭାଜପା ପ୍ରାର୍ଥୀ ବବିତା ମଲିକ ମୋଦି ହାୱାକୁ ପାଥେୟ କରି ଏଥର ନିର୍ବାଚନୀ ବୈତରଣୀ ପାର ହେବାକୁ ଯୋଜନା କରିଛନ୍ତି ।

ପ୍ରସ୍ତୁତି: ହର୍ଷବର୍ଦ୍ଧନ ବେହେରା



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହିମ୍ ଲିଙ୍କନ



## ସଂକ୍ଷେପରେ

### ଅସହାୟ ନାବାଳକଙ୍କୁ ନିଜ ହେପାଜତକୁ ନେଲା ଜିଲା ଶିଶୁ ସୁରକ୍ଷା ୟୁନିଟ୍

ରସୁଲପୁର,୧୦।୪(ଡିଏନଏ)- ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଜଣେ ଅସହାୟ ନାବାଳକଙ୍କୁ ସହାୟତାର ହାତ ବଢ଼ାଇଛି। ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡା ଗ୍ରାମର ୧୪ବର୍ଷର ନାବାଳକଙ୍କୁ ୟୁନିଟ୍ ନିଜ ଅଧୀନକୁ ନେଇଛି। ବୁଧବାର ସନ୍ଧ୍ୟାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଶିଶିର ମଲିକ, ରବୀନ୍ଦ୍ର ସେଠୀ, ସାମଜିକ କର୍ମୀ ମଣ୍ଟୁ ଦାସ ପ୍ରମୁଖ ନାବାଳକଙ୍କ ଘରେ ପହଞ୍ଚି ଥିଲେ। ନାବାଳକଙ୍କ ବଡଭାଇ ମନ ମଲିକଙ୍କ ସହ ଆଲୋଚନା କରିବା ପରେ ତାଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ୟୁନିଟ ଅବଗତ ହୋଇଥିଲା। ଫଳରେ ୟୁନିଟ୍ ପିଲାଟିଙ୍କୁ ନିଜ ହେପାଜତକୁ ନେଇ ତାର ପାଠପଢା ସହ ଉପୁଜୁଥିବା ଅନ୍ୟାନ୍ୟ ସମସ୍ୟା ସମାଧାନ କରିବା ଉପରେ ଗୁରୁତ୍ୱ ଦେବ ବୋଲି କହିଛି। ପ୍ରକାଶ ଯେ, ନାବାଳକଙ୍କ ବାପା ୪ବର୍ଷ ତଳେ ଓ ମା’ ୨ବର୍ଷ ତଳେ କର୍କଟ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିଲେ। ଜଣେ ଭାଇ ସୁଦୂର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ସେଠାରେ ପ୍ରାଣ ହରାଇଥିଲେ। ବଡ଼ଭାଇ ନିଜକୁ ଚଳାଇବା ମଧ କଷ୍ଟକର ହେଉଛି। ଏଭଳି ସ୍ଥିତିରେ ନାବାଳକ ଜଣକ ଅବହେଳିତ ଅବସ୍ଥାରେ ରହିଆସୁଥିଲେ। ସେବେଠାରୁ ତାଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲା ପ୍ରଶାସନକୁ ଅବଗତ କରାଇବା ସହ ସହାୟତା ଲୋଡିଥିଲେ। ଏହାପରେ ଶିଶୁ ସୁରକ୍ଷା ୟୁନିଟ୍ ଘଟଣାସ୍ଥଳରେ ପହଞ୍ଚି ପିଲାଟିଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲା।

### ନିର୍ବାଚନ ପ୍ରଚାର ଆରମ୍ଭ କଲେ ଅମର

ଚଣ୍ଡିଖୋଲ,୧୦।୪(ଡି.ଏନ.ଏ)- ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ୬ଷ୍ଠ ଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଜେଡି ପ୍ରାର୍ଥୀ ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରାର୍ଥୀପତ୍ର ଦାଖଲ କରିବା ପରେ ବୁଧବାର ନିର୍ବାଚନ ପ୍ରଚାର କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ବରୁଣିଆସ୍ଥିତ ପ୍ରସିଦ୍ଧ ହରିଶଙ୍କର ଶୈବପୀଠରୁ ପୂଜାର୍ଚ୍ଚନା କରି ଗାଁ ବୁଲିବା କାର୍ଯ୍ୟ ଆରମ୍ଭ କରିଥିଲେ। ଗାଁକୁ ଗାଁ ବୁଲି ଭୋଟ ଭିକ୍ଷା କରିବା ସହ ସାଧାରଣ ଲୋକଙ୍କ ସହଯୋଗ କାମନା କରିଥିଲେ। ସେ ପାରିଆ, ଅମୀୟଝରୀ, ବରୁଣିଆ ସମେତ ପାରିଆ, ଶାଳପଡା ଓ କାଇମାଟିଆ ଆଦି ୩ଟି ପଞ୍ଚାୟତର ଲୋକେ ତାଙ୍କୁ ବିଜୟ କରିବା ପାଇଁ ସେ ନିବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ବରୁଣିଆ, ଶାଳପଡାର ସାଇଲପଡାଛକ ଓ କାଇମାଟିଆ ଛକଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ଶତପଥି ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଦାଗାର କରିବା ସହିତ ନବୀନ ସରକାରର ଜନହିତକର କାର୍ଯ୍ୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏଥିରେ ରାଜ୍ୟ ବିଜେଡି ସାଧାରଣ ସଂପାଦକ ଜନ୍ମେଜୟ ଲେଙ୍କା ଯୋଗଦେଇ ବିଜେଡି ବିଧାୟକ ପ୍ରାର୍ଥୀ ଶତପଥିଙ୍କୁ ବିଜୟୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ପ୍ରସାଦ ନାୟକ, ଉପସଭାପତି ନିରଞ୍ଜନ ସେନାପତି, ମାନସ ପଣ୍ଡା, ରଞ୍ଜନ ଦାସ, ଜୋନ ବିଜେଡି ସଭାପତି ସଞ୍ଜୟ ସ୍ୱାଇଁ, ସରପଞ୍ଚ ସ୍ୱାଗତିକା ପଣ୍ଡା, ସମିତିସଭ୍ୟ ଶ୍ରୀକାନ୍ତ ବେହେରା, ଦୁଷ୍ମନ୍ତ ନାୟକ, ଜଗନ୍ନାଥ ମୁଦୁଲୀ, ଆଶିଷ ରଞ୍ଜନ ସୁବୁଦ୍ଧି, ଭରତ ଚନ୍ଦ୍ର ମହାପାତ୍ର ଓ ନିରଞ୍ଜନ ମଲିକଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ୨୦ରୁ ଅଧିକ ଭାଜପା କର୍ମୀ ଓ ଶାଳାପଡା ପଞ୍ଚାୟତର ୫ ପରିବାର କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ।

# ସବୁଠି ଚାଲିଛି ମିଶାଣ ଫେଡ଼ାଣ

**ବରୀ ନିର୍ବାଚନମଣ୍ଡଳୀ**

- ଭୋଟ ବ୍ୟାଙ୍କ ବଢାଇବା ପାଇଁ ସବୁ ଦଳର ପ୍ରୟାସ ଜାରି
- ଆଗରେ ରହିଛି ଭାଜପା

ରସୁଲପୁର,୧୦।୪(ଡି.ଏନ୍.ଏ.)

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ଭୋଟ ହାତେଇବା ଅଙ୍କକଷା ଜୋରସୋର ଚାଲିଛି। ସବୁଦଳ ନିଜ ଭୋଟ ବ୍ୟାଙ୍କକୁ ବଢାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଦିଗରେ ଭାଜପା ସବୁଠୁ ଆଗରେ ରହିଛି । ଭାଜପା ତାର କାୟା ବିସ୍ତାର କରିବା ସହ ବିଜେଡି ସଂଗଠନକୁ ନିଶାନା କରିଛି। ବିରୋଧୀ ଦଳର ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କୁ ଭାଜପା ନେତା ବିଶ୍ୱ ରଞ୍ଜନ ମଲ୍ଲିକ ନିଜ ସମର୍ଥନକୁ ଆଣିବାରେ ଲାଗିପଡିଛନ୍ତି। ମଲ୍ଲିକ ସଂଗଠନର କଳେବରକୁ ବୃଦ୍ଧି ଘଟାଇବାରେ ସକ୍ଷମ ହୋଇପାରିଛନ୍ତି। ବିଭିନ୍ନ ସମୟରେ ବିରୋଧୀ ବିଜେଡିର ଶତାଧିକ ନେତା ଓ କର୍ମୀଙ୍କୁ ଦଳରେ ମିଶାଇ ପ୍ରତିଦ୍ୱନ୍ଦ୍ୱିଙ୍କ ପାଇଁ ଚାପ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି । ଜିଲାରେ ବିଜେଡି ଦୁର୍ଗ ଭାଙ୍ଗିବା ପର୍ବ ବରୀରୁ ଆରମ୍ଭ ହେବା ନେଇ ଏବେଠାରୁ ଆଭାସ ମିଳିଲାଣି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ଗତ ଦୁଇଟି ସାଧାରଣ ନିର୍ବାଚନର ଫଳାଫଳକୁ ଦେଖିଲେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଭୋଟ ହାର କମିକମି ଯାଉଛି। ୨୦୦୯ ସାଧାରଣ



ନିର୍ବାଚନରେ ବିଧାୟକ ଦେବାଶିଷ ନାୟକ ୫୫,୮୪୨ଖଣ୍ଡ ଭୋଟ ହାତେଇ ଥିଲେ। ଯାହାକି ମୋଟ ଭୋଟର ୫୧.୨୩ ଶତକଡ଼ା ଥିଲା । ୨୦୧୪ ନିର୍ବାଚନରେ ନାୟକ ୫୯,୮୦୦ ଭୋଟ ପାଇଥିଲେ। ଯାହାକି ମୋଟ ଭୋଟର ଶତକଡା ୪୪.୪୪ ଥିଲା। ପୂର୍ବ ନିର୍ବାଚନ ତୁଳନାରେ ଏହି ହାର ୬.୭୯ କମ୍ ଥିଲା । ମାତ୍ର ଗତ ନିର୍ବାଚନରେ ସ୍ୱାଧୀନ ଭାବରେ ପ୍ରାର୍ଥୀ ହୋଇ ୫୨,୬୨୭ ଖଣ୍ଡ ଭୋଟ ପାଇଥିଲେ । ମୋଟ ଭୋଟରଙ୍କ ହାରର ଶତକାଡା ୩୯.୧୧ ଥିଲା। ସେ ଗତ ନିର୍ବାଚନରେ ହାରିବା ପାଇଁ ଭୋଟରମାନଙ୍କ ମଧ୍ୟରେ ନିର୍ବାଚନୀ ଚିହ୍ନକୁ ନେଇ ରହିଥିବା ଦ୍ୱନ୍ଦ୍ୱକୁ ଦାୟୀ କରାଯାଇଥିଲା। ଏବେ ବିଶ୍ୱ ରଂଜନ ଭାଜପାରୁ ପ୍ରାର୍ଥୀ ହୋଇ ନିଜ ସ୍ଥିତି ସଜାଡିବାକୁ ପ୍ରୟାସ ଜାରି ରଖିଛନ୍ତି। ଏହି କ୍ରମରେ ସେ ବିଜେଡି ସଂଗଠନ ଉପରେ ସର୍ଜିକାଲ ଷ୍ଟ୍ରାଇକ କରିଛନ୍ତି। ପଞ୍ଚାୟତ ସ୍ତରର ନେତା ଓ ସମର୍ଥଙ୍କୁ ନିଜ ସମର୍ଥନକୁ ଆଣିବାରେ ସକ୍ଷମ ହୋଇଛନ୍ତି। ଏପରି କି ବିଜେଡି ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀ ସୁନନ୍ଦା ଦାସଙ୍କ ପଞ୍ଚାୟତ ଅଙ୍ଗାଲୋ ସରପଞ୍ଚ ହର୍ଷବର୍ଦ୍ଧନ ସାମଲ ସୋମବାର ଭାଜପାରେ ମିଶିବା ଘଟଣା ବିଜେଡିକୁ ଶକ୍ତ ଆଘାତ ପହଞ୍ଚିଛି। ଏଥିସହ ରସୁଲପୁର ବ୍ଲକର ପୂର୍ବତନ ଅଧକ୍ଷା ରଶ୍ମିତା ଦାସ ଓ ରାଉତରାପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଦୀନବନ୍ଧୁ ପୃଷ୍ଟି ଓ ତାଙ୍କର ଶତାଧିକ ସମର୍ଥକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅପରପକ୍ଷରେ ଦେବାଶିଷଙ୍କ ସମର୍ଥକମାନଙ୍କୁ ବିଜେଡିରେ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହେଉଛି। ସୋମବାର ଦଳୀୟ ବିଧାୟକ ଓ ଲୋକ ସଭା ପ୍ରାର୍ଥୀଙ୍କ ପକ୍ଷରୁ ଅନୁଷ୍ଠିତ ନାମାନଙ୍କ ପତ୍ର ଶୋଭାଯାତ୍ରାରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ଏହି ଶୋଭାଯାତ୍ରାରେ ରସୁଲପୁର ବ୍ଲକ ବିଧାୟକ ପ୍ରତିନଧି ତଥା ଅତଲାପୁର ସରପଞ୍ଚ ପ୍ରଫୁଲ ସାହୁ, ବିଜେଡି ନେତା ପ୍ରଭାତ ପୃଷ୍ଟି ଭଳି ଛାମୁଆ ନେତା ସାମିଲ ହୋଇ ନ ଥିଲେ। ଏହାଦ୍ୱାରା ଦଳରେ ରହିଥିବା ବିଭେଦ ଦିନକୁ ଉଗ୍ର ହେବାରେ ଲାଗିଛି। ତେଣେ ବିଜେଡି ମଧ ମିଶ୍ରଣ ପର୍ବ ଜରିଆରେ ବିରୋଧୀଙ୍କୁ ପାଲଟା ଜବାବ ଦେବାକୁ ପ୍ରୟାସ କରୁଛି । ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବ ଜରିଆରେ ପଂଚାୟତ ପ୍ରତିନିଧିମାନଙ୍କୁ ଦଳରେ ସାମିଲ କରିବା ପାଇଁ ପ୍ରୟାସ କରୁଛି । ଏହିକ୍ରମରେ ଚଳିତ ମାସରେ ରସୁଲପୁର ବ୍ଲକ ଅର୍ଥ ଗାଁ ପଂଚାୟତର ଅନୁଷ୍ଠିତ ମିଶ୍ରଣ ପର୍ବରେ ସରପଞ୍ଚ ସୂର୍ଯ୍ୟମଣି ବେହେରା ଯୋଗଦେଇଥିଲେ। ଏଥିସହ ପ୍ରଥମାଖଣ୍ଡି ପଞ୍ଚାୟତରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ ପଣ୍ଡା ବିଜେଡିରେ ସାମିଲ ହୋଇଥିଲେ । କର୍ମୀ ଓ ନେତାମାନେ ଭାଜପା ଓ ବିଜେଡିରେ ସାମିଲ ହେବାକୁ ପସନ୍ଦ କରୁଥିବାବେଳେ କଂଗ୍ରେସ ଅବସ୍ଥା କିନ୍ତୁ ଭିନ୍ନ। ଜିଲା ଓ ବରୀ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳର ସାମ୍ପ୍ରତିକ ସ୍ଥିତିକୁ ଦେଖି କର୍ମୀମାନେ ଦଳରୁ ମୁହଁ ବୁଲାଉଥିବା କୁହାଯାଉଛି। ତେବେ ବିଭିନ୍ନ ଦଳରେ ଚାଲିଥିବା ଏହି ମିଶାଣ ଫେଡ଼ାଣ ନିର୍ବାଚନ ଫଳାଫଳକୁ କେତେଦୂର ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଲା।

## କୋରେଇ ଭାଜପାର ମିଶ୍ରଣ ପର୍ବ



କୋରେଇ,୧୦।୪(ସ୍ୱ.ପ୍ର) – କୋରେଇ ଭାଜପାର ଏକ ମିଶ୍ରଣ ପର୍ବ ଜହ୍ନାସ୍ଥିତ ଭାଜପା କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ କାର୍ଯ୍ୟ ଓ କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକଙ୍କ ଦୃଢ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଧନେଶ୍ୱର, ଜହ୍ନା, ସାଦକପୁର ପଞ୍ଚାୟତର ବିଜେଡି ଓ କଂଗ୍ରେସର ବହୁ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ସେମାନେ ହେଲେ ରାଜକିଶୋର ମାଝୀ, ଉଦୟ ଓଝା, ବଳଭଦ୍ର ମହାରଣା, କାଳନ୍ଦି ନାୟକ, ରମେଶ ପାତ୍ର, ସୁବାସ ସେଠୀ, ଦେବାଶିଷ ହଳଧର, ନିତ୍ୟାନନ୍ଦ ବେହେରା ପ୍ରମୁଖ ମିଶିଥିବା ବେଳେ ସାଦକପୁର ପଞ୍ଚାୟତର ଏସ.କେ ଆବସ ଅଲ୍ଲୀଙ୍କୁ ମାଇନୋରିଟୀ ସେଲର ପଞ୍ଚାୟତ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ମିଶ୍ରଣ ପର୍ବରେ ମଣ୍ଡଳ ସଭାପତି ରବୀନ୍ଦ୍ର ବେହେରା, ନୀଳ ମାଧବ ଚକ୍ର, ପ୍ରମୋଦ ସାହୁ, ପ୍ରକାଶ ଧଳ, ବିକ୍ରମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବିଜେଡି ପ୍ରାର୍ଥିନୀ: ଭାଜପା

ବରୀ,୧୦।୪(ସ୍ୱ.ପ୍ର)

ବରୀ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଡାକି ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ କରିଛନ୍ତି। ମଲ୍ଲିକ କହିଛନ୍ତି ଯେ, ଗତ ୮ ତାରିଖ ସୁନନ୍ଦା ନିଜ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ଶେଷ ଦିବସ ଥିଲା। ସୁନନ୍ଦା ସେଥିରେ ମିଥ୍ୟା ସତ୍ୟପାଠ କରିଥିବା କହିଛନ୍ତି। ଜିଆର କେସ ନଂ ୮୨୬/୧୭ରେ ଯାଜପୁର ଏସଡିଜେଏମ କୋର୍ଟରେ ତାଙ୍କ ନାମରେ ମାମଲା ବିଚାରଧୀନ ରହିଛି। ଏହି ମାମଲାକୁ ସତ୍ୟପାଠରେ ସୁନନ୍ଦା ଦର୍ଶାଇ ନାହାନ୍ତି। ଯାହାକି ନିର୍ବାଚନ ଆଇନକୁ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଉଲ୍ଲଂଘନ କରିଛନ୍ତି ବୋଲି ମଲ୍ଲିକ କହିଛନ୍ତି। ଏନେଇ ନିର୍ବାଚନ ଅଧିକାରୀ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବା ସହିତ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ମଲ୍ଲିକ



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ।

ଖବରଦାତାଙ୍କୁ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପାର ଦିଲୀପ ମହାନ୍ତି, ସୁବୋଧ ଜେନା, ସନ୍ତୋଷ ନାୟକ, ପ୍ରଶନ୍ନ ସାମଲ, ମୁରଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ, ବରୀରେ ଭାଜପା ଭୟଭୀତ ହୋଇଯାଇଛି। ଭାଜପା ପ୍ରାର୍ଥୀ ମଲ୍ଲିକଙ୍କୁ ନିର୍ବାଚନରେ ହାରିଯିବାର ଭୟ ଘାରିଛି। ସେଥିପାଇଁ ସେ ବିଚଳିତ ହୋଇ ଏଭଳି ମନ୍ତବ୍ୟ ଦେଇଛନ୍ତି। ତାଙ୍କ ନାଁରେ କୌଣସି ଅପରାଧମୂଳକ ମାମଲା ନାହିଁ, ବରୀବାସୀଙ୍କ ସାମାଜିକ ନ୍ୟାୟ ପାଇଁ ସେ ସବୁବେଳେ ଲଢେଇ କରିଆସିଛନ୍ତି। ଯାହାବି ମାମଲା ଥିବ କୋର୍ଟ ବିଚାର କରିବ। ସେଥିରେ ମଲ୍ଲିକଙ୍କର ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ଦାସ କହିଛନ୍ତି।

## ମୁଗୁପାଳ କଲେଜ ଛାତ୍ରୀଛାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ରସୁଲପୁର,୧୦।୪(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ସର୍ବ ପୁରାତନ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ମୁଗୁପାଳ କଲେଜ)ରେ ବୁଧବାର ଇଂଲିଶ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ବିଦାୟୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧାପିକା ପୁଫୁଲ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧକ୍ଷା ପ୍ରଫେସର ସୁସ୍ମିତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଛାତ୍ରୀଛାତ୍ର କଲେଜର ସମ୍ପତ୍ତି। ସେମାନେ ଶୃଙ୍ଖଳିତ ହେବା ସହ ପାଠପଢା ପ୍ରତି ମନ ବଳାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧାପିକା ମମତା ବୋଇତାଇ, ଅଧାପକ ରମେଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ଫିରଦୋଷ ତବାସୁମ ଖାନାମ, ସୋନାଲି ରାଉତ, ଲିପିକା ପତି ପ୍ରମୁଖ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ମଦ ଜବତ, ୨ ବ୍ୟବସାୟୀ ଗିରଫ

କୋରେଇ,୧୦।୪(ସ୍ୱ.ପ୍ର)

କୋରେଇ ଥାନା ପୋଲିସ ମଙ୍ଗଳବାର ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ମଧୁସୂଦନ ରାଉତ (୬୨)। ସେ ତୁଳତୀ ପଞ୍ଚାୟତ କୋଗାଁ ଛକଠାରେ ଥିବା ମିଟୁଆଣି ପୋଖରୀ ନିକଟରେ ଚୋରା ମଦ ବ୍ୟବସାୟ କରୁଥିବା ବେଳେ ମଙ୍ଗଳବାର ରାତିରେ ତାଙ୍କୁ ପୋଲିସ ଗିରଫ କରିଥିଲା। ଏହା ସହ ତାଙ୍କଠାରୁ ୧୫ ବୋତଲ ବିଦେଶୀ ମଦ ଜବତ କରି ଏକ ମାମଲା ( ନଂ ୬୯/୧୯) ରୁଜୁ କରିଥିଲା। ସେହିପରି ପାଣିକୋଇଲି ପୋଲିସ ମଧ ଜଣେ ଦେଶୀ ମଦ ବେପାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେ ହେଲେ ଅଳତିରି ଗ୍ରାମର ଭାଗରଥି ମହାନ୍ତ (୫୯)। ଏନେଇ ପୋଲିସ ଏକ ମାମଲା (୬୭/୧୯) ରୁଜୁ କରଛି।

## ଭାଜପା ରାଜ୍ୟ ସମ୍ପାଦକଙ୍କୁ ବିପୁଳ ସମ୍ବର୍ଦ୍ଧନା



ଭାଜପା ରାଜ୍ୟସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

ରସୁଲପୁର,୧୦।୪(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରଠାରେ ଭାଜପା ରାଜ୍ୟ ସମ୍ପାଦକ ସୁରେନ୍ଦ୍ର ପଣ୍ଡାଙ୍କୁ ବୁଧବାର ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ପଣ୍ଡାଙ୍କୁ ଦଳୀୟ ଟିକେଟ ନ ମିଳିବା ପରେ ସମର୍ଥକଙ୍କ ମନରେ ନୈରାଶ୍ୟଭାବ ଦେଖାଦେଇଥିଲା। ଦଳୀୟ ନିଷ୍ପତ୍ତିକୁ ବିରୋଧ କରି କିଛି କର୍ମୀ ରାଜରାସ୍ତାକୁ ଓହ୍ଲାଇଥିଲେ। ଦଳ ଛାଡିବାକୁ ଧମକ ବି ଦେଇଥିଲେ। ଦଳୀୟ ଶୃଙ୍ଖଳାକୁ ବଜାୟ ରଖିବା ସହ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସଂଗଠନକୁ ସଦୃଢ଼ କରିବା ପାଇଁ ସୁରେନ୍ଦ୍ରଙ୍କୁ ଦଳରେ ଥଇଥାନର ବ୍ୟବସ୍ଥା କରାଯାଇଛି। ତାଙ୍କୁ ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ମିଳିବା ପରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ପଣ୍ଡା ଭୁବନେଶ୍ୱରରୁ ଆସି କୁଆଖିଆ ବଜାରରେ ପହଞ୍ଚି ଥିଲେ। ତାଙ୍କୁ ସମର୍ଥକଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅପେକ୍ଷାରତ ସମର୍ଥକ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହ ମଧୁବନ ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ଭାଜପା ନେତା ଦିଲୀପ ରାଉତ, ସତ୍ୟରଞ୍ଜନ ସାହୁ, ରାମଚନ୍ଦ୍ର ପାଣିଗ୍ରାହୀ, ଦେବେନ୍ଦ୍ର ନାଥ, ପ୍ରଶାନ୍ତ ସ୍ୱାଇଁ, ନେତ୍ରାନନ୍ଦ ପାତ୍ର, ନବଘନ ମଲିକ, ଘନଶ୍ୟାମ ବାରିକ, ସୁଦାମ ଜେନା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଅଜୟ ମଲିକ, ଦେବାଶିଷ ଶତପଥି, ଅକ୍ଷୟ ମିଶ୍ର, ଗଙ୍ଗାଧର ସାହୁ, ଦିବ୍ୟକାନ୍ତ ନାୟକଙ୍କ ସମେତ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏ ସମ୍ପର୍କରେ ସମ୍ପାଦକ ପଣ୍ଡାଙ୍କୁ ପଚାରିବାରୁ, ସେ ଦଳର ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ସଂଗଠନ ପାଇଁ କାର୍ଯ୍ୟ କରିବେ। ରାଜ୍ୟ ଓ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଗଠନ କରିବା ଦିଗରେ କାର୍ଯ୍ୟ ସେ ତାଙ୍କ ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କରିବେ କହିଛନ୍ତି।

## ବିଜେଡି କାର୍ଯ୍ୟାଳୟକୁ ନେଇ ଆପତ୍ତି ଉଠାଇଲା ଭାଜପା

ଚଣ୍ଡିଖୋଲ,୧୦।୪ (ଡି.ଏନ.ଏ)

ବଡ଼ଚଣା ବିଜେଡି ତରଫରୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଇ ସରକାରୀ ତଥା ଜଙ୍ଗଲ କିଶମ ଜମିରେ ବିଜେଡି ନିଜସ୍ୱ କାର୍ଯ୍ୟାଳୟ ଖୋଲିଥିବା ନେଇ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛି ଭାଜପା। ଏ ସମ୍ପର୍କରେ ବୁଧବାର ଚଣ୍ଡିଖୋଲସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ସେଥିରେ ନିର୍ବାଚନ କମିଶନ ନିକଟରେ ଅଭିଯୋଗ କରିଥିବା ସମ୍ପର୍କରେ କର୍ମକର୍ତ୍ତାମାନେ ତଥ୍ୟ ରଖିଥିଲେ। ଅଭିଯୋଗ ଅନୁଯାୟୀ ଚଣ୍ଡିଖୋଲ ଛକସ୍ଥିତ ଆରଟିଓ ଅଫିସ ନିକଟରେ ଥିବା ଏକ ସରକାରୀ ଜମିକୁ ଜବରଦଖଲ କରି ସେଠାରେ ସ୍ଥାୟୀ ଗୃହ ନିର୍ମାଣ କରି ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟ ପରିଚାଳନା କରାଯାଉଥିଲା। ସେଠାରେ ନିୟମିତ ଦଳୀୟ କାର୍ଯ୍ୟାକ୍ରମ ଚାଲିବା ସହ ପ୍ରଚାର ପତ୍ର ଓ ହୋର୍ଡିଂ ମହଜୁଦ ରଖାଯାଉଥିବା ଅଭିଯୋଗ କରି ଯଥାଶୀଘ୍ର ଏହାକୁ ଉଚ୍ଛେଦ କରିବା ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ସମ୍ପୃକ୍ତ ଜାଗାଟି ଦର୍ପଣ ତହସିଲ ଅନ୍ତର୍ଗତ ସୁଙ୍ଗୁଡ଼ା ମୌଜାର ଛୋଟ ଜଙ୍ଗଲ କିଶମ ଜମି। ଏହି ଜାଗା ଉପରେ ନିର୍ମାଣ କରାଯାଇଥିବା ଘର କାନ୍ଥରେ ବିଜୁ ଜନତା ଦଳ କାର୍ଯ୍ୟାଳୟ ଲେଖାଯିବା ସହ ସବୁଜ ରଙ୍ଗରେ ଗୃହଟିକୁ ରଙ୍ଗୀନ କରାଯାଇଛି। ଏହାକୁ ନିର୍ବାଚନ ପ୍ରଚାର ପାଇଁ ବ୍ୟବହାର କରାଯାଉଥିବାରୁ ଏହା ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଭାଜପା ନେତୃବୃନ୍ଦ ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଦଳର ଉପସଭାନେତ୍ରୀ ଦେବଯାନୀ ପ୍ରଧାନ, ଯାଜପୁର ଜିଲା କିଶାନ ମୋର୍ଚ୍ଚା ସାଭାପତି ସାରଦା ନନ୍ଦ ରାଉତ, ପ୍ରାକ୍ତନ ବ୍ଲକ ଅଧକ୍ଷ ନିରଞ୍ଜନ ସାହୁ, ବେଣୁଧର ବିଶ୍ୱାଳ, ଦୀପକ କୁମାର ସାମଲ, ପ୍ରଦୀପ କୁମାର ଜେନାଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଏହି ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଦଳ ପକ୍ଷରୁ ବଡ଼ଚଣା ପାଇଁ ମଧ ଇସ୍ତାହାର ପ୍ରକାଶିତ ହୋଇଥିଲା। ନିର୍ବାଚନରେ ଦଳ ବିଜୟୀ ହେଲେ ରାଜ୍ୟର ଏକ ମାତ୍ର କୃଷିଭିତ୍ତିକ ଶିଳ୍ପ କୋଣାର୍କ ଝୋଟ କଳକୁ ପୁନଃ କାର୍ଯ୍ୟକ୍ଷମ କରିବା, ବଡ଼ଚଣାର ଅନନ୍ୟ ତଥା ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି କ୍ଷେତ୍ର ଓ ପର୍ଯ୍ୟଟନ ସ୍ଥଳଗୁଡ଼ିକର ବିକାଶ କରିବା ସାଙ୍ଗକୁ ବିରୁପା–ଗେଙ୍ଗୁଟି ଦିପାଞ୍ଚଳରେ ସ୍ଥାୟୀ ଦଳ ସେଚନ ବ୍ୟବସ୍ଥା କରାଯିବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ଏଥିସହ ଚଣ୍ଡିଖୋଲକୁ ରାଜସ୍ୱ ସବ୍‌ଡ଼ିଭିଜନ ଏନଏଏସିର ମାନ୍ୟତା ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ଭାବେ ଘୋଷଣା କରାଯାଇଥିଲା।

## ପ୍ରାର୍ଥିପତ୍ର ଯାଞ୍ଚ ଶେଷ, ପ୍ରଚାର ପାଇଁ ପ୍ରସ୍ତୁତି

**ବରୀ ନିର୍ବାଚନମଣ୍ଡଳୀ**

ବରୀ,୧୦।୪(ସ୍ୱ.ପ୍ର)

ଚଳିତ ନିର୍ବାଚନ ପାଇଁ ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ଶେଷ ହୋଇଛି। ଯାଞ୍ଚ ପରେ ରାଜନୈତିକ ଦଳଗୁଡିକ ପ୍ରଚାର ପାଇଁ ନକ୍ସା ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ, ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ, କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା, ହିନ୍ଦୁସ୍ଥାନ ନିର୍ମାଣ ଦଳ ଅସିଦ କୁମାର ରାୟ, କୃପାଦଳ ଅକ୍ଷୟ କୁମାର କର, ବିଏସ୍‌ପି ରୋହିତ ମଲ୍ଲିକ ପ୍ରମୁଖଙ୍କ ନାମ ଚୂଡାନ୍ତ ତାଲିକାରେ ପ୍ରକାଶ ପାଇଛି। ତେବେ ଭୋଟରଙ୍କୁ ନିଜ ସପକ୍ଷରେ ମନାଇବା ପାଇଁ ପ୍ରଚାର ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାର ବିଜେଡି ପ୍ରାର୍ଥୀ ସୁନନ୍ଦା ଦାସ ଗୋଲକୁଣ୍ଡ ମା’ ମଙ୍ଗଳାଙ୍କ ପୀଠରୁ ପୂଜାର୍ଚ୍ଚନା କରି ପ୍ରଚାର କରିବେ ବୋଲି ସୂଚନା ମିଳିଛି। ଏଥିରେ ଦୈନିକ ୪ଟି ପଞ୍ଚାୟତରେ ଭୋଟରଙ୍କୁ ଭେଟି ପ୍ରାର୍ଥୀ ଓ କର୍ମୀମାନେ ନିଜ ଦଳ ସପକ୍ଷରେ ଭୋଟ ହାତେଇବା ପାଇଁ ବିଭିନ୍ନ କୌଶଳରେ ପ୍ରଚାର କରିବେ ବୋଲି ନକ୍ସା ପ୍ରସ୍ତୁତ କରିଥିବା ବିଜେଡି ଶିବିରରୁ ଖବର ମିଳିଛି। ଭାଜପା ସେହିପରି ବିଭିନ୍ନ ପଞ୍ଚାୟତକୁ ବାଇକ ରାଲି କରି ପ୍ରଚାରରେ ଯାଇ ଭୋଟ ହାତେଇବା ପାଇଁ ପ୍ରସ୍ତୁତ ହେଉଛି। ଏହି ବାଇକ ରାଲିରେ ଦୈନିକ ୪ଶହରୁ ୫ଶହ କର୍ମୀଙ୍କୁ ସାମିଲ କରାଯିବା ନେଇ ଦଳ ସୂଚନା ଦେଇଛି। କଂଗ୍ରେସ ପଞ୍ଚାୟତସ୍ତରରେ ସଂଗଠନକୁ ମଜଭୁତ କରି ବୈଠକ ଜରିଆରେ ପ୍ରଚାରକୁ ଗତିଶୀଳ କରିବ ବୋଲି ସୂଚନା ମିଳିଛି। ହିନ୍ଦୁସ୍ଥାନ ନିର୍ମାଣ ଦଳ ପ୍ରାର୍ଥୀ ଗୁରୁବାରଠାରୁ ଘରଘର ବୁଲି ନିଜେ ଭୋଟ ଭିକ୍ଷା କରିବେ। ବିଏସ୍‌ପି ପ୍ରାର୍ଥୀ ପ୍ରଚାର ପ୍ରକ୍ରିୟାରେ ଦଳିତଙ୍କୁ ସାମିଲ କରିଛନ୍ତି। ଶୁକ୍ରବାରଠାରୁ ପ୍ରଚାର ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇଛି। କୃପାଦଳ ପ୍ରଚାର ପାଇଁ ଖସଡା ପ୍ରସ୍ତୁତ କରି ନ ଥିବା ସୂଚନା ମିଳିଛି। ତେବେ ଏବେଠୁ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବା ନେଇ ଆଲୋଚନା ଜୋର ଧରିଛି। ରତ୍ନଗିରି ପଞ୍ଚାୟତରେ ବିଜେଡି ନେତା ଗିରିଶ ସାମଲଙ୍କ ନେତୃତ୍ୱରେ ୩ରୁ ଉର୍ଦ୍ଧ୍ୱ ଭାଜପା କର୍ମୀଙ୍କୁ ବିଜେଡି ଦଳରେ ଯୋଗଦାନ କରାଇଥିବା ସାମଲ କହିଛନ୍ତି। ଏହି ପଞ୍ଚାୟତରେ ବିଜେଡିର ପଲା ଭାରି ରହିଥିବା କୁହାଯାଇଛି। ସେହିପରି ଭାଜପା ବିଭିନ୍ନ ପଞ୍ଚାୟତରେ ଆଗ ଧାଡିର କର୍ମୀଙ୍କୁ ନିଜ ଦଳରେ ମିଶାଇବା ପାଇଁ ଉଦ୍ୟମ ଜାରି ରଖିଛି। ଏହି ନିର୍ବାଚନ ମଣ୍ଡଳୀର ୪୭ ପଞ୍ଚାୟତରେ ରାଜନୈତିକ ଦଳଗୁଡିକର ପ୍ରଚାର ପ୍ରକ୍ରିୟାକୁ ଭୋଟର କିଭଳି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

■ ରାସ୍ତାରେ ପସରା ମେଲାଇଛନ୍ତି ଉଠାଦୋକାନୀ

## ପୌର ପ୍ରଶାସନ ନୀରବଦ୍ରଷ୍ଟା

ଯାଜପୁରରୋଡ,୧୦।୪(ନି.ପ୍ର.)

ବ୍ୟାସନଗର ପୌରାଞ୍ଚଳରେ ରାସ୍ତାଘାଟ ସଫା କରିବା ପାଇଁ ବାରମ୍ବାର ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ହେଲେ ସମଗ୍ର ସହରରେ ଉଚ୍ଛେଦ କରା ନ ଯାଇ ବିନା ନୋଟିସ୍‌ରେ ଗୋପବନ୍ଧୁ ଛକଠାରୁ ଚୋରଦା ବାଇପାସ ଓ ଚୋରଦା ବାଇପାସଠାରୁ ନହକା ବାଇପାସ ପର୍ଯ୍ୟନ୍ତ ଜିଲା ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଭଙ୍ଗାରୁଜା କରାଯାଇଥିଲା। ହେଲେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ କୋଠା ଓ ଦୋକାନ ଉଚ୍ଛେଦ କରାଗଲା ନାହିଁ। ଏ ସମ୍ପର୍କରେ ପ୍ରଶ୍ନ କଲେ ପରେ ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଇତିମଧ୍ୟରେ ୬ ମାସ ବିତି ଯାଇଥିଲେ ମଧ ଉଚ୍ଛେଦ ପ୍ରକ୍ରିୟା ଠପ୍ ହୋଇଯାଇଛି। ଚୋରଦା ଛକଠାରୁ ଧବଳଗିରି ପର୍ଯ୍ୟନ୍ତ ବ୍ୟସ୍ତବହୁଳ ରାସ୍ତାରେ ପୂର୍ବତନ ମନ୍ତ୍ରୀ



ରାସ୍ତା ଉପରେ ପରିବା ଦୋକାନୀ ପସରା ମେଲାଇଛନ୍ତି ।

ଓ ବରିଷ୍ଠ ନେତାଙ୍କ ଘର ରହିଛି। ରାସ୍ତା ଚଉଡ଼ା କରିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଉଥିଲେ ମଧ ଉଚ୍ଛେଦ କରା ନ ଯିବା ଫଳରେ ରାସ୍ତା ପ୍ରଶସ୍ତୀକରଣରେ ବାଧା ଉପୁଜୁଛି। ଡାକବଙ୍ଗଳା ଛକ, ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଠା ଦୋକାନୀମାନେ ରାସ୍ତା ଜାମ୍ କରୁଛନ୍ତି। ଏପରିକି ଡ୍ରେନ୍‌ରେ ବର୍ଜ୍ୟବସ୍ତୁ ପକାଇ ପ୍ରଦୂଷଣ କରୁଥିବାରୁ ଦୁର୍ଗନ୍ଧ ବାହାରୁଛି। ବ୍ୟାସନଗର ପୌର ପରିଷଦରେ ଡେଲି ମାର୍କେଟ ନାହିଁ। ଏଥିପାଇଁ ଗୋଶାଳା ଓ ଚୋରଦା ଛକଠାରେ ଫଳକମରା ଚାଲିଛି। କିନ୍ତୁ ମାର୍କେଟର ନାଁଗନ୍ଧ ନାହିଁ। ୪ ମାସ ପୂର୍ବେ ଚୋରଦା ଛକ ନିକଟରେ ମାଛ ମାର୍କେଟର ଶୁଭ ଦିଆଯାଇ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ସେହିପରି ଦଳା ବାଇପାସଠାରୁ ନହକା ବାଇପାସ ରାସ୍ତା ପାର୍ଶ୍ୱରେ ପଚା ପନିପରିବା ପକାଯାଉଛି। ପୌର ପରିଷଦ ପ୍ରଶାସକ ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ଦାୟିତ୍ୱରେ ଥିବା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ନିର୍ବାଚନ ଅଧିକାରୀ ଦାୟିତ୍ୱ ନେଇଥିବାରୁ ପୌର ପରିଷଦର କାର୍ଯ୍ୟ ବୁଝିବାକୁ ସମୟ ନାହିଁ। ନିର୍ବାଚନ ପରେ ପୌର ପରିଷଦର ସମସ୍ୟା ସମାଧାନ କରାଯିବ ବୋଲି ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ନଦୀରେ ବୁଡ଼ି ଛାତ୍ର ମୃତ

**ଡେରାବିଶ, ୧୦।୪ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦେଇ ପ୍ରବାହିତ ଲୁଣାନଦୀର ବେଲମାଳ ଗଣ୍ଡ ନିକଟରେ ଗାଧୋଉଥିବା ବେଳେ ବୁଡ଼ି ଯାଇ ବୁଧବାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦାନପୁର ଗ୍ରାମର ବୃନ୍ଦାବନ ଜେନାଙ୍କ ପୁଅ ଶିବ ପ୍ରସାଦ (୧୪)। ଶିବପ୍ରସାଦ ତାଙ୍କ ମାମୁଘର ରମକୃଷ୍ଣପୁରରେ ରହି ସ୍ଥାନୀୟ ସ୍କୁଲରେ ପାଠ ପଢୁଥିଲେ। ମଙ୍ଗଳବାର ନିଜ ଘର ଦାନପୁର ଆସିଥିବା ବେଳେ ଗାଧୋଇବାକୁ ଲୁଣାନଦୀକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସି ଯାଇଥିଲା। କିଛି ଦୂରରେ ମଇଁଷି ଚରାଉଥିବା ଲୋକେ ସେ ବୁଡ଼ି ଯାଉଥିବା ଦେଖି ଡାକ ପକାଇଥିଲେ। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ସ୍ଥାନୀୟ ଯୁବକ କୃଷ୍ଣଚନ୍ଦ୍ର ବେହେରା ଶିବପ୍ରସାଦଙ୍କୁ ଉଦ୍ଧାର କରିଥିଲେ।

### ବାଇକ୍ ଡିକି ଭାଙ୍ଗି ୪୦ ହଜାର ଲୁଟ୍

**ମାର୍ଶାଘାଇ,୧୦।୪ (ଡିଏନଏ):** ବୁଧବାର ମଧ୍ୟାହ୍ନରେ ମାର୍ଶାଘାଇ ବଜାରର ଗଣପତି ଛକ ନିକଟରେ କେହି ଦୁର୍ବୃତ୍ତ ଏକ ବାଇକ ଡିକି ଭାଙ୍ଗି ସେଥିରେ ଥିବା ୪୦ହଜାର ଟଙ୍କା ଲୁଟି ନେଇଛି। ପ୍ରକାଶ ଯେ,ମହାକାଳପଡା ଜମ୍ବୁ ଅଞ୍ଚଳର ଗୁଆ ବେପାରୀ ଅଖିଳ ମଣ୍ଡଳ ବୁଧବାର ହାଟପାଳି ଥିବାରୁ ମାର୍ଶାଘାଇ ବଜାରର ବିଭିନ୍ନ ଦୋକାନରୁ ଗୁଆ ବିକ୍ରି ବାବଦ ଟଙ୍କା ଆଦାୟ କରିବାକୁ ଆସିଥିଲେ। ସେ କୁମ୍ଭାରସାହି ସମ୍ମୁଖ ଏକ ଦୋକାନରୁ ଟଙ୍କା ଆଦାୟ କରି ଗଣପତି ଛକରେ ଥିବା ଅନ୍ୟ ଏକ ଗୁଆ ଦୋକାନ କଡରେ ବାଇକ ରଖି ପକେଟରେ ଥିବା ଟଙ୍କା କାଢି ବାଇକ୍ ଡିକିରେ ରଖିଥିଲେ । ପରେ ନିକଟରେ ଥିବା ଅନ୍ୟ ଦୁଇଟି ଦୋକାନକୁ ଟଙ୍କା ଆଦାୟ ପାଇଁ ଯାଇଥିଲେ। ସେଠାରୁ ଟଙ୍କା ଆଦାୟ କରି ଫେରିବା ପରେ ତାଙ୍କ ବାଇକ ଡିକି ତଡା ଯାଇଥିବା ଓ ସେଥିରେ ଥିବା ଟଙ୍କା ଲୁଟ୍ ହୋଇଥିବା ଦେଖିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ଗୋଦାମରୁ ଧାନ ଚୋରି

**ଡେରାବିଶ, ୧୦।୪ (ସ୍ୱ.ପ୍ର.)**-ଡେରାବିଶ ବ୍ଲକ ଚାନ୍ଦୋଳ ବଜାରରେ ଥିବା ଏକ ଧାନ ଗୋଦାମରୁ ମଙ୍ଗଳବାର ରାତିରେ ୬୦ ବସ୍ତା ଧାନ ଚୋରି ହୋଇଯାଇଛି। ଏ ନେଇ ଗୋଦାମ ମାଲିକ ଶରତ ଚନ୍ଦ୍ର ସାହୁ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କିଣା ହୋଇଥିବା ଧାନ ବସ୍ତାସବୁ ଗୋଦାମରେ ରଖି ମଙ୍ଗଳବାର ରାତିରେ ଶରତ ଘରକୁ ଯାଇଥିଲେ। ମାତ୍ର ବୁଧବାର ସକାଳୁ ଗୋଦାମ ନିକଟକୁ ଯିବା ବେଳକୁ ଗୋଦାମ ଘର କବାଟ ତଡ଼ା ହୋଇଥିବା ଦେଖିଥିଲେ। ଏଥିସହ ଗୋଦାମରୁ ୬୦ ବସ୍ତା ଧାନ ଚୋରି ଜାଣି ଥାନାରେ ଅଭିଯୋଗ କରିଥିଲେ। ତେବେ ଚୋରି ହୋଇଥିବା ଧାନର ଆନୁମାନିକ ଓଜନ ପ୍ରାୟ ୪୫ କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି। ଅଭିଯୋଗ କ୍ରମେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

### ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପରଲୋକ

**ରାଜନଗର, ୧୦।୪(ଡିଏନଏ)**-ରାଜନଗର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅକ୍ଷୟ କୁମାର ପ୍ରଧାନଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ଗତ ୨ ଦିନ ତଳେ ଇଂ.ପ୍ରଧାନଙ୍କ ବ୍ରେନଷ୍ଟ୍ରୋକ ହେବାରୁ ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସକାଳେ ତାଙ୍କର ପରଲୋକ ଘଟିଛି। ଏହି ଖବର ପାଇ ରାଜନଗର ବ୍ଲକ ସମେତ ଅନ୍ୟାନ୍ୟ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ସଭାରେ ବିଡିଓ ମନ୍ଦରଧର ମହାଲିକ, କନିଷ୍ଠ ଯନ୍ତ୍ରୀ ଇଂ. ଦେବରଞ୍ଜନ ବେହେରା, ଇଂ. ପ୍ରଭାତ କୁମାର ମାଝି, ଇଂ. ରଞ୍ଜନ କୁମାର ଶର୍ମା, ଇଂ ବିଶ୍ୱ ଭୂଷଣ ଭୂୟାଁ, ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ନକୁଳ ପଢ଼ିହାରୀ, ପ୍ରସନ୍ନ ପରିଡା, ବିରଞ୍ଚି ସାମଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସରିଲା ଯାଞ୍ଚ, ୭ ପ୍ରାର୍ଥୀପତ୍ର ନାକଚ

**କେନ୍ଦ୍ରାପଡା ଅଫିସ, ୧୦।୪**

କେନ୍ଦ୍ରାପଡ଼ା ଜିଲାରେ ସାଧାରଣ ନିର୍ବାଚନ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ୬୩ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ବୁଧବାର ଏହାର ପ୍ରଶାସନିକ ଯାଞ୍ଚ ଶେଷ ହୋଇଛି। ଯାଞ୍ଚ ପରେ ମୋଟ ୭ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜଣାପଡ଼ିଛି। କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ୯ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ଏଥିରୁ ବିଶ୍ୱନାଥ ପ୍ରଧାନ ଓ ପ୍ରଦୀପ ମଲ୍ଲିକଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତି, ଭାଜପାର ବୈଜୟନ୍ତ ପଣ୍ଡା, କଂଗ୍ରେସର ଧରଣୀଧର ନାୟକ, ଏସ୍‌ପିର ରବୀନ୍ଦ୍ରନାଥ ବେହେରା, କୃପା ପାର୍ଟିର ଶ୍ରୀକାନ୍ତ ସାମଲ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ଦାଶ ଓ ସନ୍ତୋଷ କୁମାର ପାତ୍ରଙ୍କ ପ୍ରାର୍ଥୀପତ୍ର କାଏମ ରହିଛି।

ସେହିପରି ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ ୩ ପ୍ରାର୍ଥୀପତ୍ର ନାକଚ ହୋଇଛି। ସେହି ପ୍ରାର୍ଥୀମାନେ ହେଲେ ପ୍ରମୋଦ କୁମାର ଦାଶ, ବିଜୟଲକ୍ଷ୍ମୀ ସ୍ୱାଇଁ ଓ ସମରେନ୍ଦ୍ର ଜେନା। ତେବେ ବିଜେଡିର ଅତନୁ ସବ୍ୟସାଚୀ ନାୟକ, ବିଏସ୍‌ପିର ଅଧୀରନାଥ ଶର୍ମା, ଭାଜପାର ବିଜୟ ପ୍ରଧାନ, କଂଗ୍ରେସର ବିଭ୍ରାଂଶୁ ଶେଖର ଲେଙ୍କା, ଆମ୍ବେଡ୍‌କର ନ୍ୟାସନାଲ କଂଗ୍ରେସର ଆଶୁତୋଷ ମହାରଣା, ଏସ୍‌ପିର ରଞ୍ଜିତା କାନୁନ୍‌ଗୋ, ସ୍ୱାଧୀନ ପ୍ରାର୍ଥୀ ଦେବେନ୍ଦ୍ର ରାଉତ, ପଦ୍ମନାଭ ଚୌଧୁରୀ, ଭୀମସେନ ସେଠୀ ଓ ମମତା ସାମନ୍ତରାୟ ପ୍ରତିଦ୍ୱନ୍ଦୀ ଅଛନ୍ତି। ଆଳି ବିଧାନସଭା ପାଇଁ ୧୦ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ସମସ୍ତ ପ୍ରାର୍ଥୀପତ୍ର କାଏମ ରହିଛି। କଂଗ୍ରେସର ଦେବେନ୍ଦ୍ର ଶର୍ମା, ଭାଜପାର ଦୋଳଗୋବିନ୍ଦ ନାୟକ, ବିଜେଡିର ପ୍ରତାପ କେଶରୀ ଦେବ, ବିଏସ୍‌ପିର ସୁଧାକର ମଲ୍ଲିକ, ମଜଦୁର ବିକାଶ ଦଳର ଜୟନ୍ତ କୁମାର ମଲ୍ଲିକ, ସିପିଆଇ (ଏମଏଲ)ର ବିଧାନଚନ୍ଦ୍ର ଦାସ, ସ୍ୱାଧୀନ ପ୍ରାର୍ଥୀ ପ୍ରଭାତ କୁମାର ମଲ୍ଲିକ, ରାଧାନାଥ ରାୟ, ସତ୍ୟଜିତ ସ୍ୱାଇଁ ଓ ସୁଜାତା ବାରିକ ପ୍ରାର୍ଥୀ ଅଛନ୍ତି। ରାଜନଗର ବିଧାନସଭା ପାଇଁ ୮ ପ୍ରାର୍ଥୀ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଚୁନି ମଲ୍ଲିକଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଛି। ବିଏସ୍‌ପି ପ୍ରାର୍ଥୀ ଅନିରୁଦ୍ଧ ସେଠୀ, ଭାଜପାର ଅଲେଖ ଜେନା, କଂଗ୍ରେସର ଅଂଶୁମାନ୍ ମହାନ୍ତି, ବିଜେଡିର ଧ୍ରୁବଚରଣ ସାହୁ, ଏସ୍‌ପିର ସୁଦର୍ଶନ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଅଜୟ କୁମାର ବେହେରା ଓ ସୁନୀତା ପ୍ରଧାନଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। କେନ୍ଦ୍ରାପଡା ବିଧାନସଭା ପାଇଁ ୧୨ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ନାରାୟଣ ଚନ୍ଦ୍ର ଦାସଙ୍କର ନାମାଙ୍କନ ପତ୍ର ନାକଚ ହୋଇଯାଇଛି। କଂଗ୍ରେସର ଗଣେଶ୍ୱର ବେହେରା, ବିଏସ୍‌ପିର ରଞ୍ଜନ କୁମାର ମଲ୍ଲିକ, ଭାଜପାର ସୁନାକର ବେହେରା, ଇଣ୍ଡିଆନ ସିଟିଜେନ ପ୍ରାର୍ଥୀ ନରେନ୍ଦ୍ର କୁମାର ମଲ୍ଲିକ, ବିଜେଡିର ଶଶିଭୂଷଣ ବେହେରା, ସ୍ୱାଧୀନ ପ୍ରାର୍ଥୀ ସିପ୍ରା ମଲ୍ଲିକ, ପଦ୍ମଚରଣ ମଲ୍ଲିକ, ପ୍ରତାପ କୁମାର ମଲ୍ଲିକ, ରବୀନ୍ଦ୍ର ମୁଦୁଲି, ଉର୍ମିଳା ସେଠୀ ଓ ଆଲୋକ କୁମାର ଜେନାଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ଦାଖଲ ହୋଇଥିବା ୧୧ଟି ପ୍ରାର୍ଥୀପତ୍ର କାଏମ ରହିଛି। ଏଠାରେ କୃପା ପାର୍ଟିର ଶ୍ରୀକାନ୍ତ ସାମଲ, ରାଷ୍ଟ୍ରୀୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚାର ଅନ୍ନଦା ପ୍ରସାଦ ରାଉତରାୟ, କଂଗ୍ରେସର ଜୟନ୍ତ ମହାନ୍ତି, ଭାଜପାର ବିଜୟ ମହାପାତ୍ର, ବିଜେଡିର ବେଦପ୍ରକାଶ ଅଗ୍ରୱାଲ, ଏସ୍‌ପିର ପ୍ରଦୀପ କୁମାର ମିଶ୍ର, ସ୍ୱାଧୀନ ପ୍ରାର୍ଥୀ ଦିବ୍ୟସିଂହ ଦାସ, ପରମାନନ୍ଦ ମହାରଣା, ପ୍ରଫୁଲ୍ଲ କୁମାର ବେହେରା, ରତିକାନ୍ତ କାନୁନ୍‌ଗୋ ଓ ସଞ୍ଜୟ କୁମାର ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସୂଚନାଥାଉ କି, ଆସନ୍ତା ୧୨ ତାରିଖ ପ୍ରାର୍ଥୀପତ୍ର ପ୍ରତାହାରର ଶେଷ ତାରିଖ ରହିଛି।

# ଭାଜପାରେ ଯୋଗଦେଲେ ରାଜ୍ୟ ବିଜେଡି ସମ୍ପାଦକ




ମିଶ୍ରଣ ପର୍ବରେ ବିଜୟ ମହାପାତ୍ର ଓ ବୈଜୟନ୍ତ ପଣ୍ଡାଙ୍କ ସହ ସରୋଜକାନ୍ତ।

**କେନ୍ଦ୍ରାପଡା ଅଫିସ, ୧୦।୪**

ଗତ ସପ୍ତାହରେ ରାଜ୍ୟ ବିଜେଡି ସମ୍ପାଦକ ପଦ ପାଇଥିବା ତଥା କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ବୁଧବାର ଭାଜପାରେ ଯୋଗଦେଇଛନ୍ତି। ସରୋଜଙ୍କ ସହିତ ବ୍ଲକ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ସମିତିସଭ୍ୟ, ସରପଞ୍ଚ ଓ ୫୦୦ରୁ ଉର୍ଦ୍ଧ୍ୱ ସମର୍ଥକ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ପାଟକୁରା ବିଧାନସଭାର ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଓ ଭାଜପାର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସରୋଜ ଭାଜପାରେ ଯୋଗଦେଇଛନ୍ତି।

ଏହି ଉପଲକ୍ଷେ ସହରର କାକଟସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଭାଜପା ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ସରୋଜକାନ୍ତ ପ୍ରକାଶ କହିଥିଲେ, ବ୍ଲକ ଅଞ୍ଚଳର ବିକାଶ ପାଇଁ ଯେଉଁ ଉଦ୍ୟମ କରାଯାଇଛି ବିଧାୟକ ଅଗ୍ରୱାଲ ଏଥିରେ ସହଯୋଗ କରିନାହାନ୍ତି। ତେଣୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବ ନେତାଙ୍କୁ ବିଧାୟକ ପ୍ରାର୍ଥୀ କରିବାକୁ ପାଟକୁରା ଡେରାବିଶ ସ୍ୱାଭିମାନ ମଞ୍ଚ ଦାବି କରିଥିଲା। ତେବେ ବିଜେଡି ସଭାପତି ପୁଣି ଥରେ ବେଦପ୍ରକାଶଙ୍କୁ ପ୍ରାର୍ଥୀ ଚୟନ କରିବାରୁ ଏହାର ପ୍ରତିବାଦ କରି ସମସ୍ତ ଲୋକ ପ୍ରତିନିଧି ଓ କର୍ମକର୍ତ୍ତା ଭାଜପାରେ ଯୋଗ ଦେଇଥିବା ଦର୍ଶାଇଥିଲେ। ଏହି ମିଶ୍ରଣ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା ଉପସ୍ଥିତ ଥିଲେ।

### ବିଜେଡି ପ୍ରାର୍ଥୀଙ୍କୁ ବିଜୟଙ୍କ ଟାର୍ଗେଟ

ଏହି ମିଶ୍ରଣ ପର୍ବରେ ବିଜୟ ମହାପାତ୍ର କହିଥିଲେ, ପାଟକୁରାର ଉନ୍ନତି ପାଇଁ ବିଜେଡି ଏଭଳି ପ୍ରାର୍ଥୀ ଦେଇଛି, ଯିଏକି ଏବେ ଡାକ୍ତରଖାନାରେ। ଏହି ଅଞ୍ଚଳର ବିକାଶ ପାଇଁ ଲୋକେ ଡାକ୍ତରଖାନା ଯାଇପାରିବେ ନାହିଁ ବୋଲି କହି ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କୁ ଟାର୍ଗେଟ କରିଥିଲେ। ଦୀର୍ଘଦିନ ଧରି ଏହି ନିର୍ବାଚନମଣ୍ଡଳୀର ବିକାଶ ଠପ୍ ହୋଇଥିବା ସେ କହିଥିଲେ। ସୂଚନାଯୋଗ୍ୟ, ପାଟକୁରା ବିଜେଡି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଦୀର୍ଘଦିନ ଧରି ଅସୁସ୍ଥ ଅଛନ୍ତି। ଏପରି କି ତାଙ୍କ ପ୍ରାର୍ଥୀପତ୍ର ପ୍ରସ୍ତାବକଙ୍କ ମାଧ୍ୟମରେ ରିର୍ଟର୍ନିଂ ଅଫିସରଙ୍କ ନିକଟରେ ଦାଖଲ କରାଯାଇଥିଲା।

### ପୁରୁଣା ବନ୍ଧୁଙ୍କୁ ସ୍ୱାଗତ

ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ କେନ୍ଦ୍ରାପଡ଼ା ପୂର୍ବତନ ଏମ୍‌ପି ତଥା ଭାଜପାର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ମିଶ୍ରଣ ପର୍ବରେ ଏକାଠି ଦେଖିବାକୁ ମିଳିଥିଲା। ବିଜେଡିରୁ ବହିଷ୍କୃତ ହେବା ପରେ ବୈଜୟନ୍ତଙ୍କ କେନ୍ଦ୍ରାପଡ଼ା ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ସରୋଜଙ୍କ ସମର୍ଥକମାନେ ତାଙ୍କୁ ବିରୋଧ କରିଥିଲେ। ଏପରିକି ସରୋଜଙ୍କ ସମର୍ଥକ ଦିଲ୍ଲୀପ ଦାସ କେନ୍ଦ୍ରାପଡ଼ା ଏସଡିଜେଏମ୍ କୋର୍ଟରେ ପୂର୍ବତନ ଏମ୍‌ପି ପଣ୍ଡା ନିର୍ବାଚନୀ ଆଫିଡେଭିଟରେ ଭୁଲ୍ ତଥ୍ୟ ଦେଇ ଲୋକ ସଭା ନିର୍ବାଚନ ମଣ୍ଡଳୀ ଭୋଟରଙ୍କୁ ଠକିଥିବା ଅଭିଯୋଗ କରିଛନ୍ତି। ତେବେ ଭାଜପାରେ ଯୋଗଦେବା ପରେ ସରୋଜ ତାଙ୍କର ପୁରୁଣା ବନ୍ଧୁ ବୋଲି ବୈଜୟନ୍ତ କହିଥିଲେ।

# କେନ୍ଦ୍ରାପଡ଼ାରେ ଶଶିଭୂଷଣଙ୍କୁ ବିରୋଧ




ତିନିମୁହାଣୀଠାରେ କେନ୍ଦ୍ରାପଡା ସ୍ୱାଭିମାନ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୧୦।୪**

କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ବିଜେଡି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ପ୍ରାର୍ଥୀ କରିଛି। ତେବେ ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି କେନ୍ଦ୍ରାପଡ଼ା ସ୍ୱାଭିମାନ ମଞ୍ଚ ପକ୍ଷରୁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଦେଶୀ ହଟାଅ ଦାବି ହୋଇଛି। ଏ ନେଇ ସହରର ତିନିମୁହାଣିସ୍ଥିତ ରାମମନ୍ଦିର ପରିସରରେ ମଞ୍ଚ ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ବିଜେଡି ଜିନ୍ଦାବାଦ ସ୍ଲୋଗାନ ଦେବା ସହ ଶଶିଭୂଷଣଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଥିଲେ। ଏ ସମ୍ପର୍କରେ ବିକ୍ଷୋଭକାରୀ ମହେନ୍ଦ୍ର କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର ପ୍ରମୁଖ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜନୈତିକ କ୍ଷେତ୍ରରେ ମହିଳାଙ୍କୁ ସଂରକ୍ଷଣ ପାଇଁ କେନ୍ଦ୍ରାପଡ଼ା ଜିଲାରେ ଆୟୋଜିତ ସଭାରେ ଯୋଗଦେଇ ଘୋଷଣା କରିଥିଲେ। ତେବେ ଚଳିତ ନିର୍ବାଚନରେ ଜିଲାର କୌଣସି ନିର୍ବାଚନ ମଣ୍ଡଳୀରୁ ଜଣେ ହେଲେ ମହିଳାଙ୍କୁ ପ୍ରାର୍ଥୀ କରାଯାଇନାହିଁ। ଆଗାମୀ ଦିନରେ ମଧ୍ୟ ବିଦେଶୀ ପ୍ରାର୍ଥୀ ହଟାଅ ଅଭିଯାନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

### ଅବକାରୀ ଚଢ଼ାଉ: ମଦ ଜବତ, ୨ ଗିରଫ

**ଡେରାବିଶ, ୧୦।୪ (ସ୍ୱ.ପ୍ର.)**

ନିକିରାଇ ଥାନା ଅଧୀନ ନହଙ୍ଗ ଗ୍ରାମରେ ବୁଧବାର କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଚୋରା ମଦ ଜବତ କରାଯାଇଛି। ଏଥିସହ ଚୋରା ମଦ କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ନହଙ୍ଗ ଗ୍ରାମର ପ୍ରିତମ କୁମାର ସାହୁ ଓ ନରେଶ କୁମାର ସାହୁ। ନହଙ୍ଗ ଅଞ୍ଚଳରେ ଚୋରାରେ ବିଭିନ୍ନ ସ୍ଥାନରେ ମଦ ବିକ୍ରି ହେଉଥିବା ନେଇ ଦୀର୍ଘ ଦିନ ଧରି ଅଭିଯୋଗ ହେଉଥିଲା। ବୁଧବାର ଜିଲା ଅବକାରୀ ଅଧୀକ୍ଷକ ବିକେ ସିଂ ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ ଓ ଟିମ୍ ନହଙ୍ଗ ଗ୍ରାମରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଗ୍ରାମର ପ୍ରିତମ କୁମାର ସାହୁ ଓ ନରେଶ କୁମାର ସାହୁଙ୍କଘରୁ ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିଲା। ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଆଳି ନିର୍ବାଚନମଣ୍ଡଳୀ: ମଇଦାନରେ ୧୦ ପ୍ରାର୍ଥୀ

**ଆଳି, ୧୦।୪ (ଡି.ଏନ.ଏ)**

କେନ୍ଦ୍ରାପଡ଼ା ଲୋକ ସଭା ଆସନ ଓ ଏହା ଅଧୀନରେ ଥିବା ୭ ବିଧାନସଭା ଆସନରେ ଆଗାମୀ ୨୯ ତାରିଖରେ ନିର୍ବାଚନ ହେବ। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ହେବା ପରେ ଆଳି ଅଞ୍ଚଳରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ୧୦ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବିଜେଡିରୁ ପ୍ରତାପ କେଶରୀ ଦେବ, କଂଗ୍ରେସର ଦେବେନ୍ଦ୍ର ଶର୍ମା, ଭାଜପାର ଦୋଳଗୋବିନ୍ଦ ନାୟକ, ବହୁଜନ ସମାଜ ପାର୍ଟିର ସୁଧାକର ମଲିକ, ମଜଦୁର ବିକାଶ ଦଳରୁ ଜୟନ୍ତ କୁମାର ମଲିକ, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ(ଏମଏଲ)ର ବିଧାନ ଚନ୍ଦ୍ର ଦାସଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଏଥିସହ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଥିବା ରାଧାନାଥ ରାୟ, ସୁଜାତା ବାରିକ, ସତ୍ୟଜିତ ସ୍ୱାଇଁ ଓ ପ୍ରଭାତ କୁମାର ମଲିକଙ୍କର ନାମାଙ୍କନ ପତ୍ର ସୁରକ୍ଷିତ ଥିବା ଜଣାପଡ଼ିଛି।

# ବିଜୟ ମହାପାତ୍ରଙ୍କ ସମର୍ଥକଙ୍କୁ ଭେଟିଲେ ଭାଜପା ବିଧାୟକ ପ୍ରାର୍ଥୀ

**ମାର୍ଶାଘାଇ, ୧୦।୪ (ଡିଏନଏ)**

ମାର୍ଶାଘାଇ ବ୍ଲକର ବାଘଡିଆ ଗୋଜବାୟାଣୀଙ୍କ ପୀଠରେ ବୁଧବାର ଭାଜପାର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସମର୍ଥକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୁଳମଣି ଚୌଧୁରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ମହାକାଳପଡା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ବିଜୟ ପ୍ରଧାନ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଫେରି ଉକ୍ତ ବୈଠକରେ ଯୋଗ ଦେବା ସହ ଉପସ୍ଥିତ ଥିବା ମହାପାତ୍ରଙ୍କ ସମର୍ଥକମାନଙ୍କ ସହିତ ଆଲୋଚନା କରିଥିଲେ।

ଆଲୋଚନା ସମୟରେ କେଉଁଭଳି ପରିସ୍ଥିତିରେ ସେ ପ୍ରାର୍ଥୀ ହେଲେ ତାହା ଉପସ୍ଥିତ କର୍ମୀମାନଙ୍କୁ ଜଣାଇବା ସହିତ ନିର୍ବାଚନରେ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ସରପଞ୍ଚ ପ୍ରତାପ ଚନ୍ଦ୍ର ରାଉତ,ଧ୍ରୁବ ଚରଣ ସାହୁ,ସମିତି ସଭ୍ୟ ରଞ୍ଜନ ଚୌଧୁରୀ,ଅଶେଷ ଖଟୁଆ,ଶାରଦା ପ୍ରସନ୍ନ ବେଉରା,ଗୋପୀନାଥ ବେହେରା,କୈଳାସ ବେଉରା,ଉମାକାନ୍ତ ଦାସ,ବିପିନ ସ୍ୱାଇଁ,ଶରତ ନାୟକ,ବଳରାମ ନାୟକ,ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି,ବିଜୟ ମହାପାତ୍ର ଏଥର ମହାକାଳପଡା ଆସନରୁ ଭାଜପା ଟିକେଟ ନ ପାଇବାରୁ ତାଙ୍କ ସମର୍ଥକମାନେ ଅସନ୍ତୁଷ୍ଟ ହୋଇ ଘନ ଘନ ବୈଠକ କରୁଥିଲେ। ସେମାନେ ନିର୍ବାଚନରେ କି ନିଷ୍ପତ୍ତି ନେବେ ଓ କାହାକୁ ସମର୍ଥନ କରିବେ ସେ ନେଇ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିଲା। ତେବେ ବୈଠକରେ ବିଧାୟକ ପ୍ରାର୍ଥୀ ପ୍ରଧାନ ବରିଷ୍ଠ ନେତା ବିଜୟଙ୍କ ସମର୍ଥକଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିବା ଓ ସମର୍ଥନ ଭିକ୍ଷା କରିବା ବେଶ୍ ଗୁରୁତ୍ୱ ବହନ କରୁଛି।



ଗୋଜବାୟାଣୀଙ୍କ ପୀଠରେ ଅନୁଷ୍ଠିତ ବୈଠକ।

# ଶୀତଳା ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ଜୁନୁସନଗରଠାରେ ନିର୍ମିତ ନୂତନ ମନ୍ଦିର।

**ରାଜନଗର, ୧୦।୪(ଡିଏନଏ)**

ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ଜୁନୁସନଗର ଠାରେ ମା' ଶୀତଳାଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଠାରୁ ଆରମ୍ଭ ହୋଇଛି। ଗ୍ରାମର ମହିଳା ଓ ପୁରୁଷ ୧୦୮ କଳସ ଧରି ମନ୍ଦିର ନିକଟରୁ ବାହାରି ୨କିମି ବଳଭଦ୍ରପୁର, ଇଶ୍ୱରପୁର ଯାଏଁ ଆସିଥିଲେ। ବଳଭଦ୍ରପୁର ପୋଖରୀରୁ ଜଳ ଉଠାଇ ମନ୍ଦିର ନିକଟକୁ ଆସିଥିଲେ। କଳସଯାତ୍ରା ପରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଓ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଉତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୫୦ ବର୍ଷ ଧରି ଗାଁରେ ମାଟି ଘରେ ମା'ଶୀତଳା ଦେବୀ ପୂଜା ପାଉଥିଲେ। ତେବେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସୁନ୍ଦର ମନ୍ଦିର ନିର୍ମାଣ ହୋଇଛି। ଗ୍ରାମର ସଭାପତି ଶଶାଙ୍କ ଶେଖର ପାଳ, ସଂପାଦକ ରାଜୀବ ଲୋଚନ ଭକ୍ତା, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ମାନ୍ନା, ଉପସଭାପତି ନିରାକାର ମାଇତି, ଗୋବିନ୍ଦ ଜାନ୍ନା, ପୁଲିନ ମଣ୍ଡଳ, ବୃନ୍ଦାବନ ଦାସ, ହାରାଧନ ଧାଉଡିଆ, ଶ୍ରୀମନ୍ତ ଦାସ, ରାଜକିଶୋର ଜାନା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ମାର୍ଶାଘାଇ,୧୦।୪ (ଡିଏନଏ)**

ମାର୍ଶାଘାଇ ବ୍ଲକ ନେମ୍ଭରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପରିଡାଙ୍କ ପତ୍ନୀ ମାଳତୀ ପରିଡା(୬୨)ଙ୍କର ରବିବାର ସକାଳେ ପରଲୋକ ଘଟିଛି। ସେ ଜଣେ ମେଳାପି ଓ ଧର୍ମ ପରାୟଣା ମହିଳା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ଝିଅ ଚିନ୍ମୟୀ,ଶୁଭ୍ରାଂଶୁ,ଜ୍ୱାଇଁ ଗିରିଜା ପ୍ରସାଦ ନାୟକ,ପ୍ରଭାତ ରଞ୍ଜନ ଦାସ ଓ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଜ୍ୟୋତିରଞ୍ଜନ ପରିଡା ମୁଖାଗ୍ନି ଦେଇଥିଲେ।

# ଦେଉଳି ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

**ପଟ୍ଟାମୁଣ୍ଡାଇ,୧୦।୪ (ସ୍ୱ.ପ୍ର)**

ମୌଳିକ ସୁବିଧାରୁ ବଞ୍ଚିତ ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଅଧୀନ ଦେଉଳି ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦେଉଳି ଗ୍ରାମର ଉନ୍ନତି ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି । ମାତ୍ର କୌଣସି ସୁଫଳ ମିଳିନାହିଁ । ଏହି ଗ୍ରାମକୁ ଏ ପର୍ଯ୍ୟନ୍ତ ସବୁଦିନିଆ ରାସ୍ତାଟିଏ ନାହିଁ । ଗ୍ରାମରେ ବସବାସ କରୁଥିବା ପ୍ରାୟ ୧୫ ଶହ ଲୋକଙ୍କ ପାଇଁ ମାତ୍ର ୪ ଟି ନଳକୂପ ରହିଛି । ପଟ୍ଟାମୁଣ୍ଡାଇ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ବିଭିନ୍ନ ସମସ୍ୟା ଉତ୍ଥାପନ କରିଛନ୍ତି । ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ । ସେହିପରି ସ୍ଥାନ ଥିଲେ ମଧ୍ୟ ନୂତନ ଶ୍ରେଣୀ ଗୃହ ନିର୍ମାଣ ହେଉନାହିଁ । ସ୍ୱାସ୍ଥ୍ୟ ସେବା ନ କହିଲେ ଭଲ । ୫ କିମି ଦୂର ବଡପଡା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ଲୋକେ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି । ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ଚାଷୀମାନଙ୍କୁ ଅତିଷ୍ଠ କରିଛି । ଏହି ଗ୍ରାମରେ ଥିବା ପ୍ରାୟ ୪୦ ଏକର ଅନାବାଦି ଜମି ବିଭିନ୍ନ ଲୋକଙ୍କ ଦ୍ୱାରା ଅବରୋଧ ହୋଇଥିବା ବେଳେ ଗ୍ରାମର ଯୁବକମାନେ ଖେଳିବା ପାଇଁ ଖେଳପଡିଆ ନାହିଁ । ପଟ୍ଟାମୁଣ୍ଡାଇ ବ୍ଲକ ଠାରୁ ପ୍ରାୟ ୧୫ କିମି ଦୂରରେ ଅବସ୍ଥିତ ଦେଉଳି ଗ୍ରାମର ସମସ୍ୟା ପ୍ରତି ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଜନ ଅସନ୍ତୋଷର କାରଣ ହୋଇଛି । ଗ୍ରାମର ଗୋପବନ୍ଧୁ ଯୁବକ ସଂଘର ସଦସ୍ୟମାନଙ୍କ ସହିତ ଗ୍ରାମବାସୀ ଅନେକ ସମୟରେ ବିଧାୟକ, ଏମ୍‌ପି, ଜିଲାପାଳ, ଉପଜିଲାପାଳ, ତହସିଲଦାର, ବିଡିଓଙ୍କୁ ଭେଟି ଗ୍ରାମର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଗ୍ରାମର ଗୌତମ ବେହେରା, ଅବଧୁତ ପଣ୍ଡା, ପରମେଶ୍ୱର ବେହେରା, ମୁଲତା ବେହେରା, କବିଚନ୍ଦ୍ର ବେହେରା , ସବିତା ବେହେରା, ବିନୋଦ ବେହେରା, ବାବାଜୀ ବେହେରା, ଚିତ୍ତରଞ୍ଜନ ବାରିକ, ପ୍ରତାପ ବେହେରା, ବୈଷ୍ଣବ ବେହେରା, ଲକ୍ଷ୍ମୀ ସାହୁ, ପ୍ରଭୁଚରଣ ନାଥ, ସମୀର ବେହେରା, ସୁଚିତ୍ରା ବେହେରା, ଝରଣା ବେହେରା, ଚନ୍ଦନ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ମଙ୍ଗଳବାର ଏକ ବୈଠକରେ ଏକାଠି ହୋଇ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା ଏହି ଗ୍ରାମ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହୋଇଥିବା ବେଳେ ଏଠାରେ ପ୍ରାୟ ୧୨ଶହ ଭୋଟର ରହିଛନ୍ତି । ଚଳିତ ମାସ ୨୯ ତାରିଖରେ ଏହି ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ ।

## ସଂକ୍ଷେପରେ

### ବ୍ୟାସଦେବ ମେଳଣ ସମିତିର ରକ୍ତଦାନ ଶିବିର



**ତିର୍ତ୍ତୋଲ,୧୦।୪(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ତରଜଙ୍ଗା ପଞ୍ଚାୟତ ବାଲିପାଟଣାସ୍ଥିତ ବ୍ୟାସଦେବ ମେଳଣ ପଡ଼ିଆରେ ବ୍ୟାସଦେବ ମେଳଣ ସମିତି ଆନୁକୂଲ୍ୟରେ ପ୍ରଭାକର ମାଣିକ ସ୍ମୃତି ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଶିବିରକୁ ସାମାଜିକ କର୍ମୀ ଗଙ୍ଗାଧର ନାୟକ ଓ ରବି ପ୍ରସନ୍ନ ସାହୁ ଉଦ୍‌ଘାଟନ କରିଥିଲେ। ଜଗତ୍‌ସିଂହପୁର ରେଡକ୍ରସ ଟିମ ସଦସ୍ୟମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏଥିରେ ୬୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ 'ରକ୍ତଦାନ ମହତ ଦାନ' ଶୀର୍ଷକ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଡା. ଲଳିତ ରଞ୍ଜନ ମାଣିକ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବ୍ୟାସଦେବ ମେଳଣ କମିଟି ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଭ୍ୟମାନେ ପରିଚାଳନା କରିଥିଲେ।

### ଜାଗୁଳାଈ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ନାଉଗାଁ,୧୦।୪(ସ୍ୱ.ପ୍ର.):** ନାଉଗାଁ ବ୍ଲକ ତିହୁଡାସ୍ଥିତ ମା'ଜାଗୁଳାଈ ପୀଠରେ ୫୬ ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ୧୭ଶ ବାର୍ଷିକ ଭାଗବତ ସପ୍ତାହ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରାତଃରୁ ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା, ନଗର ସଂକୀର୍ତ୍ତନ, ମଙ୍ଗଳ ଆରତୀ, ଦେବଦେବୀ ପୂଜା କରାଯିବା ସହିତ ସନ୍ଧ୍ୟାରେ ଓଡିଶା ସାଧୁ ସନ୍ଥ ସମାଜର ସଭାପତି ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ପ୍ରବଚନ ସଭା ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟସୂଚୀ ଅନୁଯାୟୀ, ପଞ୍ଚୁଦୋଳ ମେଳଣ, ସାଧୁସନ୍ଥ ସମ୍ମିଳନୀ, ପୂଜ୍ୟପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଭାପତି ବାବା ସତ୍ୟାନନ୍ଦ ଦାସ ଓ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ସାଧାରଣ ନିର୍ବାଚନ-୨୦୧୯

# ସମସ୍ତ ୩୮ ପ୍ରାର୍ଥିପତ୍ର କାଏମ

**ଜଗତ୍‌ସିଂହପୁର ଅଫିସ,୧୦।୪**

ଜଗତ୍‌ସିଂହପୁର (ସଂ) ଏମ୍‌ପି ସିଟ୍ ସମେତ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ, ତିର୍ତ୍ତୋଲ, ବାଲିକୁଦା-ଏରସମା ଓ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମୋଟ ଉପରେ ୩୮ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବୁଧବାର ଯାଞ୍ଚ ପରେ ପ୍ରତ୍ୟେକଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଏମ୍‌ପି ସିଟ୍ ପାଇଁ ମୋଟ ଉପରେ ୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେମାନେ ହେଲେ କଂଗ୍ରେସର ପ୍ରତିମା ମଲ୍ଲିକ, ବିଜେଡିର ଡା. ରାଜଶ୍ରୀ ମଲ୍ଲିକ, ଭାଜପା ବିଭୂ ପ୍ରସାଦ ତରାଇ, ଫ୍ରି ଥଟ୍ ଅଫ ଇଣ୍ଡିଆର ଅନୀଲ କୁମାର ବେହେରା, ଆମ୍ବେଡ୍‌କରିତ ପାର୍ଟି ଅଫ ଇଣ୍ଡିଆର ପୀୟୁଷ ଦାସ, ଅଖିଳ ଭାରତ ହିନ୍ଦୁ ମହାସଭାର ଦୀପକ କୁମାର ଦାସ, ଜୟ ପ୍ରକାଶ ଜନତା ଦଳର ଜଗନ୍ନାଥ ମେଘ, ବହୁଜନ ସମାଜ ପାର୍ଟିର ବିଭୂତି ଭୂଷଣ ମାଝି ଓ ସ୍ୱାଧୀନ ପ୍ରାର୍ଥୀ ସସ୍ମିତା ଦାସ। ପାରାଦୀପ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ନେତାମାନେ ହେଲେ ବିଜେଡିର ସମ୍ବିତ ରାଉତରାୟ, ଭାଜପାର ସମ୍ପଦ ଚନ୍ଦ୍ର ସ୍ୱାଇଁ, କଂଗ୍ରେସର ଅରିନ୍ଦମ ସର୍ଖେଲ, ବହୁଜନ ସମାଜ ପାର୍ଟିର ଅଞ୍ଜନ ମଲ୍ଲିକ, ଅନାରକ୍ଷିତ ସମାଜ ପାର୍ଟିର ବଳରାମ ମହାରଣା, ଆମ୍ବେଡ୍‌କର ଜାତୀୟ କଂଗ୍ରେସ ପାର୍ଟିର ଦିପ୍ତୀରଞ୍ଜନ ନାଏକ, ସ୍ୱାଧୀନ ପ୍ରାର୍ଥୀ ଶ୍ରୀବଲ୍ଲଭ କର, ବୀରେନ୍ଦ୍ର କୁମାର ସାହୁ ଓ ଅନୁପ କୁମାର ପଟ୍ଟନାୟକ। ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ବିଜେଡିରୁ ବିଷ୍ଣୁ ଚରଣ ଦାସ, କଂଗ୍ରେସର ଦେବୀ ପ୍ରସାଦ ମଲ୍ଲିକ, ଭାଜପାର ରମାକାନ୍ତ ଭୋଇ ଓ ବହୁଜନ ସମାଜ ପାର୍ଟିର ରବୀନ୍ଦ୍ର ନାଥ ସେଠୀ ପ୍ରାର୍ଥୀ ହୋଇଛନ୍ତି। ବାଲିକୁଦା-ଏରସମା ପାଇଁ ୯ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନେ ହେଲେ ବିଜେଡିର ରଘୁନନ୍ଦନ ଦାସ, କଂଗ୍ରେସର ଲଲାଟେନ୍ଦୁ ମହାପାତ୍ର, ଭାଜପାର ଡା.ଦାମୋଦର ରାଉତଙ୍କ ବ୍ୟତୀତ ମାନସ ରଞ୍ଜନ କର, ବିକ୍ରମ କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ସ୍ୱାଇଁ, ବୀରବର ଦଳାଇ ଓ ଉମାକାନ୍ତ ପରିଡ଼ା। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ୭ ଜଣ ହେଲେ ବିଜେଡିର ପ୍ରଶାନ୍ତ ମୁଦୁଲି, କଂଗ୍ରେସର ଚିରଞ୍ଜୀବ ବିଶ୍ୱାଳ, ଭାଜପାର ସତ୍ୟବ୍ରତ ମହାପାତ୍ର, ପ୍ରବୀର କୁମାର ଲେଙ୍କା, ପରିନା ବିବି, ସୌଭାଗିନୀ ବେହେରା, ନୃସିଂହ ଚରଣ ବାରିକ। ପ୍ରତ୍ୟେକଙ୍କ ପ୍ରାର୍ଥିପତ୍ର କାଏମ ଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ୧୦ ପ୍ରତିଭାଙ୍କୁ ଗୀତାପୁତ୍ର ସମ୍ମାନ

**ବାଲିକୁଦା,୧୦।୪(ସ୍ୱ.ପ୍ର.)**

ବାହାରଣା ପଞ୍ଚାୟତ ଜନତା ବଜାର କୋଠିଠାରେ ଥିବା ଶ୍ରୀ ଶ୍ରୀ ଦିବ୍ୟ ଚେତନା ପରିଷଦ ପକ୍ଷରୁ ୧୩ତମ ବିଶ୍ୱଶାନ୍ତି ଗୀତାଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ ଓ ଗୀତା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ତ୍ରିଦିନାତ୍ମକ ଏହି ଧର୍ମୀୟ କାର୍ଯ୍ୟକ୍ରମ ଅବସରରେ ବ୍ୟାସାସନରେ ପଣ୍ଡିତ ନୀଳକଣ୍ଠ ରଥ ଶର୍ମା ଦାୟୀତ୍ୱ ତୁଲାଇଥିଲେ। ଅଧ୍ୟାପକ ଅକ୍ଷୟ କୁମାର ଜେନା ଓ ଅରୁଣ ପଣ୍ଡା ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମ ସମାପ୍ତି ଅବସରରେ ଅଞ୍ଚଳର ୧୦ ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ଗୀତାପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଶିକ୍ଷାବିତ୍ ରାଜକିଶୋର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଧ୍ରୁବ ଚରଣ ସାହୁ, ଗନ୍ଧର୍ବ ଚରଣ ସାଉ, ମନୁ ଚରଣ ନାୟକ, ଭାଗ୍ୟଧର ବେହେରା, କୈଳାସ ଚନ୍ଦ୍ର ବିଶ୍ୱାଳ, ସଚ୍ଚିଦାନନ୍ଦ ରାଉତ, ଜଗବନ୍ଧୁ ସ୍ୱାଇଁ, ଅଶୋକ ସାମଲ, ପ୍ରଦୀପ୍ତ ଦାସ, ନଗେନ୍ଦ୍ର ଜେନା, ମହେଶ୍ୱର କୁଅଁର, ଧ୍ରୁବ ପରିଡା, ବାବାଜି ସାହୁ, ପ୍ରେମଲତା ମଲ୍ଲିକ, କାଶିନାଥ ସାହୁ, ବିଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଭାଜପା ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର



ରଘୁନାଥପୁରରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର।

**ରଘୁନାଥପୁର,୧୦।୪(ଡି.ଏନ୍.ଏ.):** ଭାଜପା ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଓ ଏମପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ କର୍ମୀଙ୍କ ସହ ରଘୁନାଥପୁର ବଜାରରେ ବୁଧବାର ଭାଜପାକୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ମଣ୍ଡଳ ସଭାପତି ସୁବାସ ଜେନା ଓ ଜିଲାପରିଷଦ ସଭ୍ୟ ଅଶୋକ ମହାରଣାଙ୍କ ନେତୃତ୍ୱରେ ଦୁଇ ପ୍ରାର୍ଥୀ ରଘୁନାଥପୁର ସାନବଜାର ଓ ବଡବଜାରରେ ପ୍ରଚାର କରିଥିଲେ। ପରେ ହାଟବଜାର ଅଭିମୁଖେ ଯାଇ ଘରକୁ ଘର ବୁଲି ପ୍ରଚାର କରିଥିଲେ। ନିର୍ମଳ ମହାପାତ୍ର, ଜ୍ୟୋତିରଞ୍ଜନ ସାହୁ, ଅଜିତ୍ ମହାରଣା, ଗଣେଶ୍ୱର ସାହୁ, ସୁବୋଧ ଜେନାଙ୍କ ସମେତ ବହୁ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ। ଅପରାହ୍ନରେ ତରାଇ ଓ ପ୍ରଫେସର ଭୋଇ ତିର୍ତ୍ତୋଲରେ ଥିବା ଏକ ସଭାରେ ଯୋଗଦେବା ପାଇଁ ଯାଇଥିଲେ।

## ବିଜେଡିରେ ଯୋଗଦେଲେ କଂଗ୍ରେସ କର୍ମୀ



ବିଷ୍ଣୁ ଦାସଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିବା କର୍ମୀ।

**ବିରିଡ଼ି,୧୦।୪(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଗୋପୀନାଥପୁର ପଞ୍ଚାୟତର ୧୧ଜଣ କଂଗ୍ରେସ କର୍ମୀ ବୁଧବାର ବିଜେଡିରେ ଯୋଗ ଦେଇଛନ୍ତି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ସରକାରୀ ବାସଭବନରେ ଗୋପୀନାଥପୁର ପଞ୍ଚାୟତ ୧୮ନଂ ୱାର୍ଡର ସଭ୍ୟ ସୂର୍ଯ୍ୟ ନାରାୟଣ ସାହୁଙ୍କ ସହିତ ଚିତ୍ତରଞ୍ଜନ ସାହୁ, ଯୀଶୁଖ୍ରୀଷ୍ଟ ସାହୁ, ରତିରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ବେହେରା, ପ୍ରଦୀପ୍ତ ତରାଇ, ଉଲ୍ଲାସ ଭୋଇ, ଭଗବାନ ଭୋଇ, ଦୀପକ କୁମାର ସାହୁ, ଜଗନ୍ନାଥ ସାହୁ ଓ ଚିତ୍ତରଞ୍ଜନ ବାରିକ ପ୍ରମୁଖ କଂଗ୍ରେସ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକ ପ୍ରାର୍ଥୀ ଦାସ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତୀ ଓ ବିଷ୍ଣୁ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଜେଡି ରାଜ୍ୟ କମିଟି ସଭ୍ୟ ନୃସିଂହ କୁମାର ଦାଶ, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ପୂର୍ବତନ ବ୍ଲକ ସଭାପତି ବିଭୁଦତ୍ତ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର ଓ ଛାତ୍ର ନେତା ଦୁଷ୍ମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନବ ନିର୍ମାଣ କୃଷକ ସଙ୍ଗଠନ ବୈଠକ

**କୁଜଙ୍ଗ,୧୦।୪(ସ୍ୱ.ପ୍ର.):**

କୁଜଙ୍ଗ ବ୍ଲକ୍ ପଣ୍ଡୁଆ ପଞ୍ଚାୟତ ବାସୁଦେବ ମଠ ପ୍ରାଙ୍ଗଣରେ ନିକୁଞ୍ଜ କିଶୋର ଦାସଙ୍କ ସଭାପତିତ୍ୱରେ ନବନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ଚାଷୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ଯଦି ତୁରନ୍ତ ସେମାନଙ୍କ ସମସ୍ୟା ନ ବୁଝନ୍ତି ତେବେ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଥିଲା। ଏଥିସହ ଚାଷୀଙ୍କ କଥା ବୁଝିବ ଯିଏ ଭୁବନେଶ୍ୱର ଓ ଦିଲ୍ଲୀରେ ବସିବ ସିଏ ବୋଲି ସ୍ଲୋଗାନ ଦିଆଯାଇଥିଲା। ବ୍ଲକ୍ ସଭାପତି ବିଷ୍ଣୁ ଚରଣ ସ୍ୱାଇଁ, ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ସ୍ୱାଇଁ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରସନ୍ନ କୁଅଁର, ପ୍ରମୋଦ କୁମାର ଜେନା, ବିଭୂତି ଭୂଷଣ ଜେନା, ଧରଣୀଧର ମହାପାତ୍ର, ଇବ୍ରିସିଂ ଅଞ୍ଚଳର ଚାଷୀନେତା ରଞ୍ଜନ କୁମାର ପଟ୍ଟନାୟକ, ପଣ୍ଡୁଆ ପଞ୍ଚାୟତର ବାବାଜୀ ଚରଣ ଜେନା, ରଘୁନାଥ ପୃଷ୍ଟି, ମନୋରଞ୍ଜନ ପରିଡା, ଅରୁଣ ଖଣ୍ଡୁଆଳ, ବାବାଜୀ ଚରଣ ନାୟକ, ଚିତ୍ତରଞ୍ଜନ ସେଠୀ, ସାରଦା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୬୬ ବ୍ୟାଚ୍‌ର ବନ୍ଧୁ ମିଳନ

**ବାଲିକୁଦା,୧୦।୪(ସ୍ୱ.ପ୍ର.)**

ବାଲିକୁଦା ଉଚ୍ଚ ବିଦ୍ୟାଳୟର ୧୯୬୬ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ ପର୍ବ ସ୍ଥାନୀୟ ମା' ଥାନପତିଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ନିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଥମେ ଦିବଂଗତ ବନ୍ଧୁ ଧୁନ ଚରଣ ଲେଙ୍କା, ନିରଞ୍ଜନ ସାହୁ ଓ ସତ୍ୟଭାମା ଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ରହ୍ମାନନ୍ଦ ମହାନ୍ତିଙ୍କ ସ୍ୱେଚ୍ଛାକୃତ ସହଯୋଗ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା। କୈଳାସ ପରିଡା, ମାଧବାନନ୍ଦ ଚୌଧୁରୀ, ଦାମୋଦର ମୁଦୁଲି, ଶ୍ରୀବସ୍ତ ଭୋଳ, ନିତ୍ୟାନନ୍ଦ ମହାନ୍ତି, ପର୍ଶୁରାମ ମହାନ୍ତି, ସୁରେନ୍ଦ୍ରନାଥ ପଣ୍ଡା, ବିଷ୍ଣୁ ଚରଣ ମହାନ୍ତି, ପ୍ରମିଳା ଦାସ, ମଞ୍ଜୁ ଦାସ, ଉଷାରାଣୀ ରଥ, ମାଗୁ ନାୟକ, ଯୁଗଳ କିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ବ୍ୟାଚ୍‌ର ଆଗାମୀ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

## କୃତୀ ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ

**କୁଜଙ୍ଗ,୧୦।୪(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ନୂଆ ଶାସନ ପଣ୍ଡିତକୋଠା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗରାଜ ସେନାପତି ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଘର କୁଜଙ୍ଗ ବ୍ଲକ୍ ପଙ୍କପାଳ ଗ୍ରାମରେ। ସେନାପତି ୧୯୯୭ରେ ଚାକିରି ଜୀବନ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରିଥିଲେ। ଜଣେ ନିଷ୍ଠାପର ଓ ତ୍ୟାଗଦୀପ୍ତ ଶିକ୍ଷକ ହିସାବରେ ତାଙ୍କର ସୁନାମ ରହିଛି। ୧୯୮୪ରୁ ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରର କୁଜଙ୍ଗ ବ୍ଲକ୍ ସୁପରଭାଇଜର୍ ରୂପେ କାର୍ଯ୍ୟ କରି ୧୩ ବର୍ଷ ମାଗଣା ଶିକ୍ଷାଦାନ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ୍ ସଭାପତି ରୂପେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ନିର୍ବାଚନ ଯୋଗୁ ତାଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ହୋଇପାରିନାହିଁ। ନିର୍ବାଚନ ପରେ ପୁରାତନ ଛାତ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଛି।


**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd.Office: Janapath Bhubaneswar-751022
OFFICE OF THE G.M. (ELECT.) E.H.T.(O&M) CIRCLE, JAJPUR ROAD
AT-TTS COLONY, PO-SOBRA, JAJPUR ROAD, DIST-JAJPUR, PIN- 755019 (ODISHA), PHONE/FAX NO- 06726-220965(off), E-mail-ehtm.cle.jjp@optcl.co.in , CIN- U40102OR2004SGC007553.

No. Tech/WO-41/ OT-01(19-20)/ 496 Dated.09.04.19

**TENDER CALL NOTICE NO.01/2019-20**

Sealed tenders are invited from the registered travel agency/Private organization/Individual/ owner of the vehicle having GST registration certificate, PAN card for supply of 01 no. Diesel run hired vehicles 05 seated A.C Indigo or equivalent not older than 03 years for D.G.M (Elct), EHT (O&M) Division, Bhadrak. Cost of tender paper is **Rs.2,000.00+GST @12% =Rs.2,240/- (Including GST)**, EMD =**Rs.2,700/-**. Sale of tender documents is from Dated 11.04.2019 to Dated 20.04.2019 (during office hours). Last date of submission of tender is Date 22.04.2019 up to 01:00 PM. Date of opening of tender is Date 22.04.2019 at 3:00 PM. For details visit our website **www.optcl.co.in.** Corrigendum if any will be published in the OPTCL website only.

**Sd./- General Manager (Elect) EHT (O&M) Circle, Jajpur Road**



**ODISHA HYDRO POWER CORPORATION LTD.** ODISHA NEW OPPORTUNITIES
(A Govt. of Odisha Undertaking)
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22
Ph. : (0674) 2542983, 2542802, 2545526, 2542826, Fax: (0674) 2542102.
Email: ohpcltdinvestment@gmail.com/ohpc.co@gmail.com
CIN: U40101OR1995SGC003963

**Ref. No. OHPC/AC/9/99/Vol-XXII/3372** **Date: 09.04.2019**

**EXPRESSION OF INTEREST**

Sealed bids are invited in the following prescribed format for rate of interest for fixed deposit amounting to **Rs.25-30 Crores (approx.)** (Interest compounded quarterly) from Bhubaneswar based empaneled banks in line with GOO, Finance Deptt. order No. 32648 dated 10.10.2018.

| Sl. No. | Period | (%) Rate of Interest per annum (Non-Callable) |
|---|---|---|
| 1 | One Year | |

The Bid should be superscribed in red "Rate of Interest" & must reach the undersigned in sealed cover by Speed Post / Special Messenger on or before **11:30 AM** on dtd.**15.04.2019** and the same will be opened at **11:45 AM** on the same day at **OHPC's office, Bhubaneswar** in the presence of the representative of the participating Banks. Interest offer of bank shall remain valid up to **16.04.2019** . The interest rate quoted by Bank is final & in no circumstances change of interest rate will be entertained. The decision of the Management with regard to investment will be final. **Bids should be submitted strictly in the above format only without any deviation to the tender condition. Bids not fulfilling the tender condition & submission of bid in other than the earmarked format is liable for rejection.**

Sd/-
**SGM(Finance)**

**N.B.: Detail can be viewed in OHPC official site: www.ohpcltd.com**



**ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ**

ନଂ.୨୭୬୨ ତା.୦୭।୦୪।୨୦୧୯

**ନିଲାମ ସ୍ଥଗିତ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଖୋର୍ଦ୍ଧା ଜିଲ୍ଲା ଅଧୀନସ୍ଥ ମାଙ୍କଡା ଓ ମୋରମ ଖାଦାନ ଦୀର୍ଘ ମିଆଦୀ ସୂତ୍ରେ ନିଲାମ ପାଇଁ ପ୍ରକାଶିତ ବିଜ୍ଞାପନ ସଂଖ୍ୟା ୨୫୧୦ ତା୦୮।୦୩।୨୦୧୯ ଏବଂ ୨୫୭୫ ତା ୧୧।୦୩।୨୦୧୯ ମୁତାବକ ପରବର୍ତ୍ତୀ ପ୍ରଗତି ଅନିବାର୍ଯ୍ୟ କାରଣବଶତଃ ଆସନ୍ତା ତା ୩୧।୦୫।୨୦୧୯ରିଖ ପର୍ଯ୍ୟନ୍ତ ସ୍ଥଗିତ କରାଗଲା। ଏହି ସମ୍ବନ୍ଧରେ ପରବର୍ତ୍ତୀ ନିଷ୍ପତ୍ତି ଜୁନ ୨୦୧୯ ମାସ ପ୍ରଥମ ସପ୍ତାହରେ ଜଣାଇ ଦିଆଯିବ।

**ସ୍ୱା./- ଉପଜିଲ୍ଲାପାଳ ଏବଂ**
**କ୍ଷମତା ପ୍ରାପ୍ତ ଅଧିକାରୀ, ଖୋର୍ଦ୍ଧା**



**ବିଜ୍ଞପ୍ତି**

ଶ୍ରୀ ଅଶୋକ କୁମାର ଭୋଇ, ଉଦ୍ୟାନ ରକ୍ଷକ
ସା:- ଲେଖନପୁର
ପୋ:- ବାଗଲସାହି
ଜି:- କଟକ

**No.01-L:-** ଏତଦ୍ୱାରା ତୁମକୁ ଜଣାଇ ଦିଆଯାଉଅଛି କି ତୁମେ ଗତ ତା.୦୪।୦୭।୨୦୧୭ରିଖଠାରୁ ସହକାରୀ ଉଦ୍ୟାନ ଅଧିକାରୀ, ସାଲେପୁରଙ୍କ କାର୍ଯ୍ୟାଳୟରୁ ବିନା ଛୁଟି ଦରଖାସ୍ତ ଏବଂ ବିନା ଅନୁମତିରେ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଯାଇଅଛ। ତୁମକୁ ତା.୦୮।୦୮।୧୮ରିଖରେ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ ଠିକଣାରେ ଜଣାଇଥିଲେ ମଧ୍ୟ ଉକ୍ତ ଡାକ ପୁନଶ୍ଚ କାର୍ଯ୍ୟାଳୟକୁ ଫେରସ୍ତ ଆସିଲା। ଏଣୁ ତୁମକୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ନିଜ କାର୍ଯ୍ୟରେ ଆସି ଯୋଗଦାନ କର, ନଚେତ୍ ତୁମ୍ଭ ବିରୁଦ୍ଧରେ ସରକାରଙ୍କ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଉପ-ଉଦ୍ୟାନକୃଷି ନିର୍ଦ୍ଦେଶକ**
**କଟକ**

**01068/11/0001/1920**



**Orissa Water Supply & Sewerage Board**
Satyanagar, Bhubaneswar - 751007
Phone: (0674) 2570086/ 2571185, Fax : (0674) 2571348
E-mail id: msowssb@gmail.com

**CORRIGENDUM-I**

**Bid Identification No. OWSSB - 05/ 2018-19**

**Name of the work: Construction of Septage Treatment Facilities for Twenty Six Towns of Odisha (Consisting of Six Tender Packages)**

In SECTION-III: INSTRUCTIONS TO BIDDERS Cl. 5 (Critical Dates for Bidding), the following extension of the Critical Dates are made.

(a) 5.6:Online Bid Submission End Date-**13.05.19** upto **17.00** hrs.
(b) 5.7:Date for Physical Submission of Documents-**13.05.19** to **17.05.19** upto **17:00** hrs.
(c) 5.8:Bid Opening Date (Technical Bids)-**18.05.19** at **12:00** hrs.

Pursuant to the extension of the above Critical Dates, the corresponding dates mentioned in the Notice Inviting Bids (NIB) stands modified and may be read accordingly.

This corrigendum is applicable independently to all the six tender packages for which bids have been invited by this office vide No. 05/OWSSB of 2018-19.

**Member Secretary**
**OWSSB, Bhubaneswar**



**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDER**

Digitally signed online bids for **Two Part, Open Tender cum Reverse Action** through Central Public Procurement e-procure Portal are invited on for the following Works.

1.RFP NO. TNCC-006/2019 : **Annual General Insurance Contract for Plant, Machinery, Buildings, Stockyards for Fire, Marine, Theft, Burglary & House Breaking andother Miscellaneous Policies of NALCO.**

**AGM (Elect.), T&C**

**OPEN TENDER NOTICE**
**For HFO,LDO & HSD**

No-NBC/MM/01/NIT/HFO-LDO-HSD/2019
Date : 26/03/2019

Online bids are invited for supply of the following materials for our Mines & Alumina Refinery, Damanjodi and Smelter Plant & CPP, Angul from oil producer having refinery in India:

Item Description Tender Quantity : **HFO** : 2,06,857KL+/-5%, **LDO** : 2602KL+/-5%, **HSD** : 10,132 KL +/-5%. **Last date of tender Submission** : 26/04/2019

**GM (Materials)**

Parties can download the tender documents from **www.nalcoindia.com** & **www.eprocure.gov.in.** Any updates / Amendments/ Extension/ Corrigendum will only be hosted inabove websites.



**भारतीय खाद्य निगम**
**जिला कार्यालय, टिटिलागढ़**
**FOOD CORPORATION OF INDIA**
**DISTRICT OFFICE, TITILAGARH**

**सं./No.S&C/Fire Equip/2019-20** **दिनांक/Dated 11.04.2019**

**निबेदित दर हेतु सूचना/Quotation Call Notice**

कृते भारतीय खाद्य निगम की और से क्षेत्र प्रबन्धक, भा.खा.नि., जिला कार्यालय, टिटिलागढ़ की तरफ से प्रतिष्ठित फार्मो/ निर्माताओं/ कंपनियों/ आपूर्ति और अग्निशमन उपकरणों के भरने हेतु कार्यालय/ खाद्य भंडारण डिपो के उपयोग के लिए (आईएसआई मानक) के लिए व्यक्तियों से मोहरबंद निविदाएँ आमंत्रित किया जाता है। इसकी विस्तृत जानकारी जिला कार्यालय, टिटिलागढ़ एवं वेबसाईट- www.fciweb.nic.in पर भी देखी जा सकती है।

For and on behalf of Food Corporation of India, Area Manager, FCI, Dist. Office, Titilagarh invites sealed quotation from reputed firms / manufacturers/ companies / persons for refilling of fire fighting equipments (ISI standard) for use in Office/ Food Storage Depots. The details can be seen in website – www.fciweb.nic.in and/ or obtained from FCI, DO, Titilagarh.

क्षेत्र प्रबन्धक / Area Manager



**ADMISSION NOTICE**

**POST GRADUATE ENTRANCE TEST (PGET - 2019) FOR ADMISSION AT SVNIRTAR**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT FOR PERSONS WITH DISABILITIES (Divyangjan)**
**MINISTRY OF SOCIAL JUSTICE & EMPOWERMENT, GOVT. OF INDIA**
**Olatpur, P.O.- Bairoi, Dist.- Cuttack - 754010, Odisha**
**Mob.: 09438568953, 09937755426 (Within Working Hours)**
**E-mail: svnirtar.pget2019@gmail.com, dasvnirtar@gmail.com**
**Website: http://www.svnirtar.nic.in**

Applications Online are invited from the eligible candidates on prescribed form to appear Post Graduate Entrance Test (PGET - 2019) for admission into following Courses:

| Name of the Course | Eligibility |
|---|---|
| Master of Physiotherapy (MPT) | Pass in BPT/B.Sc. PT Course |
| Master of Occupational Therapy (MOT) | Pass in BOT/B.Sc. OT Course |
| Master in Prosthetics & Orthotics (MPO) | Pass in BPO/B.Sc. PO Course or equivalent |

**IMPORTANT DATES**

| | |
|---|---|
| Starting of Online Publication of Application forms | 12.04.2019 |
| Closing date for receive of Application form through Online only. | 31.05.2019 (05.00 P.M.) |
| Post Graduate Entrance Test | 23.06.2019 (Sunday) |

**For more details log on to http://www.svnirtar.nic.in**

For admission into Bachelor of Physiotherapy (BPT), Bachelor of Occupational Therapy (BOT) and Bachelor of Prosthetics & Orthotics (BPO) Courses at SVNIRTAR, Please visit NILD website: **www.niohkol.nic.in.**

**CHAIRMAN, PGET - 2019**

# ସୋନାକ୍ଷୀଙ୍କ ମୁହଁରେ ରାଧା ରାଧା



ଦବଙ୍ଗ ଗର୍ଲ ସୋନାକ୍ଷୀ ଏବେ ରାଧା ରାଧା ଜପୁଛନ୍ତି। ହେଲେ ହଠାତ୍ ସେ ଏହାକୁ କାହିଁକି ଜପାମାଳି କରିଛନ୍ତି ଜାଣିବେନି? କଥା କ'ଣ କି, ପୁଣିଥରେ ସଲମାନ-ସୋନାକ୍ଷୀ ଯୋଡ଼ି ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ସଲମାନ୍‌ଙ୍କ ହୋମ୍ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ଏକ ନୂଆ ହିନ୍ଦୀ ସିନେମା 'ରାଧା କ୍ୟୁଁ ଗୋରୀ ମେଁ କ୍ୟୁଁ କାଲା'। ଅସଲ କଥା ହେଲା, ଏହାର ଫିମେଲ ଲିଡ୍‌ରେ ସଲମାନଙ୍କ ପ୍ରେମିକା ଲୁଲିୟା ଭାନ୍ତୁର ଅଭିନୟ କରିବାର ଯୋଜନା ଥିଲା। ହେଲେ ରାତାରାତି ଚକ ଏମିତି ଓଲଟିଗଲା ଯେ କାଷ୍ଟିଂରୁ ଲୁଲିୟା ଆଉଟ୍ ଏବଂ ସୋନାକ୍ଷୀ ଇନ୍। ଅନ୍ୟପକ୍ଷରେ ଫିଲ୍ମର ପୋଷ୍ଟରରେ ନିଜର ଗେଟ୍‌ଅପ୍ ଦେଖି ସଲମାନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ସୋନାକ୍ଷୀ।

## କୁଲ୍ କୁଲ୍ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ପଛ କଥାକୁ ଭୁଲି ଯାଇଛନ୍ତି। ଯାହା ଘଟିଗଲା, ତାହାକୁ ଆଉ ମନେପକାଇ ଲାଭ କ'ଣ? ଏଣିକି ଯଦି ସୁଯୋଗ ମିଳେ ତେବେ ଶାହରୁଖ୍‌ଙ୍କ ସହ ଆକ୍ଟିଂ କରିବାକୁ ରାଜି ବୋଲି କହିବୁଲୁଛନ୍ତି ସେ। 'ଡନ୍-୨'ରେ ଅଭିନୟ କରିବା ପରେ କେତେକ କାରଣରୁ ଶାହରୁଖ୍ ଏବଂ ପ୍ରିୟଙ୍କାଙ୍କ ଭିତରେ କୋଲ୍ଡ ୱାର୍ ଆରମ୍ଭ ହୋଇଥିଲା। ଏପରି କି ଶାହରୁଖ୍‌ଙ୍କ ସହ ଅଭିନୟ କରିବାର କେତୋଟି ଅଫରକୁ ସେତେବେଳେ ଏଡ଼ାଇ ଦେଇଥିଲେ ପ୍ରିୟଙ୍କା। ହେଲେ ଏବେ କୁଆଡ଼େ ସେ ଶାହରୁଖ୍‌ଙ୍କ ସହ ଘଟିଥିବା ମନୋମାଳିନ୍ୟକୁ ଭୁଲି ଯାଇଛନ୍ତି। 'ମୋ ମନରେ ଆଉ କିଛି ନାହିଁ। ଏବେ ଯଦି କେହି ମୋତେ ଅଫର ଦିଅନ୍ତି, ତେବେ ମୁଁ ତାଙ୍କ ସହ ଆକ୍ଟିଂ କରିବାକୁ ରାଜି' ବୋଲି କହିଛନ୍ତି ପ୍ରିୟଙ୍କା।

## ଭୋଟ୍

ନିର୍ବାଚନ ବିଷୟବସ୍ତୁକୁ ଆଧାରକରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଭୋଟ୍'। 'ମୁଁ ରାଜା ତୁ ରାଣୀ' ଏବଂ 'ଭଉଁରୀ' ପରେ ରିତୁପ୍ରିୟା ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ଅତୀଶ ରାଉତଙ୍କ ନିର୍ମିତ ଏହା ହେଉଛି ତୃତୀୟ ଫିଲ୍ମ। 'ଏଭଳି ଏକ ପାରିବାରିକ, ପ୍ରେମଜନିତ ତଥା ରାଜନୈତିକ କାହାଣୀ ଚୟନ ସମୟରେ ଆମକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଭଳି ଏକ କାହାଣୀ ଯେପରି ସବୁ ଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ସେ ନେଇ ଯଥା ସମ୍ଭବ ଗୁରୁତ୍ୱ ଦିଆଯାଇଛି। ଏହି ଫିଲ୍ମର ସମସ୍ତ କାମ ସିଙ୍କ୍ ସାଉଣ୍ଡରେ କରାଯାଇଛି ବୋଲି କହନ୍ତି ଅତୀଶ।' ଖାସ୍ କଥା ହେଲା ନବାଗତ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଗୀତଗୁଡ଼ିକୁ ବିକାଶ ଦାସ ସ୍ୱର ଦେଇଥିବା ବେଳେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରଶାନ୍ତନୁ ମହାପାତ୍ର। ଚଳିତବର୍ଷ ମଧ୍ୟ ଭାଗରେ ଅଜିତ ମହାପାତ୍ରଙ୍କ ରଚିତ ଏହି କାହାଣୀ 'ଭୋଟ' ଟାଇଟଲରେ ମଞ୍ଚ ନାଟକ ଭାବରେ ପରିବେଶିତ ହୋଇ ପ୍ରଶଂସିତ ହୋଇଛି। ନବାଗତ ସୁଶାନ୍ତ ଏହି ଫିଲ୍ମର ମେଲ୍ ଲିଡ୍‌ରେ ଅଭିନୟ କରୁଛନ୍ତି। ଏହା ବ୍ୟତୀତ ନବାଗତ ସୌମ୍ୟ, ଶୀତାଂଶୁ, ନାୟିକା ଶ୍ରେୟାଙ୍କ ବ୍ୟତୀତ ପିଙ୍କି ପ୍ରିୟଦର୍ଶିନୀ, ହର ରଥ, ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ଉଷସୀ ମିଶ୍ର, ରାନୁ ପାଢ଼ୀ, ଦେବୀ ବାରିକ, ସତ୍ୟବ୍ରତ ପାଣିଗ୍ରାହୀ, ମନୋରଞ୍ଜନ ଦାସ ଓ ଟେଲି ଅଭିନେତ୍ରୀ ପ୍ରିୟା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ନୂଆ ସିନେମା

## ଲଭ୍ ଟ୍ୱେଣ୍ଟି ଟ୍ୱେଣ୍ଟି

ଚିତ୍ରା ଫିଲ୍ମସ ଏବଂ ଏକ୍ସେଲ ମ୍ୟୁଜିକ୍ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଲଭ୍ ଟ୍ୱେଣ୍ଟି ଟ୍ୱେଣ୍ଟି'। ଏକ ନୂଆଧରଣର ପ୍ରେମ କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମ ସମ୍ପର୍କରେ ଏହାର ପ୍ରଯୋଜକ ରବୀନ୍ଦ୍ର ପଣ୍ଡା କୁହନ୍ତି, 'ଆଜିକାଲି କ୍ରିକେଟ୍‌ରେ ଟ୍ୱେଣ୍ଟି ଟ୍ୱେଣ୍ଟି ମ୍ୟାଚ୍‌ର ଭାରି ଚାହିଦା। ସେହିପରି ପ୍ରେମରେ ଏଭଳି କିଛି ଫଟାଫଟ୍ କ୍ଲାଇମାକ୍ସ ରହିଛି। ବିଶେଷ ଭାବରେ ଯୁବପିଢ଼ି ଏହି ଫିଲ୍ମରୁ ଏକ ଡିଫରେଣ୍ଟ ଟେଷ୍ଟ ପାଇବେ।' ଉକ୍ତ ନୂଆ ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଭାସ୍କର ରେଡ୍ଡୀ। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଚିତ୍ରଟିର ପ୍ରାରମ୍ଭିକ କାମ ଏବଂ କାଷ୍ଟିଂ ଚୟନ କାମ ଚାଲୁ ରହିଛି। ମେ' ଦ୍ୱିତୀୟ ସପ୍ତାହରୁ ଶୁଟିଂ ଆରମ୍ଭ ଏବଂ ଚଳିତବର୍ଷ ଗଣେଶ ପୂଜାରେ ରିଲିଜ୍ ହେବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ଅତୀତରୁ

## ଯଦି ଜିତେନ୍ଦ୍ର ରାଜି ହୋଇ ନ ଥାନ୍ତେ..



ବିଗତ ଦିନର ଅନ୍ୟତମ ଲୋକପ୍ରିୟ ଅଭିନେତା ଜିତେନ୍ଦ୍ର କେବଳ ଆକ୍ଟିଂ ନୁହେଁ, ନିଜର ଡ୍ୟାନ୍ସ ଦ୍ୱାରା ଦର୍ଶକଙ୍କ ହୃଦୟରେ ହାସଲ କରିଥିଲେ ସ୍ୱତନ୍ତ୍ର ସ୍ଥାନ। ବଲିଉଡ୍‌ରେ ତାଙ୍କ ଏଣ୍ଟ୍ରି ଥିଲା ବେଶ୍ କୌତୂହଳପୂର୍ଣ୍ଣ। ସେତେବେଳେ ଜିତେନ୍ଦ୍ରଙ୍କ ବାପା ଇମିଟେଶନ ଜୁଏଲେରି ବିଜ୍‌ନେସ କରୁଥାଆନ୍ତି। ଥରେ ସେ କିଛି ଜୁଏଲେରି ନେଇ ସେ ସମୟରେ ବିଶିଷ୍ଟ ନିର୍ଦ୍ଦେଶକ ଭି. ଶାନ୍ତାରାମଙ୍କ ନିକଟକୁ ଯାଇଥିଲେ। ତାଙ୍କର ଗେଟ୍‌ଅପ ଏବଂ ଲୁକ୍ ଦେଖି ସେ ତାଙ୍କୁ ଆକ୍ଟିଂ କରିବାକୁ ଅଫର ଦେଇଥିଲେ। ୧୯୫୯ରେ ତାଙ୍କ ନିର୍ଦ୍ଦେଶିତ 'ନବରଙ୍ଗ'ର ନାୟିକା ଭୂମିକାରେ ଅଭିନୟ କରୁଥାଆନ୍ତି ସନ୍ଧ୍ୟା। ତାଙ୍କ ବଡି ପାଇଁ ପ୍ରକ୍ସି ଭୂମିକାରେ ଅଭିନୟ କରିବାକୁ ଶାନ୍ତାରାମ କହିବା ପରେ ଜିତେନ୍ଦ୍ର ସେଥିରେ ରାଜି ହୋଇଥିଲେ। କିନ୍ତୁ ଏହା ତାଙ୍କୁ ଆଦୌ ମାଇଲେଜ୍ ଦେଇପାରି ନ ଥିଲା। ୧୯୬୪ରେ ଜିତେନ୍ଦ୍ରଙ୍କୁ ଶାନ୍ତାରାମ ନାୟକ ଭାବରେ ବ୍ରେକ୍ ଦେଇଥିଲେ ଚଳଚ୍ଚିତ୍ର 'ଗୀତ୍ ଗାୟା ପଥରୋଁନେ'ରେ। ବାସ୍, ତା'ପରେ ଆଉ ଏହି ଅଭିନେତା ପଛକୁ ଫେରି ଚାହିଁ ନ ଥିଲେ। ଖାସ୍ କଥା ହେଲା, ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କର ପ୍ରକୃତ ନାମ ଥିଲା ରବି କପୁର। ଶାନ୍ତାରାମ ହିଁ ତାଙ୍କ ସ୍କ୍ରିନ୍ ନେମ୍ 'ଜିତେନ୍ଦ୍ର' ଦେଇଥିଲେ।



ରାନୀ ପ୍ରିୟଦର୍ଶିନୀ-ଆର.କେ.

## ଚ୍ୟାଲେଞ୍ଜ ଦେବେ ରାନୀ

ରାନୀ ପ୍ରିୟଦର୍ଶିନୀ। ତାଙ୍କ ଅଭିନୀତ ନୂଆ ଓଡ଼ିଆ ସିନେମା 'କଟି ପତଙ୍ଗ' ଚଳିତ ମାସ ୧୨ରେ ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ରାନୀ। ଏ ସମ୍ପର୍କରେ ସେ କହନ୍ତି, 'ଏଥିରେ ମୋତେ ଏକ ଚ୍ୟାଲେଞ୍ଜିଂ ଭୂମିକା ମିଳିଛି। ତା'ପାଇଁ ମୋତେ ମଧ୍ୟ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ଆଶା ରଖିଛି, ଦର୍ଶକେ ମୋ ପରିଶ୍ରମର ମୂଲ୍ୟ ବୁଝିବେ। କେବଳ ସେତିକି ନୁହେଁ, ଫିଲ୍ମର କାହାଣୀ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ।' ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଆର.କେ.। ପ୍ରେମକୁ ଆଧାର କରି କାହାଣୀ ଆଗେଇଛି। ଜଣେ ଯୁବକ କିପରି ସାମାନ୍ୟ ଭୁଲ ପାଇଁ ନିଜ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉଛି ଏବଂ ତା'ପରେ କ'ଣ ଘଟୁଛି ତାହା କାହାଣୀରେ ନିହିତ ରହିଛି। ଏକ ଭିନ୍ନଧରଣର କାହାଣୀକୁ ଚଳଚ୍ଚିତ୍ରରେ ରୂପାୟିତ କରାଯାଇଛି ଏବଂ ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ଦେବେନ୍ଦ୍ର ନାଥ ସାହୁ। ଶକ୍ତି ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ମଧୁସ୍ମିତା ଦାସ। ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଅଜୟ ସାମଲ। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ରାନୀ ପ୍ରିୟଦର୍ଶିନୀ-ଆର.କେ. ବ୍ୟତୀତ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିଷେକ ରଥ, ଅନନ୍ୟା, ଅସିତ୍ ପତି, ଅଜିତ୍ ଦାସ, ମନୀଷା ମିଶ୍ର, ସରୋଜ ଦାସ, କାଳୀ, କୁଲୁ, ଦେବ, ଅଶୋକ, ପ୍ରତାପ, ପ୍ରିୟଙ୍କା, ପ୍ରିନ୍ସ ଆର୍ଯ୍ୟନ ଏବଂ ବିଷ୍ଣୁ। ତେବେ ଫିଲ୍ମଟି କେତେ ସଫଳତା ହାସଲ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

ପରଦା ପଛରେ

## ସବ୍ୟସାଚୀଙ୍କ ନୂଆ ଯୋଜନା



ଯୁବ ପ୍ରଯୋଜକ ସବ୍ୟସାଚୀ ଅମତ। ପ୍ରଥମଥର ପାଇଁ ପ୍ରଯୋଜନା ପରି ଏକ ଗୁରୁଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଏପରି ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, 'ଫିଲ୍ମଟିଏ ପ୍ରଯୋଜନା କରିବା ସହଜ କଥା ନୁହେଁ। କେବଳ ଟଙ୍କା ଇନ୍‌ଭେଷ୍ଟ କଲେ ହେବ ନାହିଁ, ବିଭିନ୍ନ ଦିଗ ପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡ଼ିଥାଏ। ଯେହେତୁ ପ୍ରଥମ ଥର ପାଇଁ ଏପରି ରିସ୍କ ଉଠାଉଛି, ତେଣୁ ଯେକୌଣସି ସମସ୍ୟା ଆସିଲେ ତାକୁ ସମ୍ମୁଖୀନ ହେବାକୁ ତୟାର ରହିଛି।' ହୋମ୍ ବ୍ୟାନର ଥ୍ରୀ ଫିଲ୍ମସରେ ସବ୍ୟସାଚୀ ଏକାଥରେ ଦୁଇଟି ସିନେମାର ପ୍ରାରମ୍ଭିକ କାମ ଚାଲୁ ରଖିଛନ୍ତି। ସମାଜର ସବୁ ବର୍ଗର ଦର୍ଶକଙ୍କୁ ଦୃଷ୍ଟିରେ ରଖି କାହାଣୀ ଚୟନ କରାଯିବ। ବିଶେଷକରି କାଷ୍ଟିଂ ସମୟରେ ନୂଆ ମୁହଁଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ସୂଚନା ଦେଇଛନ୍ତି ସେ। କେବଳ କମର୍ସିଆଲ ଫିଲ୍ମ ନୁହେଁ, ନିକଟ ଭବିଷ୍ୟତରେ ଶର୍ଟ ଫିଲ୍ମ କରିବାର ଯୋଜନା ରହିଛି ବୋଲି କହନ୍ତି ଏହି ନବାଗତ ପ୍ରଯୋଜକ।

## ଆଶାରେ କଙ୍ଗନା



ବଲିଉଡ୍‌ରେ କଳାକାରଙ୍କ ରେମ୍ୟୁନିନେଶ ବଢ଼ିବା ଏବଂ ତାହା ଚର୍ଚ୍ଚାର ପରିସରକୁ ଆସିବା ନୂଆ କଥା ନୁହେଁ। 'ପଦ୍ମାବତ୍' ଫିଲ୍ମ ପାଇଁ ଦୀପିକା ପାଦୁକୋନ୍ ୧୨କୋଟି ପାରିଶ୍ରମିକ ଆକାରରେ ନେଇଥିଲେ ଏବଂ ତାଙ୍କୁ ବଲିଉଡ୍‌ର ସର୍ବାଧିକ ପାରିଶ୍ରମିକ ପାଉଥିବା ଅଭିନେତ୍ରୀ ଭାବେ ଗଣନା କରାଯାଉଛି। ହେଲେ ତାଙ୍କୁ ଟପିବାକୁ ଯୋଜନା କରୁଛନ୍ତି କଙ୍ଗନା ରାଣାୱତ। ବର୍ତ୍ତମାନ ସେ ତାମିଲନାଡୁର ପୂର୍ବତନ ତଥା ପରଲୋକଗତ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଆଲୋଚନା ହେଉଛି ଯେ ଏହି ଫିଲ୍ମ ପାଇଁ ପାରିଶ୍ରମିକ ଆକାରରେ ସେ ୨୪କୋଟି ଦାବି କରିଛନ୍ତି। ଅନ୍ୟପକ୍ଷରେ ଯଦି ଏହି ଫିଲ୍ମଟି କ୍ଲିକ୍ କରେ ତେବେ ତାହା ତାଙ୍କ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ହେବ ବୋଲି କଙ୍ଗନା କହିବୁଲୁଛନ୍ତି। ଯଦି ତାହା ସତ ହୁଏ ତେବେ ସେ ବଲିଉଡ୍‌ର ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ନାୟିକା ଭାବରେ ବିବେଚିତ ହେବେ।

# ସଙ୍ଗୀତଜ୍ଞ ବାସୁଦେବ ରଥଙ୍କ ସ୍ମରଣେ



ଓଡ଼ିଆ ସିନେମା ଜଗତରେ ଅତ୍ୟାଧୁନିକ ବାଦ୍ୟଯନ୍ତ୍ର ମାଧ୍ୟମରେ ସୁନ୍ଦର ସ୍ୱର ସୃଷ୍ଟି କରିବାରେ ସଙ୍ଗୀତଜ୍ଞ ବାସୁଦେବ ରଥଙ୍କ ବିଶେଷତ୍ୱ ରହିଛି। ଏକ ମେଲୋଡ଼ି ପାର୍ଟି କରି ସଫଳ ସଙ୍ଗୀତଜ୍ଞ ଭାବେ ସେ ପ୍ରଭାବଶାଳୀ ହେଲେ। ସେହି ସମୟରେ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର ଓ ଅକ୍ଷୟ ମହାନ୍ତିଙ୍କ ସହ ତାଳ ଦେବା ଦିଗରେ ବାସୁଦେବ ରଥ କୌଣସି ଗୁଣରେ କମ୍ ନ ଥିଲେ।

ଆମ ବଡ଼ଗଡ଼ ଗାଁର ପ୍ରଯୋଜକ ପୂର୍ଣ୍ଣଚନ୍ଦ୍ର ଜେନା। ୧୯୭୭ ମସିହା ବେଳକୁ ଏକ ଓଡ଼ିଆ ଚଳଚ୍ଚିତ୍ର 'ସାକ୍ଷୀ ଗୋପୀନାଥ' ନିର୍ମାଣ କଲେ ବମ୍ବେର ନିର୍ଦ୍ଦେଶକ ଗଣେଶ ମହାପାତ୍ର। ସେଇ ଚଳଚ୍ଚିତ୍ର ନିମନ୍ତେ ସଙ୍ଗୀତ ନିର୍ଦ୍ଦେଶକ ଭାବେ ବାସୁଦେବ ରଥ କାର୍ଯ୍ୟ କରିବା ପାଇଁ ସୁଯୋଗ ପାଇଲେ। ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଘର ଆମ ଘର ପାଖରେ। ବାସୁଦେବ ରଥ ତାଙ୍କ ଘରକୁ ରିକ୍ସାରେ ଆସନ୍ତି। ତାଙ୍କ ସହ କଥା ହୁଏ। ସେତେବେଳେ ମୁଁ ବାଣୀଚିତ୍ରରେ ସହସମ୍ପାଦକ ଭାବେ ମଧ୍ୟ ଲେଖା ଲେଖୁଥିଲି। ତାହା ସହ ଅନ୍ୟ କିଛି ଖବରକାଗଜରେ ସଙ୍ଗୀତଜ୍ଞ ବାସୁଦେବ ରଥ ଏକ ନିଆରା ବ୍ୟକ୍ତିତ୍ୱ। ତାଙ୍କ ପୋଷାକର ଭିନ୍ନତା ଦେଖିଲେ ଜଣାପଡ଼େ ସେ ଜଣେ କଳାକାର ନିଶ୍ଚିତ ହୋଇଥିବେ। ଭାରି ଖୁସି ମିଜାଜ୍‌ର ବ୍ୟକ୍ତି। ସେହି ଦିନଠାରୁ ତାଙ୍କ ସହ ଦେଖାସାକ୍ଷାତ। ଅନେକ ବର୍ଷ ଧରି ଓଡ଼ିଆ ସିନେମା- 'ସଉତୁଣୀ, ଚିହ୍ନା ଅଚିହ୍ନା, ଆରତି, ଅନୁରାଧା, ଦେଖି ଖବର ରଖି ନଜର, ରାଜା ହରିଶ୍ଚନ୍ଦ୍ର, କାବେରୀ, ପକା କମଳ ପୋତ ଛତା, ନିନାଦ, ପ୍ରତିଶୋଧ ଅପରାଧ ନୁହେଁ, ଅନ୍ୟାୟ ସହିବି ନାହିଁ' ଆଦିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ଆରତି'ର ଗୀତ ପାଇଁ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। କଣ୍ଠଶିଳ୍ପୀ ମାନା ଦେ, ମହେନ୍ଦ୍ର କପୁର, ଅନୁରାଧା ପୌଡୱାଲ, ଆଶା ଭୋସ୍‌ଲେ, ଉଷା ମଙ୍ଗେସ୍‌କର, ବିନୋଦ ରାଠୋର, ଆରତି ମୁଖାର୍ଜୀ, ଚନ୍ଦ୍ରାଣୀ ମୁଖାର୍ଜୀ, ଉଷା ଉଥୁପ୍, ଭୁବନେଶ୍ୱରୀ ମିଶ୍ର, ତାନ୍‌ସେନ୍ ସିଂ ଅନ୍ୟତମ।

ବାସୁଦେବ ୧୦୦ରୁ ଊର୍ଦ୍ଧ୍ୱ ଆଲ୍‌ବମ୍ ସଙ୍ଗୀତର ସ୍ରଷ୍ଟା। ଏତଦ୍‌ବ୍ୟତୀତ କଟକ ଆକାଶବାଣୀରେ ବହୁସୁଗମ ସଙ୍ଗୀତ, ସମବେତ କଣ୍ଠସଙ୍ଗୀତ ପରିବେଷଣ କରି ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ଆଡ୍‌ଭୋକେଟ୍ ସୁରେନ୍ଦ୍ର ବିଦ୍ୟାଧର ତାଙ୍କର ବିଶେଷ ପସନ୍ଦଯୋଗ୍ୟ ଗୀତିକାର। ଚଳିତବର୍ଷ ତାଙ୍କର ଅନୁପସ୍ଥିତି ନିଶ୍ଚିତଭାବେ ଶ୍ରୋତା ଓ ଦର୍ଶକେ ଅନୁଭବ କରିବେ। ବାସୁବାବୁ ଜଣେ ଭଲ ମଣିଷ, ସଙ୍ଗୀତ କ୍ଷେତ୍ରରେ ତାଙ୍କ ସହଧର୍ମିଣୀଙ୍କ ପ୍ରେରଣା ବିଶେଷ ଉଲ୍ଲେଖଯୋଗ୍ୟ।

ଆଧୁନିକ ଓଡ଼ିଆ ସଙ୍ଗୀତ କେବଳ ନୁହେଁ, ଚଳଚ୍ଚିତ୍ରରେ ତାଙ୍କର ପ୍ରତିଟି ଗୀତ ପାଇଁ ସେ ଅମର ହୋଇ ରହିବେ। ଓଡ଼ିଆ ଚଳଚ୍ଚିତ୍ର ଜଗତ ସେପରି ବ୍ୟକ୍ତିତ୍ୱ ପ୍ରତି ଅଧିକ ଆଶା କରୁଥିଲା। ହଠାତ୍ ତାଙ୍କ ଦେହାନ୍ତ ନିଶ୍ଚିତ ଭାବେ କେବଳ ଚଳଚ୍ଚିତ୍ର ନୁହେଁ, ସଙ୍ଗୀତ ଜଗତ ପାଇଁ ବ୍ୟାପକ କ୍ଷତି। ସଙ୍ଗୀତକୁ ନୂତନ ରୂପରେଖ ଦେବାରେ ସେ ଥିଲେ ଅନ୍ୟତମ ସାଧକ। ବାସୁଦେବ ରଥ ଆତ୍ମସ୍ୱାଭିମାନ ବ୍ୟକ୍ତିତ୍ୱ। ସେ ସବୁବେଳେ ନିଜକୁ ସଙ୍ଗୀତ ମଧ୍ୟରେ ହଜାଇ ଦେଉଥିଲେ। ଅନେକ କଣ୍ଠଶିଳ୍ପୀଙ୍କୁ ସୁଯୋଗ ଦେଇଛନ୍ତି। ମାତ୍ର ଓଡ଼ିଆ କଣ୍ଠଶିଳ୍ପୀମାନେ ନିଜେ ପ୍ରତିଷ୍ଠା ପାଇଗଲା ପରେ ମୂଳ ବ୍ୟକ୍ତିତ୍ୱକୁ ଭୁଲିଯାଆନ୍ତି। ଏହା ଓଡ଼ିଆ ଚରିତ୍ର ବୋଲି ବିବେଚନା କରିବାକୁ ହେବ। ବାସୁବାବୁ ସଙ୍ଗୀତ ସ୍ମରଣୀୟ ହୋଇ କାଳ କାଳକୁ ରହିବେ। ତାଙ୍କ ଗୀତ ଅମର।

**-ଦିଲିପ ହାଲି,** ଭୁବନେଶ୍ୱର



"ପୂର୍ବ ଓ ଉତ୍ତର – ପୂର୍ବ ଭାରତର ହସ୍ତତନ୍ତ କାରିଗରଙ୍କୁ ସହାୟତା ପ୍ରଦାନ କରିବା ପାଇଁ ମାଇକ୍ରୋସଫ୍ଟ ଇଣ୍ଡିଆ ସହ ଟାଟା ଟ୍ରଷ୍ଟ ଏକ ଚୁକ୍ତି ସ୍ୱାକ୍ଷର କରିଛି।

–ଆର୍ ପବିତ୍ର କୁମାର, ଚିଫ୍ ପ୍ରୋଗ୍ରାମ ଡାଇରେକ୍ଟର, ଟାଟା ଟ୍ରଷ୍ଟ



"ଭାରତରେ ୪ଜି ଭଏସ୍ କଲ୍ ସେବା ପରିଚାଳନା ଲାଗି ନୋକିଆ ଓ ଏରିକସନର ସହାୟତା ନେବ ଭାରତୀ ଏୟାରଟେଲ।

–ରଣଦୀପ ଶେଖନ, ଚିଫ ଟେକ୍ନୋଲୋଜି ଅଫିସର, ଭାରତୀ ଏୟାରଟେଲ

## ସଂକ୍ଷେପରେ

### ଜିପିଏଫ୍ ସୁଧ ହାର ୮%ରେ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୦-୪: କେନ୍ଦ୍ର ସରକାର ସାମାନ୍ୟ ଭବିଷ୍ୟ ନିଧି(ଜିପିଏଫ୍) ଏବଂ ତତ୍ସମ୍ପର୍କିତ ଯୋଜନା ଉପରେ ଏପ୍ରିଲ-ଜୁନ ତ୍ରୈମାସ ଲାଗି ମିଳୁଥିବା ସୁଧ ହାରକୁ ୮%ରେ ଅପରିବର୍ତ୍ତିତ ରଖିଛନ୍ତି। ଏହା ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ)ରେ ମିଳୁଥିବା ସୁଧ ହାର ସହ ସମାନ। ଆର୍ଥିକ ବ୍ୟାପାର ବିଭାଗ ପକ୍ଷରୁ ଏ ସମ୍ପର୍କରେ ଏକ ନୋଟିଫିକେଶନ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏପ୍ରିଲ ପହିଲାରୁ ଜୁନ୍ ୩୦ ଯାଏ ଜିପିଏଫ୍ ଉପରେ ୮% ସୁଧ ହାର ପ୍ରଦାନ କରାଯିବ। ଏହି ସୁଧ ହାର କେନ୍ଦ୍ର ସରକାରୀ କର୍ମଚାରୀ, ରେଲୱେ ଏବଂ ସୁରକ୍ଷା ବଳଙ୍କ ଭବିଷ୍ୟନିଧି ଉପରେ ଲାଗୁ ହେବ। ଗତ ମାସରେ ସରକାର ସମସ୍ତ ପ୍ରକାର ସ୍ୱଳ୍ପ ସଞ୍ଚୟ ଯୋଜନା ତଥା ପିପିଏଫ ଉପରେ ସୁଧ ହାର ଅପରିବର୍ତ୍ତିତ ରଖିଛନ୍ତି। ବର୍ତ୍ତମାନ ପିପିଏଫ୍ ଉପରେ ୮% ସୁଧ ହାର ପ୍ରଦାନ କରାଯାଉଛି।

### ଗୁଗଲ୍ ପେ'କୁ ନେଇ ଆର୍‌ବିଆଇକୁ ପ୍ରଶ୍ନ

ନୂଆଦିଲ୍ଲୀ,୧୦-୪: ନିୟାମକ ଅନୁମୋଦନ ବିନା ଗୁଗଲ୍‌ର ମୋବାଇଲ ଦେୟ ପ୍ରଦାନ କରୁଥିବା ଆପ୍ ଗୁଗଲ ପେ'ବା ଜି ପେ'କିପରି ନେଣଦେଣ କରୁଛି ବୋଲି ଦିଲ୍ଲୀ ହାଇକୋର୍ଟ ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ପ୍ରଶ୍ନ କରିଛନ୍ତି। ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ ଏବଂ ଜଷ୍ଟିସ ଏ.ଜେ. ଭାମଭାନୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଜିତ ମିଶ୍ରଙ୍କ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା(ପିଆଇଏଲ)ର ଶୁଣାଣି କରୁଛନ୍ତି। ହାଇକୋର୍ଟରେ ଦାଏର ପିଆଇଏଲରେ ଦର୍ଶାଯାଇଛି ଯେ, ଗୁଗଲ ପେ ନେଣଦେଣ ଆଇନର ଉଲ୍ଲଂଘନ କରି ଦେୟ ପ୍ରଦାନକାରୀ ସେବା ପ୍ରଦାନ କରୁଛି। ଏହା ନିକଟରେ କେନ୍ଦ୍ରୀୟ ବ୍ୟାଙ୍କର ଆବଶ୍ୟକୀୟ ଅନୁମୋଦନ ନାହିଁ। ଏହାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଉଭୟ ଆର୍‌ବିଆଇ ଏବଂ ଗୁଗଲ୍ ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଆର୍‌ବିଆଇ ଦ୍ୱାରା ଜାରି ନେଣଦେଣ ପ୍ରଦାନକାରୀଙ୍କ ତାଲିକାରେ ଗୁଗଲ୍ ପେ ନାହିଁ ବୋଲି ଆବେଦନରେ ଦର୍ଶାଯାଇଛି।

■ ହ୍ୱାଟ୍ସଆପ୍‌ରେ ନୂଆ ବ୍ୟବସ୍ଥା

### ଏକାଥରକେ ପଠାଇ ହେବ ୩୦ ଅଡିଓ ଫାଇଲ

ନୂଆଦିଲ୍ଲୀ,୧୦-୪: ଫେସ୍‌ବୁକ୍ ଅଧୀନ ଫଟୋ ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ରେ ନୂଆ ୟୁଜର ଇଣ୍ଟରଫେସ୍ ସହିତ 'ଅଡିଓ ପିକର' ଉପସ୍ଥାପନ କରାଯାଇଛି। ଫଳରେ ୟୁଜର ଗୋଟିଏ ଥରରେ ୩୦ ଅଡିଓ ଫାଇଲ୍‌କୁ ପଠାଇପାରିବେ। ଏଥିପୂର୍ବରୁ ୟୁଜର ଗୋଟିଏ ଥରରେ କେବଳ ଗୋଟିଏ ଅଡିଓ ଫାଇଲ ପଠାଇ ପାରୁଛନ୍ତି। ନୂଆ ଫିଚର ହ୍ୱାଟ୍ସଆପ୍‌ର ୨.୧୯.୮୯ ବିଟା ଅପଡେଟରେ ଆସିଛି। ଏହାପରେ କମ୍ପାନୀ ନିଜର ପ୍ଲାଟଫର୍ମରେ ଅନେକ ଅପଡେଟ କରିଛି। ଏହାଛଡ଼ା ମିଥ୍ୟା ଖବର ପ୍ରଚାରକୁ ରୋକିବା ଲାଗି ହ୍ୱାଟ୍ସଆପ୍ ପକ୍ଷରୁ 'ଫରୱାର୍ଡିଂ ଇନଫୋ' ଏବଂ 'ଫ୍ରିକ୍ୱେଣ୍ଟଲି ଫରୱାର୍ଡେଡ' ଫିଚର ଲାଗୁ କରାଯାଇଛି। କମ୍ପାନୀ ପକ୍ଷରୁ ଆଉ ଏକ ଫିଚର ଟେଷ୍ଟ କରାଯାଉଛି। ଯାହାଦ୍ୱାରା ଗ୍ରୁପ୍ ଆଡ୍‌ମିନିଷ୍ଟ୍ରେଶନ ୟୁଜରଙ୍କୁ ବାରମ୍ବାର ଫରୱାର୍ଡ ମେସେଜ ପଠାଇବାରୁ ରୋକିପାରିବେ।

### ଭାସ୍‌ମଲର ନୂଆ ପ୍ରଡକ୍ଟ

ଭୁବନେଶ୍ୱର,୧୦-୪

ଭାସମଲ ପକ୍ଷରୁ ନୂଆ ପ୍ରଡକ୍ଟ ଆଡଭାନ୍ସ କ୍ରିମ ହେୟାର କଲର ବଜାରକୁ ଆସିଛି। ଏଥିରେ କୌଣସି କେମିକାଲ ଡେଭଲପର ନ ଥିବା କମ୍ପାନୀ ସୂଚନା ଦେଇଛି। ସାଧାରଣତଃ




କ୍ରିମ ହେୟାର କଲରରେ କଲରାଣ୍ଟ ଏବଂ ଡେଭଲପର ରହିଥାଏ। ଡେଭଲପରରେ ହାଇଡ୍ରୋଜେନ ପେରୋକ୍ସାଇଡ ଭଳି କେମିକାଲ ବ୍ୟବହାର ହୋଇଥାଏ। ଏହା କେଶ ଲାଗି ବ୍ଲିଚ ଭଳି କାମ କରେ। ଯେଉଁ କେଶ କଳା ରହିଥାଏ ଏହା ତାକୁ ମଧ ଧଳା କରିଦିଏ। ସେହିଭଳି କେଶକୁ ରୁକ୍ଷ ଏବଂ ଝଡିବା ଭଳି ସମସ୍ୟା ଉପୁଜାଇଥାଏ। ଏଭଳି ସମସ୍ୟାକୁ ନଜରରେ ରଖି ଭାସମଲ ଆଡଭାନ୍ସ କ୍ରିମରେ କୌଣସି କ୍ଷତିକାରକ ଉପାଦାନ ସ୍ଥାନିତ କରାଯାଇ ନାହିଁ। ୩୦ ମିନିଟ ସମୟ ମଧ୍ୟରେ ବିନା ବ୍ଲିଚିଂରେ ଏହା କେଶକୁ କଳା କରିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

■ ନୂଆ ସରକାର ପାଇଁ ରାଜନଙ୍କ ପରାମର୍ଶ

# ନୂତନ ପିଢ଼ିର ଆର୍ଥିକ ସଂସ୍କାର ଆବଶ୍ୟକ

ନୂଆଦିଲ୍ଲୀ,୧୦-୪

ଆଉ ମାସାଧିକ ସମୟ ପରେ କେନ୍ଦ୍ରରେ ଏକ ନୂଆ ସରକାର ଗଠନ ହେବ। ଏହି ସରକାରଙ୍କ ପାଇଁ ଆର୍ଥିକ ନୀତି କ'ଣ ହେବା ଉଚିତ୍ ସେ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ୍ କିଛି ପରାମର୍ଶ ଦେଇଛନ୍ତି। ଜାତୀୟତାବାଦ ଏବଂ ରୋଜଗାର ସୃଷ୍ଟିକାରୀ ଅର୍ଥନୀତି ଭିନ୍ନ ନୁହେଁ,ବରଂ ଏହା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କୁହାଯାଇପାରେ। ବିଗତ ଦିନର ସରକାରଗୁଡ଼ିକ ନେଇଥିବା ଆର୍ଥିକ ସଂସ୍କାର ପ୍ରତି ତାଙ୍କର ଆସ୍ଥା ନ ଥିବା ଦର୍ଶାଇ ଦେଶର ଅର୍ଥନୀତି ସହ ରୋଜଗାର ସୃଷ୍ଟି କରିବାକୁ ହେଲେ ନୂଆ ପିଢ଼ିର ଆର୍ଥିକ ସଂସ୍କାର ଆଣିବାକୁ ହେବ ବୋଲି ପରାମର୍ଶ ଦେଇଛନ୍ତି।

■ ଜାତୀୟତାବାଦ, ରୋଜଗାର ସୃଷ୍ଟିକାରୀ ଅର୍ଥନୀତି ଭିନ୍ନ ନୁହେଁ

■ କନ୍‌ଷ୍ଟ୍ରକ୍‌ଶନ କ୍ଷେତ୍ରରେ ଭାରି ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ସମ୍ଭବ

■ ରୋଜଗାରସୃଷ୍ଟିକାରୀ ଅର୍ଥନୀତି ଅଭିବୃଦ୍ଧି ନ ହେଲେ ରାଜନୈତିକ ଭୂମିକମ୍ପ ହେବ

ଏକ ଇଂଲିଶ୍ ଖବରକାଗଜରେ ରାଜନ ଲେଖିଛନ୍ତି ଯେ, ଆଗାମୀ ବର୍ଷଗୁଡ଼ିକରେ ଭାରତ ଯଥେଷ୍ଟ ସଂଖ୍ୟାରେ ନିଯୁକ୍ତି ସୃଷ୍ଟିକାରୀ ଆର୍ଥିକ ଅଭିବୃଦ୍ଧି ହାସଲ ନ କଲେ ଏକାଧିକ କ୍ଷେତ୍ରରେ ଦେଶ ପଛେଇ ଯିବ। ନିଯୁକ୍ତି ସୃଷ୍ଟିର ଉପାୟ ମଧ ସେ କହିଛନ୍ତି। ତାଙ୍କର କହିବାନୁଯାୟୀ ଏକମାତ୍ର କନଷ୍ଟ୍ରକ୍‌ଶନ କ୍ଷେତ୍ରରେ ଭାରି ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ସମ୍ଭବ। ସେ ଲେଖିଛନ୍ତି ଯେ, ସେନାବାହିନୀ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ ଲାଗି ସମ୍ବଳ ନାହିଁ। ଆମ ନିକଟରେ ଏଭଳି ଆର୍ଥିକ କ୍ଷମତା ନାହିଁ ଯେ, ଦେଶକୁ ଆକ୍ରମଣ କରି ଫେରାର ହୋଇ ଯାଉଥିବା ଆତଙ୍କବାଦୀଙ୍କୁ ଧରି ହସ୍ତାନ୍ତର ପାଇଁ ଆମେ କୌଣସି ଦେଶକୁ ରାଜି କରାଇପାରିବା ନାହିଁ। ସେ ଲେଖିଛନ୍ତି ଯେ, ରୋଜଗାର ସୃଷ୍ଟିକାରୀ ଆର୍ଥିକ ଅଭିବୃଦ୍ଧି ହାସଲ ହୋଇ ନ ପାରିଲେ ଦେଶ ଭିତରେ ରାଜନୈତିକ ଭୂମିକମ୍ପ ସୃଷ୍ଟି ହୋଇଯିବ, କାରଣ ବେକାର ଯୁବତୀଯୁବକ ନିଜର ଆକ୍ରୋଶ ବାହାର କରିବେ। ରୋଜଗାର ସୃଷ୍ଟିକାରୀ ଆର୍ଥିକ ବିକାଶ ବିନା ଯଥାଯଥ ରାଷ୍ଟ୍ରୀୟ ସୁରକ୍ଷା ସମ୍ଭବ ନୁହେଁ। ସେ କହିଛନ୍ତି ଯେ, ନୂଆ ପିଢ଼ିର ଆର୍ଥିକ ସଂସ୍କାର ଜରିଆରେ ନୂତନ ନିଯୁକ୍ତି ସୃଷ୍ଟି କରାଯାଇପାରିବ। କାରଣ ପୁରୁଣା ପଦ୍ଧତି ବେକାର ହୋଇଗଲାଣି। କେବଳ କନ୍‌ଷ୍ଟ୍ରକ୍‌ଶନ କ୍ଷେତ୍ରରେ ଭାରି ସଂଖ୍ୟାରେ ରୋଜଗାର ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ତାଙ୍କ ମତରେ ସୁଲଭ ଘର, ସଡ଼କ, ରେଲୱେ, ବନ୍ଦର, ବିମାନ ବନ୍ଦର ଏବଂ ବାଣିଜ୍ୟିକ ରିୟଲ ଇଷ୍ଟେଟରେ ଅର୍ଦ୍ଧକୁଶଳୀ ନାଗରିକଙ୍କୁ ବହୁସଂଖ୍ୟାରେ ନିଯୁକ୍ତି ଦିଆଯାଇପାରିବ। କିନ୍ତୁ ଜମି ଅଧିଗ୍ରହଣର ଜଟିଳ ପ୍ରକ୍ରିୟା ଏବଂ ସୀମିତ ଋଣ ପ୍ରଦାନ ଏହି ସେକ୍ଟରର ଗତିକୁ ଆଶାଠାରୁ ଧିମା କରିଦେଇଛି। ନୂଆ ସରକାରଙ୍କୁ ଏହି ଅଭାବ ଦୂର କରିବାକୁ ହେବ। ଏହାବ୍ୟତୀତ ଡିଜିଟାଲ ମ୍ୟାପିଂର ଉନ୍ନତ ବ୍ୟବସ୍ଥା ଓ ଜମି ମାଲିକାନା ଦାବି ସମ୍ପର୍କିତ ଆଇନରେ ସଂଶୋଧନର ଆବଶ୍ୟକତା ରହିଛି। ଏହାଦ୍ୱାରା ଜମି ବିକ୍ରି ତଥା ଜମିକୁ ଲିଜ୍‌ରେ ଦେବା ପ୍ରକ୍ରିୟା ସହଜ ତଥା ସରଳ ହେବ। ଏହାଦ୍ୱାରା ବହୁ ଚାଷୀ ଚାଷ ଛାଡ଼ି ନିଜ ଜମି ବାବଦରେ ଭଡ଼ା ପାଇପାରିବେ। ମୋଦି ସରକାର ଇଜ୍ ଅଫ୍ ଡୁଇଂ ବିଜନେସ ଆପଣାଇଥିବା ବେଳେ ଏହାକୁ ପରିତ୍ୟାଗ କରିବାକୁ ହେବ ବୋଲି ରାଜନ କହିଛନ୍ତି। ବିଶ୍ୱବ୍ୟାଙ୍କର ମାନଦଣ୍ଡ ଆଧାରିତ ଇଜ୍ ଅଫ୍ ଡୁଇଂ ଛାଡ଼ି ଦେଶର ଆବଶ୍ୟକତା ଅନୁଯାୟୀ ନିଜର ମାନଦଣ୍ଡ ତିଆରି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବ୍ୟବସାୟ ଆରମ୍ଭ କରିବା ନେଇ ଥିବା ଅସୁବିଧାକୁ ଯେତେଦୂର ସମ୍ଭବ ଦୂର କରିବା ଉପରେ ସେ ଜୋର୍ ଦେଇଛନ୍ତି। କନଷ୍ଟ୍ରକ୍‌ଶନ କ୍ଷେତ୍ରରେ ବ୍ୟାପକ ସୁଧାର କରାଯିବାର ଆବଶ୍ୟକତା ରହିଛି ବୋଲି ଆର୍‌ବିଆଇର ପୂର୍ବତନ ଗଭର୍ନର କହିଛନ୍ତି। ତାଙ୍କର କହିବାନୁଯାୟୀ, ବ୍ୟାଙ୍କଗୁଡ଼ିକ ଏହି କ୍ଷେତ୍ରକୁ ଋଣ ଦେବା ପାଇଁ ପଛଘୁଞ୍ଚା ଦିଅନ୍ତି। ଏହାକୁ ଆର୍ଥିକ ସଂସ୍ଥାଗୁଡ଼ିକ ପୂରଣ କଲେ। କିନ୍ତୁ ଏବେ ସେମାନେ ଅସୁବିଧାରେ ପଡିଲେଣି। କନଷ୍ଟ୍ରକ୍‌ଶନ ସେକ୍ଟରରେ ସୁଧାର ହେଲେ ବ୍ୟାଙ୍କ ଋଣ ପ୍ରଦାନ କରିବାରେ ଅସୁବିଧା ହେବ ନାହିଁ। ନିଯୁକ୍ତି ସୃଷ୍ଟିକାରୀ କରିବାକୁ ହେଲେ ନୂଆ ସରକାରଙ୍କୁ ବହୁ କ୍ଷେତ୍ରରେ ସଂସ୍କାର ଆଣିବାକୁ ହେବ। ଅତୀତରୁ ଶିକ୍ଷା ଲାଭ କରି ନୂଆ ସରକାର ସୁଧାର କାର୍ଯ୍ୟକ୍ରମ ହାତକୁ ନେବା ବେଳେ ରାଜ୍ୟ ସରକାରଗୁଡ଼ିକ ସହ ଆଲୋଚନା କରିବା ଦରକାର। ରାଜନୈତିକ ଦଳଗୁଡ଼ିକୁ ପରାମର୍ଶ ଦେଇ ରାଜନ କହିଛନ୍ତି ଯେ, ଆମକୁ ସମାଜର କୌଣସି ଏକ ନାଗରିକ ଗୋଷ୍ଠୀକୁ ଅଣଦେଖା କରିବା ଅନୁଚିତ୍ ହେବ। କାରଣ ଏହାଦ୍ୱାରା ଦେଶର ବିକାଶ ହେବ ନାହିଁ କି ଦେଶର ସୁରକ୍ଷା ଦୃଢ଼ୀଭୂତ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।



ରଘୁରାମ ରାଜନ୍।

# ଆସିଲା ନୂଆ ବଜାଜ ଡୋମିନାର ୪୦୦




ଭୁବନେଶ୍ୱର,୧୦-୪(ବ୍ୟୁରୋ)

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ବଜାଜ ଅଟୋ ପକ୍ଷରୁ ନୂଆ ଡୋମିନାର ୪୦୦ ବଜାରକୁ ଆସିଛି । ଏଥିରେ ଗ୍ରାହକମାନେ ଶକ୍ତିଶାଳୀ ଇଞ୍ଜିନ, ଅତ୍ୟାଧୁନିକ ଟେକ୍ନୋଲୋଜି ଫିଚର ପାଇପାରିବେ। ୨୦୧୭ରେ ପ୍ରଥମ କରି ବଜାରକୁ ଆସିଥିବା ଡୋମିନାର ମଡେଲ ଏକ ରୋମାଞ୍ଚକର ସ୍ପୋର୍ଟସ ଟୁରର ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଦୃଢ଼ତ୍ୱ ବିଶିଷ୍ଟ ପ୍ରଦର୍ଶନରେ ଏହା ନିଜର ଦକ୍ଷତା ଦେଖାଇବା ସହ ଏକ ଟୁରିଂ ମୋଟର ସାଇକେଲ ଭାବେ ଗ୍ରାହକଙ୍କର ଅତିପ୍ରିୟ ହେବାକୁ ସକ୍ଷମ ହୋଇଛି ବୋଲି କମ୍ପାନୀ କହିଛି। ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଭାରତ ବଜାଜ ଶୋ'ରୁମ ଠାରେ ଏହାର ଉନ୍ମୋଚନ କରାଯାଇଛି। ଭାରତ ବଜାରର ଏମ୍‌ଡି ସୁଶାନ୍ତ ମହାରଣା ଏହାକୁ ବଜାର ପ୍ରବେଶ କରାଇଛନ୍ତି। ପ୍ରିମିୟମ ବାଇକ ପାଇଁ ଭୁବନେଶ୍ୱର ଏକ ପ୍ରମୁଖ ବଜାର ହୋଇଥିବା ବେଳେ ନୂଆ ଲଞ୍ଚ ଭଲ ରେସପନ୍ସ ପ୍ରଦାନ କରିବ ବୋଲି ଏମ୍‌ଡି ମହାରଣା କହିଛନ୍ତି। ଏହା ୩୭୩ ସିସି ଡିଓଏଚ୍‌ସି ଲିକ୍ୟୁଡ କୁଲ୍‌ଡ ଇଞ୍ଜିନ ସହ ଆସୁଛି ଯାହା ୪୦ ପିଏସ୍ ପାୱାର ପ୍ରଦାନ କରିବ। ଏହାବାଦ ଏଥିରେ ଅନ୍ୟାନ୍ୟ ପ୍ରମୁଖ ଫିଚର ଗ୍ରାହକ ଲାଭ ପାଇ ପାରିବେ। ଏହା ବଜାଜର ଡିଲରଶିପଗୁଡ଼ିକରେ ଡୁଆଲ ଚ୍ୟାନେଲ ଏବିଏସ୍ ଭାରିଆଣ୍ଟରେ ଉପଲବ୍ଧ। ଅରୋରା ଗ୍ରୀନ ଏବଂ ଭାଇନ ବ୍ଲାକ ରଙ୍ଗରେ ମଡେଲଟି ଆସୁଛି। ଏହାର ଏକ୍ସଶୋରୁମ ଭୁବନେଶ୍ୱର ମୂଲ୍ୟ ୧.୭୩ ଲକ୍ଷ ଟଙ୍କା ରହିଛି।

**ବଜାର ମୂଲ୍ୟ ୧.୭୩ ଲକ୍ଷ ଟଙ୍କା**

# ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍‌ରେ ସିଭି ରମଣ

ଭୁବନେଶ୍ୱର,୧୦-୪

ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମୱାର୍କରେ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ଚତୁର୍ଥ ଥର ଲାଗି ପ୍ରମୁଖ ୧୦୦ ଇଞ୍ଜିନିୟରିଂ କଲେଜ ମଧ୍ୟରେ ସ୍ଥାନିତ ହୋଇଛି। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହା ପ୍ରକାଶିତ ହେଉଥିବା ବେଳେ ସିଭି ରମଣ ଚଳିତ ଥର ୯୪ତମ ସ୍ଥାନରେ ରହିଛି। ଏହା ଦ୍ୱାରା ପ୍ରତିଷ୍ଠାନ ସରକାରୀ ଏବଂ ବେସରକାରୀ କଲେଜମାନଙ୍କ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିବା ପ୍ରକାଶ କରିଛି। ଚଳିତ ବର୍ଷ କଲେଜର ଛାତ୍ରୀଛାତ୍ରମାନେ ଜାତୀୟ ହାକାଥନରେ ୪ଟି ଚାମ୍ପିୟନଶିପ ଜିତିବାକୁ ସକ୍ଷମ ହୋଇଥିବା କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ କହିଛନ୍ତି। ଏହା ସହ ସ୍କିଲ ପ୍ରତିଯୋଗିତାରେ ୱାଟର ଟେକ୍ନୋଲୋଜି, ୱେବ ଡିଜାଇନିଂରେ ଛାତ୍ରୀଛାତ୍ର ନିଜର ପାରଦର୍ଶିତା ଦେଖାଇଥିବା ରାଉତ କହିଛନ୍ତି। ସେକ୍ଟର ସ୍କିଲ ମାନଙ୍କ ସହ ଆଧୁନିକ ଉଦ୍ୟୋଗିଭିତ୍ତିକ ପାଠ୍ୟକ୍ରମ, ସେଣ୍ଟର ଫର ଏକ୍ସଲେନ୍ସ ସ୍ଥାପନା ଏହି ସଫଳତା ଲାଗି ବିଶେଷ ଭୂମିକା ନେଇଥିବା ସେ ମତ ରଖିଛନ୍ତି।

# ନେଦରଲାଣ୍ଡରେ ଜବତ ହେଲା ଜେଟ୍ ବିମାନ

ନୂଆଦିଲ୍ଲୀ,୧୦-୪

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ୟୁରୋପରେ ଏକ କାର୍ଗୋ ସର୍ଭିସ ଦେଉଥିବା କମ୍ପାନୀ ବକେୟାକୁ ନେଇ ଜେଟ୍‌ର ଏକ ବୋଇଂ ବିମାନକୁ ନେଦରଲାଣ୍ଡର ଆମଷ୍ଟରଡମରେ ଜବତ କରିଛି। କୌଣସି ଘରୋଇ ବିମାନ ଇତିହାସରେ ଏହା ପ୍ରଥମ ଘଟଣା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜବତ ବିମାନ ଜରିଆରେ ଗୁରୁବାର ଆମଷ୍ଟରଡମରୁ ମୁମ୍ବାଇ ଲାଗି ଉଡ଼ାଣ(୯ଡବ୍ଲ୍ୟୁ୩୨୧) ସେବା ପରିଚାଳନା କରାଯିବାର ଥିଲା। କାର୍ଗୋ ଏଜେଣ୍ଟ ବକେୟା ନ ପାଇବାକୁ ନେଇ ଜେଟ୍ ଏୟାରୱେଜର ବୋଇଂ ୭୭୭-୩୦୦ଇଆର୍(ଭିଟି-ଜେଇଡବ୍ଲ୍ୟୁ)କୁ କବ୍‌ଜା କରିନେଇଥିଲା। ଏହି ବିମାନଟି ମଙ୍ଗଳବାର ମୁମ୍ବାଇରୁ ଆମଷ୍ଟରଡମ ଯାଇଥିଲା ଓ ଗୁରୁବାର ଏହା ଫେରିଥାନ୍ତା। ସୂଚନାଥାଉ କି, ବକେୟା ପ୍ରଦାନ ନ କରିବା କାରଣରୁ ଜେଟ୍‌ର ପ୍ରାୟ ୭୫%ରୁ ଅଧିକ ବିମାନ ଏବେ ଛିଡ଼ା ହୋଇଛି। ନଗଦ ସଙ୍କଟ କାରଣରୁ ଏୟାରଲାଇନ୍ସ ଏବେ ପାଇଲଟଙ୍କୁ ଦରମା ଦେଇପାରିନାହିଁ।




**ବକେୟା ପାଇଁ ୟୁରୋପୀୟ କାର୍ଗୋ କମ୍ପାନୀର କାର୍ଯ୍ୟାନୁଷ୍ଠାନ**

# ଦାବି ସ୍ଥିତି ଜଣାଇବେ ବୀମା କମ୍ପାନୀ

ନୂଆଦିଲ୍ଲୀ,୧୦-୪

ବୀମା ପଲିସୀ ଦାବିରେ ସ୍ୱଚ୍ଛତା ଆଣିବା ଲାଗି ବୀମା ନିୟାମକ ଆଇଆର୍‌ଡିଏ ପକ୍ଷରୁ ଏକ ନୂଆ ନିୟମ ପ୍ରଣୟନ କରାଯାଇଛି। ଜୁଲାଇ ପହିଲାରୁ ବୀମା କମ୍ପାନୀମାନେ ପଲିସୀଧାରୀଙ୍କ ଦାବିର ସ୍ଥିତି ଜଣାଇବାକୁ ବାଧ୍ୟ ରହିବେ। ପଲିସୀଧାରୀଙ୍କ ହିତକୁ ଦୃଷ୍ଟିରେ ରଖି ବୀମା କ୍ଷେତ୍ରରେ ସ୍ପଷ୍ଟତା ତଥା ସ୍ୱଚ୍ଛତା ନୀତି ଆପଣାଯିବାର ଆବଶ୍ୟକତା ରହିଛି। ବୀମା ଦାବି କେଉଁ ସ୍ଥିତିରେ ଅଛି ତାହା ଜାଣିବାର ଅଧିକାର ପଲିସୀଧାରୀଙ୍କ ରହିଛି ଏବଂ ଏଭଳି ଏକ ବ୍ୟବସ୍ଥା ହେବା କଡ଼ିକଉଚିତ୍ ବୋଲି ବୀମା ନିୟାମକ କହିଛନ୍ତି। ଜୁଲାଇ ପହିଲାରୁ ବୀମା କମ୍ପାନୀମାନେ ପଲିସୀଧାରୀଙ୍କୁ ସେମାନଙ୍କ ଦାବି କେଉଁ ପର୍ଯ୍ୟାୟରେ ପ୍ରକ୍ରିୟାରତ ରହିଛି ତାହା ଜଣାଇବେ।

# ବଜାରରେ ସାମ୍‌ସଙ୍ଗର ନୂଆ ସ୍ମାର୍ଟ ଟିଭି

ଭୁବନେଶ୍ୱର,୧୦-୪

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ନୂଆ ସ୍ମାର୍ଟ ଟିଭି ବଜାରକୁ ଆସିଛି। ଏହା ହୋମ ଏଣ୍ଟରଟେନମେଣ୍ଟ ଅଭିଜ୍ଞତାକୁ ଏକ ପରବର୍ତ୍ତୀ ପର୍ଯ୍ୟାୟକୁ ନେବ ବୋଲି କମ୍ପାନୀ ପ୍ରକାଶ କରିଛି। 'ଅନ୍‌ବକ୍ସ ମ୍ୟାଜିକ ଏଭ୍ରିଡେ' ଅଭିଯାନ ଅନ୍ତର୍ଗତ ଏହି ପ୍ରଡକ୍ଟକୁ କମ୍ପାନୀ ବଜାରକୁ ଆଣିଛି। ସରକାରଙ୍କ ମେକ୍ ଫର ଇଣ୍ଡିଆ କାର୍ଯ୍ୟକ୍ରମରେ କମ୍ପାନୀ ଏହି ପ୍ରଡକ୍ଟକୁ ପ୍ରସ୍ତୁତ କରିଛି। ଭାରତୀୟ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦା ପୂରଣ ସହ ଟେଲିଭିଜନକୁ ସ୍ମାର୍ଟ ଡିଭାଇସ ସହ ଯୋଡିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପ୍ରକାଶ କରିଛି। ଏଥିରେ ଗ୍ରାହକମାନେ ଅତୁଳନୀୟ ପିକ୍ଚର କ୍ୱାଲିଟି, ହାଇଡେଫିନିଶନ ରେଞ୍ଜ, ଅଲଟ୍ରା ପିକ୍ସ ଟେକ୍ନୋଲୋଜି, ଅଲଟ୍ରା ହାଇ ଡେଫିନିଶନ ୪କେ ମଡେଲ ଭଳି ବୈଶିଷ୍ଟ୍ୟ ଗ୍ରାହକ ପାଇ ପାରିବେ। ସର୍ବୋତ୍ତମ ପ୍ରଡକ୍ଟ ଯୋଗାଣ ନେଇ ରହିଥିବା ପ୍ରତିବଦ୍ଧତା ପାଳନ ସ୍ୱରୂପ ଏଭଳି ମଡେଲ ବଜାରକୁ ଆଣିଥିବା କମ୍ପାନୀର ବରିଷ୍ଠ ଉପସଭାପତି ରାଜୁ ପୁଲାନ କହିଛନ୍ତି।

# ଭାରତର ଡିଜିଟାଲ ପଦକ୍ଷେପକୁ ଆଇଏମ୍‌ଏଫର ପ୍ରଶଂସା

ୱାଶିଂଟନ,୧୦-୪

ଡିଜିଟାଲୀକରଣକୁ ନେଇ ଭାରତର ପଦକ୍ଷେପକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପ୍ରଶଂସା କରିଛି। ରାଜସ୍ୱ ନିରୀକ୍ଷଣ ରିପୋର୍ଟରେ କୁହାଯାଇଛି ଯେ, ଭାରତ ଓ ଇଣ୍ଡୋନେସିଆ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲାଗି ଇ-କ୍ରୟ ଆରମ୍ଭ କରିବା ଯୋଗୁ ପ୍ରତିଯୋଗିତା ଏବଂ ନିର୍ମାଣ ଗୁଣବତ୍ତା ବୃଦ୍ଧି ପାଇଛି। ବିଶ୍ୱ ବ୍ୟାଙ୍କ ସହ ବୈଠକ ପୂର୍ବରୁ ଜାରି ରିପୋର୍ଟରେ ଆଇଏମ୍‌ଏଫ୍ କହିଛି ଯେ, ଭାରତରେ କେତେକ ଗୁରୁତ୍ୱପୂର୍ଣ୍ଣ ସୁଧାର କାର୍ଯ୍ୟକ୍ରମର ଡିଜିଟାଲୀକରଣ ହାତକୁ ନିଆଯିବା ପରେ ଜାଲିଆତି ମାମଲା ଅନେକାଂଶରେ ହ୍ରାସ ପାଇଛି। ଭାରତରେ ସାମାଜିକ ସହାୟତା କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନାକୁ ଇଲେକ୍ଟ୍ରୋନିକ ପ୍ଲାଟଫର୍ମକୁ ଆପଣାଯିବାରୁ ଖର୍ଚ୍ଚ ୧୭% ହ୍ରାସ ପାଇଛି ସତ ଲାଭ ହ୍ରାସ ପାଇ ନାହିଁ।



**ଜାଲିଆତି ଅନେକାଂଶରେ କମିଛି**

# ଋଣ ପ୍ରଦାନରେ ହୁଡ୍‌କୋର ସଫଳତା

ଭୁବନେଶ୍ୱର,୧୦-୪

■ ଋଣ ଅଭିବୃଦ୍ଧି ୮୭% ଛୁଇଁଲା

■ ଓଡିଶା ସହରାଞ୍ଚଳ ଭିତ୍ତିଭୂମି ଫଣ୍ଡକୁ ଦେଇଛି ୨,୧୭୫ କୋଟି

୨୦୧୮-୧୯ ଆର୍ଥିକ ବର୍ଷରେ ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ କର୍ପୋରେଶନ(ହୁଡକୋ) ଋଣ ପ୍ରଦାନ ଧାରା ବେଶ ଉନ୍ନତି ରହିଛି। ବର୍ତ୍ତମାନ ସୁଦ୍ଧା ହୁଡ୍‌କୋ ଋଣ ପ୍ରଦାନରେ ୮୭% ପର୍ଯ୍ୟନ୍ତ ଅଭିବୃଦ୍ଧି କରିଥିବା ଏହାର ସିଏମ୍‌ଡି ଏମ୍.ରବି କାନ୍ତ ସୂଚନା ଦେଇଛନ୍ତି। ହୁଡ୍‌କୋ ସ୍ଥାପନ ହେବା ପରଠାରୁ ୧୭,୧୦୦ ହାଉସିଂ ଏବଂ ଭିତ୍ତିଭୂମି ପ୍ରକଳ୍ପକୁ ଋଣ ପ୍ରଦାନ କରିଛି। ଏହି ପ୍ରକଳ୍ପଗୁଡିକ ଲାଗି ମୋଟ ୨.୦୧ ଲକ୍ଷ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ହୁଡ୍‌କୋ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି। ସାରା ଦେଶରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୧୯.୩୪ ନିଯୁତ ବାସଗୃହ ନିର୍ମାଣରେ ଏହା ଯୋଗଦାନ ରଖିଛି। ଏଭଳି ସଫଳତା ସହ ହାଉସିଂ ପ୍ରଦାନରେ ହୁଡ୍‌କୋ ଏକ ପ୍ରମୁଖ ଫାସିଲିଟେଟର ଭାବେ ପରିଗଣିତ ହୋଇଛି।

୨୦୧୮-୧୯ରେ ଏଲଆଇଜି ଏବଂ ଇଡବ୍ଲ୍ୟୁଏସ୍ ବର୍ଗରେ ମୋଟ ୨୦.୬ ଲକ୍ଷ ୟୁନିଟ ବାସଗୃହକୁ ମଞ୍ଜୁରୀ ମିଳିଛି। ବିଭିନ୍ନ ଆନୁଷଙ୍ଗିକ ପ୍ରକଳ୍ପ ବାବଦକୁ ୧୬,୫୬୫ କୋଟି ଟଙ୍କା ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହା ୩୧,୦୧୦ କୋଟି ଟଙ୍କା ଋଣ ଦେବାକୁ ସକ୍ଷମ ହୋଇଛି। ଗତ ବର୍ଷ ପ୍ରଦାନ କରାଯାଇଥିବା ଋଣ ତୁଳନାରେ ଅଭିବୃଦ୍ଧି ୮୭% ରହିଛି। ୨୦୧୭ରେ ଏହା ଷ୍ଟକ ବଜାରରେ ପଞ୍ଜୀକୃତ ହୋଇଥିବା ବେଳେ ଟ୍ରିପଲ ଏ ରେଟିଂ ମାନ୍ୟତାକୁ ବଜାୟ ରଖିଛି। ୨୦୧୮ ଡିସେମ୍ବର ସୁଦ୍ଧା ହୁଡକୋର ମୋଟ ଏନ୍‌ପିଏ ୫.୮୨% ଏବଂ ନେଟ ଏନପିଏ ୦.୮୦% ରହିଛି। ଗୁଣବତ୍ତା ସହରାଞ୍ଚଳ ଭିତ୍ତିଭୂମି ବିକାଶ ଦିଗରେ ଏହା ନିରନ୍ତର ଭାବେ ଯୋଗଦାନ ରଖିଛି। ଏହାର ସାମାଜିକ ଏବଂ ବାଣିଜ୍ୟିକ ଭିତ୍ତିଭୂମି କ୍ଷେତ୍ରରେ ପ୍ରାୟ ୨୨୦୦ ଭିତ୍ତିଭୂମି ପ୍ରକଳ୍ପ ରହିଛି। ହୁଡ୍‌କୋ ପକ୍ଷରୁ ଓଡିଶା ସହରାଞ୍ଚଳ ଭିତ୍ତିଭୂମି ଫଣ୍ଡ ବୋର୍ଡକୁ ୨,୧୭୫ କୋଟି ଟଙ୍କାର ଋଣ ଦିଆଯାଇଥିବା ସୂଚନା ଦେଇଛି।



ଏମ୍.ରବି କାନ୍ତ।



"ଭାରତୀୟ ମହିଳା ଫୁଟ୍‌ବଲ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ୩ୟ ରାଉଣ୍ଡକୁ ପ୍ରବେଶ କରିବାରେ ବିଫଳ ହୋଇଥିଲେ ମଧ୍ୟ ଏତେ କମ୍ ବୟସରେ ଖେଳାଳିମାନେ ସେମାନଙ୍କ ଦକ୍ଷତା ପ୍ରତିପାଦିତ କରିଛନ୍ତି।

– ମେମୋଲ ରକି, ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



"'ଚେନ୍ନାଇ ଚେପକ୍ ପିଚ୍‌ର ଏଭଳି ଟ୍ରାକ୍‌ରେ ଆମେ ଖେଳିବାକୁ ଚାହୁଁନାହୁଁ। ଏଠାରେ ବହୁତ ଲୋ-ସ୍କୋରିଂ ହେବା ସହ ଆମ ବ୍ୟାଟ୍ସମ୍ୟାନଙ୍କ ପାଇଁ ଖେଳିବାକୁ କଷ୍ଟସାଧ୍ୟ ହେଉଛି।

– ମହେନ୍ଦ୍ର ସିଂ ଧୋନୀ, ଚେନ୍ନାଇ ସୁପର୍ କିଙ୍ଗ୍ସ ଅଧିନାୟକ

## ସଂକ୍ଷେପରେ

### ବେଟିଂରେ ୯ ଗିରଫ

ପ୍ରୟାଗରାଜ(ଉତ୍ତରପ୍ରଦେଶ),୧୦।୪- ଉତ୍ତରପ୍ରଦେଶ ପୋଲିସ ମଙ୍ଗଳବାର ପ୍ରୟାଗରାଜଠାରୁ କ୍ରିକେଟ ବେଟିଂରେ ଜଡ଼ିତ ୯ ଜଣଙ୍କୁ ଗିରଫ କରିଛି। ଏହି ଗ୍ରୁପ୍ ଆଇପିଏଲ ଅନ୍‌ଲାଇନ ମ୍ୟାଚ୍ ଫିକ୍ସିଂ କରୁଥିଲା। ଚଢ଼ାଉବେଳେ ସେମାନଙ୍କଠାରୁ ୩ ଲକ୍ଷ ୮୬ ହଜାର ଟଙ୍କା ସହ ୨୦ ମୋବାଇଲ, ୧ ଲାପ୍‌ଟପ ଓ ୨ ମୋଟର ବାଇକ୍ ଜବତ ହୋଇଛି ବୋଲି ଆଲ୍ଲାହାବାଦ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପାଲିସ ଅତୁଲ ଶର୍ମା କହିଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଛି।

### ଏସୀୟ ଯୁଥ୍ ଚେସ୍ ର୍ୟାପିଡ୍‌ରେ ଆରୁଷୀଙ୍କୁ ବ୍ରୋଞ୍ଜ



ଭୁବନେଶ୍ୱର, ୧୦।୪(କ୍ରୀଡ଼ା ପ୍ରତିନିଧି)- ଶ୍ରୀଲଙ୍କାରେ ଅନୁଷ୍ଠିତ ଏସୀୟ ଯୁଥ୍ ଚେସ୍ ଚାମ୍ପିୟନଶିପ୍‌ର ୧୦ ବର୍ଷରୁ କମ୍ ବାଳିକା ବିଭାଗ ର୍ୟାପିଡ୍‌ରେ ଓଡ଼ିଶାର ଆରୁଷୀ ଶ୍ରୀଚନ୍ଦନ ବ୍ରୋଞ୍ଜ ପଦକଲାଭ କରିଛନ୍ତି। ମୁଖ୍ୟ ପ୍ରତିଯୋଗିତାରେ ୯ ରାଉଣ୍ଡରୁ ୫ ବିଜୟ ଓ ୪ ପରାଜୟ ସହ ୫ ପଏଣ୍ଟ ପାଇଥିବା ଆରୁଷୀ ର୍ୟାପିଡ୍‌ରେ କିନ୍ତୁ ବାଜି ମାରିଛନ୍ତି। ଭୁବନେଶ୍ୱର ଦାରୁଠେଙ୍ଗ ନିବାସୀ ସିପ୍ରା ହରିଚନ୍ଦନ ଓ ଅଜିତ ଶ୍ରୀଚନ୍ଦନଙ୍କ କନ୍ୟା ଆରୁଷୀ ଓଡ଼ିଶା ଚେସ୍‌ର ଭବିଷ୍ୟତ ବିବେଚିତ ହେଉଛନ୍ତି। ଏହି ସଫଳତା ପାଇଁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆରୁଷୀଙ୍କୁ ଅଭିନନ୍ଦନ ଜଣାଯାଇଛି।

### ମେଘାଳୟଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୧୦।୪- ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ମୁକାବିଲାରେ ଓଡ଼ିଶା ୨-୩ ଗୋଲରେ ମେଘାଳୟଠାରୁ ପରାସ୍ତ ହୋଇଛି । ୭ମ ମିନିଟରେ ଚନ୍ଦ୍ର ମୁଦୁଲି ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ୪୦ତମ ମିନିଟରେ ମେଘାଳୟର ରାଇକୁତ ଶିଶା ବୁଆମଙ୍କ ଗୋଲ ବଳରେ ମ୍ୟାଚ ୧-୧ ସ୍ଥିତିରେ ପହଞ୍ଚିଥିଲା । ମାତ୍ର ପ୍ରଥମାର୍ଦ୍ଧ ଖେଳ ଅତିରିକ୍ତ ମିନିଟରେ ମେଘାଳୟର ଇନିଷ୍ଟାର ଏକ ଗୋଲ ଦେବା ଫଳରେ ଦଳ ୨-୧ରେ ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ଓଡ଼ିଶାର ପ୍ରଶାନ୍ତ ଶ୍ରୀହରିଙ୍କ ଗୋଲରେ ମ୍ୟାଚ ୨-୨ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ମେଘାଳୟର ରାଇକୁତ ୭୨ତମ ମିନିଟରେ ମ୍ୟାଚ୍ ବିଜୟୀ ଗୋଲ ସ୍କୋର କରିଥିଲେ ।

# କୋହଲିଙ୍କୁ ଲଗାତର ତୃତୀୟ ୱିସଡେନ ସମ୍ମାନ



ବିରାଟ କୋହଲି



ସ୍ମୃତି ମନ୍ଧନା

ଲଣ୍ଡନ,୧୦।୪(ପିଟି)

ୱିସଡେନ କ୍ରିକେଟର୍ସ ପୁରସ୍କାରରେ ଭାରତକୁ ଡବଲ ସଫଳତା ମିଳିଛି। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଓ ମହିଳା କ୍ରିକେଟର ସ୍ମୃତି ମନ୍ଧାନା 'ଲିଡିଂ କ୍ରିକେଟର ଅଫ୍ ଦି ଇୟର' ପୁରସ୍କାର ପାଇଛନ୍ତି। ପୂର୍ବରୁ ଆଇସିସି ପକ୍ଷରୁ କୋହଲି ଓ ମନ୍ଧାନାଙ୍କୁ ଗତବର୍ଷ ଲାଗି ଶ୍ରେଷ୍ଠ କ୍ରିକେଟର ଭାବେ ସମ୍ମାନିତ କରାଯାଇଥିଲା। ମନ୍ଧାନାଙ୍କୁ ଗତ ଡିସେମ୍ବରରେ ଆଇସିସି ଓମ୍ୟାନ କ୍ରିକେଟର ଓ ଓମ୍ୟାନ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ କୋହଲି ଟେଷ୍ଟ ଫର୍ମାଟର ଶୀର୍ଷ ର୍ୟାଙ୍କଧାରୀ ବ୍ୟାଟ୍ସମ୍ୟାନ ଭାବେ ବର୍ଷ ଶେଷ କରିବା ସହ ଆଇସିସି ଶ୍ରେଷ୍ଠ କ୍ରିକେଟର ସମ୍ମାନ ପାଇଥିଲେ। କୋହଲି କ୍ରମାଗତ ୩ୟ ଥର ଲାଗି 'ଲିଡିଂ କ୍ରିକେଟର ଅଫ୍ ଦି ଇୟର' ସମ୍ମାନର ଅଧିକାରୀ ହୋଇଛନ୍ତି। ସେ ଗତ ବର୍ଷ ସମସ୍ତ ଫର୍ମାଟରେ ମୋଟ ୨୭୩୫ ରନ୍ କରିଥିଲେ। ଭାରତୀୟ ଅଧିନାୟକ ୫ ଜଣିଆ ୱିସଡେନ କ୍ରିକେଟର ଅଫ୍ ଦି ଇୟର ତାଲିକାରେ ସ୍ଥାନ ପାଇଛନ୍ତି। ୩୦ ବର୍ଷୀୟ କୋହଲିଙ୍କ ବ୍ୟତୀତ ଇଂଲଣ୍ଡର ଟାମି ବେମାଉଣ୍ଟ, ଜୋସ ବଟଲର, ସାମ କୁରାନ ଓ ରୋରି ବର୍ନ୍ସ। ସର୍ବାଧିକ ଥର ୱିସଡେନ ସମ୍ମାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ଭାରତୀୟ ଅଧିନାୟକ ୩ୟ ସ୍ଥାନରେ ଅଛନ୍ତି। କିମ୍ବଦନ୍ତୀ ଡନ ବ୍ରାଡମ୍ୟାନ ୧୦ ଥର ଓ ଜ୍ୟାକ ହବ୍ସ ୮ ଥର ଏହି ସମ୍ମାନ ପାଇଥିଲେ। ଆଫଗାନିସ୍ତାନ ସ୍ପିନର ରଶିଦ ଖାଁ ଟି୨୦ କ୍ରିକେଟର ହେବାର ସୌଭାଗ୍ୟ ପାଇଛନ୍ତି। ୧୮୮୯ଠାରୁ କ୍ରିକେଟରଙ୍କୁ ୱିସଡେନ ପୁରସ୍କାରରେ ସମ୍ମାନିତ କରାଯାଉଛି।

■ ଲାଲରେମସିଆମିଙ୍କ ଗୋଲରେ ମାଲେସିଆ ପରାସ୍ତ

# ଭାରତ ସିରିଜ ବିଜୟୀ

କୁଆଲାଲମ୍ପୁର, ୧୦।୪

ଲାଲରେମସିଆମିଙ୍କ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ବୁଧବାର ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ ୫ ମ୍ୟାଚ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜକୁ ଭାରତ ଆଗୁଆ ଜିତି ନେଇଛି। ଭାରତ ପ୍ରଥମ ମ୍ୟାଚରେ ୩-୦ ଓ ଦ୍ୱିତୀୟ ମ୍ୟାଚରେ ୫-୦ ଗୋଲରେ ବିଜୟୀ ହୋଇଥିବାବେଳେ ତୃତୀୟ ମ୍ୟାଚଟି ୪-୪ ଗୋଲରେ ଡ୍ର ରହିଥିଲା। ୪ର୍ଥ ମ୍ୟାଚରେ ୧-୦ରେ ବିଜୟ ଅର୍ଥ ଭାରତ ସିରିଜରେ ଏପର୍ଯ୍ୟନ୍ତ ଅପରାଜେୟ ରହିବା ସହ ୩-୦ରେ ଅଗ୍ରଣୀଲାଭ କରିଛି। ଯୁବ ଖେଳାଳି ଲାଲରେମସିଆମି ମ୍ୟାଚର ୫୫ତମ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସିରିଜର ୫ମ ତଥା ଅନ୍ତିମ ମ୍ୟାଚ ଗୁରୁବାର ଖେଳାଯିବ।

ମାଲେସିଆ ପାଇଁ ଏହି ମ୍ୟାଚ କର ଅବା ମର ପରିସ୍ଥିତି ସୃଷ୍ଟି କରିଥିଲା। ପୂର୍ବ ମ୍ୟାଚ ଅପେକ୍ଷା ଏଥିରେ ଦଳ ଭଲ ପ୍ରଦର୍ଶନ ମଧ୍ୟ କରିଥିଲା। ଆକ୍ରମଣାତ୍ମକ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇଥିବା ମାଲେସିଆ ପ୍ରଥମ ମିନିଟରେ ହିଁ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା। ମାତ୍ର ଏହି ସିରିଜରେ ଭାରତୀୟ ଦଳର ଅଧିନାୟିକା ଦାୟିତ୍ୱ ତୁଲାଉଥିବା ଗୋଲକିପର ସବିତା ଏହାକୁ ସେଭ୍ କରି ନେଇଥିଲେ। ଏହାର ୧ ମିନିଟ ପରେ ଭାରତ ମଧ୍ୟ ଗୋଟିଏ ପେନାଲ୍ଟି କର୍ଣ୍ଣର ପାଇଥିଲା। ମାତ୍ର ତାହା ମଧ୍ୟ ଗୋଲରେ ପରିଣତ ହୋଇପାରି ନ ଥିଲା। ତାରକା ଡ୍ରାଗ୍ ଫ୍ଲିକର ଗୁରଜିତ କୌର ଆହତ ଯୋଗୁ ମାଲେସିଆ ଗସ୍ତରେ ଆସିପାରି ନ ଥିବାରୁ ଭାରତ ପେନାଲ୍ଟି କର୍ଣ୍ଣର କନ୍‌ଭରଶନ ପାଇଁ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଛି। ଏହି ମ୍ୟାଚରେ ଭାରତ ୫ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ଏଥିରୁ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିଲା। ମାତ୍ର ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରି ଦଳ ମାଲେସିଆ ଉପରେ ଚାପ ପକାଇବାରେ ସକ୍ଷମ ହୋଇଥିଲା। ଆକ୍ରମଣ ପ୍ରତି ଆକ୍ରମଣ ମଧ୍ୟରେ ପ୍ରଥମ ୩ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭାରତ ପାଇଁ ବିଜୟ ସୂଚକ ଗୋଲ ଦେଇଥିଲେ ଲାଲରେମସିଆମି। ଗୋଲ ପାଇଁ ନଭନୀତ କୌର କ୍ଷେତ୍ର ପ୍ରସ୍ତୁତ କରିଥିବାବେଳେ ଲାଲରେମସିଆମି ଡାଇଭ୍ ମାରି ଏହାକୁ ଅନ୍ତିମ ରୂପ ଦେଇଥିଲେ। " ଆମେ ତୃତୀୟ ଓ ୪ର୍ଥ କ୍ୱାର୍ଟରରେ ଭଲ ଖେଳି ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲୁ। ଆଗାମୀ ମ୍ୟାଚରେ ଦଳ ଅଧିକ ଭଲ ଖେଳିବାକୁ ଚେଷ୍ଟା କରିବ" ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। ଦଳ ବିଜୟ ହାସଲ କରିଛି ସତ ମାତ୍ର ଯଥା ସମ୍ଭବ କମ୍ ତ୍ରୁଟି ଏବଂ ଉତ୍ସାହର ସହିତ ଖେଳ ମୁଁ ଚାହେଁ। ଆମେ ଯଦି ଠିକ୍‌ଭାବେ ପ୍ରତିପକ୍ଷ ବକ୍ସ ଏରିଆ ମଧ୍ୟରେ ଖେଳିବୁ ତେବେ ବିଜୟ ନିଶ୍ଚିତ ସମ୍ଭବ ହେବ। ଗୁରୁବାର ଶେଷ ମ୍ୟାଚରେ ଆମେ ସେହି ରଣନୀତିରେ ଖେଳିବୁ ବୋଲି ମାରିଜନେ ପ୍ରକାଶ କରିଛନ୍ତି।



ଭାରତ ପକ୍ଷରୁ ମ୍ୟାଚ୍ ବିଜୟୀ ଏକମାତ୍ର ଗୋଲ ସ୍କୋର କରିଥିବା ଲାଲରେମସିଆମି (ବାମ)।

# ସିନ୍ଧୁ, ସାଇନାଙ୍କ ବିଜୟ ଅଭିଯାନ

ସିଙ୍ଗାପୁର ଓପନ୍

ସିଙ୍ଗାପୁର,୧୦।୪(ପିଟି)

ଷ୍ଟାର ଭାରତୀୟ ଶଟ୍‌ଲର ପିଭି ସିନ୍ଧୁ, ସାଇନା ନେହ୍ୱାଲ ଓ କିଡାମ୍ବୀ ଶ୍ରୀକାନ୍ତ ଏଠାରେ ଚାଲିଥିବା ୩ ଲକ୍ଷ ୫୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ସିଙ୍ଗାପୁର ଓପନ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ୪ର୍ଥ ସିଡ୍ ସିନ୍ଧୁ ୨୧-୯, ୨୧-୭ ଗେମ୍‌ରେ ଇଣ୍ଡୋନେସିଆର ଲ୍ୟାନି ଆଲେସାଣ୍ଡର ମେନକିଙ୍କୁ ହରାଇ ଦେଇଛନ୍ତି। ଏହି ସହଜ ବିଜୟ ଲାଗି ତାଙ୍କୁ ମାତ୍ର ୨୭ ମିନିଟ୍ ସମୟ ଲାଗିଥିଲା। ସେହିଭଳି ୬ଷ୍ଠ ସିଡ୍ ସାଇନା ୨୧-୧୬, ୨୧-୧୧ ଗେମ୍‌ରେ ୟୁଲିଆ ୟୋସେପିନ୍‌ଙ୍କୁ ପରାସ୍ତ କରିଛନ୍ତି। ରିଓ ଅଲିମ୍ପିକ୍ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ଡେନ୍‌ମାର୍କର ମିଆ ବ୍ଲିଚଫିଲ୍ଡଙ୍କୁ ଭେଟିବେ। ସେହିଭଳି ପୂର୍ବତନ ଶୀର୍ଷ ର୍ୟାଙ୍କଧାରୀ ସାଇନାଙ୍କ ପରବର୍ତ୍ତୀ ରାଉଣ୍ଡରେ ଥାଇଲାଣ୍ଡର ପୋର୍ନପାୱି ଚୋଉଛୁ ୱଙ୍ଗ୍‌ଙ୍କୁ ଭେଟିବେ। ଗତ ମାଲେସିଆ ଓପନର ପ୍ରଥମ ରାଉଣ୍ଡରେ ୱଙ୍ଗ୍‌ଙ୍କଠାରୁ ସାଇନା ପରାଜୟବରଣ କରିଥିଲେ। ତେଣୁ ସାଇନାଙ୍କ ନିକଟରେ ଏହି ପରାଜୟର ପ୍ରତିଶୋଧ ନେବାର ସୁଯୋଗ ରହିଛି। ଅନ୍ୟଏକ ମ୍ୟାଚ୍‌ରେ ୱଙ୍ଗ୍ ୨୧-୬, ୨୧-୮ରେ ଉଦୀୟମାନ ଭାରତୀୟ ଖେଳାଳି ମୁଗ୍ଧା ଆଗରେଙ୍କୁ ୨୧-୬, ୨୧-୮ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚ୍‌ରେ ୬ଷ୍ଠ ସିଡ୍ ଶ୍ରୀକାନ୍ତ ୨୧-୧୭, ୨୧-୧୮ ଗେମରେ ଥାଇଲାଣ୍ଡର ସିଥିକମ୍ ଥମ୍ମାସିନଙ୍କୁ ହରାଇଛନ୍ତି। ଡେନମାର୍କର ହନ୍ସ-କ୍ରିଷ୍ଟେନ ଓ ଶ୍ରୀକାନ୍ତଙ୍କ ମଧ୍ୟରେ ୨ୟ ରାଉଣ୍ଡ ମୁକାବିଲା ଅନୁଷ୍ଠିତ ହେବ। ତେବେ ପୁରୁଷ ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ଅଭିଯାନ ପ୍ରଥମ ରାଉଣ୍ଡରୁ ଶେଷ ହୋଇଛି।



ରିଟର୍ନ ଶଟ୍ ଖେଳିବା ଅବସରରେ ପି.ଭି ସିନ୍ଧୁ।

### ଜାତୀୟ କ୍ୟାମ୍ପ୍‌ରେ ଯୋଗ ଦେବେନି ଦୀପା

ନୂଆଦିଲ୍ଲୀ, ୧୦।୪(ପି.ଟି.)

ଆଘାତଜନିତ କାରଣ ଯୋଗୁ ଷ୍ଟାର୍ ଭାରତୀୟ ଜିମ୍ନାଷ୍ଟ ଦୀପା କର୍ମାକର ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଏପ୍ରିଲ ୧୨ ଓ ୧୩ ଦୁଇଦିନ ଧରି ହେବାକୁ ଥିବା ଜାତୀୟ କ୍ୟାମ୍ପ୍‌ରେ ଯୋଗ ଦେଇପାରିବେ ନାହିଁ। ତେବେ ଆଗାମୀ ଏସିଆନ ଚାମ୍ପିୟନଶିପ୍ ଓ ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତା ପାଇଁ ଟ୍ରାଏଲ୍ସ ଓ ମନୋନୟନରେ ସେ ଯୋଗ ଦେବେ। ଗତ ମାସରେ ବକୁଠାରେ ଅନୁଷ୍ଠିତ ହୋଇଥିବା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବିଶ୍ୱକପ୍ ସମୟରେ ଦୀପାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଏହାପରେ ସେ ଦୋହା ବିଶ୍ୱକପ୍‌ରୁ ଓହରିଯିବା ସହ ବର୍ତ୍ତମାନ ସୁସ୍ଥ ହେବାପାଇଁ ଅଗରତାଲାଠାରେ ରିହାବିଲେଶନରେ ରହିଛନ୍ତି। 'ଦୀପା ଏହି ଟ୍ରାଏଲ୍ସରେ ଅଂଶଗ୍ରହଣ କରିପାରିବେ ନାହିଁ। ତେବେ ଏସିଆନ ଓ ବିଶ୍ୱ ଚାମ୍ପିୟନଶିପ୍ ଟିମ୍ ଚୟନ ପାଇଁ ହେବାକୁ ଥିବା ଓପନ୍ ଟ୍ରାଏଲ୍ସରେ ସେ ଯୋଗ ଦେବେ' ବୋଲି ଦୀପାଙ୍କ କୋଚ୍ ବିଶ୍ୱେଶ୍ୱରୀ ନନ୍ଦୀ କହିଛନ୍ତି। ଟ୍ରାଏଲ୍ସ ବେଳକୁ ସେ ଫିଟ୍ ହୋଇଯାଇଥିବେ ବୋଲି ନନ୍ଦୀ ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ଏସିଆନ ଚାମ୍ପିୟନଶିପ୍ ଜୁନ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ମଙ୍ଗୋଲିଆଠାରେ ଅନୁଷ୍ଠିତ ହେବ। ସେହଭଳି ଅକ୍ଟୋବର ୪ରୁ ୧୩ ପର୍ଯ୍ୟନ୍ତ ଜର୍ମାନୀରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି। ଅପରପକ୍ଷରେ ଆସନ୍ତା ମେ ୩ରୁ ପୁନେର ବାଲେୱାଡିଠାରେ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ସିନିୟର ଓ ଜୁନିୟର ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ନିଷ୍ପତ୍ତି ନେଇଛି।

# ମେ ୧୩ରୁ ବିଦ୍ରୋହୀ କବାଡ଼ି ଲିଗ୍



ଲୋଗୋ ଉନ୍ମୋଚନ ଅବସରରେ ବୀରେନ୍ଦ୍ର ସେହ୍ୱାଗ।

ନୂଆଦିଲ୍ଲୀ,୧୦।୪(ପି.ଟି.)

ମେ ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡୋ ଇଣ୍ଟରନ୍ୟାଶନାଲ ପ୍ରିମିୟର କବାଡ଼ି ଲିଗ୍(ଆଇପିକେଏଲ୍)ର ପ୍ରାରମ୍ଭିକ ସଂସ୍କରଣ। ନୂଆକରି ଗଠିତ ହୋଇଥିବା ନୂଆ କବାଡ଼ି ଫେଡେରେଶନ ଅଫ ଇଣ୍ଡିଆ (ଏନ୍‌କେଏଫଆଇ) ଆନୁକୂଲ୍ୟରେ ୮ଟି ସହର ପର୍ଯ୍ୟବସିତ ଫ୍ରାଞ୍ଚାଇଜକୁ ନେଇ ଏହି ଲିଗ୍ ଆୟୋଜନ ହେବ। ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ପରିଯୋଜନାକୁ ସମର୍ଥନ କରିଛନ୍ତି। ଏଥିରେ ୧୬୦ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏମାନଙ୍କ ମଧ୍ୟରେ ୧୪୪ଜଣ ଭାରତୀୟ ଓ ୧୬ଜଣ ବିଦେଶୀ ଖେଳାଳି ସାମିଲ ରହିବେ। ଫ୍ରାଞ୍ଚାଇଜ୍‌ଗୁଡିକ ହେଉଛି ବାଙ୍ଗାଲୋର ରାଇନୋସ, ଚେନ୍ନାଇ ଚ୍ୟାଲେଞ୍ଜର୍ସ, ଦିଲେର ଦିଲ୍ଲୀ, ତେଲୁଗୁ ବୁଲ୍ସ, ପୁନେ ପ୍ରାଇଡ, ହରିୟାଣା ହିରୋଜ, ମୁମ୍ବାଇ ଜେ ରାଜେ ଓ ରାଜସ୍ଥାନ ରାଜପୁତସ୍। ଖେଳାଳିମାନେ ପାଉଣା ଓ ପୁରସ୍କାର ରାଶି ସହିତ ଲିଗ୍‌ରେ ଆମଦାନୀ ହେବାକୁ ଥିବା ଅର୍ଥର ୨୦ ପ୍ରତିଶତ ହାସଲ କରିବେ।

ତେବେ ପ୍ରକୃତ ସମସ୍ୟା ହେଉଛି ଏନ୍‌କେଏଫଆଇ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସ୍ୱୀକୃତି ପାଇନାହିଁ। ତେବେ ଏନେଇ ଆଇଓଏକୁ ଆନୁଷ୍ଠାନିକ ଭାବେ ଆବେଦନ କରାଯାଇଛି। ଯେପର୍ଯ୍ୟନ୍ତ ଏହି ଲିଗ୍‌କୁ ସ୍ୱୀକୃତି ନ ମିଳିଛି ସେ ପର୍ଯ୍ୟନ୍ତ ଏହି ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିମାନେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିପାରିବେ ନାହିଁ। ଏହି ଲିଗ୍‌ର ସିଧା ପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଛି।

ଆଇପିକେଏଲ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦ଟି ମ୍ୟାଚ୍ ଖେଳାଯିବ। ମେ ୧୩ରୁ ୨୧ ତାରିଖ ମଧ୍ୟରେ ପୁନେର ବାଲେୱାଡ଼ି ଷ୍ଟାଡିୟମରେ ଏହି ମ୍ୟାଚ୍‌ଗୁଡିକ ଖେଳାଯିବ। ସେହିପରି ମେ ୨୪ରୁ ୨୯ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ମହୀଶୂରର ଚାମୁଣ୍ଡାଇ ବିହାର ଷ୍ଟାଡିୟମରେ ଖେଳାଯିବ। ସେହିପରି ଲିଗ୍‌ର ଅନ୍ତିମ ପର୍ଯ୍ୟାୟ ଜୁନ ୧ରୁ ଆରମ୍ଭ ହେବ ଓ ଏଥିରେ ୭ଟି ମ୍ୟାଚ୍ ଖେଳାଯିବ। କାନ୍ତିରାଭା ଷ୍ଟାଡିୟମରେ ଜୁନ୍ ୪ ତାରିଖରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଆୟୋଜନ କରାଯିବ।

# ଅମ୍ବୁଡ୍‌ସମ୍ୟାନଙ୍କ ନିକଟରେ ହାଜର ହୋଇପାରନ୍ତି ଗାଙ୍ଗୁଲି

ନୂଆଦିଲ୍ଲୀ,୧୦।୪ (ପି.ଟି.)

କନ୍‌ଫ୍ଲିକ୍ଟ ଅଫ ଇଣ୍ଟରେଷ୍ଟ ବା ସ୍ୱାର୍ଥ ଜନିତ ଦ୍ୱନ୍ଦ୍ୱ ଅଭିଯୋଗର ସମ୍ମୁଖୀନ ହୋଇଥିବା କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଧ୍ୟକ୍ଷ ତଥା ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅମ୍ବୁଡ୍‌ସମ୍ୟାନଙ୍କ ନିକଟରେ ବ୍ୟକ୍ତିଗତ ଭାବେ ହାଜର ହୋଇପାରନ୍ତି। ତେବେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସର ଡଗ୍‌ଆଉଟ୍‌ରେ ବସିବାରେ ତାଙ୍କୁ ରୋକାଯାଇପାରିବ ନାହିଁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ଦିଲ୍ଲୀ ଦଳ ପାଇଁ ଗାଙ୍ଗୁଲି ଉପଦେଷ୍ଟା ଭାବେ କାର୍ଯ୍ୟକରୁଛନ୍ତି। କୋଲକାତାରେ ୧୨ ତାରିଖ ଦିନ ଦିଲ୍ଲୀ ଓ ନାଇଟ୍ ରାଇଡର୍ସ ପରସ୍ପରକୁ ଭେଟିବେ। ଅବସରପ୍ରାପ୍ତ ବିଚାରପତି ଡି.କେ. ଜୈନ ଏନେଇ ଅନ୍ତି ନିଷ୍ପତ୍ତି ନେବା ପୂର୍ବରୁ ଗାଙ୍ଗୁଲି ନେଇ ଶୁଣାଣି କରିବେ।

ଉଲ୍ଲେଖଥାଉ କି, କୋଲକାତାର ପ୍ରଶଂସକ ଭାସ୍ୱତି ସାଣ୍ଟୁଆ, ରଞ୍ଜିତ୍ ସିଲ ଓ ଅଭିଜିତ ମୁଖାର୍ଜୀ ବିସିସିଆଇ ଅମ୍ବୁଡ୍‌ସମ୍ୟାନ ତଥା ଏଥିକ୍ସ ଅଫିସର ଡି.କେ. ଜୈନଙ୍କୁ ଗାଙ୍ଗୁଲି ଦୁଇଟ ପଦବୀ ରହିବା କଥା ସୂଚାଇଥିଲେ ଓ ଏହା ସ୍ୱାଥ ଜନିତ ଦ୍ୱନ୍ଦ୍ୱକୁ ସୂଚାଉଛି ବୋଲି ଲିଖିତ ଆକାରରେ ଜଣାଇଥିଲେ। ତେବେ ଏଭଳି ଅଭିଯୋଗକୁ ଗାଙ୍ଗୁଲି ସ୍ପଷ୍ଟ ଭାବେ ଖଣ୍ଡନ କରିଛନ୍ତି। ଗାଙ୍ଗୁଲିଙ୍କୁ ଦିଲ୍ଲୀ ଡଗ୍‌ଆଉଟ୍‌ରେ ବସିବା ପାଇଁ କେହି ରୋକିପାରିବେନି ଓ ଏଥିପାଇଁ କୌଣସି ନିୟମ ବା ଆଇନ୍ ଗାଙ୍ଗୁଲିଙ୍କ ବିରୋଧରେ ଯିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ଗାଙ୍ଗୁଲିଙ୍କ ବିରୋଧରେ ସ୍ୱାର୍ଥ ଜନିତ ଦ୍ୱନ୍ଦ୍ୱ ନାହିଁ ବୋଲି ବୋର୍ଡର ଏକାଧିକ ସଦସ୍ୟ ବିଶ୍ୱାସ କରନ୍ତି। ସେ ବିନ ଦ୍ୱିଧାରେ ଦୁଇଟି ଦାୟିତ୍ୱ ତୁଲାଇପାରିବେ ବୋଲି କୁହାଯାଇଛି।



ବୁଧବାର କଳିଙ୍ଗ ଷ୍ଟାଡିୟମରେ ସୁପର କପ୍‌ର ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇନ୍ ଏଫ୍‌ସି ଓ ଆଟଲେଟିକୋ ଡି କୋଲକାତା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଗୋଆ-ଚେନ୍ନାଇନ୍ ଫାଇନାଲ

ସୁପର କପ୍ ଫୁଟବଲ

ଭୁବନେଶ୍ୱର, ୧୦।୪(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଏଫସି ଗୋଆ ଓ ଚେନ୍ନାଇନ୍ ଏଫସି ମଧ୍ୟରେ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇନ୍ ୨-୦ ଗୋଲରେ ଆଟଲେଟିକୋ ଡି କୋଲକାତା (ଏଟିକେ)କୁ ପରାସ୍ତ କରିଛି। ଏଥିସହ କୋଲକାତା ଦଳର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏଫ୍‌ସି ଗୋଆ ୩-୦ ଗୋଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଜନ୍ ଗ୍ରେଗୋରିଙ୍କ ପ୍ରଶିକ୍ଷଣପ୍ରାପ୍ତ ଚେନ୍ନାଇନ୍‌କୁ କଡ଼ା ଟକ୍କର ଦେଇଥିଲା ଷ୍ଟିଭ୍ କୋପେଲଙ୍କ କୋଲକାତା। ଉଭୟ ଦଳ ଅନେକ ସୁଯୋଗ ପାଇଥିଲେ ହେଁ ଉପଯୁକ୍ତ ଫିନିଶିଂ ଅଭାବରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ଗୋଲଶୂନ୍ୟ ରହିଥିଲା। ଉଭୟ ଦଳ ଅଗ୍ରଣୀ ନେବା ଲକ୍ଷ୍ୟରେ ଥିବାରୁ ସ୍ୱାଭାବିକ ଭାବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉତ୍ତେଜନାପୂର୍ଣ୍ଣ ରହିଥିଲା। ୫୦ତମ ମିନିଟରେ ସି.କେ. ଭିନିଥ ହେଡ୍ ଜରିଆରେ ଗୋଲ ଦେଇ ଚେନ୍ନାଇନ୍‌କୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ ପାଇଁ ଏଟିକେ ଆକ୍ରମଣକୁ ଜୋରଦାର କରିଥିଲା। ବଲୱନ୍ତ ସିଂ ଏହାର ନେତୃତ୍ୱ ନେଇଥିଲେ ହେଁ ପ୍ରତିପକ୍ଷ ଦଳର ଦୃଢ଼ ରକ୍ଷଣଭାଗ ଏବଂ ଚମତ୍କାର ଗୋଲକିପିଂ ପାଇଁ ଏଟିକେ ଗୋଲ ଦେଇପାରି ନ ଥିଲା। ୫୮ତମ ମିନିଟରେ ଅନିରୁଦ୍ଧ ଥାପ୍ପା ଗୋଲ ଦେଇ ଚେନ୍ନାଇନ୍ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ପରବର୍ତ୍ତୀ ୨୨ ମିନିଟ ଏବଂ ଇଞ୍ଜୁରି ଟାଇମ୍‌ରେ କୋଲକାତା ଶତଚେଷ୍ଟା କରିମଧ୍ୟ ଗୋଲ ପରିଶୋଧ କରିପାରି ନ ଥିଲା। ଗତବର୍ଷ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଚେନ୍ନାଇନ୍‌ର ଅଭିଯାନ ପ୍ରି-କ୍ୱାର୍ଟର ଫାଇନାଲରୁ ଶେଷ ହୋଇଥିଲା। ଦଳ ଆଇଜଲ ଏଫ୍‌ସି ବିପକ୍ଷ ମ୍ୟାଚକୁ ୨-୨ରେ ଡ୍ର ରଖିଥିଲେ ହେଁ ପେନାଲ୍ଟି ଶୁଟ୍ ଆଉଟରେ ୩-୫ ଗୋଲରେ ପରାଜିତ ହୋଇଥିଲା। ସେହିପରି ଏଟିକେ ମଧ୍ୟ ପ୍ରି-କ୍ୱାର୍ଟରରେ ଗୋଆଠାରୁ ୧-୩ ଗୋଲରେ ହାରି ବିଦାୟ ନେଇଥିଲା। ଏଥର ଚେନ୍ନାଇନ୍ ବିପକ୍ଷେ ଫାଇନାଲିଷ୍ଟ ଏଫସି ଗୋଆ ଗତ ସଂସ୍କରଣର ସେମିଫାଇନାଲରେ ଇଷ୍ଟବେଙ୍ଗଲଠାରୁ ୦-୧ ଗୋଲରେ ହାରି ବିଦା ହୋଇଥିଲା। ଏଥର ଦୁଇ ଦଳ ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଥିବାରୁ ଶନିବାର ମ୍ୟାଚ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ହେବା ଆଶା।

## ଆଜିର ମ୍ୟାଚ

ରାଜସ୍ଥାନ ରୟାଲ୍ସ
ବନାମ
ଚେନ୍ନାଇ ସୁପରକିଙ୍ଗ୍ସ



ପ୍ରସାରଣ
ସ୍ଥାନ : ଜୟପୁର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

"ଦିଲ୍ଲୀ କ୍ୟାପିଟାଲ୍ସ ଏକ ଯୁବ ଦଳ। ମ୍ୟାଚ୍ ଫିନିଶିଂ କରିବାର ଦକ୍ଷତା ସେମାନଙ୍କ ନିକଟରେ ଅଭାବ ରହିଛି। ଗୁରୁତ୍ୱପୂର୍ଣ୍ଣ ସମୟକୁ କବ୍ଜା କରିପାରିଲେ ଆମେ ନିଶ୍ଚୟ ମ୍ୟାଚ୍ ଜିତିପାରିବୁ।
– କାଗିସୋ ରାବାଡା, ଦିଲ୍ଲୀ କ୍ୟାପିଟାଲ୍ସ ଦ୍ରୁତ ବୋଲର




"ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ ଆନ୍ଦ୍ରେ ରସେଲ ଯେଉଁଭଳି ବ୍ୟାଟିଂ ପ୍ରଦର୍ଶନ କଲେ ସମସ୍ତ ଶ୍ରେୟ ତାଙ୍କୁ ଦିଆଯିବ। ଏହି ମ୍ୟାଚ୍‌ରେ ସେ ଜଣେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଭଳି ଖେଳିଥିଲେ ।
– ଦୀନେଶ କାର୍ତ୍ତିକ, କୋଲକାତା ନାଇଟ୍ ରାଇଡର୍ସ ଅଧିନାୟକ



# ଶୀର୍ଷକୁ ଫେରିଲା ଚେନ୍ନାଇ

ଚେନ୍ନାଇ,୧୦।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୩ତମ ମ୍ୟାଚ୍‌ରେ ଘରୋଇ ଚେନ୍ନାଇ ସୁପର କିଙ୍ଗ୍ସ ୧୬ଟି ବଲ ବାକିଥାଇ ୭ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ଲୋ– ସ୍କୋରିଂ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ୯ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ୧୭.୨ ଓଭରରେ ୩ ଉଇକେଟ ହରାଇ ୧୧୧ ରନ କରି ବିଜୟ ହାସଲ କରିଥିଲା। ଏହି ବିଜୟ ସହ ଚେନ୍ନାଇ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୧୦ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷକୁ ଫେରିଛି। ୨୦ ରନ ଦେଇ ମୂଲ୍ୟବାନ ୩ ଉଇକେଟ ହାସଲ କରିଥିବା ଚେନ୍ନାଇ ବୋଲର ଦୀପକ ଚହର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୦୯ ରନର ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ସତର୍କତାର ସହ ଆରମ୍ଭ କରିଥିଲା। ଓପନର ଶେନ ୱାଟସନ ୧୭ ଓ ସୁରେଶ ରାଇନା ୧୪ ରନ କରିଥିବା ବେଳେ ସୁନୀଲ ନାରିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦୁର୍ବଳ ଫର୍ମ ଦେଇ ଗତି କରୁଥିବା ଅମ୍ବାତି ରାୟୁଡୁ ୩୧ଟି ବଲର ସମ୍ମୁଖୀନ ହୋଇ ମାତ୍ର ୨୧ ରନ କରି ପୀୟୂଷ ଚାୱଲାଙ୍କ ଦ୍ୱାର ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟ ଯୋଡିରେ ରାୟୁଡୁ ଓ ଫାଫ୍ ଡୁପ୍ଲେସି ୪୬ ରନ ସଂଗ୍ରହ କରିଥିଲେ। ଡୁପ୍ଲେସି ୪୫ ବଲରୁ ୩ ଚୌକା ସହ ୪୩ ଓ କେଦାର ଯାଦବ ୮ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୭ ବଲରୁ ଅପରାଜିତ ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ କୋଲକାତା ତରଫରୁ ନାରିନ ୨ ଓ ଚାୱଲା ଗୋଟିଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ୩ଜଣଙ୍କୁ ବାଦ୍ ଦେଲେ ବାକି ୮ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦଳ ଏକଦା ୪୭ ରନରେ ୬ ଉଇକେଟ ହରାଇଥିଲା। ତେବେ ଆନ୍ଦ୍ରେ ରସେଲ ଧୈର୍ଯ୍ୟପୂର୍ଣ୍ଣ ୫୦ ରନ (୪୪ ବଲ, ୫ ଚୌକା, ୩ ଛକା)ର ଅପରାଜିତ ଇନିଂସ ଖେଳି ଦଳର ସ୍କୋରକୁ ୧୦୦ ରନ ପାରି କରିଥିଲେ। ଅଧିନାୟକ ଦୀନେଶ କାର୍ତ୍ତିକ ୧୯ ଓ ରବିନ ଉଥପ୍ପା ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। କ୍ରିସ୍ ଲିନ୍, ଇନ୍‌ଫର୍ମ ନୀତୀଶ ରାଣା, କୁଲଦୀପ ଯାଦବ ଓ ପ୍ରସିଦ୍ଧା କ୍ରିଷ୍ଣା ଖାତା ଖୋଲିପାରି ନ ଥିଲେ। ସୁନୀଲ ନାରିନ ୬, ଶୁବମନ ଗିଲ ୯, ପୀୟୂଷ ଚାୱଲା ୮ ରନକରି ଆଉଟ ହୋଇଥିବା ବେଳେ ହ୍ୟାରୀ ଗର୍ନି ୧ ରନ କରି ଅପରାଜିତ ରହିଥିଲେ। ଦଶମ ଉଇକେଟ ଯୋଡିରେ ରସେଲ ଓ ଗର୍ନି ୨୧ ବଲରୁ ଅପରାଜିତ ୨୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଦୀପକ ଚହର ସର୍ବାଧିକ ୩, ହରଭଜନ ସିଂ ଓ ଇମ୍ରାନ ତାହିର ଦୁଇଟି ଲେଖାଏ, ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ଚହର।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୦୮/୯ (ରସେଲ- ୫୦*, କାର୍ତ୍ତିକ- ୧୯, ଉଥାପ୍ପା- ୧୧, ଚହର- ୩/୨୦, ହରଭଜନ-୨/୧୫, ଇମ୍ରାନ ତାହିର- ୨/୨୧ )।

ଚେନ୍ନାଇ ସୁପର କିଙ୍ଗ୍ସ ୧୭.୨ ଓଭରରେ ୧୧୧/୩ (ଡୁପ୍ଲେସି- ୪୩*, ରାୟୁଡୁ- ୨୧, ୱାଟସନ- ୧୭, ରାଇନା- ୧୪, କେଦାର- ୮*, ନାରିନ- ୨/୨୪, ଚାୱଲା- ୧/୨୮)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୬ | ୫ | ୧ | ୧୦ | +୦.୩୧୦ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୬୧୪ |
| କିଙ୍ଗ୍ସ ଇଲେଭେନ | ୬ | ୪ | ୨ | ୮ | -୦.୦୬୧ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | ୦.୩୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୫ | ୧ | ୪ | ୨ | -୦.୮୪୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | -୧.୪୫୩ |

# ୧୧ ବର୍ଷରେ ପ୍ରଥମଥର

ମୁମ୍ବାଇ, ୧୦।୪(ପି.ଟି.)

ଆଇସିସି ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ ଦଳ ଆସନ୍ତା ୧୫ରେ ଘୋଷଣା ହେବ। ତେବେ ଏହାର ୫ ଦିନ ପୂର୍ବରୁ ଦଳର ଉପଅଧିନାୟକ ରୋହିତ୍ ଶର୍ମାଙ୍କ ଆହତ ସମସ୍ୟା ଜାତୀୟ ଚୟନକର୍ତ୍ତାଙ୍କୁ ଚିନ୍ତାରେ ପକାଇଛି। ବୁଧବାର ଆଇପିଏଲ୍‌ରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍‌ଙ୍କୁ ବାଦ୍ ଦିଆଯାଇଛି। ରୋହିତ୍‌ଙ୍କ ଡାହାଣ ଗୋଡ଼ର ମାଂସପେଶୀରେ ଆଘାତ ଲାଗିଥିବା ଜଣାପଡ଼ିଛି। ଏଥିସହ ରୋହିତ୍ ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ପ୍ରଥମଥର ଲାଗି କୌଣସି ଆଇପିଏଲ୍ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ଶେଷଥର ପାଇଁ ସେ ଡେକାନ ଚାର୍ଜସ ପକ୍ଷରୁ ଖେଳୁଥିବାବେଳେ ରୋହିତ୍ ଏକ ମ୍ୟାଚ୍ ଖେଳିପାରି ନ ଥିଲେ। 'ମଙ୍ଗଳବାର ଟ୍ରେନିଂ ସମୟରେ ରୋହିତ୍‌ଙ୍କ ଡାହାଣ ଗୋଡ଼ ମାଂସପେଶୀରେ ଆଘାତ ଲାଗିଥିଲା। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ସେ ଶ୍ରୀଘ୍ର ଆରୋଗ୍ୟ ଲାଭ କରୁଥିବା ଜଣାପଡୁଛି। କିନ୍ତୁ କୌଣସି ରିକ୍ସ ନ ଉଠାଇବା ଲାଗି ତାଙ୍କୁ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରୁ ବିଶ୍ରାମ ଦେବାକୁ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି' ବୋଲି ଦଳ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ରୋହିତ୍‌ଙ୍କ ସ୍ଥାନରେ କିରନ ପୋଲାର୍ଡଙ୍କୁ ଏହି ମ୍ୟାଚ୍ ଲାଗି ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଭାରତୀୟ ଦଳରେ ଅଧିନାୟକ ବିରାଟ କୋହଲିଙ୍କ ପରେ ରୋହିତ୍ ଦ୍ୱିତୀୟ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ହେଉଛନ୍ତି। ତେଣୁ ବିଶ୍ୱକପ୍ ପୂର୍ବରୁ କୋଚ୍ ରବି ଶାସ୍ତ୍ରୀ ଓ ଫିଜିଓ ପାଟ୍ରିକ ରୋହିତ୍‌ଙ୍କ ଉପରେ କଡ଼ା ନଜର ରଖିଛନ୍ତି।



ରୋହିତ ଶର୍ମା

## ସଂକ୍ଷେପରେ

### ଦୀପକ ଚହରଙ୍କ ଅଜବ ରେକର୍ଡ

ଚେନ୍ନାଇ,୧୦।୪- ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପେସର ଦୀପକ ଚହର ଆଇପିଏଲ ଇତିହାସରେ ଏକ ଇନିଂସରେ ସର୍ବାଧିକ ସଂଖ୍ୟକ ଡଟ୍ ପକାଇବାର ରେକର୍ଡ ଅଧିକାରୀ ହୋଇଛନ୍ତି। ସେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷରେ ୪ ଓଭର ବୋଲିଂ କରି ୨୦ ରନ୍ ବ୍ୟୟରେ ୩ ଉଇକେଟ ନେଇଥିଲେ। ତାଙ୍କର ଏହି ସ୍ପେଲରେ ୨୦ଟି ଡଟ୍ ବଲ ସାମିଲ ଥିଲା। ଚହର ସନରାଇଜର୍ସ ହାଇଦ୍ରାବାଦ୍ ସ୍ପିନର ରଶିଦ ଖାଁ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ପେସର ଅଙ୍କିତ ରାଜପୁତଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହି ଦୁଇ ବୋଲର ନିଜ ସ୍ପେଲରେ ୧୮ଟି ଡଟ୍ ବଲ ପକାଇଥିଲେ। ୨୬ ବର୍ଷୀୟ ଚହର କେକେଆର ଦଳର ଟପ୍ ଅର୍ଡରକୁ ଆରମ୍ଭରୁ ଆକ୍ରମଣ କରି କ୍ରିସ ଲିନ, ନୀତିଶ ରାଣା ଓ ରବିନ ଉଥପ୍ପାଙ୍କ ଉଇକେଟ ଅକ୍ତିଆର କରିଥିଲେ। ଚଳିତ ସିଜନରେ ଭଲ ଫର୍ମରେ ଥିବା ଆନ୍ଦ୍ରେ ରସେଲଙ୍କୁ ୨୦ ତମ ଓଭରରେ ଚହର ୫ଟି ଡଟ୍ ପକାଇଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

### ଟିଟି ବିଶ୍ୱ ଚାମ୍ପିୟନଶିପ୍‌ରେ ଖେଳିବ ଭାରତ

ନୂଆଦିଲ୍ଲୀ,୧୦।୪- ବୁଦାପେଷ୍ଟଠାରେ ହେବାକୁ ଥିବା ଦଳଗତ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଟିଟି ଦଳର ଅଂଶଗ୍ରହଣ ନେଇ ଥିବା ଅନିଶ୍ଚିତତାର ଅନ୍ତ ଘଟିଛି। କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ୮ ଜଣିଆ ଭାରତୀୟ ଦଳକୁ ଚଳିତ ମାସ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟରେ ଭାଗନେବାକୁ ଅନୁମତି ଦେବା ସହ ଅର୍ଥ ମଧ୍ୟ ପ୍ରଦାନ କରାଯାଇଛି। ବିଶ୍ୱ ଚାମ୍ପିୟନଶିପ୍ ଇଭେଣ୍ଟରେ ଭାଗନେବା ଦ୍ୱାରା ଭାରତୀୟ ଦଳକୁ ଗୁରୁତ୍ୱପୂର୍ଣ୍ଣ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିବ, ଯାହାକି ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ଲାଗି ନିହାତି ଆବଶ୍ୟକ। ମନ୍ତ୍ରଣାଳୟ ପକ୍ଷରୁ ଡେନ୍‌ମାର୍କରେ ୯ରୁ ୧୯ ତାରିଖ ପର୍ଯ୍ୟନ୍ତ ଜାତୀୟ ଶିବିର ଲାଗି ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ୫ ତାରିଖକୁ ଅନ୍ତିମ ଦିବସ ଭାବେ ଧାର୍ଯ୍ୟ କରାଯାଇଥିଲା। ହେଲେ ସରକାରଙ୍କ ଅନୁମତି ନ ମିଳିବାରୁ ଭାରତୀୟ ଦଳର ଭାଗନେବା ଉପରେ ପ୍ରଶ୍ନ ଉଠିଥିଲା।

# ବିମାନବନ୍ଦର ଚଟାଣରେ ଶୋଇଲେ ଧୋନୀ–ସାକ୍ଷୀ

ଚେନ୍ନାଇ,୧୦।୪

ଭେଟେରାନ୍ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ତଥା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବୁଧବାର ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ମଜାଦାର କ୍ୟାପ୍‌ଶନ ସହ ଏକ ଫଟୋ ଶେୟାର କରିଛନ୍ତି। ଉକ୍ତ ଫଟୋରେ ପୂର୍ବତନ ଭାରତୀୟ ଅଧିନାୟକ ଓ ତାଙ୍କ ସ୍ତ୍ରୀ ସାକ୍ଷୀ ଚେନ୍ନାଇ ବିମାନବନ୍ଦର ଚଟାଣରେ ଶୋଇଥିବାର ଦେଖିବାକୁ ମିଳିଛି। ଏହାର କ୍ୟାପ୍‌ଶନରେ ସେ ଲେଖିଛନ୍ତି, ଆଇପିଏଲ ମ୍ୟାଚ୍ ଟାଇମ ସହ ଅଭ୍ୟସ୍ତ ହେବା ପରେ ଯଦି ସକାଳୁ ଫ୍ଲାଇଟ୍ ଧରିବାକୁ ଥାଏ ଏହା ହିଁ ହୁଏ। ଉଲ୍ଲେଖଥାଉ କି, ଗତବର୍ଷ ଅପେକ୍ଷା ଚଳିତ ଥର ଆଇପିଏଲର ପ୍ରତ୍ୟେକ ମ୍ୟାଚ୍ ରାତି ୧୨ଟା ପରେ ଶେଷ ହେଉଛି। ଏଥିଯୋଗୁ ଲିଗ୍‌କୁ ପ୍ରବଳ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଅତ୍ୟଧିକ ବିଳମ୍ବ ହେଉଥିବାରୁ କିଛି କ୍ରିକେଟର ମଧ୍ୟ ସ୍ୱର ଉଠାଇଛନ୍ତି। ଧିମା ବୋଲିଂ ହାର ଟୁର୍ନାମେଣ୍ଟକୁ ବହୁ ପରିମାଣରେ କ୍ଷତି ପହଞ୍ଚାଇଛି। ଏପର୍ଯ୍ୟନ୍ତ ରାଜସ୍ଥାନ ରୟାଲ୍ସ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମାଙ୍କୁ ଦଣ୍ଡିତ କରାଯାଇସାରିଛି। ଆଇପିଏଲ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରାୟ ପ୍ରତ୍ୟେକ ଦଳକୁ ନେଇ ୩ ଦିନ ମଧ୍ୟରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରୁ ଟ୍ରାଭେଲିଂରେ ଅଧିକ ସମୟ ଯାଉଛି। ଏଣୁ ଖେଳାଳିଙ୍କୁ ପର୍ଯ୍ୟାପ୍ତ ସମୟ ମିଳୁନାହିଁ।


ସାଥୀ ଖେଳାଳିଙ୍କ ନିକଟରେ ଚଟାଣରେ ମହେନ୍ଦ୍ର ସିଂ ଧୋନୀ ଓ ତାଙ୍କ ସ୍ତ୍ରୀ ସାକ୍ଷୀ ଶୋଇଛନ୍ତି।

# ରାଜସ୍ଥାନ- ଚେନ୍ନାଇ ମୁକାବିଲା ଆଜି

ଜୟପୁର,୧୦।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୫ତମ ମ୍ୟାଚ୍‌ରେ ଗୁରୁବାର ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଓ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ସଂଘର୍ଷ କରୁଥିବା ରାଜସ୍ଥାନ ଘରୋଇ ପରିବେଶରୁ ଫାଇଦା ଉଠାଇ ଇନ୍‌ଫର୍ମ ଚେନ୍ନାଇକୁ ହରାଇବା ଲକ୍ଷ୍ୟରେ ରହିଛି। ରାଜସ୍ଥାନ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୪ଟି ପରାଜୟ ସହ ୨ ପଏଣ୍ଟ ପାଇ ତାଲିକାର ସପ୍ତମ ତଥା ନିମ୍ନଆଡୁ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଚେନ୍ନାଇ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲକା ଶୀର୍ଷରେ ରହିଛି। ରାଜସ୍ଥାନ ତା'ର ଏକମାତ୍ର ବିଜୟ ହାସଲ କରିଥିଲା ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ। ମଙ୍ଗଳବାର ଗତ ମ୍ୟାଚ୍‌ରେ ଚେନ୍ନାଇ କୋଲକାତା ନାଇଟ ରାଇଡର୍ସକୁ ହରାଇଥିଲା। ଧୋନଙ୍କ ନେତୃତ୍ୱରେ ଚେନ୍ନାଇ ଏକ ସନ୍ତୁଳିତ ଦଳ ରୂପେ ଉଭା ହୋଇଛି। ସବୁ ବିଭାଗରେ ଦମ୍‌ଦାର ପ୍ରଦର୍ଶନ କରି ଚେନ୍ନାଇ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଜିତିବାରେ ଲାଗିଛି। ଅପରପକ୍ଷରେ ରାଜସ୍ଥାନ ଗତ ମ୍ୟାଚ୍‌ରେ ପରାସ୍ତ ହେବା ପରେ ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ରଖିବା ପାଇଁ ତାଙ୍କୁ ବାକି ସବୁ ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇପଡିଛି। ଗତ କୋଲକାତା ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନ ମିଳିଥିବା ସୁଯୋଗର ସଦ୍ ବ୍ୟବହାର କରିପାରି ନ ଥିଲା। ଚଳିତ ଆଇପିଏଲ୍‌ର ପ୍ରଥମ ଶତକ ହାସଲ କରିଥିବା ସଞ୍ଜୁ ସାମସନ ଆହତ ହୋଇଥିବାରୁ ଏପର୍ଯନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇପାରି ନାହାନ୍ତି। ତାରକା ବ୍ୟାଟ୍ସମ୍ୟାନ ଜୋସ ବଟଲର ମଧ୍ୟ ଗତ କେତୋଟି ମ୍ୟାଚ୍‌ରେ ସଫଳ ହୋଇପାରି ନାହାନ୍ତି। ତେବେ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଫର୍ମକୁ ଫେରିବା ରାଜସ୍ଥାନ ଶିବିରରେ ଆନନ୍ଦ ଆଣିଦେଇଛି। ସ୍ମିଥ୍ ବାଙ୍ଗାଲୋର ବିପକ୍ଷରେ ୩୮ ଓ କୋଲକାତା ବିପକ୍ଷରେ ଅପରାଜିତ ୭୩ ରନ ସଂଗ୍ରହ କରିଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାନେ, ରାହୁଲ ତ୍ରିପାଠୀ ଓ ବେନ୍ ଷ୍ଟୋକ୍ସ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। କଠିନ ପରିସ୍ଥିତିକୁ ମୁକାବିଲା କରିବାକୁ ରାଜସ୍ଥାନ ଦଳରେ ସେତେଟା ଦକ୍ଷତା ନାହିଁ। ରାଜସ୍ଥାନ ବୋଲିଂରେ ମଧ୍ୟ ସେଭଳି ଚମକ ଦେଖିବାକୁ ମିଳିନାହିଁ। ଷ୍ଟୋକ୍ସ, ଜୋଫ୍ରା ଅର୍ଚର, ଜୟଦେବ ଉନାଡ଼କଟ ଓ ଧବଳ କୁଲକର୍ଣ୍ଣୀ ଚେନ୍ନାଇ ବିପକ୍ଷରେ ଦମ୍ ଦେଖାଇବାକୁ ପଡିବ। ଏ ସବୁ ସତ୍ତ୍ୱେ ବ୍ୟସ୍ତ ହେବାର କିଛି ନାହିଁ ବୋଲି ରାହାନେ କହିଛନ୍ତି। ଗୋଟିଏ ମ୍ୟାଚ୍‌ରେ ଆମେ ଖରାପ ଖେଳିଛୁ। ୩ଟି ମ୍ୟାଚ୍‌ରେ ଆମେ ବିଜୟୀ ହୋଇପାରି ଥାନ୍ତୁ। ଆଗକୁ ଭଲ ଖେଳିବୁ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଆତ୍ମବିଶ୍ୱାସରେ ଭରପୂର ଥିବା ଚେନ୍ନାଇ ଏହି ସେସନରେ ପୂର୍ବରୁ ରାଜସ୍ଥାନକୁ ହରାଇଛି। ଏହି ମ୍ୟାଚ୍‌ରେ ଧୋନୀ ଅପରାଜିତ ୭୫ ରନ ସଂଗ୍ରହ କରିଥିଲେ ଓ ଚେନ୍ନାଇ ୮ ରନରେ ବିଜୟୀ ହୋଇଥିଲା। ଶେନ ୱାଟସନ, ଫାଫ୍ ଡୁପ୍ଲେସି, ସୁରେଶ ରାଇନା, ଅମ୍ବାତି ରାୟୁଡୁ, କେଦାର ଯାଦବ ଓ ଧୋନୀଙ୍କୁ ନେଇ ଚେନ୍ନାଇର ବ୍ୟାଟିଂ ଲାଇନ୍ ବେଶ୍ ଶକ୍ତିଶାଳୀ ମନେ ହେଉଛି। ସେହିପରି ପେସ୍ ଓ ସ୍ପିନ୍‌କୁ ନେଇ ଚେନ୍ନାଇ ବୋଲିଂ ବିଭାଗ ବେଶ୍ ସନ୍ତୁଳିତ ମନେହେଉଛି। ସବାଇ ମାନସିଂ ଷ୍ଟାଡିୟମର ମନ୍ଥର ଉଇକେଟରେ ଚେନ୍ନାଇ ବୋଲର ସଫଳ ହେବେ ବୋଲି ଆଶାକରାଯାଉଛି।


ଅଭ୍ୟାସ ସେସନରେ ରାଜସ୍ଥାନ ରୟାଲ୍ସର ଜୟଦେବ ଉନାଡ଼କଟ।



## ମନେ ପଡ଼ନ୍ତି

Sixth Death Anniversary



Late Kishore Chandra Mishra
Assistant Engineer (Civil)
DOB: 25.10.1955
DOD: 16.04.2013
As we struggle to accept that your presence and immense wishdom will no longer be there to guide us. We draw strength & inspiration from the joy and lasting memories that you have left behind in our lives. In grief: Wife-Vijaylaxmi, Daughter-Ranu, Son-Babu, Friends and relatives.
D-58076

୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ
(ପଟ୍ଟଯୋଶୀ)
ତିରୋଧାନ: ୩୧।୦୩।୨୦୦୧
୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ପ୍ରିୟ ପରିବାରବର୍ଗ ଓ କର୍ମଚାରୀବୃନ୍ଦ Link Industries, Mancheswar Industrial Estate, Bhubaneswar.
D-12073

ଦ୍ୱାଦଶାହ ଉପଲକ୍ଷେ



√ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ
(ଓୟୁଏଟିସ୍ସ କୃଷି କଲେଜ ପ୍ରଫେସର)
ପ୍ରେସ୍ସ କଲୋନୀ, ବରମୁଣ୍ଡା, ସନ୍ତୋଷୀରୋଡ଼
ଆବିର୍ଭାବ : ୧୨.୦୧.୧୯୫୨
ତିରୋଧାନ : ୩୧.୦୩.୨୦୧୯
(ରବିବାର)
ଆପଣଙ୍କର ପବିତ୍ର ଆତ୍ମାର ଶାନ୍ତି, ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଇ ଆମକୁ ଆଶୀର୍ବାଦ କରନ୍ତୁ।
ଶୋକସନ୍ତପ୍ତ : ଧର୍ମପତ୍ନୀ - ବିଷ୍ଣୁପ୍ରିୟା, ଜ୍ୟେଷ୍ଠପୁତ୍ର - ସୁନୀଲ, ପୁତ୍ରବଧୂ - ରୁଚିପର୍ଣ୍ଣା, କନିଷ୍ଠପୁତ୍ର - ସୁଦୀପ, ପୁତ୍ରବଧୂ - ରେନି, ନାତି - ଅର୍ଜୁନ, ପରିବାର ଓ ଆତ୍ମୀୟସ୍ୱଜନ
D-66123

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସାବିତ୍ରୀ ମହାନ୍ତି
ଗେଲୁଟୁଆ, ଭଦ୍ରକ
ଆବିର୍ଭାବ: ୨୮।୦୧।୧୯୪୮
ତିରୋଧାନ: ୦୨।୦୪।୨୦୧୯
ପରମ ପୂଜନୀୟା ବୋଉ, ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ଠାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧ୍ୟେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଏ ପରିବାର। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ ସମସ୍ତଙ୍କର ବିନମ୍ର ନିବେଦନ। ଇତି ଆପଣଙ୍କର ଶୋକସନ୍ତପ୍ତ: ପରିବାରବର୍ଗ।
ଧ–୧୨୦୬୬

ଦ୍ୱାଦଶାହ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରଞ୍ଜିତା କୁମାରୀ ପାତ୍ର
ପ୍ରଧାନ ଶିକ୍ଷୟିତ୍ରୀ
ରଙ୍ଗବାଲିକୁମ୍ଭା, କୋରାପୁଟ
ଆବିର୍ଭାବ: ତା ୧୫।୦୮।୧୯୬୨
ତିରୋଧାନ: ତା ୩୧।୩।୨୦୧୯
ସ୍ୱା: ଶୁଭେନ୍ଦ୍ର କୁମାର ପାତ୍ର
ଏସଡିଓ, କ୍ଷୁଦ୍ର ଜଳସେଚନ ବିଭାଗ, ଲକ୍ଷ୍ମୀପୁର
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଧୈର୍ଯ୍ୟ, ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାରପଣିଆ ତଥା ଶୋଭନୀୟ ମଣିଷପଣିଆ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ତୁମର ଆଶୀର୍ବାଦ ସଦାସର୍ବଦା ଆମ୍ଭମାନଙ୍କ ଉପରେ ଥାଉ। ଆପଣଙ୍କର ପବିତ୍ର ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଏହା ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ କୋଟି କୋଟି ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ–୧୨୦୭୦

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଅସନ୍ତୁଷ୍ଟଙ୍କୁ ମନାଇବା ବିଷ୍ଣୁଙ୍କ ପାଇଁ ଚ୍ୟାଲେଞ୍ଜ

■ରଘୁନାଥପୁର ବ୍ଲକ ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ
■ଫାଇଦା ନେବା ଲକ୍ଷ୍ୟରେ ରହିଛି ଭାଜପା

ରଘୁନାଥପୁର,୧୦।୪(ଡି.ଏନ୍.ଏ.)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ବ୍ଲକରେ ବିଜେଡିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ରହିଛି। ଏଠାରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କୁ ନେଇ ତାଙ୍କ ସମର୍ଥକ ଓ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିଛି। ତାଙ୍କ ସମର୍ଥକ ଗୋଷ୍ଠୀ ବିଷ୍ଣୁଙ୍କ ପ୍ରାର୍ଥିତ୍ୱକୁ ନେଇ ଖୁସି ଥିବାବେଳେ ଅସନ୍ତୁଷ୍ଟ ଗୋଷ୍ଠୀ ତାଙ୍କୁ ଅଦ୍ୟାବଧି ଗ୍ରହଣ କରିପାରୁନାହାନ୍ତି। ତେଣୁ ବିରୋଧୀ ଭାଜପା ଏଥିରୁ ଫାଇଦା ନେବାକୁ ଉଦ୍ୟମ ଚଳାଇଛି। ସୂଚନା ଅନୁଯାୟୀ, ଏହି ନିର୍ବାଚନମଣ୍ଡଳୀରୁ ଗୋଟିଏ ଗୋଷ୍ଠୀ ରାଜଶ୍ରୀ ମଲ୍ଲିକଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ବିଷ୍ଣୁଙ୍କୁ ପ୍ରାର୍ଥୀ କରିବାକୁ ଦାବି କରୁଥିଲେ। ତେବେ ରାଜଶ୍ରୀଙ୍କୁ ଜଗତ୍‌ସିଂହପୁର ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ କରିବା ପରେ ଏହି ବିବାଦ ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ହେଲା ନାହିଁ। ବିଷ୍ଣୁ ତିର୍ତ୍ତୋଲରୁ ପ୍ରାର୍ଥୀ ହେବା ପରେ ଗୋଟିଏ ଗୋଷ୍ଠୀକୁ ଅଣଦେଖା କରୁଥିବା ସେମାନେ ଅଭିଯୋଗ ଉଠାଇଛନ୍ତି। ତେଣୁ ଏହି ଅସନ୍ତୁଷ୍ଟ ଗୋଷ୍ଠୀକୁ ମନାଇବା ବିଷ୍ଣୁଙ୍କ ପାଇଁ ଚାଲେଞ୍ଜ ହୋଇପଡ଼ିବ ବୋଲି ବହୁ ପୁରୁଣା କର୍ମୀ କହିଛନ୍ତି। ଯଦି ବିଷ୍ଣୁ ଏଥିରେ ବିଫଳ ହୁଅନ୍ତି, ତେବେ ଭାଜପା ଏଥିରୁ ଫାଇଦା ଉଠାଇବ ବୋଲି କୁହାଯାଉଛି। କାରଣ ବିଜେଡିର ଗଡ଼ କୁହାଯାଉଥିବା ରଘୁନାଥପୁର ବ୍ଲକରେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଭିନ୍ନ ପରିସଂଖ୍ୟାନ ସୃଷ୍ଟି କରିଥିଲା। ଦଳ ଦୁଇଟି ଜିଲାପରିଷଦ ଜୋନରେ ଜୋରଦାର ଲଢେଇ କରି ୧ନଂ. ଜୋନକୁ ନିଜ ସପକ୍ଷରେ ନେଇଯାଇଥିଲା। ବିଜେଡିର ଗୋଷ୍ଠୀ ବିବାଦ ଏହାର କାରଣ ବୋଲି ସେତେବେଳେ ରାଜନୈତିକ ସମୀକ୍ଷକମାନେ କହିଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଭାଜପା ସମାନ ରଣନୀତି ଆପଣାଇପାରେ। ସୂଚନାଯୋଗ୍ୟ, ରାଜଶ୍ରୀଙ୍କ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରାରେ ଯେଉଁ ଗୋଷ୍ଠୀ ସାମିଲ ହୋଇଥିଲେ ବିଷ୍ଣୁଙ୍କ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରାରେ ସେମାନଙ୍କୁ ଦେଖିବାକୁ ମିଳି ନ ଥିଲା। ସେହିପରି ବିଷ୍ଣୁଙ୍କ ଶୋଯାତ୍ରାରେ ଯେଉଁମାନେ ଯୋଗଦେଇଥିଲେ, ସେମାନେ ରାଜଶ୍ରୀଙ୍କ ସହ ଯାଇ ନ ଥିଲେ। ଅନ୍ୟପକ୍ଷରେ ବିରୋଧୀ କଂଗ୍ରେସ ମଧ୍ୟ ପରିସ୍ଥିତି ଉପରେ ନଜର ରଖିଛି। ବିଜେଡି ପ୍ରାର୍ଥୀ ଦାସ ଉଭୟ ଗୋଷ୍ଠୀଙ୍କୁ ବାନ୍ଧି ରଖିବାରେ କେତେଦୂର ସଫଳ ହେବେ ତାହା ଆଗାମୀ ଦିନରେ ଜଣାପଡିବ। ଏ ସମ୍ପର୍କରେ ପୂର୍ବତନ ରଘୁନାଥପୁର ବ୍ଲକ ବିଜେଡି ସଭାପତି ସରୋଜକାନ୍ତ ସ୍ୱାଇଁ କହିଛନ୍ତି ଯେ, ଦଳ ମଧ୍ୟରେ ମାନ ଅଭିମାନ ରହିଥାଏ। ତେବେ ସମସ୍ତେ ଦଳ ସହ ଅଛନ୍ତି। ଚଳିତ ନିର୍ବାଚନରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବେ ଓ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବେ।



ଉଦ୍ଧାର ହୋଇଥିବା ଅଜଗର।


## ବନ୍ଦର ବନକ୍ଷେତ୍ରରୁ ଅଜଗର ଉଦ୍ଧାର

ବାଲିକୁଦା,୧୦।୪(ସ୍ୱ.ପ୍ର.)

କୁଜଙ୍ଗ ବନାଞ୍ଚଳ ଅଧୀନ ବାଲିକୁଦା ବ୍ଲକସ୍ଥିତ ବନ୍ଦର ବନକ୍ଷେତ୍ର ଅଞ୍ଚଳରୁ ବୁଧବାର ଏକ ଅଜଗର ସାପ ଉଦ୍ଧାର ହୋଇଛି। ଏହାର ଲମ୍ବ ୧୨ ଫୁଟ ଓ ଓଜନ ପ୍ରାୟ ୫୦ କେଜିରୁ ଅଧିକ ହେବ। ସାପର ବୟସ ୩ ବର୍ଷ ହେବ ବୋଲି ବନପାଳ ପ୍ରିୟବ୍ରତ ଚୌଧୁରୀ ସୂଚନା ଦେଇଛନ୍ତି। ଏତେ ବଡ଼ ସାପ ଉଦ୍ଧାର ହେବାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି। ତେବେ ଏଭଳି ଜନ୍ତୁ ଜଙ୍ଗଲରୁ ବାହାରି ଜନବସତିକୁ ପ୍ରାୟତଃ ଆସନ୍ତି ନାହିଁ, ତେଣୁ ଭୟ କରିବାର କିଛି ନାହିଁ ବୋଲି ବନପାଳ ଚୌଧୁରୀ କହିଛନ୍ତି। ସୂଚନା ଅନୁଯାୟୀ, ସାପଟି ରାଣିଗାଡିର ଝାଉଁ ଜଙ୍ଗଲ ଆଡୁ ଆସୁଥିବା ଦେଖି ସ୍ଥାନୀୟ ଲୋକେ ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନପାଳ ଚୌଧୁରୀଙ୍କ ସମେତ ବନରକ୍ଷୀ ପ୍ରଦୀପ ବେହେରା, ଟିଏସ ପ୍ରକାଶ ରାୟ, କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ବେହେରା, ପବିତ୍ର ବିଶ୍ୱାଳ ପ୍ରମୁଖ ପହଞ୍ଚି ସାପକୁ ଧରି ବନ୍ଦର ବନ କାର୍ଯ୍ୟାଳୟକୁ ନେଇଥିଲେ। ପରେ ସାପଟିକୁ କୁଜଙ୍ଗ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଛି।

## ଭାଜପାର ବିଜୟ ସଂକଳ୍ପ ସମାବେଶ

କୁଜଙ୍ଗ,୧୦।୪(ସ୍ୱ.ପ୍ର.)



ବିଜୟ ସଂକଳ୍ପ ସମାବେଶରେ ଉପସ୍ଥିତ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

କୁଜଙ୍ଗ ବ୍ଲକ୍ ପୋତାନଈଠାରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ନୃସିଂହ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଓ ଏମ୍‌ପି ପ୍ରାର୍ଥୀ ବିଭୂ ପ୍ରସାଦ ତରାଇ ଯୋଗଦେଇ ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଅମଲା ଶାସନର ଅନ୍ତ ଘଟାଇ ଭାଜପାକୁ କ୍ଷମତାକୁ ଆଣିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଜନସାଧାରଣଙ୍କ ଆଶା ଓ ଭରସାକୁ ସମ୍ମାନ ଦେଇ ଦଳ ବିଜୟୀ ହେଲେ ସମସ୍ତ ପ୍ରତିଶ୍ରୁତି ପାଳନ କରିବ ବୋଲି ସେମାନେ କହିଥିଲେ। ରାହାମା ମଣ୍ଡଳ ସାଧାରଣ ସମ୍ପାଦକ ସୁବାସ ସେଠୀ, ପୋତାନଈ ପଞ୍ଚାୟତ ପ୍ରମୁଖ ସୁବାସ ଜେନା, ଶିବ ଚରଣ ପରିଡା, ସମ୍ବିତ ସ୍ୱାଇଁ, ଦେବରାଜ ସ୍ୱାଇଁ, ବୃନ୍ଦାବନ ଖୁଣ୍ଟିଆ, ସୁବାସ ଚନ୍ଦ୍ର ସ୍ୱାଇଁ, ଅମିୟ ପ୍ରସାଦ ଦାସ, ରାମଚନ୍ଦ୍ର ଜେନା, ଜଗନ୍ନାଥ ପାଳ, ସୁରେଶ ସ୍ୱାଇଁ, ରାଧାରମଣ ଦାସ, ଦୀପ୍ତି ରଞ୍ଜନ ରାଉତ ଓ ଅରୁଣ ଲେଙ୍କା ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଦଳାଇ, ଶରତ ଚନ୍ଦ୍ର ଖୁଣ୍ଟିଆ, ରଞ୍ଜନ କୁମାର ଖୁଣ୍ଟିଆ, ରୋହିତ ମୁଦୁଲି ପ୍ରମୁଖ ଭାଜପାରେ ଯୋଗ ଦେଇଥିଲେ।



ଭିନ୍ନକ୍ଷମ ଭୋଟରଙ୍କ ମତଦାନ ନିମନ୍ତେ ପାରାଦୀପରେ ସଚେତନତା ରଥ ପରିକ୍ରମା ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ବନ୍ଧୁକ ଦେଖାଇ ତେଜରାତି ଦୋକାନରୁ ଟଙ୍କା ଲୁଟ୍

ନିଶ୍ଚିନ୍ତକୋଇଲି, ୧୦।୪(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଲୁଟେରାମାନେ ସକ୍ରିୟ ହୋଇ ଉଠିଲେଣି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ଅଧୀନରେ ଥିବା ଦୈନିକ ବଜାରରେ ଜଣେ ତେଜରାତି ଦୋକାନୀଙ୍କଠାରୁ ବୁଧବାର ୨ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଦୋକାନୀ ନାରାୟଣ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ନିଶ୍ଚିନ୍ତକୋଇଲି ଲଳିତଗିରି ରାସ୍ତାରେ ଆସି ନାରାୟଣ ପଣ୍ଡାଙ୍କ ତେଜରାତି ଦୋକାନରେ ପହଞ୍ଚିଥିଲେ। ସେମାନେ ଦେକାନରେ କିଛି ସାବୁନ କିଣିବା ପାଇଁ ମାଗିଥିଲେ। ସାବୁନ ଆଣିବା ପାଇଁ ପଣ୍ଡା ଦୋକାନ ଭିତରକୁ ଯାଇଥିବା ବେଳେ ଜଣେ ଦୁର୍ବୃତ୍ତ ସେଠାକୁ ଯାଇ ତାଙ୍କ ପେଟରେ ବନ୍ଧୁକ ଲଗାଇ ଚୁପ୍ ରହିବା ପାଇଁ କହିଥିଲେ। ଅନ୍ୟ ଜଣେ ଦୁର୍ବୃତ୍ତ କ୍ୟାସ ବାକ୍ସ ଖୋଲି ଟଙ୍କା ଲୁଟି ନେଇଥିଲେ। ଏହାପରେ ଉଭୟ ଲୁଟେରା ଟଙ୍କା ନେଇ ଫେରାରଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଖବର ଲେଖାପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ସୁଭ୍ରାଂଶୁ ଶେଖର ପରିଡା କହିଛନ୍ତି, ପୋଲିସ ଅଭିଯୋଗ ପାଇ ତଦନ୍ତ ପକ୍ରିୟାକୁ ତ୍ୱରାନିତ କରିଛି। ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ୪ ବଖରା ଜଳିଗଲା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ପୋଡ଼ିଯାଇଥିବା ଘର।

କୁଜଙ୍ଗ,୧୦।୪(ସ୍ୱ.ପ୍ର.)

ସ୍ଥାନୀୟ ଜଗନ୍ନାଥପୁର ଗ୍ରାମରେ ବୁଧବାର ରାତି ୮ଟାରେ ଅଗ୍ନିକାଣ୍ଡ ଘଟି ସ୍ୱର୍ଗତ ବାନାମ୍ବର ମହାନ୍ତି ଓ ପୁଟୁ ମହାନ୍ତିଙ୍କ ୪ ବଖରା ଜଳିଯାଇଛି। ଏହି ଘରେ ୩ ଜଣ ବ୍ୟକ୍ତି ଭଡ଼ାରେ ରହୁଥିଲେ। ସେମାନଙ୍କ ମଧ୍ୟରୁ ସୁଧାକୃଷ୍ଣ ବାରିକ ଠିକା ଶ୍ରମିକ ଭାବେ କାମ କରନ୍ତି ଓ ଜହିର ମଲିକ ବ୍ୟବସାୟ କରନ୍ତି। ଅଗ୍ନିକାଣ୍ଡରେ ସୁଧାକୃଷ୍ଣଙ୍କ ନଗଦ ୩୫ ହଜାର ଟଙ୍କା, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ଭୋଟ ପରିଚୟପତ୍ର, ଜମି ଜମା କାଗଜ ପତ୍ର ପୋଡି ପାଉଁଶ ହୋଇଯାଇଛି। ସେହିପରି ଜହିରଙ୍କ ଗୋଟିଏ ଲୁନା, ୨ଟି ସାଇକେଲ ଓ ଦୁଇଟି ଗ୍ୟାସ ଟାଙ୍କି ଜଳିଯାଇଛି। ଅଗ୍ନିକାଣ୍ଡ ସମୟରେ ଘରେ କେହି ନ ଥିଲେ। କୁଜଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଦେଖାଇ ବ୍ଲାକ୍‌ମେଲ୍: ଯୁବକ ଗିରଫ

ବିବାହ କରିବାକୁ ମନା କରିବାରୁ ଏପରି କରିଥିଲେ

କଟକ ଅଫିସ, ୧୦।୪

ଉଭୟ ଉଭୟଙ୍କୁ ପ୍ରେମ କରୁଥିଲେ। ବିବାହ କରିବାକୁ ନିଷ୍ପତ୍ତି ମଧ୍ୟ ନେଇଥିଲେ। ହେଲେ ପାରିବାରିକ କାରଣ ଦେଖାଇ ଯୁବତୀଜଣଙ୍କ ବିବାହ କରିବାକୁ ମନା କରିଥିଲେ। ଫଳରେ ଯୁବକ ନିଜ ପ୍ରେମିକା ସହ ଉଠାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ପରେ ଉକ୍ତ ଫଟୋ ଦେଖାଇ ଯୁବତୀଙ୍କୁ ବ୍ଲାକ୍‌ମେଲ କରିବା ସହ ଟଙ୍କା ମାଗିଥିଲେ। ଏଭଳି ଏକ ଅଭିଯୋଗର ତଦନ୍ତ କରି ପୁରୀଘାଟ ପୋଲିସ ବୁଧବାର ଜଗତ୍‌ସିଂହପୁର ଜିଲା ଏକସୁଧା ଅଞ୍ଚଳର ନିହାର ଜେନା(୨୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ପୋଲିସ ଆଇପିସି ଦଫା ୩୭୬, ୨୯୪, ୫୦୬, ୩୮୪, ୨୯୨ରେ ଏକ ମାମଲା(୭୦/୧୯) ରୁଜୁ କରିଛି। ପୁରୀଘାଟ ଥାନା ଅଞ୍ଚଳରେ ଯୁବତୀ ଜଣଙ୍କ ରହୁଥିଲେ। ଉକ୍ତ ଅଞ୍ଚଳରେ ଭଡାରେ ରହୁଥିବା ନିହାରଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିବା ସହ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଗତ ମାର୍ଚ୍ଚ ମାସରେ ଯୁବତୀ ଜଣଙ୍କ ବିବାହ କରିବାକୁ ମନା କରିଥିଲେ। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ନିହାର ତାଙ୍କ ଭାଇଙ୍କୁ ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ପଠାଇଥିଲେ। ପରେ ଉକ୍ତ ଫଟୋ ଦେଖାଇ ତାଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଉକ୍ତ ଫଟୋଗୁଡିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏପରି କି ନିହାର ବଳପୂର୍ବକ ତାଙ୍କ ଶହ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ସେ ଗତ ଶନିବାର ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁରରୁ ଗିରଫ କରିଥିଲା।

## ୨ଦିନରେ ଲକ୍ଷାଧିକ ଟଙ୍କା ଲୁଟ୍

ଆଠଗଡ଼,୧୦।୪(ସ୍ୱ.ପ୍ର.)

ଆଠଗଡ ଅଞ୍ଚଳର ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କ ଉପରେ ଏବେ ଲୁଟେରାଙ୍କ ନଜର ରହିଛି। ଗତ ରବିବାର ଓ ସୋମବାର ୨ ଦିନରେ ଭିନ୍ନ ଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାମ କରୁଥିବା ୨ ଜଣ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରାଯାଇଛି। ଏନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ବିଳମ୍ବରେ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ରବିବାର ଏହି ଥାନା ଅନ୍ତର୍ଗତ ଇଛାପୁର-ଜେନାପଦା ରାସ୍ତାରେ ଏଲଆଣ୍ଡଟି ମାଇକ୍ରୋଫାଇନାନ୍ସ ସଂସ୍ଥାର କର୍ମଚାରୀ ନରେଶ ପ୍ରସାଦ ରଣା ଲୋକଙ୍କଠୁ ଟଙ୍କା ଆଦାୟ କରି ଆଠଗଡ ଆସୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ୨୭,୦୫୦ଟଙ୍କା ଲୁଟି ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ସେହିପରି ସୋମବାର ଅପରାହ୍ନରେ ଅନ୍ନପୂର୍ଣ୍ଣା ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାର କର୍ମଚାରୀ ଶଶାଙ୍କ ଶେଖର ରାଉତରାଏଙ୍କ ଠାରୁ ଲୁଟେରାମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ସେ ବିଭିନ୍ନ ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ୧ଲକ୍ଷ ୨୫ହଜାର ୧୨୫ଟଙ୍କା ଆଦାୟ କରି ଆଠଗଡ କାର୍ଯ୍ୟାଳୟକୁ ଆସୁଥିବା ବେଳେ ସ୍ଥାନୀୟ ଗୁଡୁପଡା ଛକଠାରେ ଲୁଟ୍‌ର ଶିକାର ହୋଇଥିଲେ।

## ଟ୍ରେନ୍‌ରୁ ବ୍ୟାପକ କୋଇଲା ଚୋରି

■ଇଟାଭାଟି ଓ ହୋଟେଲରେ ବିକ୍ରି ହେଉଛି ଚୋରା କୋଇଲା
■ସବୁ ଜାଣି ବିଭାଗୀୟ କର୍ତ୍ତୃପକ୍ଷ, ପୋଲିସ ନୀରବ

କୁଜଙ୍ଗ,୧୦।୪(ସ୍ୱ.ପ୍ର.)



କଟକ-ପାରାଦୀପ ରେଳପଥରେ ଚଳାଚଳ କରୁଥିବା ମାଲବାହୀ ଟ୍ରେନରୁ ଦୈନିକ ଶହ ଶହ କୁଇଣ୍ଟାଲ୍ ମୂଲ୍ୟବାନ କୋଇଲା ଚୋରି ହେଉଛି। ଏନେଇ ରେଳୱେ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଚୋରା କାରବାର ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଏହି ଚୋରା କୋଇଲା ରେଳପଥ ଉଭୟ ପାର୍ଶ୍ୱରେ ଥିବା ଇଟାଭାଟିରେ ଲାଗୁଛି। ଏପରିକି ଚୋରା କୋଇଲା କୁଜଙ୍ଗ, ପାରାଦୀପ, ରାହାମା ଆଦି ଅଞ୍ଚଳରେ ଥିବା ହୋଟେଲଗୁଡିକୁ ବିକ୍ରି କରାଯାଉଛି।କଟକ-ପାରାଦୀପ ରେଳପଥରେ ଦୈନିକ ବହୁ ସଂଖ୍ୟାରେ କୋଇଲା ବୋଝେଇ ଟ୍ରେନ୍ ଚଳାଚଳ କରୁଛି। ଏହି ରେଳପଥର ବଗଦିଆ, ଡାଳିମ୍ବପୁର, ଫତେପୁର, ଖରିଗୋଠ, ବଉଳାଙ୍ଗ, ଏକଡ଼ାଳିଆ, ବଣିକୁନ୍ଦ, ବାଗ୍ରାହାକଣା, ବଡ଼ବନ୍ଧ, ପାଇକସ୍ତା, ବାଲିଆପଡ଼ା ଆଦି ଗ୍ରାମ ନିକଟରେ ବହୁ ଲୋକ ଚଳନ୍ତା ଟ୍ରେନ୍‌ରୁ କୋଇଲା ଚୋରି କରୁଛନ୍ତି। ବିଭାଗୀୟ କିଛି ଅସାଧୁ କର୍ମଚାରୀ ଓ କୋଇଲା ଚୋରି କରୁଥିବା ଦଲାଲମାନଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ଏଭଳି କାରବାର ଚାଲିଛି। କାରଣ ରହସ୍ୟଜନକ ଭାବେ ଟ୍ରେନଗୁଡ଼ିକ ଏହି ସ୍ଥାନରେ ମନ୍ଥର ଗତିରେ ଯାଇଥାଏ। ଫଳରେ କେତେଜଣ ଲୋକ ନିର୍ଭୟରେ ଟ୍ରେନ୍‌ରେ ଚଢି କୋଇଲା ଚୋରି କରିଥାନ୍ତି। ଏ ସମ୍ପର୍କରେ ରେଳୱେ ପୋଲିସ ନିକଟରେ ବହୁବାର ଅଭିଯୋଗ ହୋଇଛି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କିଛିଦିନ ତଳେ ରେଳୱେ ପୋଲିସ ପାଟପୁର ନିକଟସ୍ଥ ଏକଡ଼ାଳିଆ ଗ୍ରାମରେ ଚଢାଉ କରି ଏକ ମିନି ଟ୍ରକ୍‌ରେ ବୋଝେଇ କୋଇଲା ଜବତ କରିଥିଲା। ତେବେ ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିଲା। ଅନ୍ୟପକ୍ଷରେ କୋଇଲା ବୋଝେଇ ଟ୍ରେନ୍‌ରେ ପାଲ ମଧ୍ୟ ବନ୍ଧାଯାଉନାହିଁ। ତେଣୁ ପବନରେ କୋଇଲା ଗୁଣ୍ଡ ଉଡ଼ି ପ୍ରଦୂଷଣ ବୃଦ୍ଧି ପାଉଛି। ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ବାଇକ ଧକ୍କାରେ ଯୁବକ ଗୁରୁତର

ବାଲିକୁଦା,୧୦।୪(ସ୍ୱ.ପ୍ର.): ବାଲିକୁଦା-ବୋରିକିନା ରାସ୍ତାର ଗଇଠିପୁର ହନୁମାନ ମନ୍ଦିର ନିକଟରେ ମଙ୍ଗଳବାର ରାତିରେ ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଗଇଠିପୁର ଗାଁର ହିମାଂଶୁ ପାଢ଼ି(୨୪)। ରାତି ପ୍ରାୟ ସାଢେ ୯ଟାରେ ସେ ବାଲିକୁଦାରୁ ଘରକୁ ଫେରୁଥିଲେ। ବାଟରେ ବାଇକ୍ ରଖି ଫୋନ୍‌ରେ କଥା ହେଉଥିବାବେଳେ ପଛପଟୁ ଆଉ ଏକ ବାଇକରେ ଗୋଡ଼ା ଗ୍ରାମର ବିକାଶ ବାକ୍ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ରାସ୍ତାରେ ଛିଟିକି ପଡିଥିଲେ। ହିମାଂଶୁଙ୍କ ମୁଣ୍ଡ ପଛ ପାର୍ଶ୍ୱ ପିଟି ହୋଇଯିବାରୁ ସେ ସଂଜ୍ଞାହୀନ ହୋଇପଡିଥିଲେ। ପରିବାର ଲୋକେ ପହଞ୍ଚି ଦମକଳ ବାହିନୀ ସହଯୋଗରେ ଉଭୟଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ହିମାଂଶୁଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ବ୍ରାଉନ୍‌ସୁଗାର ଜବତ, ୨ ଅଟକ

କୁଜଙ୍ଗ,୧୦।୪(ସ୍ୱ.ପ୍ର.): କୁଜଙ୍ଗ ପୋଲିସ ବୁଧବାର ୨ ଜଣ ଯୁବକଙ୍କଠାରୁ ବ୍ରାଉନ୍ ସୁଗାର ଜବତ କରିବା ସହ ସେମାନଙ୍କୁ ଅଟକ ରଖିଛି। ଏହି କାରବାର ପଛରେ ଏକ ର୍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି। ଅଟକ ୨ ଜଣଙ୍କୁ ଏ ସମ୍ପର୍କରେ ପଚରାଉଚରା ଚଳାଇଛି। କୁଜଙ୍ଗ, ପଙ୍କପାଳ, ବଗୋଇ ଆଦି ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବା ସୂଚନା ପାଇ ପୋଲିସ ୨ ଦିନ ହେଲା ଚଢ଼ାଉ କରୁଥିଲା।

### ଅବାନଘର ପକ୍ଷରୁ ହାନିମ୍ୟାନ୍‌ଙ୍କ ଜୟନ୍ତୀ

କୁଜଙ୍ଗ,୧୦।୪(ସ୍ୱ.ପ୍ର.): କୁଜଙ୍ଗ ଅବନାଘର ପକ୍ଷରୁ ହୋମିଓପ୍ୟାଥିର ଜନକ ହାନିମ୍ୟାନ୍‌ଙ୍କ ଜୟନ୍ତୀ ପାଳିତ ହୋଇଛି। କୁଜଙ୍ଗ ଓକିଲ ସଂଘର ପୂର୍ବତନ ଉପସଭାପତି ଆଇନଜୀବୀ ଦାମୋଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୋମିଓପ୍ୟାଥି ଚିକିତ୍ସକ ଡ. ଗିରିଧାରୀ ସାହୁ ଯୋଗଦେଇ ହାନିମ୍ୟାନ ଜଣେ ଯୋଗଜନ୍ମା ମହାମାନବ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ ମୋହନ ନାୟକ, ଆଇନଜୀବୀ ବିଚିତ୍ରାନନ୍ଦ ସ୍ୱାଇଁ, ବୈକୁଣ୍ଠ ଗୋଚ୍ଛାୟତ, ପ୍ରଭାତ ବେହେରା, ରଞ୍ଜନ କୁମାର ସାହୁ, ଶେଖ୍ ଅବଦୁଲା ପ୍ରମୁଖ ଉପସ୍ଥିତ ରହି ହାନିମ୍ୟାନ୍‌ଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁଜଙ୍ଗ,୧୦।୪(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍ ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପଙ୍କପାଳ ସିଆର୍‌ସିସି ରାଜେନ୍ଦ୍ର ପ୍ରସାଦ ବାରିକ ମୁଖ୍ୟ ଅତିଥି, ବିଭୂତି ଭୂଷଣ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗୁରୁମା ଅସୀମା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁଷ୍ପଲତା ଦାସ, ଅନୁସୂୟା ବେହେରା, ଦେବନାରାୟଣ ସେଠୀ, ବିଶ୍ୱନାଥ ସେନାପତି, ପରିଚାଳନା ସମିତି କୋଷାଧ୍ୟକ୍ଷ ଗୋକୁଳାନନ୍ଦ ରାଉତ, ତାପସ କୁମାର ଦାଶ, ସନ୍ତୋଷ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୧୦।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ପ୍ରଶାସନ ତରଫରୁ ବୁଧବାର ସ୍ଥାନୀୟ ତାରତୋଲ ଓ ନେହେରୁ ହାଟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରଞ୍ଜନ କୁମାର ପରିଡା, ଏସଇଓ ବିଜୟ କୁମାର ପାତ୍ର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତ୍ରିଲୋଚନ ସିଂ ପ୍ରମୁଖ ଉପସ୍ଥିତ ରହି ନିରପେକ୍ଷ ଓ ଅବାଧ ମତଦାନ ସମ୍ପର୍କରେ ବୁଝାଇଥିଲେ। କୌଣସି ପ୍ରଲୋଭନର ବଶବର୍ତ୍ତୀ ନ ହୋଇ କିମ୍ବା ଚାପର ଶିକାର ନ ହୋଇ ମତଦାନ କରିବା ନିମନ୍ତେ ଭୋଟରଙ୍କୁ ସଚେତନ କରାଯାଇଥିଲା। ପାଲା ଗାୟକ ଶିଶିର ପଣ୍ଡାଙ୍କ ଦ୍ୱାରା ପାଲା ମାଧ୍ୟମରେ ଉପସ୍ଥିତ ଭୋଟରଙ୍କୁ ସଚେତନ କରାଯାଇଥିଲା।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଜେଡିର ରୋଡ୍ ଶୋ, ଭାଜପାର ପଦଯାତ୍ରା

**ଖୋର୍ଦ୍ଧା ଅଫିସ,୧୦।୪:** ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ରୋଡ୍ ଶୋ ସହ ଭାଜପାର ପଦଯାତ୍ରା ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର(ଜିତୁ) ବୁଧବାର ନିଜର ୬୯ତମ ଜନ୍ମ ଦିବସରେ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଦଧିବାମନଛକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ବିଜେଡିର ରୋଡ୍ ଶୋ ଆରମ୍ଭ ହୋଇଥିଲା। ଗୁରୁଜଙ୍ଗର ୧୬, ୧୭, ୧୮ ଓ ୧୯ ନଂ. ୱାର୍ଡ ପରିକ୍ରମା କରି କାଳୀମନ୍ଦିର ଛକଠାରେ ରୋଡ୍ ଶୋ ଶେଷ ହୋଇଥିଲା। ଏଥିରେ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ବିଜେଡିକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ପୂର୍ବତନ ପୌର ଉପାଧ୍ୟକ୍ଷ ସଞ୍ଜୟ ସିଂ, ପୂର୍ବତନ କାଉନସିଲର ରିତେଶ ସାହୁ, ଦେବେନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ସାହୁ, ବିଭୂତି ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ୨ନଂ. ଜୋନ ବାଜପୁର, ବଣିଆଟାଙ୍ଗୀ, ନନ୍ଦପୁର, ଛତିପୁର, ଡିହପୁର, ରାୟରଙ୍ଗ ଓ ଦୁର୍ଗାପୁରରେ ଭାଜପା ବିଧାୟକ ପ୍ରାର୍ଥୀ କାଳୁ ଚରଣ ଖଣ୍ଡାୟତରାୟ ପଦଯାତ୍ରା ମାଧମରେ ଭୋଟ ପାଇଁ ନିବେଦନ କରିଥିଲେ। ଅପରାହ୍ନରେ ଭାଜପାର ଭୁବନେଶ୍ୱର ଏମ୍‌ପି ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀ ବାଜପୁର ଅଞ୍ଚଳରେ ଭୋଟ ପ୍ରଚାର କରିଥିଲେ।

■ ଦଶପଲ୍ଲାରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# ସରକାରକୁ ଆସିଲେ ଜିଲାରେ ହେବ ମେଡିକାଲ କଲେଜ

**ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ.),୧୦।୪**

■ପେଟ୍ରୋଲ, ଡିଜେଲ କାରଖାନା ପ୍ରତିଷ୍ଠା ହେବ
■ଚିଟ୍‌ଫଣ୍ଡ ଅଭିଯୁକ୍ତ ଜେଲ୍ ଯିବେ

ନୟାଗଡ଼ ଜିଲା ଦଶପଲ୍ଲାଠାରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ଗାନ୍ଧୀ ପଡ଼ିଆଠାରେ ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଭାଷଣ ପ୍ରସଙ୍ଗରେ ସେ କହିଥିଲେ, କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ଈର୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି ଯୋଜନା ଲାଗୁ କଲେ ନାହିଁ। ଓଡ଼ିଶା ଲୋକ କଷ୍ଟରେ ରହୁଥିବା ସତ୍ତ୍ୱେ ସେ ଆୟୁଷ୍ମାନ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଓଡ଼ିଶାରେ ଲାଗୁ କଲେ ନାହିଁ। ଉଦ୍ଦେଶ୍ୟ ହେଲା ସେ ଓଡ଼ିଆ ଲୋକଙ୍କୁ ଭଲ ପାଉନାହାନ୍ତି। କେନ୍ଦ୍ର ସରକାର ୫ବର୍ଷରେ ଓଡ଼ିଶାକୁ ରେଳପଥ କ୍ଷେତ୍ରରେ ୨୭ ହଜାର କୋଟି ଟଙ୍କା ଆର୍ଥିକ ଅନୁଦାନ ଦେଇଛନ୍ତି। ହେଲେ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ଜମି ଅଧିଗ୍ରହଣ ହୋଇପାରୁ ନାହିଁ କି ରେଳ ଲାଇନ୍ ତିଆରି ହୋଇପାରୁ ନାହିଁ।


ସମାବେଶରେ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଭାଷଣ ରଖୁଛନ୍ତି।

କାଳିଆ ଯୋଜନା ପ୍ରହସନ ପାଲଟିଥିବା ବେଳେ ରାଜ୍ୟରେ ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ଫେଲ୍ ମାରିଛି। ଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ। ଶିକ୍ଷାଦାନ ପାଇଁ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ଅଥଚ ହକି ବିଶ୍ୱକପ କରି ଅଭିନେତ୍ରୀ ଅଭିନେତାଙ୍କୁ ଟଙ୍କା ଦେଇ ଆଣି ନଚାଉଛନ୍ତି। ଏହାକୁ ଓଡ଼ିଶାର ବିକାଶ ବୋଲି କହୁଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଲୋକଙ୍କ ଆଗରେ କେତେକ ପ୍ରତିଶ୍ରୁତି ରଖିଥିଲେ। ସେ କହିଥିଲେ, ଭାଜପା ସରକାରକୁ ଆସିଲେ ୧୫ବର୍ଷରୁ କମ୍ ଝିଅମାନଙ୍କ ଉପରେ ଅତ୍ୟାଚାର କରୁଥିବା ଲୋକମାନଙ୍କୁ ଫାଶୀଦଣ୍ଡ ଦିଆଯିବା ବ୍ୟବସ୍ଥା ହେବ। ଜମିକୁ ଜଳସେଚନ ପାଇଁ ୫ବର୍ଷରେ ଲକ୍ଷେ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସବୁ ପରିବାର ସଦସ୍ୟଙ୍କୁ ସ୍ୱରୋଜଗାର ପହଞ୍ଚାଯିବ। ଗରିବ ପରିବାରକୁ ସ୍ଥାୟୀ ପଟ୍ଟା ଓ ପକ୍କାଘର ଦିଆଯିବ। ନୟାଗଡ଼ ଜିଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଯିବ। ଚିନିକଳ ଚାଲୁ କରାଯିବ। ଆଖୁରୁ ପେଟ୍ରୋଲ, ଡିଜେଲ ପ୍ରସ୍ତୁତ ପାଇଁ କାରଖାନା ପ୍ରତିଷ୍ଠା କରାଯିବ। ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନୟାଗଡ଼ରେ କହିଥିଲେ ମହିଳା ସଶକ୍ତୀକରଣ କରିଛନ୍ତି। ହେଲେ ମହିଳାମାନଙ୍କୁ ଅସଦାଚରଣ କରୁଥିବା ଲୋକ ବିଧାୟକ ପ୍ରାର୍ଥୀ ହୋଇଥିବା ଧର୍ମେନ୍ଦ୍ର ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ ବିଜେଡ଼ି ସରକାରକୁ ସମାଲୋଚନା କରିବା ସହିତ ଓଡ଼ିଶା ଆଜି ବିଶ୍ୱର ପଛୁଆ ରାଜ୍ୟରେ ଅଛି, ତେଣୁ ରାଜ୍ୟ ସରକାର ବଦଳିବା ଦରକାର ବୋଲି ଆହ୍ୱାନ ଦେଇଥିଲେ। ଦଶପଲ୍ଲା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ନାୟକ ଦଶପଲ୍ଲାର ଉନ୍ନତି ପାଇଁ ଭାଜପାକୁ ଆଶୀର୍ବାଦ କରନ୍ତୁ ବୋଲି କହିଥିଲେ। ବିଜେଡ଼ି ପ୍ରାର୍ଥୀ ଦୁର୍ନୀତିଗ୍ରସ୍ତ ହୋଇଥିବା ବେଳେ ସେ କିପରି ନିର୍ବାଚନମଣ୍ଡଳୀର ଉନ୍ନତି କରିବେ ତାହାକୁ ନେଇ ସେ ପ୍ରଶ୍ନ କରିଥିଲେ। କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଲୋକଙ୍କ ସେବା ପାଇଁ ଅଛି ଓ ରହିବି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲାର ପୂର୍ବତନ ବିଧାୟକ କାଶୀନାଥ ମଲ୍ଲିକ, ଭାଜପା ନେତା ମନୋଜ ବେହେରା, ରାଘବ ମଲ୍ଲିକ, ରବିନାରାୟଣ ନନ୍ଦ, ସଲିଳା ସେଠୀ, ଦୀନବନ୍ଧୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସମାବେଶରେ ବହୁ ସଂଖ୍ୟାରେ ମହିଳାପୁରୁଷ ଯୋଗ ଦେଇଥିଲେ।

## ଭାଜପା ସମାବେଶର ଏପାଖସେପାଖ

### ବିଜେଡି କର୍ମୀଙ୍କ ଭାଜପାରେ ଯୋଗଦାନ

**ନୟାଗଡ଼ ଅଫିସ, ୧୦।୪:** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦଶପଲ୍ଲା ଗସ୍ତ ଅବସରରେ ବହୁ ବିଜେଡି କର୍ମୀ ଭାଜପାରେ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ କିଶୋର ଦଳବେହେରା, ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, କ୍ଷୀରୋଦ ପ୍ରଧାନଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଥିବା ଜିଲା ସଭାପତି ସନ୍ନ୍ୟାସୀ ନାୟକ ସୂଚନା ଦେଇଥିଲେ।

### ଅସନ୍ତୋଷ ପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ

■ଭାଜପା ପକ୍ଷରୁ ଅପରାହ୍ନରେ ଗାନ୍ଧୀ ପଡ଼ିଆରେ ସଭା ଚାଲିଥିବା ବେଳେ ନିକଟ ରାସ୍ତାଦେଇ ବିଜେଡିର ପ୍ରଚାର ଗାଡ଼ି ବାରମ୍ବାର ଯାଉଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ସମାଧାନ ପାଇଁ ସେ ପୋଲିସକୁ ଅନୁରୋଧ କରିଥିଲେ। ସଭା ଭଣ୍ଡୁର ପାଇଁ ଏଭଳି କରାଯାଉଥିବା ସେଠାରେ ଆଲୋଚନା ହୋଇଥିଲା।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ


ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ।

**ନୟାଗଡ଼ ଅଫିସ,୧୦।୪**

ବୁଧବାର ଅପରାହ୍ନ ୪ଟାରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବଳରାମ ସାହାଙ୍କ ଅଧ୍ୟକ୍ଷତାରେ ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ ବିଭିନ୍ନ ଟିମ୍‌ର କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ବୈଠକରେ ଫ୍ଲାଇଂ ସ୍କ୍ୱାଡ୍ ଟିମ୍, ଡି.ଏସ୍.ଟି, ଏସ୍.ଏସ୍.ଟି. ଓ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କୁ ସେମାନଙ୍କ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାର ୪ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ତଦାରଖ କରିବା ସହିତ ତାହାର ରିପୋର୍ଟ ନିର୍ବାଚନ ଅଧିକାରୀ ଓ ସହକାରୀ ନିର୍ବାଚନ ଅଧିକାରୀମାନଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ପ୍ରତିଦିନ କାର୍ଯ୍ୟ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବା ପାଇଁ ଟିମ୍ ସଦସ୍ୟମାନଙ୍କୁ କହିଥିଲେ। ପିଡ଼ି ଅନାମ ଚରଣ ପାତ୍ର, ଏପିଡ଼ି ସନ୍ତୋଷୀ ସାହୁ ଟିମ୍ ସଦସ୍ୟମାନଙ୍କୁ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ବଡ଼ବାଣପୁର ମହାବୀର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ଖଣ୍ଡପଡା,୧୦।୪(ସ୍ୱ.ପ୍ର.)**

ଆସନ୍ତା ୧୪ ତାରିଖ ମହାବୀର ଜୟନ୍ତୀ ଅବସରରେ ଖଣ୍ଡପଡା ବ୍ଲକ ବଡବାଣପୁର ଗ୍ରାମ ରାମଚଣ୍ଡୀ ସାହିସ୍ଥିତ ମହାବୀର ଜୀଉ ମନ୍ଦିର ପରିସରରେ ପ୍ରତିବର୍ଷ ପରି ପଣା ସଂକ୍ରାନ୍ତି ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିଚାଳନା କମିଟି ସଭାପତି କୃତାର୍ଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପାରମ୍ପରିକ ଯାତ୍ରାକୁ କିପରି ଶୃଙ୍ଖଳିତ ଭାବରେ ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଶନିବାର ଜଳଯାତ୍ରା, ରବିବାର ମହାବୀର ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପଠନ ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବ । ଏହି ଦିନ ଗ୍ରାମର ମହିଳା ସଂକୀର୍ତ୍ତନ କାର୍ଯ୍ୟକ୍ରମ ସହିତ ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ କରାଯିବ। ସୋମବାର ମହିଳା ଦୁଆରୀ ଅନୁଷ୍ଠିତ ହେବ। ମଙ୍ଗଳବାର ପୌରାଣିକ ନାଟକ ମହାଭାରତ ଓ ବୁଧବାର ଉଦ୍‌ଯାପନୀ ଅବସରରେ ଖଣ୍ଡପଡା ଅଞ୍ଚଳର ଉଦଣ୍ଡ ନୃତ୍ୟ ପରିବେଷଣ କରାଯିବ। ଗୁରୁବାର ବାଲ୍ୟଲୀଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଆୟୋଜିତ ବୈଠକରେ ସଭାପତି ପ୍ରଧାନ, ସମ୍ପାଦକ ପ୍ରଭାତ କୁମାର ପ୍ରଧାନ, ବରିଷ୍ଠ ସଦସ୍ୟ ବିଶିକେଶନ ପ୍ରଧାନ, ଦୁର୍ଯ୍ୟୋଧନ ରାଉତଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ହୋଇ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ ।

## ୧୫ରେ ଖୋର୍ଦ୍ଧା ପାଇଁ ମୋର ଅନୁଚିନ୍ତା ଶୀର୍ଷକ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୧୦।୪**

ନିର୍ବାଚନ ପଦ୍ଧତିରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ଚଳିତ ମାସ ୧୫ତାରିଖରେ ସ୍ଥାନୀୟ ଗୀତା ଭବନ ପଡ଼ିଆଠାରେ ଖୋଲାମଞ୍ଚ ଅନୁଷ୍ଠିତ ହେବ। ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ହେବାକୁ ଥିବା ଏହି ଖୋଲାମଞ୍ଚରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ଓ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ଉପସ୍ଥିତ ରହି ଖୋର୍ଦ୍ଧା ପାଇଁ ମୋର ଅନୁଚିନ୍ତା ଶୀର୍ଷକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିବେ। ସମସ୍ତ ପ୍ରାର୍ଥୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୫ମିନିଟ୍ ପାଇଁ ବକ୍ତବ୍ୟ ଦେବାକୁ ସୁଯୋଗ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ସାଧାରଣ ଜନତାଙ୍କଠାରୁ ସଂଗୃହୀତ କରାଯାଇଥିବା ବିଭିନ୍ନ ପ୍ରଶ୍ନ ପଚରାଯିବ। ସଭାକାର୍ଯ୍ୟର ୧ଘଣ୍ଟା ପୂର୍ବରୁ ପ୍ରଶ୍ନଗୁଡ଼ିକୁ ସଂଗ୍ରହ କରିବା ପାଇଁ ମଞ୍ଚ ଉପରେ ଏକ ବାକ୍ସ ୧ଘଣ୍ଟା ପାଇଁ ରଖାଯିବ। କୌଣସି ଦଳକୁ କିମ୍ବା ପ୍ରାର୍ଥୀଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଆକ୍ଷେପ କରାଯିବ ନାହିଁ। ପ୍ରତ୍ୟେକ ପ୍ରାର୍ଥୀ ଦଳର ଆଭିମୁଖ୍ୟ ଓ ଇସ୍ତାହାର ଏବଂ ଖୋର୍ଦ୍ଧା ପାଇଁ ସେମାନଙ୍କର ଅନୁଚିନ୍ତା ଉପରେ ଟିପ୍ପଣି ଦେବେ।

## ଆଜି ବନକଲାଗି, ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

**ପୁରୀ ଅଫିସ,୧୦।୪**

ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ୪ ଘଣ୍ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି । ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦଇତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦଇତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

**CENTRAL HORTICULTURAL EXPERIMENT STATION**
(ICAR-Indian Institute of Horticultural Research, Bengaluru-560089)
(भाकृअनुप-भारतीय बागवानी अनुसंधान संस्थान, बेंगलुरु-560089)
Aiginia, Bhubaneswar - 751 019, Odisha
Ph.:0674-2471712(O), Tele fax: 0674-2471867, E-mail: headches@rediffmail.com

**SHORT TENDER NOTICE NO. 02/2019**
**TENDER-CUM-AUCTION**

Sealed tenders are invited for disposal/sale of Mango, sapota and pine apple fruits of different varieties planted at CHES campus through tender-cum-auction (**open auction if reserve price not quoted**). The tender paper may be obtained from this Office from **10.00** A.M. to **2.00** P.M. on working days w.e.f. **11.04.2019** to **25.04.2019** by depositing **₹ 500/-** in cash or can be downloaded from IIHR website (**www.iihr.res.in**). Website downloaded tender paper should have tender paper cost in form of DD (drawn in favour of CHES, Bhubaneswar). The last date of submission of tender along with EMD DD of **₹ 25,000/-** (Rupees Twenty five thousand only) is up to **3.00** P.M. on **25.04.2019** and the tender will be opened on **26.04.2019** at **12.00** noon in this Office.

HEAD

**ପୂର୍ବ ତଟ ରେଳପଥ**
**ବ୍ରହ୍ମପୁର ଷ୍ଟେସନରେ ଯନ୍ତ୍ରୀକୃତ (Mechanized) ସଫେଇ**
**ଟେଣ୍ଡର ବିଜ୍ଞପ୍ତି ସଂ. etender-BAM-Mech.Clng-32**
**କାର୍ଯ୍ୟର ବିବରଣୀ :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ ଚାରି ବର୍ଷ (ଅର୍ଥାତ୍ 1460 ଦିନ) ସମୟାବଧି ନିମନ୍ତେ ବ୍ରହ୍ମପୁର ଷ୍ଟେସନ ସହିତ ପ୍ଲାଟ୍‌ଫର୍ମ, ୟାର୍ଡ୍, ୱାସେବୁଲ ଆପ୍ରନ, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ କ୍ଷେତ୍ର, ପରିକ୍ଷେତ୍ର, ପ୍ରତୀକ୍ଷା ହଲ୍ ଗୁଡ଼ିକ, ହୋମ୍ ସିଗ୍‌ନାଲରୁ ହୋମ୍ ସିଗ୍‌ନାଲ୍ ୟାର୍ଡ଼ ଇତ୍ୟାଦିର ଯନ୍ତ୍ରୀକୃତ (Mechanized)ସଫେଇ।
**କାର୍ଯ୍ୟର ଆକଳିତ ମୂଲ୍ୟ :** ₹ 5,09,63,916.47, EMD ମୂଲ୍ୟ : ₹ 4,04,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, ଚୁକ୍ତିର ଅବଧି : କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ 04 (ଚାରି) ବର୍ଷ ଅର୍ଥାତ୍ 1460 ଦିନ
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 10.05.2019 ର 1500 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (H & FW), ଖୋର୍ଦ୍ଧା ରୋଡ୍
PR-20/K/19-20


**ଅଲି ୟାବର ଜଙ୍ଗ୍ ଜାତୀୟ ବାକ୍ ଏବଂ ଶ୍ରବଣ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, ମୁମ୍ବାଇ**
AYJNISHD
(ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ, ଭିନ୍ନକ୍ଷମ ବ୍ୟକ୍ତି (ଦିବ୍ୟାଙ୍ଗଜନ)ଙ୍କ ସଶକ୍ତୀକରଣ ବିଭାଗ, ଭାରତ ସରକାର) କେ.ସି. ମାର୍ଗ, ବାନ୍ଦ୍ରା ରିକ୍ଲାମେଶନ୍, ବାନ୍ଦ୍ରା (ପଶ୍ଚିମ), ମୁମ୍ବାଇ – ୪୦୦୦୫୦
**ଅଧୀନସ୍ଥ ଏକ ଶିଖର ସ୍ୱୟଂଶାସିତ ନିକାଶ**
ଆଇଏସ୍/ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ସଂଗଠନ
ଫୋନ୍: ୦୨୨–୨୬୪୦୦୦୦୪/୨୬୪୦୧୫୨୯, ଫାକ୍ସ: (୦୨୨) ୨୬୪୦୪୧୭୦
ଇମେଲ୍: nihhac@yahoo.com/ayjnihh-mum@nic.in/ୱେବ୍‌ସାଇଟ୍: ayjnihh.nic.in

**ଅନ୍‌ଲାଇନ୍ ନାମଲେଖା ଅଧିସୂଚନା: ୨୦୧୯–୨୦**

ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡି(ଡି), ମୁମ୍ବାଇ ଏବଂ ଏହାର ଆଞ୍ଚଳିକ କେନ୍ଦ୍ର ଓ କମ୍ପୋଜିଟ୍ ଆଞ୍ଚଳିକ କେନ୍ଦ୍ରରେ ଶିକ୍ଷାବର୍ଷ ୨୦୧୯–୨୦ ନିମନ୍ତେ ନିମ୍ନଲିଖିତ ପାଠ୍ୟକ୍ରମ ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି:–

| କ୍ର.ସଂ. | ପାଠ୍ୟକ୍ରମର ନାମ | ପ୍ରଶିକ୍ଷଣ କେନ୍ଦ୍ରର ସ୍ଥାନ |
|---|---|---|
| ୦୧. | ମାଷ୍ଟର ଅଫ୍ ଅଡିଓଲୋଜି ଆଣ୍ଡ ସ୍ପିଚ୍ ଲାଙ୍ଗୁଏଜ୍ ପାଥୋଲୋଜି (ଏମ୍‌ଏଏସ୍‌ଏଲ୍‌ପି) | ମୁମ୍ବାଇ ଓ କୋଲକାତା |
| ୦୨. | ଏମ୍.ଏସ୍‌ସି. (ଅଡିଓଲୋଜି) | ସିକନ୍ଦରାବାଦ |
| ୦୩. | ମାଷ୍ଟର୍ ଅଫ୍ ଏଜୁକେଶନ୍ ସ୍ପେଶାଲ୍ ଏଜୁକେଶନ୍ (ହିୟରିଂ ଇମ୍ପେୟାର୍‌ମେଣ୍ଟ) ଏମ୍. ଇଡି. ଏସ୍‌ପିଏଲ୍. ଏଜୁ. (ଏଚ୍‌ଆଇ) | ମୁମ୍ବାଇ |
| ୦୪. | ବ୍ୟାଚେଲର୍ ଅଫ୍ ଅଡିଓଲୋଜି ଆଣ୍ଡ ସ୍ପିଚ୍ ଲାଙ୍ଗୁଏଜ୍ ପାଥୋଲୋଜି (ବିଏଏସ୍‌ଏଲ୍‌ପି) | ମୁମ୍ବାଇ, କୋଲକାତା ଓ ସିକନ୍ଦରାବାଦ |
| ୦୫. | ବ୍ୟାଚେଲର୍ ଅଫ୍ ଏଜୁକେଶନ୍ ସ୍ପେଶାଲ୍ ଏଜୁକେଶନ୍ (ହିୟରିଂ ଇମ୍ପେୟାର୍‌ମେଣ୍ଟ) ବି.ଇଡି. ଏସ୍‌ପିଏଲ୍. ଏଜୁ. (ଏଚ୍‌ଆଇ) | ମୁମ୍ବାଇ, କୋଲକାତା, ସିକନ୍ଦରାବାଦ ଏବଂ *ଜାଆଁଲା |
| ୦୬. | ଡିପ୍ଲୋମା ଇନ୍ ହିୟରିଂ, ଲାଙ୍ଗୁଏଜ୍ ଆଣ୍ଡ ସ୍ପିଚ୍ (ଡିଏଚ୍‌ଏଲ୍‌ଏସ୍) | ନଏଡା, ଜାଆଁଲା ଏବଂ ଭୋପାଳ |
| ୦୭. | ଡିପ୍ଲୋମା ଇନ୍ ଏଜୁକେଶନ୍ ସ୍ପେଶାଲ୍ ଏଜୁକେଶନ୍ (ହିୟରିଂ ଇମ୍ପେୟାର୍‌ମେଣ୍ଟ) ଡି. ଇଡି. ଏସ୍‌ପିଏଲ୍. ଏଜୁ. (ଏଚ୍‌ଆଇ) | କୋଲକାତା, ସିକନ୍ଦରାବାଦ, ନଏଡା ଏବଂ ଜାଆଁଲା |
| ୦୮. | ଡିପ୍ଲୋମା ଇନ୍ ଇଣ୍ଡିଆନ୍ ସାଇନ୍ ଲାଙ୍ଗୁଏଜ୍ ଇଣ୍ଟରପ୍ରିଟର୍ କୋର୍ସ (ଡିଆଇଏସ୍‌ଏଲ୍‌ଆଇସି) | ମୁମ୍ବାଇ ଓ କୋଲକାତା |
| ୦୯. | ଡିପ୍ଲୋମା ଇନ୍ ଏଜୁକେଶନ୍ – ସ୍ପେଶାଲ୍ ଏଜୁକେଶନ୍ (ଅଟିଜିମ୍ ସ୍ପେକ୍ଟ୍ରମ୍ ଡିଜଅର୍ଡର୍ସ) | ଭୋପାଳ |
| ୧୦. | ଡିପ୍ଲୋମା ଇନ୍ ଏଜୁକେଶନ୍ – ସ୍ପେଶାଲ୍ ଏଜୁକେଶନ୍ (ମେଣ୍ଟାଲ୍ ରିଟାର୍ଡେଶନ୍) | ଅହମ୍ମଦାବାଦ |

*(ନାମଲେଖା ଆର୍‌ସିଆଇ ଅନୁମୋଦନ ଉପରେ ନିର୍ଭର କରେ)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୩୧ ମେ, ୨୦୧୯
ବିବରଣୀ ପାଇଁ: ୱେବ୍‌ସାଇଟ୍ – aliyavarjung.epravesh.com & ayjnihh.nic.in ପରିଦର୍ଶନ କରନ୍ତୁ।
davp 38107/11/0001/1920
ସ୍ୱା./– ନିର୍ଦ୍ଦେଶକ



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଏପ୍ରିଲ, ୨୦୧୯



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହିମ୍ ଲିଙ୍କନ



## ସଂକ୍ଷେପରେ

### ନୀଳକଣ୍ଠେଶ୍ୱରଦେବଙ୍କ ପୀଠରେ ଶମ୍ଭୁମିଳନ



ନିରାକାରପୁର,୧୦।୪(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ହାଇସ୍କୁଲ୍ ପଡିଆରେ ବୁଧବାର ତ୍ରୟୋଦଶ ଶମ୍ଭୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରୀ ଓ ଖୋର୍ଦ୍ଧା ଜିଲାର ୧୩ଟି ସ୍ଥାନରୁ ୧୩ ଶିବଠାକୁର ଏକାଠି ହୋଇଥିଲେ । ନିରାକାରପୁରରୁ ନୀଳକଣ୍ଠେଶ୍ୱର, ହରିପୁରରୁ ବିଶ୍ୱନାଥଦେବ, ଲେଣ୍ଡୋରୁ ଚନ୍ଦନେଶ୍ୱର, ଦିବ୍ୟସିଂହପୁରରୁ କୃଷ୍ଣେଶ୍ୱର, ବୋଡଙ୍ଗରାରୁ ଲୋକନାଥ ଦେବ, ବାଦୁରାବାରରୁ କୁମୁଦେଶ୍ୱର, ଆସେଲିରୁ ଚନ୍ଦନେଶ୍ୱର, ଅରାଅଞ୍ଚଳରୁ ଗ୍ରାମେଶ୍ୱର, ବାଲିଗାଁରୁ କପିଳେଶ୍ୱର, ଗୋଳବାଇରୁ କୃଷ୍ଣେଶ୍ୱର, ଓକ୍ଷଣାରୁ ଈଶାନେଶ୍ୱର, ପାଣ୍ଡବ ପାଟଣାରୁ କପିଳେଶ୍ୱର ଏବଂ ଷୋଡଶପୁରରୁ କପିଳେଶ୍ୱରଦେବ ଠାକୁର ନିରାକାରପୁର ଗ୍ରାମର କାମନା ଘରଠାରେ ବିଜେ କରିଥିଲେ। ଠାକୁରମାନେ ଅପରାହ୍ନ ସାଢ଼େ ୫ଟାରେ ନୀଳକଣ୍ଠେଶ୍ୱରଦେବଙ୍କ ପୀଠରେ ଏକତ୍ରିତ ହୋଇ ଗ୍ରାମ ପରିକ୍ରମା ପରେ ହାଇସ୍କୁଲ୍ ପଡିଆଠାରେ ମିଳିତ ହୋଇଥିଲେ। ଏହି ସ୍ଥାନରେ ଦଣ୍ଡ ଉତ୍ସବ ଅନୁଷ୍ଠିତ ପରେ ଠାକୁରମାନେ ସ୍ୱସ୍ୱ ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନିରାକାରପୁର,୧୦।୪(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତ ଯାଜପୁର ଗାଁ’ରୁ ବୁଧବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଉଛନ୍ତି ସଂଯୁକ୍ତା ଦାସ (୪୪)। ନିକଟସ୍ଥ ଦିଅରଙ୍କ ଘରୁ ସଂଯୁକ୍ତାଙ୍କ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପୋଲିସ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠେଇଦେଇଛି। ସିଲିଂରେ ଏକ ପ୍ଲାଷ୍ଟିକ୍ ରଶି ଯୋଗେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ଖବର ପାଇ ମହିଳାଙ୍କ ସ୍ୱାମୀ କବାଟ ଖୋଲିବା ପରେ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ। ତେବେ ତାଙ୍କର ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ ଏହାକୁ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ଏ ଘଟଣା ନେଇ କେସ୍ ନଂ ୫/୧୯ରେ ତଦନ୍ତ ଜାରି ସହ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ଶରତ ପାଇକରାୟ ସୂଚନା ଦେଇଛନ୍ତି।

### ଲୋଭୋଲ୍ଟେଜ୍ ସାଙ୍ଗକୁ ବିଦ୍ୟୁତ୍ କାଟ୍, ଜନ ଅସନ୍ତୋଷ ବୃଦ୍ଧି

ବାଲୁଗାଁ,୧୦।୪(ଡି.ଏନ.ଏ.)- ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ରାଜ୍ୟ ସରକାର ବିଦ୍ୟୁତ୍ କାଟ୍ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏ ନେଇ ବିଦ୍ୟୁତ୍ ବିଭାଗର ବେଖାତିର ମନୋଭାବ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ଦିନକୁ ୭ରୁ ୮ଘଣ୍ଟା ଘନ ଘନ ବିଦ୍ୟୁତ୍ କାଟ୍ ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଲୋ ଭୋଲ୍ଟେଜ୍ ସମସ୍ୟା ବଳିପଡିଛି । ବିଭାଗୀୟ ପକ୍ଷରୁ ବହୁ ପୁରୁଣା ବିଦ୍ୟୁତ୍ ତାରକୁ ବଦଳାଯାଉନାହିଁ । ଗ୍ରୀଷ୍ମର ପ୍ରକୋପରେ ବିଦ୍ୟୁତ୍ କାଟ୍ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ବିଭାଗୀୟ ଅଧିକାରୀ ବିଦ୍ୟୁତ୍ କାଟ୍ ଜାରି ରଖୁଛନ୍ତି । ଦୈନିକ ବିଦ୍ୟୁତ୍ କାଟ୍ ଯୋଗୁ ଏହି ଅଞ୍ଚଳର ବ୍ୟବସାୟିକ କ୍ଷେତ୍ରରେ ବ୍ୟାପକ କ୍ଷତି ହେଉଥିବା ଜଣାଯାଇଛି । ଏଥିସହ ବିଦ୍ୟୁତ୍ କାଟ୍ ଜାରି ଯୋଗୁ ରାତିରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଆଗାମୀ ଦିନରେ ଏପରି ପରିସ୍ଥିତି ଜାରି ରହିଲେ ସ୍ଥାନୀୟ ଅଞ୍ଚଳର ବହୁ ସଂଗଠନ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି ।

### ଜଗଦମ୍ବା ପୀଠରେ ଚଣ୍ଡୀ ମହାଯଜ୍ଞ

ଟାଙ୍ଗୀ(ଖୋର୍ଦ୍ଧା),୧୦।୪(ଡି.ଏନ.ଏ.): ଟାଙ୍ଗୀ ଗ୍ରାମରେ ବିଜେ ଶ୍ରୀଶ୍ରୀ ଜଗଦମ୍ବା ଚଣ୍ଡୀଦେବୀଙ୍କ ପବିତ୍ର ପୀଠରେ ୫ ଦିନ ବ୍ୟାପୀ ଚଣ୍ଡୀ ଯଜ୍ଞାନୁଷ୍ଠାନ ଶତଚଣ୍ଡୀ, ସପ୍ତଶତୀ ଚଣ୍ଡୀପାଠ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଗୋଧୂଳି ଲଗ୍ନରେ ଏକ ପବିତ୍ର ଆଧାତ୍ମିକ ପରିବେଶ ମଧ୍ୟରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞାନୁଷ୍ଠାନରେ ପ୍ରତ୍ୟେକ ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ମାଣିକପୁରରେ ପାନୀୟ ଜଳ ସଙ୍କଟ

ଖଣ୍ଡପଡା,୧୦।୪(ସ୍ୱ.ପ୍ର.)

ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକ୍ ଅନ୍ତର୍ଗତ ୨୨ ପଞ୍ଚାୟତରେ ଉତ୍କଟ ପାନୀୟଜଳ ସଙ୍କଟ ଦେଖାଦେଇଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ନିମନ୍ତେ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ ଏଥିପ୍ରତି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ କିମ୍ବା ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ପଞ୍ଚାୟତରେ ପାନୀୟଜଳ ଯୋଗାଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ମାତ୍ର ଠିକଣା ସମୟରେ ପାନୀୟ ଜଳ ପ୍ରକଳ୍ପରୁ ଜନସାଧାରଣଙ୍କୁ ଆବଶ୍ୟକ ମୁତାବକ ପାନୀୟ ଜଳ ଉପଲବ୍ଧ ହେଉନାହିଁ। ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ଅଧିକାଂଶ ପଞ୍ଚାୟତରେ ପାନୀୟଜଳ ପ୍ରକଳ୍ପଗୁଡ଼ିକ ଅଚଳାବସ୍ଥାରେ ପଡ଼ିରହିଛି। ଏହାର ପ୍ରତିକାର ନିମନ୍ତେ ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତର ଗାଁ ଗାଁରେ ଛତୁ ଫୁଟିଲା ପରି ନଳକୂପଗୁଡ଼ିକ ଖୋଳାଯାଇଛି।



ଗ୍ରାମବାସୀ ବିଲ ମଝିରେ ଥିବା ଏକ ଖୋଲା କୂଅରୁ ପାଣି ସଂଗ୍ରହ କରୁଛନ୍ତି।

#### ଦୃଷ୍ଟି ଦେଉନି ପ୍ରଶାସନ

ତନ୍ମଧ୍ୟରୁ ଅଧିକାଂଶ ନଳକୂପ ଏବେ ଅଚଳ ଅବସ୍ଥାରେ ପଡ଼ିରହିଛି। ଏଗୁଡ଼ିକର ମରାମତି ଦାୟିତ୍ୱ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପରେ ସରକାର ନ୍ୟସ୍ତ କରିବା ସହ ଏଥି ନିମନ୍ତେ ପ୍ରତ୍ୟେକ ପଞ୍ଚାୟତକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ନଳକୂପ ଗୁଡ଼ିକର ମରାମତି, ପାନୀୟଜଳ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗଠାରୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପାନୀୟ ଜଳ ଯୋଗାଣ ଦାୟିତ୍ୱ ହସ୍ତାନ୍ତର ପରେ ସମସ୍ୟା ଏବେ ପ୍ରତ୍ୟେକ ପଞ୍ଚାୟତବାସୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କିଆଝର ପଞ୍ଚାୟତର ମାଣିକପୁର ଗ୍ରାମବାସୀ ଗତ ୨ମାସ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଥିବା ବେଳେ ଗ୍ରାମରେ ଥିବା ନଳକୂପଗୁଡିକ ଅଚଳ ହୋଇପଡିଥିବା କହିଛନ୍ତି । ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଗ୍ରାମ ନିକଟ ଘୋଡଙ୍ଗପଲ୍ଲୀ ଗ୍ରାମର ଗହୀର ବିଲ ମଧ୍ୟରେ ଥିବା ଏକ କୂପରୁ ପାଣି ଆଣି ବ୍ୟବହାର କରୁଥିବା ଗ୍ରାମର ପାଣୁ ପ୍ରଧାନ, ଶଶୀ ପ୍ରଧାନ ଓ ଅଞ୍ଜନା ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି । ପାନୀୟ ଜଳ ସମସ୍ୟାର ଆଶୁ ସମାଧାନ ନିମନ୍ତେ ଗତ କିଛିଦିନ ହେବ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ମାତ୍ର ନଳକୂପର ପାଇପ ନ ଥିବା ପଞ୍ଚାୟତ କର୍ତ୍ତୃପକ୍ଷ କହିଥିଲେ। ତେବେ ଏ ସମ୍ପର୍କରେ କିଆଝର ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାର ସିଂଙ୍କୁ ଯୋଗାଯୋଗ କରିବାରେ କୌଣସି ଗ୍ରାମବାସୀ ଏ ସମ୍ପର୍କରେ ଜଣାଇ ନ ଥିବା କହିବା ସହ ସେ ଗୁରୁବାର ଉକ୍ତ ଗ୍ରାମକୁ ଯାଇ ଏ ଦିଗରେ ବ୍ୟବସ୍ଥା କରିବେ ବୋଲି କହିଥିଲେ ।

# ୪୨ କୋଠି ପାଟଦଣ୍ଡ ଶମ୍ଭୁଙ୍କ ମହାମେଳଣ

■ଆତସବାଜିରେ କମ୍ପିଲା ପଡ଼ିଆ
■ଭକ୍ତିମୟ ପରିବେଶରେ ବିମୋହିତ ଶ୍ରଦ୍ଧାଳୁ

ରଣପୁର,୧୦।୪(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକ ଝାଡପଡା ପଞ୍ଚାୟତ ହାଇସ୍କୁଲ ଖେଳପଡିଆରେ ବୁଧବାର ଅପରାହ୍ନରେ ଆଞ୍ଚଳିକ ପାଟଦଣ୍ଡ ମେଳଣ କମିଟି ତରଫରୁ ପାଟଦଣ୍ଡ ଶମ୍ଭୁଙ୍କ ମେଳଣ ଉତ୍ସବ ଶାନ୍ତି ଶୃଙ୍ଖଳା ସହିତ ପାଳିତ ହୋଇଯାଇଛି । ଏହି ମେଳଣ ଉତ୍ସବରେ ୪୨ କୋଠି ପାଟଦଣ୍ଡଙ୍କୁ ନିମନ୍ତ୍ରିତ କରାଯାଇ ଥିଲା ବେଳେ ୩୫ କୋଠି ପାଟଦଣ୍ଡ ଭାଗ ନେଇଥିଲେ । ଏଥିରେ ନୟାଗଡ ଜିଲା ସମେତ ଖୋର୍ଦ୍ଧା ଓ ପୁରୀ ଜିଲାର ନୀଳକଣ୍ଠେଶ୍ୱର ଦେବ, ବାଲୁଙ୍କେଶ୍ୱରଦେବ, ଚଣ୍ଡେଶ୍ୱରଦେବ, ବାଙ୍କନିଧିଦେବ, ଈଶାନେଶ୍ୱରଦେବ, କମେଳେଶ୍ୱରଦେବ ଆଦି ଠାକୁରଙ୍କ ମହା ମେଳଣ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା। ବୁଧବାର ଅପରାହ୍ନ ୨ଟାରେ ଝାଡପଡାର ଆରାଧ୍ୟ ଦେବତା ନୀଳକଣ୍ଠେଶ୍ୱର ମହାଦେବଙ୍କ ସମେତ ୩୫ କୋଠି ପାଟଦଣ୍ଡ ଠାକୁର ନିକଟସ୍ଥ ନଦୀ ଘାଟରେ ପାଣିତୋଳା ପର୍ବ ସାରି ଗ୍ରାମ ମଝି ଦେଇ ପଡିଆକୁ ଆସିଥିଲେ। ଠାକୁରଙ୍କୁ ସ୍ୱାଗତ କରିବା ଲାଗି ଗ୍ରାମବାସୀ ଦୁଆରେ ପୂର୍ଣ୍ଣ କଳସ ରଖିଥିଲେ। ବାଜା ବାଣ ରୋଶଣିରେ ଝାଡପଡା କମ୍ପିତ ହୋଇଥିଲା । ପାଟଦଣ୍ଡ ଖେଳ ପଡିଆରେ ନିଜ ଆସ୍ଥାନରେ ବିଜେ କଲା ପରେ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଥିଲା । ଏହି ମହାମେଳଣ ଉତ୍ସବରେ ହଜାର ହଜାର ପୁରୁଷ ମହିଳା ଶ୍ରଦ୍ଧାଳୁଙ୍କର ହରିବୋଲ, ହୁଳହୁଳି,ଶଙ୍ଖଧ୍ୱନି ଓ ଶିବ ମହାମନ୍ତ୍ର ସାଙ୍ଗକୁ ଆତସବାଜିରେ ଖେଳପଡିଆ ପ୍ରକମ୍ପିତ ହୋଇଥିଲା। ଏହା ଦେଖିବା ପାଇଁ ଆଖପାଖ ଅଞ୍ଚଳ ସମେତ ନୟାଗଡ,ପୁରୀ,କଟକ ଓ ଗଞ୍ଜାମ ଜିଲା ଅଞ୍ଚଳରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କେତେକ ବିଦେଶୀ ଭକ୍ତଙ୍କ ମଧ୍ୟ ସମାଗମ ହୋଇଥିଲା। ଏହି ପାଟ ଦଣ୍ଡ ଉତ୍ସବର ଧାରାବିବରଣୀ ପଦ୍ମନ ସାଥୁଆ, ଅଧ୍ୟାପକ ଅଶୋକ ରାୟସିଂ, କାଶୀନାଥ ପ୍ରଧାନ, ପ୍ରଶାନ୍ତ ଷଡଙ୍ଗୀ ପ୍ରମୁଖ ପ୍ରଦାନ କରିଥିଲେ । ସଞ୍ଜୟ ପରିଡା ସଂଯୋଜନା କରିଥିବାବେଳେ ସାମାଜିକକର୍ମୀ ରଞ୍ଜନ ପରିଡା ମଞ୍ଚ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଚାନ୍ଦପୁର ପୋଲିସ ମୁତୟନ ହୋଇଥିଲେ ।



ମେଳଣ ପଡ଼ିଆରେ ଦଣ୍ଡ ଠାକୁରଙ୍କ ସହ ଶ୍ରଦ୍ଧାଳୁମାନେ।

■ କଂଗ୍ରେସର ନୟାଗଡ଼ ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ

# ବିଦେଶୀଙ୍କୁ ହଟାଇବାକୁ ଆହ୍ୱାନ

ନୟାଗଡ଼ ଅଫିସ,୧୦।୪

କଂଗ୍ରେସର ନୟାଗଡ଼ ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ବୁଧବାର ସହରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଣଜିତ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଦଳର ପୁରୀ ଏମ୍‌ପି ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ଯୋଗଦେଇ ଛଳନାର ରାଜନୀତି ବନ୍ଦ କରିବାକୁ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟ ଦଳମାନଙ୍କ ଭଳି ଆମ ପାଖରେ ଧନ ନାହିଁ, ସେଥିରେ ଚିନ୍ତା କରିବାର କିଛି ନାହିଁ। ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କ ଆସ୍ଥାଭାଜନ ହେବାକୁ କର୍ମୀ ଓ ନେତାମାନଙ୍କୁ ସତ୍ୟପ୍ରକାଶ ଆହ୍ୱାନ ଦେଇଥିଲେ। କଂଗ୍ରେସର ଇସ୍ତାହାର ବିଷୟରେ ଲୋକମାନଙ୍କୁ ବୁଝାଇବାକୁ ପଡ଼ିବ। ରାଜ୍ୟ ସରକାର କରୁଥିବା ଛଳନାର ରାଜନୀତିକୁ ବନ୍ଦ କରିବାକୁ ପଡ଼ିବ। ଏମିତି ଏକ ସରକାର ଯିଏ କି ରାଜକୋଷ ବଢ଼ାଇବା ପାଇଁ ମଦ ବେପାର କରୁଥିବା ସେ ପ୍ରକାଶ କରିଥିଲେ। ବିଧାୟକ ପ୍ରାର୍ଥୀ ହୋଇଥିବା ମନୋଜ କୁମାର ସାହୁ ନିଜ ବକ୍ତବ୍ୟରେ ନୟାଗଡ଼ରୁ ବିଦେଶୀ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ



ସମ୍ମିଳନୀରେ ଉପସ୍ଥିତ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସହ ଜିଲାସ୍ତରୀୟ ନେତାମାନେ।

କରିବାକୁ ଆହ୍ୱାନ ଦେଇଥିଲେ। ବିଜେଡି ନୀଳବର୍ଣ୍ଣ ଶୃଗାଳକୁ ପ୍ରାର୍ଥୀ କରିଥିବାବେଳେ ଭାଜପା ଜଣେ ବିଦେଶୀଙ୍କୁ ପ୍ରାର୍ଥୀ କରିଛି। ଚଳିତଥର କଂଗ୍ରେସ ନିଜ ଅଞ୍ଚଳର ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛି। ତେଣୁ ଏହି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ସେ କର୍ମୀମାନଙ୍କୁ କହିଥିଲେ। ସେହିପରି ସେ ବିଜୟୀ ହେଲେ ବନ୍ଦ ହୋଇପଡ଼ିଥିବା ଚିନିକଳ ପୁନର୍ବାର ଖୋଲିବା ସହିତ ଜିଲାରେ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବେ ବୋଲି ପ୍ରକାଶ କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ହୁସେନ ଖାଁ ନିଜ ବକ୍ତବ୍ୟରେ ନିର୍ବାଚନମଣ୍ଡଳୀ ଜଣେ ସୁଯୋଗ୍ୟ ପ୍ରାର୍ଥୀ ପାଇଥିବାରୁ ସମସ୍ତେ ଏକ ହୋଇ ତାଙ୍କୁ ଜିତାଇବା ପାଇଁ ପ୍ରକାଶ କରିଥିଲେ। ମନ ଭିତରେ ଥିବା ମତାନ୍ତରକୁ ଜଳାଞ୍ଜଳି ଦେଇ ସମସ୍ତେ ଏକାଠି ହୋଇ ଲଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ। ହୁସେନ ମଧ ବିଦେଶୀଙ୍କୁ ହଟାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ଟି ଜୋନ୍‌ର ସଭାପତି, କାର୍ଯ୍ୟକାରୀ ସଭାପତି, ପଞ୍ଚାୟତ ପ୍ରତିନିଧି ଓ କର୍ମୀମାନେ ଯୋଗଦେଇ ନିଜର ମତ ରଖିଥିଲେ। ଦଳୀୟ ସଂଗଠନ ଯେପରି ସୁଦୃଢ଼ ହେବ ସେ ଦିଗରେ ମତ ଉପସ୍ଥାପନ କରିଥିଲେ। ପୂର୍ବରୁ କେବଳ ବିଜେଡି ସହ କଂଗ୍ରେସ ଲଢ଼େଇ କରୁଥିବା ବେଳେ ଏଥର ଭାଜପା ଓ ବିଜେଡି ଦୁଇ ଦଳ ସାଙ୍ଗରେ ଲଢ଼େଇ ହେବ। ଏଥିପାଇଁ ରଣନୀତି ସୁଦୃଢ଼ କରିବାକୁ ପଡ଼ିବ ବୋଲି କର୍ମୀମାନେ ପ୍ରକାଶ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି କମଳ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

### ଭକ୍ତଙ୍କଠାରୁ ଲୁଟ୍ କରି ସେବାୟତ ଗିରଫ

ପୁରୀ ଅଫିସ,୧୦।୪

ଶ୍ରୀମନ୍ଦିରରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ପ୍ରାୟ ଅଧିକାଂଶ ଦିନ ଭକ୍ତ ଲୁଟ୍‌ର ଶିକାର ହେଉଛନ୍ତି। ବୁଧବାର ଜଣେ ଭକ୍ତଙ୍କ ମନିପର୍ସ ଲୁଟ୍ ହୋଇଛି। ଲୁଟ୍ ପରେ ଅଭିଯୁକ୍ତ ବାଲିସାହିର ଶ୍ୟାମସୁନ୍ଦର ପ୍ରତିହାରୀ ଖସିଯାଉଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୩୦/୧୯) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ସେ ଜଣେ ସେବାୟତ ବୋଲି ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ଆଇଆଇସିଙ୍କ ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ନୟାଗଡ଼ର ଶୁଭ୍ରାଂଶୁ ଶେଖର ସାହୁ ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ଭିଡ଼ର ସୁଯୋଗ ନେଇ ଶ୍ୟାମସୁନ୍ଦର ତାଙ୍କ ପକେଟରୁ ମନିପର୍ସ ନେଇ ପଳାଉଥିଲେ। ଶୁଭ୍ରାଂଶୁ ପାଟି କରିବାକୁ ସେଠାରେ କାର୍ଯ୍ୟରତ ପୋଲିସ ଶ୍ୟାମସୁନ୍ଦରଙ୍କୁ ମାଡ଼ି ବସିଥିଲା। ତାଙ୍କୁ ସିଂହଦ୍ୱାର ଥାନାକୁ ଅଣାଯାଇଥିଲା। ଯାଞ୍ଚ ସମୟରେ ତାଙ୍କ ପାଖରୁ ଶୁଭ୍ରାଂଶୁଙ୍କ ମନିପର୍ସ ମିଳିଥିଲା। ସେଥିରେ ୭୦ଟଙ୍କା ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ରହିଥିଲା।

# ଶିକ୍ଷା ସମ୍ମାନ ବିଭାଗର ବିଦାୟୀ ସମ୍ବର୍ଦ୍ଧନା

ବୋଲଗଡ଼,୧୦।୪(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କେସିପିଏଏନ୍ କଲେଜ ଶିକ୍ଷା (ସମ୍ମାନ) ବିଭାଗର ୩ୟ ବର୍ଷ ଶିକ୍ଷାର୍ଥୀମାନଙ୍କୁ ବୁଧବାର ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧକ୍ଷ ରମେଶ ସାମନ୍ତରାୟ ପୌରୋହିତ୍ୟ କରିଥିଲେ। କଲେଜ ପ୍ରତିଷ୍ଠାତା ଶିକ୍ଷାବିତ୍ କାଳି ଚରଣ ଜୟସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ, ଅଧ୍ୟାପକ ରାଜକିଶୋର ବୈରୀଗଞ୍ଜନ, ସରୋଜ ମିଶ୍ର, ଜୟ ପ୍ରକାଶ ମିଶ୍ର, ଅଧ୍ୟାପିକା ବିଷ୍ଣୁପ୍ରିୟା ପରିଡ଼ା ଓ ସୁକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ୧ମ, ୨ୟ ବର୍ଷ ଶିକ୍ଷାର୍ଥୀମାନେ ବିଦାୟୀ ଶିକ୍ଷାର୍ଥୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବିଦାୟୀ ଶିକ୍ଷାର୍ଥୀମାନେ ନିଜର ଅନୁଭୂତି ପ୍ରକାଶ କରିଥିଲେ।




ସଭାରେ ଯୋଗଦେଇଥିବା ଅତିଥି ଓ ଶିକ୍ଷାର୍ଥୀ।

# ଦରଦା ଗ୍ରାମର ମହିଷାଶୁଣୀପୀଠ ଅବହେଳିତ

ଖଣ୍ଡପଡା,୧୦।୪(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଦରଦା ଗ୍ରାମସ୍ଥିତ ମା’ମହିଷାଶୁଣୀପୀଠ ଅବହେଳିତ ଅବସ୍ଥାରେ ପଡି ରହିଛି। ଏହାର ଉନ୍ନତି କିମ୍ବା ବିକାଶ ଦିଗରେ ଦେବୋତ୍ତର ବିଭାଗ ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।

ପ୍ରକାଶ ଯେ,ଖଣ୍ଡପଡା ସଦର ମହକୁମା ଠାରୁ ପ୍ରାୟ ୧୨ କି.ମି.ଦୂରରେ ଜଗନ୍ନାଥ ପ୍ରସାଦ ଗ୍ରାମପଞ୍ଚାୟତ ଅବସ୍ଥିତ। ପାହାଡ ପର୍ବତ ଘେରା ସବୁଜ ପରିବେଷ୍ଟନୀ ମଧ୍ୟରେ ଥିବା ଦରଦା, ମହୁଲପଡା, କୁଆହରା, ପାଟଚଣ୍ଡୀ ପ୍ରସାଦ, ଗୋବର୍ଦ୍ଧନପୁର, କାଦୁଆପଡା ଓ ଜଗନ୍ନାଥ ପ୍ରସାଦ ଏପରି ୭ଟି ମୌଜା ତଥା ୨୧ଟି ୱାର୍ଡକୁ ନେଇ ଗଠିତ ଉକ୍ତ ପଞ୍ଚାୟତ। ଦରଦା ଗ୍ରାମ ମୁଣ୍ଡରେ ଥିବା ମା’ମହିଷାଶୁଣୀ ଦେବୀ ଏହି ୭ମୌଜାର ଗ୍ରାମ ଦେବତୀ ଭାବରେ ପୂଜିତ । ଗ୍ରାମବାସୀଙ୍କ କହିବାନୁସାରେ ଦରଦା ଗ୍ରାମ ପ୍ରଥମେ ଖଣ୍ଡପଡାର ପୂର୍ବତନ ରାଜା ସ୍ୱର୍ଗତ ରାମଚନ୍ଦ୍ର ସିଂହଙ୍କ ଖମାର ଗ୍ରାମ ଥିଲା । ଏହି ଖମାର ଗ୍ରାମରେ ପରବର୍ତ୍ତୀ ସମୟରେ ମା’ମହିଷାଶୁଣୀ ଠାକୁରାଣୀଙ୍କୁ ସ୍ଥାପନ କରାଯାଇଥିଲା । ୭ମୌଜାର ଏହି ଠାକୁରାଣୀଙ୍କ ବିଭିନ୍ନ ପୂଜା ପର୍ବ ଜାନିଯାତ୍ରା ତଥା ମନ୍ଦିର ପରିଚାଳନା ପାଇଁ




ମହିଷାଶୁଣୀ ପୀଠ।

ପ୍ରାୟ ୪୪.୩୧ ଏକର ଭୂସମ୍ପତ୍ତି ରହିଛି । ଏହି ପୀଠରେ ଚୈତ୍ର ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ବାସନ୍ତିକ ଶ୍ରୀଦୁର୍ଗା ପୂଜା, ଦଶହରାରେ ୪ଦିନ ଓ ରଜରେ ୩ଦିନ ବ୍ୟାପୀ ପାରମ୍ପରିକ ରୀତିରେ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ୭ ମୌଜା ସମେତ ଆଖପାଖ ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ସବୁ ଯାନିଯାତ୍ରାରେ ଜନସମାଗମ ହେଉଥିବା ବେଳେ ଏ ପୀଠର ଉନ୍ନତି ନିମନ୍ତେ ଦେବୋତ୍ତର ବିଭାଗର ଉଦାସୀନତା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ଏହାଛଡା ମନ୍ଦିରର ସୁରକ୍ଷା ପ୍ରାଚୀର ଦୁର୍ବଳ ହୋଇପଡିଥିବା ବେଳେ ଆବଶ୍ୟକ ରକ୍ଷଣା ବେକ୍ଷଣ ପାଇଁ ଦେବୋତ୍ତର ବିଭାଗ ଆଦୌ ଦୃଷ୍ଟି ଦେଉନାହିଁ। ଠାକୁରାଣୀଙ୍କର ୫ ପୋଖରୀ ଓ ଜମିକୁ ନିଲାମ ଦେଇ ଦେବୋତ୍ତର ବିଭାଗ ପ୍ରତି ବର୍ଷ ୧୫ ହଜାରରୁ ଊର୍ଦ୍ଧ୍ୱଟଙ୍କା ଆଦାୟ କରୁଥିବା ବେଳେ ଠାକୁରାଣୀଙ୍କ ଯାତ୍ରା ପାଇଁ ବିଭାଗ ପକ୍ଷରୁ ବାର୍ଷିକ ମାତ୍ର ୯ଶହ ଟଙ୍କା ମିଳୁଥିବା ମନ୍ଦିର ପୂଜକ ପ୍ରକାଶ କରିଛନ୍ତି । ଅପରପକ୍ଷେ ମା’ମହିଷାଶୁଣୀ ମନ୍ଦିରର ବିଭିନ୍ନ ନୀତି ପାଇଁ ପୂର୍ବରୁ ରହିଥିବା ବ୍ୟବସ୍ଥା ଏବେ ବି ଚାଲିଛି । ଠାକୁରାଣୀଙ୍କ କାର୍ଯ୍ୟ ପାଇଁ ପୂର୍ବରୁ ଅର୍ଥ ଆକାରରେ ଖଞ୍ଜା ଘିଅ ଓ ଅନ୍ୟାନ୍ୟ ସାମଗ୍ରୀ ସେହି ପଦ୍ଧତି

#### ୭ ମୌଜାର ଗ୍ରାମ ଦେବତୀ

■ଆୟ ୪୩କୁ ବ୍ୟୟ ୬୦ ହଜାର
■ଧ୍ୟାନ ଦେଉନି ଦେବୋତ୍ତର ବିଭାଗ



ମା’ ମହିଷାଶୁଣୀ।

ଅନୁସାରେ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି । ସୀମିତ ପରିମାଣ ଅର୍ଥରେ ବିଭିନ୍ନ ପୂଜା ସାମଗ୍ରୀ ଦ୍ୱାରା ନୀତି ସମ୍ପନ୍ନ କରିବା ଅସମ୍ଭବ ହୋଇପଡିଛି। ଏହାଛଡା ଉକ୍ତ ମନ୍ଦିର ଓ ଅଞ୍ଚଳକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ନ ଥିବାରୁ ନାନା ସମସ୍ୟା ଉପୁଜୁଥିବା ଜଗନ୍ନାଥ ପ୍ରସାଦ ଗ୍ରାମବାସୀ ରମେଶ ଚନ୍ଦ୍ର ରଣା ପ୍ରକାଶ କରିଛନ୍ତି । ରାଜାରାଜୁଡା ଶାସନ ପରେ ଏହି ପୀଠର ପରିଚାଳନା ଦାୟିତ୍ୱ ଖଣ୍ଡପଡା ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ରହିଛି। ଠାକୁରାଣୀଙ୍କ ଧାନ ଜମି ୧୧.୭୧ଏକର, ଠିକା ଲଗାଣ ଜମି ଏ୧୫.୬୧, ଜାଗିର ଜମି ଏ.୩.୧୨, ଖମାର ଘରବାରି ଏ.୧.୦୨, ବଗିଚା ଏ.୦.୭୫,ବିଜେ ସ୍ଥଳୀ ଏ.୦.୧୬ ଅନାବାଦୀ ଜମି ଏ.୦.୬୬ ଓ ଏ.୧୧.୨୮ ପରିମିତ ୫ଟି ପୋଖରୀ ଏପରି ସମୁଦାୟ ଜାଗା ଓ ଜମି ୪୪.୩୧ ଏକର ରହିଛି । ଉକ୍ତ ଜମିରୁ କେତେକ ଜମିକୁ ନିଲାମ ଆକାରରେ ଦିଆଯାଇ ବାର୍ଷିକ ୨୪ ହଜାର ଟଙ୍କା ଆଦାୟ ହେଉଥିବା ବେଳେ ପ୍ରଜା ଦଖଲରେ ଥିବା ଜମିରୁ ୧୬ହଜାର ଓ ସୁଧ ବାବଦ ପ୍ରାୟ ୨ହଜାର ଟଙ୍କା ମିଳୁଥିବା ଖଣ୍ଡପଡା ଦେବୋତ୍ତର ମ୍ୟାନେଜର ଗୋବିନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି । ଅପରପକ୍ଷରେ କର୍ମଚାରୀମାନଙ୍କ ବେତନ ବାବଦରେ ବାର୍ଷିକ୧୫ହଜାର, ମନ୍ଦିର ଭୋଗ ପାଇଁ ଧାନ, ନଗଦ ଆକାରରେ ୧୧ହଜାର, ବିଭିନ୍ନ ପର୍ବପର୍ବାଣୀ ପାଇଁ ୮ହଜାର, ସେବାସୀଙ୍କ ବେତନ ୧୦ ହଜାର ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବାର୍ଷିକ ଖର୍ଚ୍ଚ ହେଉଥିବା ସେ ସୂଚନା ଦେଇଥିଲେ। ବିଭିନ୍ନ ଯାତ୍ରା ପାଇଁ ବିଭାଗ ପକ୍ଷରୁ ଅର୍ଥ ପ୍ରଦାନ କରାଯାଉଥିବା ବେଳେ ବାସନ୍ତିକ ଦୁର୍ଗାପୂଜା ପାଇଁ ବୁଧବାର ୧୬ଶହ ଟଙ୍କା ଦିଆଯାଇଥିବା ପଟ୍ଟନାୟକ ପ୍ରକାଶ କରିଥିଲେ । ଫଳରେ ଆୟଠାରୁ ବ୍ୟୟ ବଳି ପଡୁଥିବାରୁ ମନ୍ଦିରର ଆବଶ୍ୟକ ରକ୍ଷଣାବେକ୍ଷଣ କରିବା ସମ୍ଭବ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇ ଥିଲେ । ଏହି ପୀଠର ଆବଶ୍ୟକ ରକ୍ଷଣା ବେକ୍ଷଣ ଓ ଉନ୍ନତି ଦିଗରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଅବଗତ କରାଯାଇଥିବା ଦେବୋତ୍ତର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି।

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

ବାଲୁଗାଁ,୧୦।୪(ଡି.ଏନ.ଏ.)

ବାଲୁଗାଁ–ବାଣପୁର ରାସ୍ତାର ଅଲାଇଡ଼ିହ ଛକ ଅନତି ଦୂରରେ ବିଦ୍ୟୁତ୍ ଏଲ୍‌ଟି ତାର ଗୁଡ଼ିକ ରାସ୍ତା ଠାରୁ ମାତ୍ର ୭ ରୁ ୮ଫୁଟ ଉଚ୍ଚରେ ରହିଛି। ଏହି ତାରରେ ଦୈନିକ ବିଦ୍ୟୁତ୍ ସରବରାହ ଜାରି ରହିଥିବାବେଳେ ଏଭଳି ବିପଦପୂର୍ଣ୍ଣ ସ୍ଥାନ ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଦୈନନ୍ଦିନ ଶତାଧିକ ଯାନବାହନ ଓ ପଥଚାରୀ ବିପଦସଙ୍କୁଳ ବିଦ୍ୟୁତ୍ ତାର ପାର୍ଶ୍ୱ ଦେଇ ଯାତାୟାତ କରୁଥିବା ବେଳେ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଆଶଙ୍କା ରହିଛି। ଏପରି ବିପଦସଂକୁଳ ଅବସ୍ଥାକୁ ନ ସୁଧାରିଲେ ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗକୁ ମହଙ୍ଗା ପଡ଼ିପାରେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ବାସିନ୍ଦା ଏନେଇ ବାରମ୍ବାର ଅଭିଯୋଗ କଲେ ବିଦ୍ୟୁତ୍ ବିଭାଗ ଏମାନଙ୍କ କଥାକୁ ଖାତିର କରୁନଥିବା ସେମାନେ ଅଭିଯୋଗ କରିଛନ୍ତି । ଏନେଇ ଫେଡ୍‌କୋ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରେ ଯଥାଶୀଘ୍ର କର୍ମଚାରୀଙ୍କୁ ପଠାଇ ତାହାର ମରାମତି କରିବେ ବୋଲି କହିଛନ୍ତି ।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ଖଲ୍ଲିକୋଟ,୧୦।୪(ଡି.ଏନ୍.ଏ.):** ଖଲ୍ଲିକୋଟ ପୋଲିସ ୨ଶହ ଲିଟର ଦେଶୀ ମଦ ଜବତ କରିବା ସହ ମଦବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରି ମଙ୍ଗଳବାରେ କୋର୍ଟ ଚାଲାଣ କରିଛି। ଏକ ଅଟୋରେ ମଦ ବୋଝେଇ ହୋଇ ଯାଉଥିବାବେଳେ ଖଲ୍ଲିକୋଟ ଥାନା ଏସ୍‌ଆଇ ସିଲୁ ଧଳ ଏବଂ ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ବେହେରା ଭିକାପଡ଼ା ଛକ ନିକଟରେ ଯାଞ୍ଚ କରିଥିଲେ। ମଦ ଜବତ ସହ ଚାଳକ ମାଣିକପୁର ଗ୍ରାମର ମିଥୁନ ଜେନାଙ୍କୁ ଗିରଫ କରିଥିଲେ। ଅବକାରୀ କେସ୍ ନଂ.୮୬/୨୦୧୯ରେ ମିଥୁନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

### ମା' ଦଣ୍ଡକାଳୀ ପୂଜା

**କନିଷି,୧୦।୪(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟ ତୁଲୁ ରୋଡରେ ଥିବା ଅଟୋଷ୍ଟାଣ୍ଡ ସଂଘ ତରଫରୁ ରବିବାର ବୋରିଗାଁ ଦଣ୍ଡକାଳୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୋରିଗାଁ ଗ୍ରାମର ସ୍ୱପ୍ନେଶ୍ୱର ମା' ଦଣ୍ଡକାଳୀ ତରଫରୁ ସାମାଜିକ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ପରିବେଷଣ ହୋଇଥିଲା। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ଭିଡ଼ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ଆଳତି ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କମିଟି ତରଫରୁ ତଥା ଅଟୋଷ୍ଟାଣ୍ଡ ସଂଘ ସଭାପତି ଟୁଟୁ ମହାରଣାଙ୍କ ସଭାପତିତ୍ୱରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ

**ବେଗୁନିଆପଡ଼ା, ୧୦।୪(ଡି.ଏନ୍.ଏ.):** ବେଗୁନିଆପଡ଼ା ବ୍ଲକ ରାଗପୁରରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧକ୍ଷା ଲକ୍ଷ୍ମୀ ପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଇଂଲିଶ ମାଧମ ବିଦ୍ୟାଳୟ ପିଲାଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ହିଞ୍ଜିଳିକାଟୁସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅରୁଣ ପଟେଲ, ଅନ୍ୟତମ ଅତିଥି ଭାବେ ବେଗୁନିଆପଡ଼ା ବିଇଓ କମଳାକାନ୍ତ ସାହୁ ଯୋଗଦେଇ ଛାତ୍ରାଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସିଆର୍‌ସିସି ପ୍ରକାଶ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ବିଭିନ୍ନ ମେଧାବୀ ଛାତ୍ରାଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।
ଶେଷରେ ଛାତ୍ରାଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ

# ୫ ବିଧାନସଭାରେ ୧୦ଲକ୍ଷ ୭୨ହଜାର ଭୋଟର

**ବ୍ରହ୍ମପୁର ଅଫିସ,୧୦।୪**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ଗୁରୁବାର ଅନୁଷ୍ଠିତ ହେବ। ଗଞ୍ଜାମ ଜିଲାରେ ଏହି ପର୍ଯ୍ୟାୟରେ ବ୍ରହ୍ମପୁର ଲୋକ ସଭା ଏବଂ ଏହା ଅର୍ନ୍ତଗତ ୫ ବିଧାନସଭା ଯଥା ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଏବଂ ଚିକିଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି । ଏହାକୁ ନେଇ ଜିଲା ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ୫ଟି ନିର୍ବାଚନ ମଣ୍ଡଳୀର ମୋଟ ୧୦ଲକ୍ଷ ୭୨ହଜାର ୨୪୨ ଭୋଟର୍ ଅଛନ୍ତି । ମଇଦାନରେ ରହିଛନ୍ତି ୪୬ଜଣ ପ୍ରାର୍ଥୀ। ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ କରାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଏବଂ ଉପଜିଲାପାଳ ଦିଗନ୍ତ ରାଉତରାୟ ଉପସ୍ଥିତ ଥିଲେ ।



ବ୍ରହ୍ମପୁର ସହର ଉପକଣ୍ଠ ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଅଧିକାରୀମାନେ ପ୍ରସ୍ତୁତ ହେଉଛନ୍ତି ।

- ମଇଦାନରେ ଅଛନ୍ତି ୪୬ ପ୍ରାର୍ଥୀ
- ୧୧୧୭ ବୁଥ୍‌ରେ ହେବ ମତଦାନ
- ସକାଳ ୭ରୁ ସନ୍ଧ୍ୟା ୬ଯାଏ ହେବ ଭୋଟିଂ

**ମଇଦାନରେ ୪୬ ପ୍ରାର୍ଥୀ**

ବ୍ରହ୍ମପୁର ଲୋକ ସଭା ଏବଂ ୫ ବିଧାନସଭାରେ ମୋଟ ୪୬ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଲୋକ ସଭା ଆସନରେ କଂଗ୍ରେସର ଭି.ଚନ୍ଦ୍ରଶେଖର ନାଇଡୁ, ବିଜେଡିର ଚନ୍ଦ୍ରଶେଖର ସାହୁ, ଭାଜପାର ଭୃଗୁ ବକ୍ସିପାତ୍ର, ବହୁଜନ ସମାଜ ପାର୍ଟିର କେ. ତିରୁପତି ରାଓଙ୍କ ସହ ଓଡ଼ିଶା ପ୍ରଗତି ଦଳର ଶ୍ରୀହରି ପଟ୍ଟନାୟକ, ସୋସିଆଲିଷ୍ଟ ୟୁନିଟି ସେଣ୍ଟର୍ ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ)ର ସୋମନାଥ ବେହେରା, ସ୍ୱାଧୀନ ଚକ୍ରଧର ସାହୁ ଏବଂ କେ.ଶ୍ୟାମ ବାବୁ ସୁବୁଦ୍ଧି ନିର୍ବାଚନ ଲଢୁଛନ୍ତି । ସେହିଭଳି ଛତ୍ରପୁର ବିଧାନସଭା ଆସନ ପାଇଁ ୮ ପ୍ରାର୍ଥୀ ମଇଦାନରେ ରହିଥିବା ବେଳେ ଗୋପାଳପୁର ବିଧାନସଭା ଆସନ ପାଇଁ ୭ଜଣ, ବ୍ରହ୍ମପୁର ବିଧାନସଭା ଆସନ ପାଇଁ ୧୦ଜଣ, ଦିଗପହଣ୍ଡି ବିଧାନସଭା ପାଇଁ ୬ଜଣ ଏବଂ ଚିକିଟି ବିଧାନସଭା ଆସନ ପାଇଁ ୭ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

**୧୦ଲକ୍ଷ ୭୨ହଜାର ଭୋଟର**

ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୧୦ଲକ୍ଷ ୭୨ହଜାର ୨୪୨ଜଣ ଭୋଟର୍ ରହିଛନ୍ତି । ସେଥିରୁ ୫ଲକ୍ଷ ୨୩ହଜାର ୫୯୧ଜଣ ମହିଳା ଏବଂ ୫ଲକ୍ଷ ୪୮ହଜାର୫୭୨ଜଣ ପୁରୁଷ ଭୋଟର୍ । ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୨୫ହଜାର ୪୨ଜଣ ଭୋଟର୍ ରହିଥିବା ବେଳେ ଗୋପାଳପୁରରେ ୨ଲକ୍ଷ ୧୩ହଜାର ୩୧୦, ବ୍ରହ୍ମପୁରରେ ୨ଲକ୍ଷ ୧୦ହଜାର ୯୩୭, ଦିଗପହଣ୍ଡିରେ ୨ଲକ୍ଷ ୧୪ହଜାର୨୧୭ ଏବଂ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୮ହଜାର ୭୩୬ଜଣ ଭୋଟର୍ ରହିଛନ୍ତି । ସେହିପରି ତୃତୀୟ ଲିଙ୍ଗ ଭୋଟର ୭୯ଜଣ ରହିଛନ୍ତି ।

**୧୧୧୭ବୁଥ୍‌ରେ ୭୩୭୩କର୍ମଚାରୀ**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୧୧୭ବୁଥ୍‌ରେ ମୋଟ ୭୩୭୩ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪୪ ବୁଥ୍ ଥିବା ବେଳେ ସେଥିରେ ୧୬୧୪ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିଭଳି ଗୋପାଳପୁରରେ ୨୦୮ ବୁଥ୍‌ରେ ୧୩୭୪, ବ୍ରହ୍ମପୁରରେ ୧୬୯ ବୁଥ୍‌ରେ ୧୧୧୬, ଦିଗପହଣ୍ଡିରେ ୨୫୫ ବୁଥ୍‌ରେ ୧୬୮୬ ଏବଂ ଚିକିଟିରେ ୨୪୧ ବୁଥ୍‌ରେ ୧୫୮୩ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ୭୦ଜଣ ମହିଳା ବୁଥ୍‌ରେ ନିୟୋଜିତ ଅଛନ୍ତି।

**୧୯୮ ସମ୍ବେଦନଶୀଳ ବୁଥ୍**

ମୋଟ ୧୯୮ ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ସେଥିରୁ ଛତ୍ରପୁରରେ ୬୪ ବୁଥ୍ ଥିବା ବେଳେ ଗୋପାଳପୁରରେ ୩୩, ବ୍ରହ୍ମପୁରରେ ୧୮ ଦିଗପହଣ୍ଡିରେ ୪୧, ଚିକିଟିରେ ୪୨ ବୁଥ୍ ରହିଛି । ଏହି ବୁଥ୍‌ଗୁଡ଼ିକରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ(ସିଏପିଏଫ୍) ସହ ସିସିଟିଭି କ୍ୟାମେରା, ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଛି ।

**ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲ୍ ବାଲଟ୍**

ଚଳିତ ନିର୍ବାଚନରେ ଶତପ୍ରତିଶତ ମତଦାନକୁ ନିର୍ବାଚନ କମିଶନ ଗୁରୁତ୍ୱ ଦେଇଛନ୍ତି। ଏଣୁ ଦୃଷ୍ଟିବାଧିତ ଭୋଟର୍‌ଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ହଜାର ୭୭୯ ଭିନ୍ନକ୍ଷମ ଭୋଟର୍ ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କୁ ନେବା ଆଣିବା କରିବା ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଛି। ତେବେ ଦୃଷ୍ଟିବାଧିତ ଭୋଟର୍‌ଙ୍କ ମତଦାନ ପାଇଁ ବ୍ରେଲ୍ ବାଲଟ୍ ପେପର୍ ରହିବ। ମୋଟ ୫୯୦ ବୁଥ୍‌ରେ ଏହି ବ୍ୟବସ୍ଥା କରାଯାଇଛି ।

**୫୦ ମଡେଲ୍ ବୁଥ୍**

ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ୧୦ଟି ଲେଖାଏ ମଡେଲ୍ ବୁଥ୍ ରହିଛି। ଏହି ବୁଥ୍‌ଗୁଡ଼ିକରେ ଭୋଟର୍‌ଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯିବ। ଭୋଟର୍‌ଙ୍କ ପାଇଁ ସର୍ବାଧିକ ବ୍ୟବସ୍ଥା ରହିବ। ମତଦାନ କରି ଭାରତୀୟ ଗଣତନ୍ତ୍ରର ଏହି ମହାଉତ୍ସବରେ ସାମିଲ୍ ହୋଇଥିବା ଯୋଗୁ ଭୋଟର୍‌ଙ୍କୁ ଧନ୍ୟବାଦ ଜଣାଯିବ ।

**ପିଙ୍କ୍ ବୁଥ୍‌ରେ କେବଳ ମହିଳା ଅଧିକାରୀ**

ପ୍ରଥମ ଥର ପାଇଁ ପିଙ୍କ୍ ବୁଥ୍ କରାଯାଇଛି । ଏଠାରେ କେବଳ ମହିଳା କର୍ମଚାରୀଙ୍କୁ ହିଁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏ ପିଙ୍କ୍ ବୁଥ୍ ରହିଛି। ଛତ୍ରପୁରରେ ଏକ୍ସବୋର୍ଡ଼ ପ୍ରାଇମେରି ସ୍କୁଲ, ଗୋପାଳପୁରରେ ରଙ୍ଗେଇଲୁଣ୍ଡା ୟୁପିଏସ୍, ବ୍ରହ୍ମପୁରରେ ଆସିକା ରୋଡ୍ ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟ, ଦିଗପହଣ୍ଡିରେ ଆଙ୍କରୋଡ଼ା ୟୁପିଏସ୍ ଏବଂ ଚିକିଟିରେ ଜଜ୍ ପ୍ରାଥମିକ ବିଦ୍ୟାଳୟକୁ ପିଙ୍କ୍ ବୁଥ୍ କରାଯାଇଛି ।

**ମତଦାନର ହେବ ସିଧା ପ୍ରସାରଣ**

୧୦୨ବୁଥ୍‌ର ମତଦାନ ପ୍ରକ୍ରିୟାକୁ ନିର୍ବାଚନ କମିଶନ୍‌ଙ୍କ ୱେବ୍‌ସାଇଟ୍‌ରେ ସିଧା ପ୍ରସାରଣ କରାଯିବ। ବିଶୃଙ୍ଖଳା ଆଶଙ୍କାରେ ଏଭଳି ପଦକ୍ଷେପ ନିଆଯାଇଛି। ଛତ୍ରପୁରରେ ୨୫, ଗୋପାଳପୁରରେ ୧୬, ଦିଗପହଣ୍ଡିରେ ୨୬ ଏବଂ ଚିକିଟିରେ ୧୯ ବୁଥ୍ ଥିବା ବେଳେ ବ୍ରହ୍ମପୁରର ୧୬ ବୁଥ୍‌ରେ ଏଭଳି ବ୍ୟବସ୍ଥା କରାଯାଇଛି ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଦାରିଙ୍ଗବାଡି ଗସ୍ତ

**ଦାରିଙ୍ଗବାଡ଼ି,୧୦।୪(ଡି.ଏନ.ଏ.)**

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦାରିଙ୍ଗବାଡି ଗସ୍ତରେ ଆସିବେ। ଅପରାହ୍ନ ୨ଟା୨୦ରେ ହେଲିକପ୍ଟରରେ ଆସି ଓହ୍ଲାଇବା ପରେ ସେଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଏବଂ ଜି.ଉଦୟଗିରି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ। ପ୍ରାୟ ୨୫ ମିନିଟ ରହିବା ପରେ ଫେରିଯିବେ ବୋଲି ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କନ୍ଧମାଳ ଏସ୍‌ପି ପ୍ରତୀକ ସିଂ, ଡିଏସ୍‌ପି ସୂର୍ଯ୍ୟକାନ୍ତ ରାୟ ଏବଂ ବାଲିଗୁଡ଼ା ଏସ୍‌ଡିପିଓ ବିନିତ ଅଗ୍ରୱାଲ ଏକାଧିକଥର ଦାରିଙ୍ଗବାଡ଼ି ଗସ୍ତ କରି ହେଲିପ୍ୟାଡ ଯାଞ୍ଚ ସହ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟ ସମସ୍ତ ଦିଗ ପ୍ରତି ତଦାରଖ କରିଛନ୍ତି। ଏଥିସହ ଦାୟିତ୍ୱ ବଣ୍ଟନ ସହ ସେଠାରେ ନିୟୋଜିତ ଅଫିସରଙ୍କୁ ତାଲିମ ମଧ୍ୟ ଦେଇଥିଲେ। ଦାରିଙ୍ଗବାଡି ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ ଯେ, ଚଳିତ ସାଧାରଣ ନିର୍ବାଚନକୁ ବିରୋଧ କରି ଏକାଧିକ ଥର ମାଓବାଦୀମାନେ ପୋଷ୍ଟର ବ୍ୟାନର ଲଗାଇଥିଲେ। ମାତ୍ର ପୋଲିସ ନିର୍ଭୟରେ ଯାଇ ଭୋଟରମାନଙ୍କୁ ଭୋଟ ଦେବାକୁ କହିବା ସହ ପାଟ୍ରୋଲିଂ କଡାକଡି କରିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଜେଡି ଦଳରେ କର୍ମୀ ଓ ନେତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି।

**ହେଲିପ୍ୟାଡ ଯାଞ୍ଚ କଲେ ଏସ୍‌ପି, ସୁରକ୍ଷା ବ୍ୟବସ୍ଥା କଡାକଡି**




ସନ୍ଧାନୀ କୁକୁର ସହାୟତାରେ ସଭାସ୍ଥଳ ଯାଞ୍ଚ କରାଯାଉଛି।

# ବିଜେଡି ପାଇଁ ପ୍ରଚାର କଲେ ଅଭିନେତା କୁନା ତ୍ରିପାଠୀ

**ହିଞ୍ଜିଳିକାଟୁ/ଶେରଗଡ,୧୦।୪(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିକାଟୁରେ ବୁଧବାର ଅଭିନେତା କୁନା ତ୍ରିପାଠୀ ବିଜେଡି ପାଇଁ ମାରାଥନ୍ ପ୍ରଚାର ଓ ରୋଡ୍ ଶୋ କରିଛନ୍ତି। ଓଡ଼ିଶାର ବିକାଶ ଧାରା ଓ ମହିଳାଙ୍କୁ ସଶକ୍ତ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବାକୁ ପୁଣି ଥରେ ଆଶୀର୍ବାଦ କରିବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ। ହିଞ୍ଜିଳିକାଟୁ ବ୍ଲକର ୬୭ ଓ ୬୮ନଂ. ଜୋନ୍‌ର ପୋଟିଲିମା, ମକରଝୋଳ, କଞ୍ଚୁରୁ, ବଡଖଣ୍ଡି, ଦାରୁଭଦ୍ରା ଓ ଶାସନଆମ୍ବଗାଁରେ ପ୍ରଚାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆସିକା ଏମ୍‌ପି ପ୍ରାର୍ଥୀ ପ୍ରମିଳା ବିଷୋୟୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ କହିଥିଲେ। ଏହି ରାଲି ପୋଟିଲିମାରୁ ବାହାରି ବିଭିନ୍ନ ପଞ୍ଚାୟତ ବୁଲିବା ପରେ ଶାସନଆମ୍ବଗାଁରେ ଶେଷ ହୋଇଥିଲା। ବ୍ଲକ ଅଧକ୍ଷ ଏନ୍. ରଘୁନାଥ, ବିଜେଡି ସଭାପତି ସୁରେନ୍ଦ୍ର ପଧାନ, ଯୁବ ବିଜେଡ଼ି ସଭାପତି ମନୋଜ କୁମାର ସାବତ, ମନୋଜ ପୋଲାଇ, ସରପଞ୍ଚ ଭି. ରବୀନ୍ଦ୍ର, ଜିଲା ପରିଷଦ ସଭ୍ୟ ଅଜିତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହାପରେ ଶେରଗଡ ବ୍ଲକ ଯାଇ ୧୨ ଗ୍ରାମରେ ପ୍ରଚାର କରିଥିଲେ। କୁନା କାଞ୍ଜିଆମାରେ ପହଞ୍ଚିବାପରେ ଶେରଗଡ ବ୍ଲକର ନେତାମାନେ ସ୍ୱାଗତ କରିଥିଲେ। ସେଠାରୁ ଏକ ରୋଡ଼ ଶୋରେ ପ୍ରଥମେ କାଞ୍ଜିଆମା, ତହଁର, ପିଉଳ, ପାକିଡି, ନରେନ୍ଦ୍ରପୁର, ରାମଚନ୍ଦ୍ରପୁର, ବିନୁଆପଲ୍ଲୀ, ବ୍ରାହ୍ମଣ ଛାଇ ଓ ଗୁଡୁସର ପ୍ରଭୃତି ଗ୍ରାମରେ ସଭା କରି ନବୀନ ଓ ପ୍ରମିଳାଙ୍କ ପାଇଁ ଭୋଟ ମାଗିଥିଲେ। ବିଭିନ୍ନ ସ୍ଥାନରେ କମେଡି କରି ଲୋକଙ୍କ ମନୋରଞ୍ଜନ ମଧ୍ୟ କରିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଗୌଧୁରୀ, ହୃଷୀକେଶ ପାଢୀ ଓ ହୀନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଶେରଗଡରେ ରୋଡ଼ଶୋରେ କୁନା ତ୍ରିପାଠୀ ଓ ଅନ୍ୟମାନେ ।

# କାର୍ ସହ ମଦ ଜବତ, ଜଣେ ଗିରଫ

**ଛତ୍ରପୁର,୧୦।୪(ଡି.ଏନ.ଏ.)**

ଚମାଖଣ୍ଡି ଥାନା ବଣବୁଲାପଲ୍ଲୀ ଗାଁରେ ବୁଧବାର ରାତିରେ ବ୍ୟାପକ ମଦ ସହ ଏକ କାର୍‌କୁ ପୋଲିସ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ତଥା ଚମାଖଣ୍ଡି ଥାନା ଅଧୀନ ବଣବୁଲାପଲ୍ଲୀ ଗାଁର ସିଏଚ୍ ମନୋଜ କୁମାର ରେଡ୍ଡୀଙ୍କୁ ପୋଲିସ ଗିରଫ କରିଥିବା ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଛତ୍ରପୁର ବିଧାନସଭା ଆସନରେ ପ୍ରାର୍ଥି ହୋଇଥିବା ଜଣଙ୍କୁ ସମର୍ଥନ ପାଇଁ ଜନସାଧାରଣଙ୍କୁ ମଦ ବାଣ୍ଟିବାକୁ ବୁଧବାର ରାତିରେ ଏକ ଦାମୀ କାର୍ (ଓଡି ୦୭ଭି୧୦୨୦) ଯୋଗେ ବଣବୁଲାପଲ୍ଲୀ ଗାଁକୁ ଉକ୍ତ ମଦ ଅଣାଯାଇଥିଲା। ଏନେଇ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିଙ୍କ ସମର୍ଥକମାନେ ଏସମ୍ପର୍କରେ ଚମାଖଣ୍ଡି ଥାନା ପୋଲିସକୁ ଖବର ଦେଇଥିଲେ। ଏହାପରେ ଚମାଖଣ୍ଡି ପୋଲିସ ଫୋର୍ସ ନେଇ ଉକ୍ତ ଗାଁରେ ପହଞ୍ଚି କାର୍‌କୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଉକ୍ତ କାର୍‌ରୁ ୬୮ ଲିଟର ବିଦେଶୀ ମଦ ଓ ୧ ହଜାର ଦେଶୀ ପାଉଚ୍ ମିଳିଥିଲା। ଉକ୍ତ ଗାଡିର ମାଲିକଙ୍କୁ ପୋଲିସ ଧରିପାରିନାହିଁ। ଏଥିରେ ଗାଡି ମାଲିକ ଓ ଆଉ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।



ଜବତ ମଦ ।

# କମୁଛି ସମୟ, ବଢୁଛି ଭିଡ଼

**ବ୍ରହ୍ମପୁର ଅଫିସ,୧୦।୪**


ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀଠାକୁରାଣୀ ଯାତ୍ରା ଅବଧି ୧୩ଦିନ ଅତିକ୍ରାନ୍ତ କରିଛି । ୧୩ତମ ଦିବସରେ ମଧ୍ୟ ମା'ଙ୍କୁ ଅସ୍ଥାୟୀ ପୀଠ ତଥା ବାପଘରେ ଦର୍ଶନ କରିବାକୁ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି । ଯାତ୍ରା ସମୟ ଯେତେ କମୁଛି, ମା'ଙ୍କ ବାପ ଘରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ସେତେ ବଢୁଛି । ମା'ଙ୍କକୃପାଲାଭସହମାନସିକପୂରଣପାଇଁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ଇତିମଧ୍ୟରେ ମା' ବିଭିନ୍ନ ସାହି ପରିକ୍ରମା କରିବା ସହ ଗତ ୧୧ ଦିନ ମଧ୍ୟରେ ସମସ୍ତ ୩୪ ରଥ ସମେତ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିବାକୁ ଆମନ୍ତ୍ରଣ କରିଛନ୍ତି । ଏହାପରେ ଏବେ ରଥ ଓ କଳାକୁଞ୍ଜକୁ ସମସ୍ତଙ୍କ ଅପେକ୍ଷା ରହିଛି। ପଣା ସଂକ୍ରାନ୍ତି ପରେ ପ୍ରଥମେ ବିଞ୍ଛଣା ଓ ଦୋଳି ରଥ ଯାତ୍ରା ଦାଣ୍ଡକୁ ଆସିବା ପରେ ଗୋଟିକ ପରେ ଗୋଟିଏ ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିବ । ଏହାପରେ ଯାତ୍ରାରେ ଭିଡ ଜମିବ। ସୂଚନାଯୋଗ୍ୟ, ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ଅନ୍ୟତମ ଆକର୍ଷଣ ବିଭିନ୍ନ ସାହି ରଥ ଓ କଳାକୁଞ୍ଜ । ଯାତ୍ରା ଶେଷ ପର୍ଯ୍ୟାୟରେ ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିଥାଏ। ଫଳରେ ସାନବଜାର, ବଡବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସାହି ଜନଗହଳି ହୋଇଯାଇଥାଏ। ଯାତ୍ରା ସମୟରେ ନିଜ ଭଉଣୀ କୁହାଯାଉଥିବା ମା' ଜ୍ୱଳା, ବନଦୁର୍ଗା, ଶିବାରୂଢକାଳୀ, ଜ୍ୱଳାମୁଖୀ ପ୍ରମୁଖ ରଥ ଉନ୍ମୋଚନ ବେଳେ ମା' ସାହି ପରିକ୍ରମାରେ ଯାଇଥାନ୍ତି। ସେହି ସମୟରେ ମା'ଙ୍କ ସମ୍ମୁଖରେ ଉପରୋକ୍ତ ରଥର ମୁଖ ସ୍ଥାପନ କରାଯିବାର ପରମ୍ପରା ରହିଛି । ଚଳିତ ଯାତ୍ରାରେ ୩୪ ରଥ ଓ ୬୫ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିବାକୁ ଥିବା ଜଣାପଡିଛି । ଏନେଇ ବିଭିନ୍ନ ସାହିବାସିନ୍ଦାଙ୍କ ପକ୍ଷରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି। ବୁଧବାର ମା'ଙ୍କ ଦ୍ୱିବାର୍ଷିକ ଯାତ୍ରାର ୧୩ ଦିନ ବିତିଥିବା ବେଳେ ଅନ୍ୟଦିନ ଭଳି ସକାଳୁ ଅସ୍ଥାୟୀ ପୀଠକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ମାନସିକଧାରୀମାନେ ବିଭିନ୍ନ ବେଶରେ ମା'ଙ୍କୁ ଦର୍ଶନ କରିବା ସହ ଯାତ୍ରାସ୍ଥଳରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିଥିଲେ। ମହିଳାମାନେ ଧର୍ମଝଣ୍ଡା ମୂଳରେ ହଳଦୀ ପାଣି ଅର୍ପଣ କରିବା ସହ ପୂଜାର୍ଚ୍ଚନା କରିବା ପରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ଦର୍ଶନ କରି ଭୋଗ ଅର୍ପଣ କରିଥିଲେ । ସନ୍ଧ୍ୟା ଆଳତି ପରେ ମା'ଙ୍କ ପାରମ୍ପରିକ ଘଟ ଶୋଭାଯାତ୍ରା ବାହାରିଥିଲା। ମା' ଦେବକୀ ମୁଖ୍ୟ ଘଟକୁ ମୁଣ୍ଡାଇଥିଲେ। ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ଘଟକୁ ମୁଣ୍ଡାଇ ଶୋଭାଯାତ୍ରାରେ ବାହାରିଥିଲେ । ଶୋଭାଯାତ୍ରା ବିରାଟ ପଟୁଆରରେ ଅସ୍ଥାୟୀ ପୀଠରୁ ବାହାରି ପ୍ରଥମେ ରାଜବାଟିକୁ ଯାଇଥିଲା। ସେଠାରେ ପ୍ରଧାନ ସେବକ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଘଟ ଶୋଭାଯାତ୍ରା ୪ ସାହି ପରିକ୍ରମା କରିଥିଲା।



ମାନସିକ ବେଶଧାରୀଙ୍କ ରାଧା ବେଶ ।



ମା'ଙ୍କ ଘଟ ପରିକ୍ରମା କରାଯାଉଛି।




- ୪ ସାହିରେ ଘଟ ପରିକ୍ରମା
- ରଥ, କଳାକୁଞ୍ଜକୁ ଅପେକ୍ଷା